DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୪/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, June 4/2023 Page 16 ₹ 7.00
୪୯ଶ ଭାଗ ୧୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 189 ମୂଲ୍ୟ ₹୭/-



ବାହାନଗା ଷ୍ଟେଶନ ନିକଟ ଟ୍ରେନ୍ ଦୁର୍ଘଟଣାସ୍ଥଳ।

***ଲହୁ ଓ ଲୁହରେ ଭିଜିଛି ବାହାନଗା ମାଟି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଏଠାରେ ଘଟିଥିବା ୩ ଟ୍ରେନ ଦୁର୍ଘଟଣା ୨୮ବର୍ଷର ରେକର୍ଡ ଭାଙ୍ଗିଛି। ଉଦ୍ଧାର କାର୍ଯ୍ୟକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ତାହା ସରିନାହିଁ। ମୋଡ଼ିଭାଙ୍ଗି ହୋଇ ଗୋଟିଏ ଉପରେ ଗୋଟିଏ ବଗି ପଡ଼ିରହିଥିବାବେଳେ ତାହାରି ଭିତରୁ ଖୋଜା ଚାଲିଛି ଯାତ୍ରୀଙ୍କୁ। କିଏ ଜୀବିତ ଅବସ୍ଥାରେ ମିଳୁଛନ୍ତି ତ କାହାର ମୃତଦେହ ବାହାର କରାଯାଉଛି। ଶନିବାର ରାତି ୯ଟା ସୁଦ୍ଧା ୨୮୮ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଉଥିବାବେଳେ ଦେଖଣାହାରୀ ୫୦୦ରୁ ଊର୍ଦ୍ଧ୍ୱ ଜୀବନ ଯାଇଥିବା କହୁଛନ୍ତି। ବାଲେଶ୍ୱର ଜିଲାର ବିଭିନ୍ନ ହସ୍ପିଟାଲ ସମେତ ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କଟକ ଓ ଭୁବନେଶ୍ୱରର ଅନେକ ସରକାରୀ ଓ ଘରୋଇ ହସ୍ପିଟାଲରେ ଗୁରୁତର ଆହତଙ୍କ ଚିକିତ୍ସା ଚାଲିଛି। ଏହି ରେଳ ବିଭୀଷିକା ସାରା ବିଶ୍ୱକୁ ବିଚଳିତ କରିଦେଇଛି। ବିଭିନ୍ନ ମହଲରୁ ଦୁଃଖ ପ୍ରକାଶ ସହ ସମବେଦନାର ସୁଅ ଛୁଟୁଛି।***

# ବିଭୀଷିକା

## ୨୮୮ ମୃତ

## ଆହତ ୧୧୭୫

ବାଲେଶ୍ୱର ଅଫିସ/
ଭୁବନେଶ୍ୱର, ୩।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗାରେ ଶୁକ୍ରବାର ସନ୍ଧ୍ୟାରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ୨୮୮ଜଣଙ୍କ ମୃତ୍ୟୁ ଘଟିଥିବା ପୂର୍ବତଟ ରେଲୱେ ପକ୍ଷରୁ କୁହାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ ସରକାରୀ ଓ ଘରୋଇ ହସ୍ପିଟାଲରେ ୧୧୭୫ଜଣ ଆହତ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୭୯୩ ଜଣଙ୍କୁ ଚିକିତ୍ସା ପରେ ଡିସ୍‌ଚାର୍ଜ କରାଯାଇଛି। ୩୮୨ ଜଣ ଚିକିତ୍ସାଧୀନ ଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେବେ ଏହି ସରକାରୀ ତଥ୍ୟକୁ ଦେଖଣାହାରୀ ଏବଂ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ସ୍ଥାନୀୟ ଲୋକେ ଗ୍ରହଣ କରିପାରୁନାହାନ୍ତି। ମୃତ୍ୟୁ ସଂଖ୍ୟା ୫୦୦ରୁ ଊର୍ଦ୍ଧ୍ୱ ହୋଇଥାଇପାରେ ବୋଲି ସେମାନେ କହିଛନ୍ତି। ଜେନେରାଲ ବଗିରେ ଯାତ୍ରା କରୁଥିବା ବ୍ୟକ୍ତିଙ୍କ ନାମ ଓ ଠିକଣା ରେଲୱେ ପାଖରେ ନ ଥିବାରୁ ତାହା ହିସାବକୁ ଆସିବା କେମିତ ସମ୍ଭବ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି। ତେଣୁ ଜେନେରାଲ ବଗିର ମୃତ ଯାତ୍ରୀଙ୍କ ସଂଖ୍ୟା ସରକାରୀ ହିସାବକୁ ଆସି ନ ଥିବା ନେଇ ସନ୍ଦେହ କରାଯାଉଛି। ପରବର୍ତ୍ତୀ ସମୟରେ ହୁଏତ ମୃତାହତଙ୍କ ସଂଖ୍ୟା ସ୍ପଷ୍ଟ ହୋଇଯିବ ବୋଲି ଅନୁମାନ କରାଯାଉଛି। ଏବେ ସୁଦ୍ଧା ମିଳିଥିବା ମୃତ୍ୟୁସଂଖ୍ୟାକୁ ଦେଖିଲେ ଏହା ହେଉଛି ଦେଶର ତୃତୀୟ ବଡ଼ ରେଳ ଦୁର୍ଘଟଣା। ପ୍ରାୟ ୨୮ ବର୍ଷ ପୂର୍ବେ ଅର୍ଥାତ୍ ୨ ଅଗଷ୍ଟ ୧୯୯୫ରେ ଦିଲ୍ଲୀ–କାନ୍‌ପୁର ସେକ୍ସନର ଫିରୋଜାବାଦ୍ ନିକଟରେ ଘଟିଥିବା ରେଳ ଦୁର୍ଘଟଣାରେ ୩୫୪ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୬ ଜୁନ୍ ୧୯୮୧ରେ ସବୁଠୁ ବଡ଼ ରେଳ ଦୁର୍ଘଟଣା ବିହାରର ମାନସି ଏବଂ ସହର୍ସା ମଧ୍ୟରେ ଘଟିଥିଲା। ଏଥିରେ ୭୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

ବାହାନଗା ଟ୍ରେନ ଦୁର୍ଘଟଣା ଏତେ ଭୟାବହ ହୋଇଛି ଯେ, ଏବେକାର ଉନ୍ନତ ଜ୍ଞାନକୌଶଳ ଓ ପ୍ରଯୁକ୍ତିର ବିପୁଳ ସାଧନ ସତ୍ତ୍ୱେ ଶନିବାର ରାତି ୯ଟା ସୁଦ୍ଧା ଉଦ୍ଧାର କାର୍ଯ୍ୟ ଶେଷ ହୋଇପାରି ନ ଥିଲା। ମୃତଦେହ ଖୋଜା ସରୁ ନ ଥିବାବେଳେ ଆତ୍ମୀୟଙ୍କ ଆଖିରୁ ଲୁହ ଶୁଖୁନାହିଁ। ସୂଚନାଯୋଗ୍ୟ ଯେ, ବାହାନଗା ଷ୍ଟେଶନର ☞ପୃଷ୍ଠା–୪

## ଦୋଷୀଙ୍କୁ ଛଡ଼ାଯିବ ନାହିଁ: ପ୍ରଧାନମନ୍ତ୍ରୀ

**ବାଲେଶ୍ୱର ଅଫିସ୍, ୩।୬:** ବାହାନଗାରେ ଦୁର୍ଘଟଣାସ୍ଥଳ ଏବଂ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିକ୍ରିୟାରେ କହିଛନ୍ତି ଯେ, ବାହାନଗାରେ ଘଟିଥିବା ୨ଟି ଏକ୍ସପ୍ରେସ୍ ଟ୍ରେନ୍ ଦୁର୍ଘଟଣାରେ ଆମେ ଯେଉଁମାନଙ୍କୁ ହରାଇଛେ, ସେମାନଙ୍କୁ ଆଉ ପାଇପାରିବା ନାହିଁ। ସରକାରଙ୍କ ପାଇଁ ଏହି ଘଟଣା ଗମ୍ଭୀର ତଥା ସମ୍ବେଦନଶୀଳ। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି ଭୟଙ୍କର ଦୁର୍ଘଟଣା ପାଇଁ ଯେଉଁମାନେ ଦୋଷୀ ପ୍ରମାଣିତ ହେବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାରଙ୍କ ପାଖରେ ଯେତିକି ବ୍ୟବସ୍ଥା ଥିଲା, ତାହାରି ମାଧ୍ୟମରେ ଉଦ୍ଧାର କାର୍ଯ୍ୟ କରିଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ସହିତ କଥା ହୋଇଛି। ସେମାନେ ସଙ୍କଟ ସମୟରେ ବହୁ ପରିଶ୍ରମ କରି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ସାଧାରଣ ଜନତା ମଧ୍ୟ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏଠାକାର ନାଗରିକ ଓ ଯୁବବର୍ଗ ☞ପୃଷ୍ଠା–୪



ଘଟଣାସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

## ସ୍ଥାନୀୟ ଲୋକଙ୍କ ଉଦ୍ୟମକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୩।୬(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସକାଳ ୮ଟାରେ ବାହାନଗା ଟ୍ରେନ୍ ଦୁର୍ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଉଦ୍ଧାର କାର୍ଯ୍ୟ ନେଇ ଆଲୋଚନା କରିଛନ୍ତି। ଏଥିସହିତ ନବୀନ ରେଳ ବିଭାଗ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହାପରେ ବାଲେଶ୍ୱର ମେଡିକାଲରେ ପହଞ୍ଚି ଆହତଙ୍କୁ ଭେଟିବା ସହ ଚିକିତ୍ସା କିପରି ଚାଲିଛି ସେନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଚିକିତ୍ସାରେ ଯେପରି କୌଣସି ଅସୁବିଧା ନ ହୁଏ ସେନେଇ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ଡାକ୍ତରୀ ଟିମ୍ ☞ପୃଷ୍ଠା–୪



ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଆହତଙ୍କ ସହ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

## ମମତା– ବୈଷ୍ଣବ କଥା କଟାକଟି

ଭୁବନେଶ୍ୱର,୩।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗାରେ ଟ୍ରେନ୍ ଦୁର୍ଘଟଣା ଖବର ପାଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସେ ଏ ନେଇ ଆଲୋଚନା କରିଛନ୍ତି। ତେବେ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟାକୁ ନେଇ ମମତା ଓ ଅଶ୍ୱିନୀ କଥା କଟାକଟି ହୋଇଛନ୍ତି। ମୃତ୍ୟୁ ସଂଖ୍ୟା ୫୦୦ରୁ ଅଧିକ ହେବ ବୋଲି ମମତା କହିଥିଲେ। କିନ୍ତୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ଦୁର୍ଘଟଣାରେ ୨୩୮ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ରେଳମନ୍ତ୍ରୀଙ୍କ ତଥ୍ୟ ଆଜିର ନୁହେଁ, ଗତକାଲିର ବୋଲି ମମତା କହିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ରେଳମନ୍ତ୍ରୀ ଥିବାବେଳେ ଆଣ୍ଟି କଲ୍ୟୁସନ୍ ଡିଭାଇସ୍ ଲଗାଇବାକୁ ପ୍ରସ୍ତାବ ଦେଇଥିଲେ। ☞ପୃଷ୍ଠା–୪

# ଆମେ ବଞ୍ଚିଗଲୁ, ଅନ୍ୟମାନଙ୍କ ଉଦ୍ଧାରରେ ଲାଗିଲୁ

ଭୁବନେଶ୍ୱର, ୩।୬ (ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନାଗାରେ ଶୁକ୍ରବାର ଭୟଙ୍କର ରେଳ ଦୁର୍ଘଟଣାରେ ୨୮୮ ଲୋକଙ୍କର ଜୀବନ ଯାଇଥିବାବେଳେ ଆସନ୍ନ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି ଭୁବନେଶ୍ୱରର ଇଞ୍ଜିନିୟର ଦିଲୀପ କୁମାର ପଟ୍ଟନାୟକ। କରମଣ୍ଡଳ ଏକ୍ସପ୍ରେସ୍‌ର ଏସ୍–୫ ବଗିରେ କୋଲକାତାରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ସେ ସତ୍‌ସଙ୍ଗର ଆଚାର୍ଯ୍ୟଦେବଙ୍କ ଜନ୍ମୋତ୍ସବରେ ଯୋଗଦେଇ ବୈଦ୍ୟନାଥ ଧାମ ଦେଓଘରରୁ ଫେରୁଥିଲେ। ତାଙ୍କ ସହ ଆଉ ୫ରୁ୬ ଜଣ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଭକ୍ତ ମଧ୍ୟ ଥିଲେ। ସେମାନେ ପରସ୍ପର ମଧ୍ୟରେ ଆଧ୍ୟାତ୍ମିକ ଆଳାପ କରୁଥିବାବେଳେ କରମଣ୍ଡଳ ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ ହେଲା। ସେ ସମୟର ଅନୁଭୂତି ବଖାଣି ଦିଲୀପ କୁହନ୍ତି, ଭଲରେ ଭଲରେ ବାଲେଶ୍ୱର ଷ୍ଟେଶନ ଟପିଲୁ। ସନ୍ଧ୍ୟା ୬ଟା୨୫ରେ ପ୍ରାର୍ଥନା କଲୁ। ପ୍ରାର୍ଥନା ସରିବାର କିଛି ସମୟ ପରେ ହଠାତ୍ ପ୍ରଚଣ୍ଡ ଶବ୍ଦ ହେଲା ଓ ଲାଗିଲା ଯେମିତି ଭୂମିକମ୍ପ। ଏଇ ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ ଛାତି ଥରିଗଲା। ହଠାତ୍ ବୁଝିପାରିଲୁନି କ'ଣ ହେଲା। ତା'ପରେ ଆମ ଏସ୍–୫ କମ୍ପାର୍ଟମେଣ୍ଟ ଧଡ଼କିନା ଉପରକୁ ଉଠିଗଲା। ସମସ୍ତେ ବିକଳରେ ଚିତ୍କାର କରିଉଠିଲେ। ମୋ ପାଟିରୁ ବାହାରି ଆସିଲା–ହେ ଠାକୁର ବଞ୍ଚାଅ। ଉପରମୁହାଁ ହୋଇ ରହିଗଲା ଆମ ବଗି। ଜିନିଷପତ୍ର ସବୁ ଅଜାଡ଼ି ହୋଇପଡ଼ିଲା ଆମ ଉପରେ। ସେଇ ଝଟକାରେ ଆମେ ଟ୍ରେନ୍ ସିଟ ଓ ରେଲିଂ ସହ ପିଟି ହୋଇଗଲୁ। ଏହାପରେ ଜାଣିପାରିଲୁ କି ଦୁର୍ଘଟଣା ଘଟିଲା। ଆମ ବଗିରେ କେତେଜଣ ଆହତ ବି ହେଲେ, କିନ୍ତୁ ଗୁରୁତର



ଦିଲୀପ କୁମାର ପଟ୍ଟନାୟକ

ନୁହେଁ। ଟ୍ରେନ୍ କମ୍ପାର୍ଟମେଣ୍ଟ ଅନ୍ଧାରକୁ ବାହାର ବି ଅନ୍ଧାର। ଖାଲି ଶୁଭୁଥାଏ ଲୋକଙ୍କ ବିକଳ ଚିତ୍କାର। ବହୁ ସାବଧାନତାର ସହ ସେମାନେ କମ୍ପାର୍ଟମେଣ୍ଟ ଗେଟ୍ ପାଖକୁ ଆସିଲେ। ଝାପ୍‌ସା ଆଲୁଅରେ ଯାହା ଦେଖିଲେ, ତାହା ସେମାନଙ୍କ ଛାତି ଥରାଇ ଦେଲା। ରେଳ ଇଞ୍ଜିନଠାରୁ ତାଙ୍କ ପୂର୍ବ କମ୍ପାର୍ଟମେଣ୍ଟ ପର୍ଯ୍ୟନ୍ତ ସବୁବଗି ଓଲଟିପଡ଼ିଛି। କମ୍ପାର୍ଟମେଣ୍ଟ ଦ୍ୱାର ଭୂମିଠାରୁ ପ୍ରାୟ ୨ପୁରୁଷ ଉଚ୍ଚତାରେ ଥିଲା। ବଡ଼ କଷ୍ଟରେ ଅତ୍ୟନ୍ତ ସାବଧାନତାର ସହ ସେମାନେ ଓହ୍ଲାଇଲେ ଏବଂ ତଳକୁ ଆସି ଦେଖିଲେ ଅଗଣିତ ଲୋକ ଟ୍ରେନ୍ ତଳେ ଚାପି ହୋଇ ରହିଛନ୍ତି। କେତେଜଣ ଲୋକ ବାହାରକୁ ଛିଟିକି ପଡ଼ି ମୁମୂର୍ଷୁ ଅବସ୍ଥାରେ ଆର୍ତ୍ତନାଦ କରୁଥାଆନ୍ତି। ତଳକୁ ଆସି ସେମାନେ ଏସ୍–୫ କମ୍ପାର୍ଟମେଣ୍ଟରେ ଥିବା ସହଯାତ୍ରୀଙ୍କୁ ବାହାରକୁ ଆଣିଲେ। ତା'ପରେ ସେମାନେ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ଆରମ୍ଭ କରିଥିଲେ। ସେ ସମୟର କଥା ବଖାଣି ଦିଲୀପ କୁହନ୍ତି–'ଯେହେତୁ ଠାକୁର ଆମକୁ ବଞ୍ଚାଇ ଦେଲେ ତେଣୁ ଆମେ ଅନ୍ୟମାନଙ୍କୁ ବଞ୍ଚାଇବା ଉଦ୍ୟମ ଆରମ୍ଭ କଲୁ। ସେତେବେଳକୁ ଖାଲି ପୋଲିସ ପହଞ୍ଚିଥାଏ। ସ୍ଥାନୀୟ ଲୋକେ ଆସି ଯାତ୍ରୀଙ୍କୁ ବାହାର କରୁଥାଆନ୍ତି। ଆମେ ତାଙ୍କ ସହ ମିଶିଗଲୁ ପ୍ରାୟ ୪୦ ଜଣଙ୍କୁ ବାହାର କରି ସେମାନଙ୍କୁ ଅଟୋ ଓ ଅନ୍ୟ ଗାଡ଼ିରେ ଡାକ୍ତରଖାନା ପଠାଇଲୁ। ଏହାର କିଛି ସମୟ ପରେ ପ୍ରଶାସନ ପହଞ୍ଚି ଥିଲା।' ମୃତ୍ୟୁକୁ ସାମ୍ନାରେ ଦେଖି ତା'ହାବୁଡ଼ରୁ ଫେରି ଆସିବାର ଏଇ ଅନୁଭୂତି ଜୀବନରେ କେବେ ବି ଭୁଲିହେବ ନାହିଁ। ବର୍ତ୍ତମାନ ଦିଲୀପ ବାଲେଶ୍ୱର ମେଡିକାଲ କଲେଜ ହସ୍ପିଟାଲରେ ଅଣ୍ଟାବ୍ୟଥା କାରଣରୁ ଚିକିତ୍ସିତ ହେଉଛନ୍ତି।

**ଆଜିର ସମ୍ପାଦକୀୟ**

**ଅବାସ୍ତବ ଭାବନା**

## ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଅଜୟ ବାଙ୍ଗା

ଭାରତୀୟ-ଆମେରିକୀୟ ଅଜୟ ବାଙ୍ଗା ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ମାସ ୩ ତାରିଖରେ ବିଶ୍ୱବ୍ୟାଙ୍କ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକମାନେ ୬୩ ବର୍ଷୀୟ ବାଙ୍ଗାଙ୍କୁ ଏହାର ଚତୁର୍ଦ୍ଦଶ ଅଧ୍ୟକ୍ଷ ଭାବେ ଚୟନ କରିଥିଲେ। ବିଶ୍ୱବ୍ୟାଙ୍କର ନେତୃତ୍ୱ ନେବା ଲାଗି ବାଙ୍ଗାଙ୍କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଫେବୃୟାରୀରେ ମନୋନୀତ କରିଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଭେଟି ନ ପାରି ଜେଲ ଫେରିଲେ ସିସୋଡିଆ

**ନୂଆଦିଲ୍ଲୀ, ୩।୬:** ହାଇକୋର୍ଟଙ୍କ ଅନୁମତିକ୍ରମେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ତାଙ୍କ ଅସୁସ୍ଥ ସ୍ତ୍ରୀଙ୍କୁ ଭେଟିବା ପାଇଁ ଶନିବାର ସକାଳେ ତିହାର ଜେଲରୁ ବାହାରିଥିଲେ। ତେବେ ଘରେ ପହଞ୍ଚିବା ପୂର୍ବରୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ହସ୍ପିଟାଲରେ ନିଆଯାଇଥିଲା। ତାଙ୍କୁ ଏଲ୍‌ଏନ୍‌ଜେପି ହସ୍ପିଟାଲର ଏମର୍ଜେନ୍ସି ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସିସୋଡିଆ ଜେଲ୍ ଭ୍ୟାନ୍‌ରେ ଯାଇ ତାଙ୍କ ଏବି-୧୭, ମଥୁରା ରୋଡ ଘରେ ପହଞ୍ଚିଥିଲେ। କଡ଼ା ସୁରକ୍ଷା ମଧ୍ୟରେ ତାଙ୍କୁ ଘର ଭିତରକୁ ନିଆଯାଇଥିଲା। ସେତେବେଳକୁ ସ୍ତ୍ରୀଙ୍କୁ ହସ୍ପିଟାଲ ନିଆଯାଇଥିବାରୁ ସିସୋଡିଆଙ୍କୁ ଜେଲକୁ ଫେରାଇ ନିଆଯାଇଥିଲା।

### ୧୪ ଔଷଧ ନିଷେଧ ହେଲା




**ନୂଆଦିଲ୍ଲୀ, ୩।୬(ପି.ଟି.):** ନିମେସୁଲାଇଡ୍, ପାରାସିଟାମଲ ଡିସ୍ପେରସିବ୍‌ଲ ଟାବ୍‌ଲେଟ୍, କ୍ଲୋଫେନିରାମାଇନ୍ ମାଲିଏଟ୍ ଏବଂ କୋଡେଇନ୍ ସିରପ୍ ଆଦି ୧୪ଟି ଫିକ୍ସଡ୍ ଡୋଜ୍ କମ୍ବିନେଶନ ଔଷଧକୁ କେନ୍ଦ୍ର ସରକାର ନିଷେଧ ଘୋଷଣା କରିଛନ୍ତି। ଏହି ଔଷଧର ଚିକିତ୍ସାଗତ ଯଥାର୍ଥତା ନାହିଁ ଏବଂ ଏହା ସ୍ୱାସ୍ଥ୍ୟ ପ୍ରତି ବିପଦ ହୋଇପାରେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିଷେଧ ହୋଇଥିବା ଔଷଧଗୁଡ଼ିକ କାଶ, ଜ୍ୱର ଆଦି ସାଧାରଣ ସଂକ୍ରମଣର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିଲା। ଏକ ବିଶେଷଜ୍ଞ କମିଟିର ସୁପାରିସ କ୍ରମେ ସରକାର ଉକ୍ତ ଔଷଧଗୁଡ଼ିକୁ ନିଷେଧ କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ୭ କେ.ଜି. ତରଳ ସୁନା ଜବତ: ୪ ଗିରଫ

**ସୁରଟ, ୩।୬:** ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ)ର ସୁରଟ ବ୍ରାଞ୍ଚ୍‌ର ଅଧିକାରୀମାନେ ୭ କିଲୋଗ୍ରାମ ତରଳ ସୁନା ସହ ୪ ଜଣଙ୍କୁ ଗିରଫ କରିଛନ୍ତି। ଏହି ସୁନାର ଦାମ୍ ୪.୭୫ କୋଟି ଟଙ୍କା ହେବ। ସୁରଟ ବିମାନବନ୍ଦରରେ ଦୁଇଜଣ ଯାତ୍ରୀ ଅପେକ୍ଷା କରିଥିବାବେଳେ ତରଳ ସୁନା ଦେବା ପାଇଁ ଶାରଜାରୁ ୨ ଜଣ ଆସିଥିଲେ। ସମସ୍ତଙ୍କୁ ଗିରଫ କରାଯାଇଥିବା ଡିଆର୍‌ଆଇ ଅଧିକାରୀ କହିଛନ୍ତି। ସେମାନେ ହେଲେ ଫେନଲ ମାୱାନି, ନୀରବ ଡାଭାରିୟା, ଉମେଶ ଭିଖାରିୟା ଏବଂ ସାୱନ ରଖୋଲିୟା। ଦୁବାଇ ବଜାରରୁ ଫେନଲ ଓ ନୀରବ ସୁନା କିଣି ତାହାକୁ ତରଳାଇ ପେଷ୍ଟ ପ୍ରସ୍ତୁତ କରିଥିଲେ। ଉକ୍ତ ପେଷ୍ଟକୁ ସେମାନେ ଜୋତା ସୋଲ୍ ଏବଂ ଅନ୍ତବସ୍ତ୍ରରେ ଲୁଚାଇଥିଲେ। ଉକ୍ତ ପେଷ୍ଟ ଗ୍ରହଣ କରିବା ପାଇଁ ବିମାନବନ୍ଦର ବାହାରେ ଉମେଶ ଓ ସାୱନ ଅପେକ୍ଷା କରିଥିଲେ। ସମସ୍ତଙ୍କୁ ସୁରଟ କେନ୍ଦ୍ରୀୟ ଜେଲ୍‌କୁ ପଠାଇ ଦିଆଯାଇଛି।


ଜମ୍ମୁ-କଶ୍ମୀରର ପବିତ୍ର ଅମରନାଥ ଗୁମ୍ଫାରେ ପ୍ରାକୃତିକ ଭାବେ ସୃଷ୍ଟି ହୋଇଥିବା ବରଫ ଶିବଲିଙ୍ଗ।

# ପୀଡ଼ିତାଙ୍କ 'ମାଙ୍ଗଳିକ' ଯାଞ୍ଚ ଉପରେ ରୋକ୍

## ଆଲ୍ଲାହାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

**ନୂଆଦିଲ୍ଲୀ, ୩।୬(ପି.ଟି.)**

ବଳାତ୍କାରର ସମ୍ମୁଖୀନ ହୋଇଥିବା ଜଣେ ମହିଳା ମାଙ୍ଗଳିକ କି ନୁହେଁ, ତାହା ଉପରେ ନିଷ୍ପତ୍ତି ନେବା ଲାଗି ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଜ୍ୟୋତିଷ ବିଭାଗକୁ ଆଲ୍ଲାହାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏଭଳି ଅସ୍ୱାଭାବିକ ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ଶନିବାର ସ୍ଥଗିତାଦେଶ ଲଗାଇଛନ୍ତି।

ସୁପ୍ରିମକୋର୍ଟ ନିଜ ଆଡୁ ମାମଲାକୁ ବିଚାରକୁ ନେଇ ଶନିବାର ଏକ ସ୍ୱତନ୍ତ୍ର ଅଧିବେଶନରେ ଶୁଣାଣି କରିଥିଲେ। ଜାମିନ ଆବେଦନର ଶୁଣାଣି ବେଳେ ଜ୍ୟୋତିଷ ରିପୋର୍ଟ ମଗାଯିବାର କାରଣ ଜଣାପଡୁନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଉତ୍ତରପ୍ରଦେଶର ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତ ଜଣକ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ମେ' ୨୩ରେ ହାଇକୋର୍ଟ ଜାମିନ ଆବେଦନର ଶୁଣାଣି କରି ପୀଡ଼ିତା ମାଙ୍ଗଳିକ କି ନୁହେଁ, ସୁନିଶ୍ଚିତ କରିବା ପାଇଁ ଜ୍ୟୋତିଷ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମହିଳା ଜଣକ ମାଙ୍ଗଳିକ ହୋଇଥିବାରୁ ଅଭିଯୁକ୍ତଙ୍କ ସହ ତାଙ୍କର ବିବାହ କରାଯାଇପାରିବ ନାହିଁ ବୋଲି ଅଭିଯୁକ୍ତଙ୍କ ପକ୍ଷର ଓକିଲ ହାଇକୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ। ତେବେ ପୀଡ଼ିତା ମାଙ୍ଗଳିକ ନୁହନ୍ତି ବୋଲି ତାଙ୍କ ଓକିଲ ହାଇକୋର୍ଟଙ୍କୁ କହିଥିଲେ।



ହିନ୍ଦୁ ଜ୍ୟୋତିଷଶାସ୍ତ୍ର ଅନୁଯାୟୀ ମଙ୍ଗଳ ଗ୍ରହ ପ୍ରଭାବରେ ଜନ୍ମିତ ବ୍ୟକ୍ତିଙ୍କର ମଙ୍ଗଳ ଦୋଷ ରହିଥିବା ବିଶ୍ୱାସ କରାଯାଏ ଓ ତାଙ୍କୁ 'ମାଙ୍ଗଳିକ' କୁହାଯାଇଥାଏ। ଜଣେ ମାଙ୍ଗଳିକ ଓ ଅମାଙ୍ଗଳିକଙ୍କ ମଧ୍ୟରେ ବିବାହ ଅଶୁଭ ଓ ବିପଜ୍ଜନକ ହୋଇପାରେ ବୋଲି ଅଧିକାଂଶ ଅନ୍ଧବିଶ୍ୱାସୀ ହିନ୍ଦୁ ବିଶ୍ୱାସ କରିଥାନ୍ତି। ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ପଙ୍କଜ ମିଥଲଙ୍କ ଖଣ୍ଡପୀଠ ଏହା ଉପରେ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ପ୍ରଶ୍ନ କରିଥିଲେ। ଏହା ଚିନ୍ତାଜନକ ବୋଲି ମେହେଟା କହିବା ସହ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଲଗାଇବାକୁ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ଉଭୟ ପକ୍ଷଙ୍କ ମତାମତ ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ଅଭିଯୁକ୍ତଙ୍କ ପକ୍ଷର ଓକିଲ କହିବାରୁ ଏହା ମାମଲାଠାରୁ ସମ୍ପୂର୍ଣ୍ଣ ବାହାରେ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ଏହାଦ୍ୱାରା ଗୋପନୀୟତା ଅଧିକାର କ୍ଷୁଣ୍ଣ ହେବ ବୋଲି କହିଥିଲେ।

# ଶପଥ ନେଲେ ଏର୍ଡୋଗାନ

## ୩ୟ ଥର ତୁର୍କୀ ରାଷ୍ଟ୍ରପତି

**ଆଙ୍କାରା, ୩।୬**


ରେସେପ ତାୟିପ୍ ଏର୍ଡୋଗାନ୍

ଦୁଇ ଦଶନ୍ଧି ଧରି ତୁର୍କୀକୁ ଶାସନ କରିଆସୁଥିବା ରେସେପ ତାୟିପ୍ ଏର୍ଡୋଗାନ୍ ଶନିବାର ପୁଣି ୫ ବର୍ଷ ପାଇଁ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ନିକଟରେ ଅନୁଷ୍ଠିତ ନିର୍ବାଚନରେ ସେ ବିଜୟୀ ହୋଇଥିଲେ। ଆଙ୍କାରାସ୍ଥିତ ପାର୍ଲାମେଣ୍ଟରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ରାଷ୍ଟ୍ରର ଅସ୍ତିତ୍ୱ ଓ ସ୍ୱାଧୀନତାର ସୁରକ୍ଷା ପାଇଁ ସେ ଶପଥ ନେଇଥିଲେ। ୬୯ ବର୍ଷୀୟ ଏର୍ଡୋଗାନ ଖୁବ୍‌ଶୀଘ୍ର ନିଜ କ୍ୟାବିନେଟ ସଦସ୍ୟମାନଙ୍କ ନାଁ ଘୋଷଣା କରିବେ। ଦେଶ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଏହାକୁ ସୁଧାରିବା ଦିଗରେ ମନ୍ତ୍ରିମଣ୍ଡଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ।

# ଜିଲାପାଳଙ୍କୁ ମାଇକ୍ ଫିଙ୍ଗିଲେ ଗେହଲଟ

**ଜୟପୁର, ୩।୬**


ଅଶୋକ ଗେହଲଟ

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ବର୍‌ମେର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଫିସର ଓ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଉଥିବାବେଳେ ମାଇକ କାମ ନ କରିବାରୁ ସେ ରାଗିଯାଇ ଏହାକୁ ଫିଙ୍ଗିଦେଇଥିଲେ। ଏହି ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶୁକ୍ରବାର ରାତିରେ ବାର୍‌ମେର ସର୍କିଟ ହାଉସ୍‌ରେ ଏପରି ଘଟଣା ଘଟିଛି। ମହିଳାମାନଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ଉପରେ ପ୍ରତିକ୍ରିୟା ସଂଗ୍ରହ ଲାଗି ଗେହଲଟ କେତେକ ମହିଳାଙ୍କ ସହ କଥା ହେଉଥିବାବେଳେ ମାଇକ କାମ କରି ନ ଥିଲା। ସେ କ୍ରୋଧାନ୍ୱିତ ହୋଇ ଏହାକୁ ଜିଲାପାଳଙ୍କୁ ଫିଙ୍ଗିଥିଲେ। ଜିଲାପାଳ ତାହାକୁ ଉଠାଇଥିଲେ। ମହିଳାମାନଙ୍କ ପଛରେ ଛିଡ଼ା ହୋଇଥିବା କେତେଜଣଙ୍କୁ ମୁଖ୍ୟମନ୍ତ୍ରୀ ସେଠାରୁ ପଳାଇଯିବାକୁ କହିଥିଲେ।

# ଇଜିପ୍ଟ ସୀମାରେ ଗୁଳି ବିନିମୟ: ୩ ଇସ୍ରାଏଲୀ ସୈନ୍ୟ ନିହତ

**ଜେରୁଜେଲମ, ୩।୬**

ଇସ୍ରାଏଲ୍‌ର ଦକ୍ଷିଣ ସୀମାରେ ଇଜିପ୍ଟ ସୀମା ସୁରକ୍ଷା ବଳ ଓ ଇସ୍ରାଏଲ୍ ସୈନ୍ୟଙ୍କ ମଧ୍ୟରେ ଶନିବାର ଗୁଳିବିନିମୟ ହୋଇଛି। ଏଥିରେ ୩ ଜଣ ଇସ୍ରାଏଲୀ ସୈନ୍ୟ ନିହତ ହେବା ସହ ଜଣେ ଇଜିପ୍ଟ ଅଫିସର ପ୍ରାଣ ହରାଇଛନ୍ତି। ଦୁଇ ଦେଶର ସୀମାରେ ଏଭଳି ହିଂସାକାଣ୍ଡ ବିରଳ ଘଟଣା। ସୀମାରେ ଡ୍ରଗ୍ସ ଚୋରା କାରବାର ଉଦ୍ୟମକୁ ବିଫଳ କରିବା ପାଇଁ ଇସ୍ରାଏଲୀ ସୈନ୍ୟ ଗୁଳି ଚଳାଇବାରୁ ସଂଘର୍ଷ ଘଟିଥିଲା। ପ୍ରଥମ ଗୁଳିବିନିମୟ ବେଳେ ଗାର୍ଡ ପୋଷ୍ଟରେ ଥିବା ୨ ସୈନ୍ୟ ନିହତ ହୋଇଥିଲେ। ଏହାର କିଛି ସମୟ ପରେ ଦ୍ୱିତୀୟ ଗୁଳି ବିନିମୟ ବେଳେ ଇଜିପ୍ଟର ଜଣେ ଗାର୍ଡ ଓ ଇସ୍ରାଏଲ୍‌ର ଆଉ ଜଣେ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା ବୋଲି ଏସ୍ରାଏଲ୍ ସେନା ମୁଖପାତ୍ର ରିଚାର୍ଡ ହେଚ୍ କହିଛନ୍ତି।

# ରାମ ଜନ୍ମଭୂମି ରାୟ ବିଳମ୍ବ କରିବାକୁ ଚାପ ପକାଯାଉଥିଲା: ପୂର୍ବତନ ବିଚାରପତି

**ମୀରଟ, ୩।୬**

ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ମାମଲାର ମୁଖ୍ୟ ରାୟ ୨୦୧୦ରେ ପ୍ରକାଶ ପାଇଥିଲା। ତେବେ ରାୟ ପ୍ରକାଶ ନ କରିବାକୁ ତାଙ୍କ ଉପରେ ସେତେବେଳେ ଚାପ ପକାଯାଉଥିଲା ବୋଲି ଆଲ୍ଲାହାବାଦ ହାଇକୋର୍ଟ ବେଞ୍ଚ୍‌ର ପୂର୍ବତନ ବିଚାରପତି କହିଛନ୍ତି। ଯଦି ରାୟ ପ୍ରକାଶ କରା ନ ଯାଏ, ତେବେ ଆଗାମୀ ୨୦୦ ବର୍ଷ ଯାଏ କୌଣସି ରାୟ ଆସିପାରି ନ ଥାନ୍ତା ବୋଲି ଜଷ୍ଟିସ୍ ସୁଧୀର ଅଗ୍ରୱାଲ କହିଛନ୍ତି। ୨୦୨୦ ଏପ୍ରିଲ ୨୩ରେ ଜଷ୍ଟିସ୍ ଅଗ୍ରୱାଲ ହାଇକୋର୍ଟରୁ ଅବସର ନେଇଥିଲେ। ୨୦୧୦ ସେପ୍ଟେମ୍ବର ୩୦ରେ ରାୟ ପ୍ରକାଶ କରିବା ପରେ ସେ ଆଶୀର୍ବାଦ ଲାଭ କରିଥିବା ଅନୁଭବ କରିଥିଲେ। ଅଯୋଧ୍ୟାରେ ଥିବା ୨.୭୭ ଏକର ଜମିକୁ ତିନି ପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମ ଲାଲାଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ହିନ୍ଦୁ ମହାସଭା ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ପାଇଁ ଆଲ୍ଲାହାବାଦ ହାଇକୋର୍ଟ ୨:୧ ସଂଖ୍ୟାଗରିଷ୍ଠତାରେ ନିଷ୍ପତ୍ତି ନେଇଥିଲେ। ଉକ୍ତ ଖଣ୍ଡପୀଠରେ ସୁଧୀର ଅଗ୍ରୱାଲ୍‌ଙ୍କ ସହ ଜଷ୍ଟିସ୍ ଏସ୍.ୟୁ. ଖାନ୍ ଏବଂ ଡି.ଭି. ଶର୍ମା ବିଚାରପତି ରହିଥିଲେ। ରାୟ ସ୍ଥଗିତ ରଖିବା ପାଇଁ ଘରୁ ଓ ବାହାରୁ ଚାପ ପକାଯାଉଥିଲା। ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଆଉ କିଛିଦିନ ସମୟ ନେବା ଲାଗି ପରାମର୍ଶ ଦେଉଥିଲେ ବୋଲି ଜଷ୍ଟିସ୍ ଅଗ୍ରୱାଲ କହିଛନ୍ତି।


ଜଷ୍ଟିସ୍ ସୁଧୀର ଅଗ୍ରୱାଲ

# ଶିଶୁ ଆରିହାଙ୍କୁ ଭାରତ ଫେରାଅ


ମା' ବାପାଙ୍କ ସହ ଶିଶୁ ଆରିହା (ଫାଇଲ୍ ଫଟୋ)।

## ଜର୍ମାନୀକୁ ଚିଠି ଲେଖିଲେ ୧୯ ଦଳର ୫୯ ଏମ୍‌ପି

**ନୂଆଦିଲ୍ଲୀ, ୩।୬**

ବର୍ଲିନ୍‌ର ଏକ ଶିଶୁ କଲ୍ୟାଣ ସଂସ୍ଥା ତତ୍ତ୍ୱାବଧାନରେ ୨୦ ମାସ ହେଲା ରହିଥିବା ଶିଶୁକନ୍ୟା ଆରିହା ଶାହାଙ୍କୁ ତାଙ୍କ ମାଆବାପାଙ୍କ ସହ ମିଶିବା ପାଇଁ ଭାରତ ଫେରାଇ ଦେବାକୁ ୧୯ଟି ରାଜନୈତିକ ଦଳର ୫୯ ଜଣ ଏମ୍‌ପି ଭାରତରେ ଥିବା ଜର୍ମାନ ରାଷ୍ଟ୍ରଦୂତଙ୍କୁ ମିଳିତ ଭାବେ ପତ୍ର ଲେଖି ଅନୁରୋଧ କରିଛନ୍ତି। ଏଥିପାଇଁ ଯଥାସମ୍ଭବ ପଦକ୍ଷେପ ନେବାକୁ ସେମାନେ ରାଷ୍ଟ୍ରଦୂତ ଫିଲିପ୍ ଆକେରକାନ୍‌ଙ୍କୁ କହିଛନ୍ତି। ଶିଶୁର ପ୍ରତ୍ୟାବର୍ତ୍ତନ ଲାଗି ଦଳମତ ନିର୍ବିଶେଷରେ ଭାଜପା, କଂଗ୍ରେସ, ବାମଦଳ, ଟିଏମ୍‌ସି ଆଦି ବିଭିନ୍ନ ଦଳର ଏମ୍‌ପି ଏକାଠି ହେବା ଏକ ବିରଳ ଘଟଣା। ଆରିହାଙ୍କୁ ନିଜ ଦେଶ ଭାରତକୁ ଫେରାଇ ଆଣିବା ଜରୁରୀ। ସେ ନିଜର ଦେଶ, ଲୋକ, ସଂସ୍କୃତି ଓ ପରିବେଶକୁ ଫେରିବା ଆବଶ୍ୟକ। ଏଥିରେ ବିଳମ୍ବ ଶିଶୁଟି ପାଇଁ ଅପୂରଣୀୟ କ୍ଷତି ହେବ। ଶୁକ୍ରବାର ଭାରତ ସରକାର ମଧ୍ୟ ଶିଶୁକନ୍ୟାକୁ ଫେରାଇଦେବା ଲାଗି ଜର୍ମାନୀକୁ କହିଛନ୍ତି। ଜଣେ ଭାରତୀୟ ଭାବେ ଏହାର ତାଙ୍କର ଅବିଚ୍ଛେଦ୍ୟ ଅଧିକାର ବୋଲି ସରକାର କହିଛନ୍ତି। ଆରିହା ମାତ୍ର ୭ ମାସର ହୋଇଥିବାବେଳେ ମାଆବାପା ତାଙ୍କୁ ହଇରାଣ କରୁଥିବା ଅଭିଯୋଗକ୍ରମେ ବର୍ଲିନ୍‌ର ଶିଶୁ କଲ୍ୟାଣ ସଂସ୍ଥା ତାଙ୍କୁ ହେପାଜତକୁ ନେଇଥିଲା।

ଜର୍ମାନୀ ରାଷ୍ଟ୍ରଦୂତଙ୍କୁ ଦିଆଯାଇଥିବା ପତ୍ରରେ ସ୍ୱାକ୍ଷର କରିଥିବା ଏମ୍‌ପିଙ୍କ ମଧ୍ୟରେ ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ଶଶୀ ଥରୁର, ଭାଜପା ଏମ୍‌ପି ହେମା ମାଳିନୀ, ମାନେକା ଗାନ୍ଧୀ, ଡିଏମ୍‌କେର କାନିମୋଝି, ଏନ୍‌ସିପିର ସୁପ୍ରିୟା ସୁଲେ, ଟିଏମ୍‌ସିର ମହୁଆ ମୈତ୍ର, ସମାଜବାଦୀ ପାର୍ଟିର ରାମଗୋପାଳ ଯାଦବ, ଆର୍‌ଜେଡିର ମନୋଜ ଝା, ଏଏପିର ସଞ୍ଜୟ ସିଂ, ସିପିଏମ୍‌ର ଏଲମାରାନ କରିମ ଏବଂ ଜନ୍ ବ୍ରିଟ୍ଟାସ୍, ଅକାଳି ଦଳର ହର୍‌ସିମ୍ରତ୍ କୌର ବାଦଲ, ବିଏସ୍‌ପିର କୁନୱାର ଡାନିଶ ଅଲି, ଶିବସେନା(ୟୁବିଟି)ର ପ୍ରିୟଙ୍କା ଚତୁର୍ବେଦୀ, ସିପିଆଇର ବିନୟ ବିଶ୍ୱମ୍ ଏବଂ ନ୍ୟାଶନାଲ କନ୍‌ଫରେନ୍ସର ଫାରୁକ୍ ଅବଦୁଲ୍ଲା ଅଛନ୍ତି।

ଆରିହାର ମାଆବାପା ଗୁଜରାଟର ଧାରା ଓ ଭବେଶ ଶାହା ୨୦୧୮ରେ ଜର୍ମାନୀ ଯାଇଥିଲେ। ସେମାନେ ୨୧ ମାସ ହେଲା ନିଜ ଝିଅକୁ ଫେରିପାଇବା ପାଇଁ ସଂଘର୍ଷ ଜାରି ରଖିଛନ୍ତି। ଆରିହା ଦୁର୍ଘଟଣାଜନିତ କାରଣରୁ ଆହତ ହେବା ପରେ ମାଆବାପା ତାଙ୍କୁ ହସ୍ପିଟାଲ ନେଇଥିଲେ। ତେବେ ଶିଶୁକୁ ଯୌନ ନିର୍ଯାତନା ଦିଆଯାଇଥିବା ଏବଂ ମାତାପିତା ଅବହେଳା କରିଥିବା ଜର୍ମାନ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ୨୦୨୧ ସେପ୍ଟେମ୍ବର ୨୩ରୁ ଶିଶୁକନ୍ୟାକୁ ଜୁଗେଣ୍ଡାମ୍ଟ ହେପାଜତରେ ରଖାଯାଇଛି।






# ୧୧୭୫ ଆହତ ଯାତ୍ରୀ ହସ୍ପିଟାଲରେ ଭର୍ତ୍ତି

## ୨ ଗୁରୁତର, ଡିସ୍‌ଚାର୍ଜ ହେଲେ ୭୯୩

**ଭୁବନେଶ୍ୱର, ୩।୬ (ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ଟ୍ରେନ୍ ଦୁର୍ଘଟଣାରେ ଶନିବାର ରାତି ସୁଦ୍ଧା ୨୮୮ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶତାଧିକ ଯାତ୍ରୀ ଆହତ ହୋଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁଯାୟୀ, ଆହତ ଯାତ୍ରୀଙ୍କ ମଧ୍ୟରୁ ୧୧୭୫ଜଣ ବାଲେଶ୍ୱର, ଭଦ୍ରକ, ସୋର, ଗୋପାଳପୁର, ଖନ୍ତାପଡ଼ା, ଈଶ୍ୱରପୁର, ବାସୁଦେବପୁର, ଯାଜପୁର, କଟକ, ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ୭୯୩ଜଣ ଡିସ୍‌ଚାର୍ଜ ହୋଇଥିବାବେଳେ ୩୮୨ଜଣ ଚିକିତ୍ସାଧୀନ ଅଛନ୍ତି। ସେହିପରି ୨ଜଣଙ୍କ ଅବସ୍ଥା ଗୁରୁତର ରହିଥିବାବେଳେ ବାକି ଚିକିତ୍ସିତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ମୃତାହତଙ୍କ ପିଲାଙ୍କ ଶିକ୍ଷା ଦାୟିତ୍ୱ କେନ୍ଦ୍ର ସରକାର ନିଅନ୍ତୁ: ଏଆଇଏସ୍ଏଫ୍

**ଭୁବନେଶ୍ୱର,୩।୬(ବ୍ୟୁରୋ)**

**ବାହାନଗା ଟ୍ରେନ୍ ଦୁର୍ଘଟଣା**

ବାହାନଗାଠାରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ମୃତାହତ ଯାତ୍ରୀଙ୍କ ପିଲାଙ୍କ ପାଠପଢ଼ା ଦାୟିତ୍ୱ କେନ୍ଦ୍ର ଶିକ୍ଷା ବିଭାଗ ସମ୍ପୂର୍ଣ୍ଣ ବହନ କରୁ। ଅଖିଳ ଭାରତ ଛାତ୍ରସଂଘ(ଏଆଇଏସଏଫ୍) ପକ୍ଷରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ ଏନେଇ ଦାବି ରଖାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ, ଡିଜିଟାଲ୍ ଇଣ୍ଡିଆ ଓ ବୁଲେଟ୍ ଟ୍ରେନ୍ ପ୍ରଚାର ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏହି ଦୁର୍ଘଟଣା ରେଳ ମନ୍ତ୍ରଣାଳୟର ଦୋଷକୁ ପଦାରେ ପକାଇଦେଇଛି। ରେଳ ବିଭାଗର ଆଖିବୁଜା ଘରୋଇକରଣ, ସ୍ଥାୟୀ ପଦବୀ ଉଚ୍ଛେଦ କରି ସ୍ୱଳ୍ପ ବେତନରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ କାନ୍ଧରେ ଅତ୍ୟଧିକ କାର୍ଯ୍ୟଭାର, ଲକ୍ଷାଧିକ ପଦବୀ ଖାଲି ପଡ଼ିବା ଓ ରେଳ ଲାଇନ୍‌ର ଆବଶ୍ୟକ ମରାମତି ନ କରି ଅତ୍ୟଧିକ ଖଣିଜ ପଦାର୍ଥ ପରିବହନ କରାଯିବା ଫଳରେ କ୍ରମାଗତ ଭାବେ ଏପରି ଦୁର୍ଘଟଣା ବଢ଼ିଚାଲିଛି। ଦାୟିତ୍ୱହୀନତାରୁ ଶହ ଶହ ସାଧାରଣ ଜନତାଙ୍କ ଜୀବନ ଯାଇଥିବାରୁ ନୈତିକ ଦାୟିତ୍ୱ ବହନ କରି ରେଳମନ୍ତ୍ରୀ ଅବିଳମ୍ବେ ଇସ୍ତଫା ପ୍ରଦାନ କରିବା ଉଚିତ ବୋଲି ଏଆଇଏସ୍ଏଫ୍ ପକ୍ଷରୁ କୁହାଯାଇଛି। ରେଳ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ 'ରେଳ କବଚ' ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ସମସ୍ତ ରେଳ ଇଞ୍ଜିନ୍‌ରେ ସଂଯୋଗ, ମାଲ ପରିବହନ ଓ ଯାତ୍ରୀ ପରିବହନ ପାଇଁ ପୃଥକ୍ ରେଳ ଲାଇନ୍ ଏବଂ ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକରେ ଆବଶ୍ୟକତାକୁ ଲକ୍ଷ୍ୟକରି ଜେନେରାଲ କୋଚ୍ ସଂଖ୍ୟା ବୃଦ୍ଧି କରିବାକୁ ଏଆଇଏସ୍ଏଫ୍ ରାଜ୍ୟ ପରିଷଦ ପକ୍ଷରୁ ଦାବି କରାଯାଇଛି। ଆଗାମୀ ସଂସଦୀୟ ଅଧିବେଶନ ସୁଦ୍ଧା ଉପରୋକ୍ତ ବ୍ୟବସ୍ଥା ସୁନିଶ୍ଚିତ ନ କଲେ ବ୍ୟାପକ ଛାତ୍ର ଆନ୍ଦୋଳନ କରାଯିବ ବୋଲି ସଂଘର ରାଜ୍ୟ ସଭାପତି ସଙ୍ଘମିତ୍ରା ଜେନା ଚେତାବନୀ ଦେଇଛନ୍ତି।


**ଭାରତୀୟ ଜୀବନ ବୀମା ନିଗମ**
LIC भारतीय जीवन बीमा निगम LIFE INSURANCE CORPORATION OF INDIA
ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ, ଇଞ୍ଜିନିୟରିଂ ବିଭାଗ
"ଜୀବନ ଦୀପ", ଏକ୍ସିବିଶନ୍ ରୋଡ୍, ପାଟନା-୮୦୦୦୦୧ ।
ଫୋନ୍ ନଂ. ୦୬୧୨-୨୫୦୧୧୧୮/୨୫୦୩୦୧୪
ଏକ ଆଇଏସ୍ଓ ୯୦୦୧:୨୦୧୫ ପ୍ରମାଣିତ ବିଭାଗ

**ଇଞ୍ଜିନିୟରିଂ, ସଂଗ୍ରହଣ ଓ ନିର୍ମାଣ (ଇପିସି) ଭିତ୍ତିରେ ପ୍ରତିଯୋଗିତାମୂଳକ ବିଡିଂ**
ଭାରତୀୟ ଜୀବନ ବୀମା ନିଗମ ନିମ୍ନଲିଖିତ କାର୍ଯ୍ୟ ପାଇଁ ଏକକାଳୀନ ଦର ଭିତ୍ତିରେ ଯୋଗ୍ୟ ବିଡରମାନଙ୍କଠାରୁ ୱେବ୍‌ସାଇଟ୍ http://www.tenderwizard.com/LIC ମାଧ୍ୟମରେ ଇ-ବିଡ୍ ଆହ୍ୱାନ କରୁଛି:

| | |
|---|---|
| ବିଡ୍ ନଂ. | ଏଲ୍ଆଇସିଆଇ/ଇସିଜେଡ୍ଓ/ଇଏନ୍‌ଜିଜି/୨୦୨୩-୨୪ |
| କାର୍ଯ୍ୟର ବର୍ଣ୍ଣନା | ସୂର୍ଯ୍ୟନଗର, ଭୁବନେଶ୍ୱର, ଓଡ଼ିଶାଠାରେ ପ୍ରସ୍ତାବିତ ଇନ୍‌ଭେଷ୍ଟମେଣ୍ଟ ବିଲ୍ଡିଂ (ବେସ୍‌ମେଣ୍ଟ+ଗ୍ରାଉଣ୍ଡ+୨ ମହଲା) ନିର୍ମାଣ ପାଇଁ ଡିଜାଇନ, ଇଞ୍ଜିନିୟରିଂ, ସଂଗ୍ରହଣ ଓ ନିର୍ମାଣ (ଇପିସି) ଭିତ୍ତିରେ ଇ-ଟେଣ୍ଡର |
| ଅଟକଳ ମୂଲ୍ୟ | ୩୩୫୨.୪୧ ଲକ୍ଷ |
| ବିକ୍ରୟ ଅବଧି (ଡାଉନ୍‌ଲୋଡିଂ) | ତା୦୫।୦୬।୨୦୨୩, ୧୭.୩୦ ଘଣ୍ଟିକାରୁ ୦୪।୦୭।୨୦୨୩ରିଖ ୧୭.୩୦ ଘଣ୍ଟିକା |
| ପ୍ରାକ୍-ବିଡ୍ ବୈଠକ | ତା୨୨।୦୬।୨୦୨୩ରିଖ, ୧୧.୩୦ ଘଣ୍ଟିକା, ଏଲ୍ଆଇସିଆଇ, ଡେପୁଟି ଚିଫ୍ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ, 'ଜୀବନ ପ୍ରକାଶ', ୩ୟ ମହଲା, ପ୍ଲଟ୍ ନଂ. ୧୪୯ (ପି), ଡି-ପ୍ଲଟ୍-ପି/୧, ଅନନ୍ତ ବିହାର, ପୋଖରୀପୁଟ, ଭୁବନେଶ୍ୱର-୭୫୧୦୨୦ଠାରେ । |
| ଅନ୍‌ଲାଇନ୍ ବିଡ୍ ଦାଖଲ ସମାପ୍ତି ତାରିଖ ଓ ସମୟ | ତା୦୪।୦୭।୨୦୨୩ରିଖ ୨୩.୫୯ ଘଣ୍ଟିକାରେ |
| ବାସ୍ତବିକ ବିଡ୍ ଦାଖଲ ସମାପ୍ତି ତାରିଖ ଓ ସମୟ | ତା୦୫।୦୭।୨୦୨୩ରିଖ ୧୫.୦୦ ଘଣ୍ଟିକାରେ |
| ବୈଷୟିକ ବିଡ୍ ଖୋଲାଯିବାର ତାରିଖ ଓ ସମୟ | ତା୦୫।୦୭।୨୦୨୩ରିଖ ୧୫.୩୦ ଘଣ୍ଟିକା ପରଠାରୁ |
| ଯୋଗାଯୋଗ ଇମେଲ୍ | ecz_engg@licindia.com |

ଦ୍ରଷ୍ଟବ୍ୟ: ଉପରୋକ୍ତ ଟେଣ୍ଡର ସଂକ୍ରାନ୍ତରେ କୌଣସି ଯୋଗପତ୍ର/ଶୁଦ୍ଧିପତ୍ର/ବିକ୍ରୟ ତାରିଖ ବୃଦ୍ଧି କେବଳ ୱେବ୍‌ସାଇଟ୍: http://www.tenderwizard.com/LICରେ ଜାରି କରାଯିବ ଏବଂ ଗଣମାଧ୍ୟମରେ କୌଣସି ପୃଥକ୍ ଅଧିସୂଚନା ଜାରି କରାଯିବ ନାହିଁ । ତେଣୁ ବିଡରମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜକୁ ସର୍ବଦା ସୂଚିତ ରଖିବା ପାଇଁ କଥିତ ୱେବ୍‌ସାଇଟ୍ ନିୟମିତ ଭାବେ ପରିଦର୍ଶନ କରିବେ।
Date:04.06.2023 ଅତିରିକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ)







# ଟ୍ରେନ୍ ଦୁର୍ଘଟଣା ଏଡ଼ାଯାଇପାରିଥାନ୍ତା

**ନୂଆଦିଲ୍ଲୀ,୩।୬**

ଭାରତୀୟ ରେଳପଥ ଯଦି ଯାତ୍ରୀଙ୍କ ରେକ୍‌ଗୁଡ଼ିକରେ ନାଭିଗେଶନ୍ ୱିଥ୍ ଇଣ୍ଡିଆନ୍ କନ୍‌ଷ୍ଟେଲେଶନ୍ (ନାଭିକ୍) ବ୍ୟବହାର କରିଥାଆନ୍ତା ତେବେ ଜୁନ୍ ୨ରେ ବାଲେଶ୍ୱରର ବାହାନଗାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାକୁ ଏଡ଼ାଯାଇପାରିଥାଆନ୍ତା। ରେଳୱେର ସୁରକ୍ଷା ଓ ନିରାପତ୍ତା ପ୍ରୋଟୋକଲ ସମ୍ପର୍କରେ ଅଭିଜ୍ଞ ବରିଷ୍ଠ ଅଧିକାରୀମାନେ ଏଭଳି ମତ ଦେଇଛନ୍ତି। ରେଲୱେ ଅଫିସରମାନେ କହୁଛନ୍ତି, ଦୁର୍ଘଟଣାଗ୍ରସ୍ତ ହୋଇଥିବା ଟ୍ରେନ୍‌ରେ କବଚ ସିଷ୍ଟମ୍ ନ ଥିଲା। ତେବେ ଏଥିରେ କବଚ ବ୍ୟବହାର କରା ନ ଯିବାର କାରଣ ବୁଝିବା କଷ୍ଟକର ନୁହେଁ।

ପରିଚୟ ଗୋପନ ସର୍ତ୍ତରେ କେତେଜଣ ଅଧିକାରୀ କହିଛନ୍ତି, ୨୦୧୯ ଜୁନ୍‌ରେ ନାଭିକ୍ ରୂପେ କାର୍ଯ୍ୟକ୍ଷମ ହୋଇଥିଲେ ସୁଦ୍ଧା ରେଲୱେର ଆଣ୍ଟି-କୋଲିଜନ୍ ସିଷ୍ଟମ୍ ସମ୍ପୂର୍ଣ୍ଣ ଭାବେ ଆମେରିକୀୟ ଗ୍ଲୋବାଲ ପଜିଶନିଂ ସିଷ୍ଟମ୍ (ଜିପିଏସ୍) ଉପରେ ନିର୍ଭର କରିଆସୁଛି। ଯଦି ଦୁଇ ଯାତ୍ରୀବାହୀ ଟ୍ରେନ୍ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍ ଏବଂ ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍‌ର ଠିକ୍ ଓ ବାସ୍ତବ ସମୟର ଉପସ୍ଥିତି ସମ୍ପର୍କରେ ରେଲୱେ ଟ୍ରାଫିକ୍ ଅଧିକାରୀମାନେ ଜାଣିଥାଆନ୍ତେ ଏବଂ ଟ୍ରେନ୍ ଡ୍ରାଇଭରମାନେ ନାଭିକ୍‌ଭିତ୍ତିକ ଉପକରଣ ବ୍ୟବହାର କରିଥାଆନ୍ତେ ତେବେ ଏଭଳି ସ୍ଥିତି ଉପୁଜି ନ ଥାଆନ୍ତା। ଭାରତର ଅନ୍ୟତମ ବୃହତ୍ ରେଳ ଦୁର୍ଘଟଣାରେ ସାମିଲ ହୋଇଥିବା ତୃତୀୟ ଟ୍ରେନ୍‌ଟି ଏକ ମାଲଗାଡ଼ି ଥିଲା। ଦୁଇ ଯାତ୍ରୀବାହୀ ଟ୍ରେନ୍‌ରେ ପଜିଶନିଂ ତଥା ନାଭିଗେଟିଂ ସୂଚନାକୁ ସୁନିଶ୍ଚିତ କରିବା ଲାଗି ଜିପିଏସ୍‌ଭିତ୍ତିକ ଉପକରଣ ସଂଲଗ୍ନ କରାଯାଇ ନ ଥିଲା। ସୂତ୍ରରୁ ଜଣାପଡ଼ିଛି ଯେ, ମେ' ୧୭ ବିଶ୍ୱ ଟେଲିକମ୍ ଦିବସରେ ରେଲୱେ ବୋର୍ଡର ଜଣେ ସଦସ୍ୟ ବେଙ୍ଗାଲୁରୁସ୍ଥିତ ଘରୋଇ କମ୍ପାନୀ ଏଲେନା ଜିଓ ସିଷ୍ଟମ୍ସର ପ୍ରତିନିଧିମାନଙ୍କୁ ଭେଟି ନାଭିକ୍ ସମ୍ପର୍କରେ ବିସ୍ତୃତ ବିବରଣୀ ମାଗିଥିଲେ। ଗତ ଏପ୍ରିଲରେ ଏଲେନା ଜିଓ ସିଷ୍ଟମ୍ସ ପକ୍ଷରୁ ନାଭିକ୍ ଚିପ୍ ଆରମ୍ଭ କରାଯାଇଥିଲା। ଏହି ଚିପ୍‌କୁ ଏକ ସାଟେଲାଇଟ୍ ସିଗ୍‌ନାଲ ରିସିଭର ସହ ବ୍ୟବହାର କଲେ ଟ୍ରେନ୍‌ର ଠିକ୍ ଅବସ୍ଥିତି, ନାଭିଗେଶନ୍ ଏବଂ ଟାଇମିଂ ଆପ୍ଲିକେଶନ୍ ନେଇ ତଥ୍ୟ ମିଳିଥାଏ।

ରେଲୱେ ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପ୍ରତ୍ୟେକ ଟ୍ରେନ୍‌ର ଟ୍ରାଫିକ୍ ନିୟନ୍ତ୍ରଣ ଓ ପରିଚାଳନା ପାଇଁ ସଫ୍ଟୱେର ବିକଶିତ କରାଯାଉଛି। ଟ୍ରେନ୍‌ର ରକ୍ଷଣାବେକ୍ଷଣ ସହ କୋଚ୍, କ୍ରିଉ ଓ ଅନ୍ୟ ଅପରେଶନ୍‌ଗୁଡ଼ିକର ପ୍ରବନ୍ଧନ ଡିଜିଟାଲ ମାଧ୍ୟମରେ କରାଯାଉଥିଲେ ହେଁ ନାଭିକ୍ କାର୍ଯ୍ୟରେ ଲଗାଯିବା ପରଠୁ ସେଣ୍ଟ୍ରାଲ ରେଲୱେ ଇନ୍‌ଫର୍ମେଶନ୍ ସିଷ୍ଟମ୍ (ସିଆର୍‌ଆଇଏସ୍) ଏହି ବ୍ୟବସ୍ଥାର ଅଗ୍ରଗତି ନେଇ ବିଶେଷ ତତ୍ପରତା ଦେଖାଉନାହିଁ। ସିଆର୍‌ଆଇଏସ୍‌ର ତୃତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଟ୍ରାକ୍, ଓଭରହେଡ୍ ଇଲେକ୍ଟ୍ରିକ୍ ଲାଇନ୍ସ, ଓ ସିଗ୍‌ନାଲଗୁଡ଼ିକର ଯାଞ୍ଚ ଓ ରକ୍ଷଣାବେକ୍ଷଣ କରିବା। କିନ୍ତୁ ଏହି ଦୁଇ ଟ୍ରେନ୍ କ୍ଷେତ୍ରରେ ଏସବୁ କରାଯାଇ ନ ଥିଲା।

୨୦୨୨ ମାର୍ଚ୍ଚ ୨୩ରେ କାର୍ଯ୍ୟକାରୀ କରାଯାଇଥିବା ନ୍ୟାଶନାଲ ଅଟୋମେଟିକ୍ ଟ୍ରେନ୍ ପ୍ରୋଟେକ୍ସନ୍ (ଏନ୍ଏଟିପି) ବା କବଚ ବ୍ୟବସ୍ଥାର ବିଫଳତା ବରିଷ୍ଠ ରେଲୱେ ଅଧିକାରୀମାନଙ୍କୁ ଚକିତ କରିଦେଇଛି। ରିସର୍ଚ୍ଚ ଡିଜାଇନ୍ସ ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅର୍ଗାନାଇଜେଶନ୍ (ଡିଆର୍‌ଏସ୍ଓ)ର ମିଳିତ ଆନୁକୂଲ୍ୟରେ କବଚ ଏଟିପି ବିକଶିତ କରାଯାଇଥିଲା। ଘନ କୁହୁଡ଼ି ସମେତ ପ୍ରତିକୂଳ ପାଗରେ ଲୋକୋମୋଟିଭ୍ ପାଇଲଟମାନଙ୍କ ଟ୍ରେନ୍ ପରିଚାଳନାକୁ ସୁଗମ କରିବା ପାଇଁ ଏହି ବ୍ୟବସ୍ଥା ବିକଶିତ କରାଯାଇଥିଲା। ଏହାଦ୍ୱାରା ଲୋକୋମୋଟିଭ୍ ପାଇଲଟ୍ ସିଗ୍‌ନାଲ ପାସିଙ୍ଗ୍ ଆଟ୍ ଡେଞ୍ଜର (ଏସ୍‌ପିଏଡି) ଏବଂ ଦ୍ରୁତ ଚାଳନାକୁ ଏଡ଼ାଇପାରିଥାଆନ୍ତି। ଏହି ସିଷ୍ଟମ୍ ଜରୁରୀ ସମୟରେ ଦୁର୍ଘଟଣା ଏଡ଼ାଇବା ଲାଗି ସ୍ୱତଃପ୍ରବୃତ୍ତ ଭାବେ ବ୍ରେକ୍ ଲଗାଇ ଟ୍ରେନ୍‌କୁ ପ୍ରଭାବଶାଳୀ ଢଙ୍ଗରେ ନିୟନ୍ତ୍ରଣ କରିଥାଏ। ଏହା ବ୍ୟତୀତ ସମନ୍ୱିତ ପରିବହନକୁ ସୁନିଶ୍ଚିତ କରିବା ସକାଶେ ଭାରତୀୟ ରେଳପଥ ଡେଟା ଆନାଲିଟିକ୍ସ ଉପରେ ଗୁରୁତ୍ୱ ଦେଉଛି। ଟ୍ରେନ୍‌ର ରିୟଲ୍ ଟାଇମ୍ ଟ୍ରାକିଂ ପାଇଁ ରେଳପଥ ଚଳିତବର୍ଷ ମାର୍ଚ୍ଚରେ ରିଅଲ ଟାଇମ୍ ଟ୍ରେନ୍ ଇନ୍‌ଫର୍ମେଶନ୍ ସିଷ୍ଟମ୍ସ ଅଧୀନରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସହ ମିଶି ଏକ ପ୍ରକଳ୍ପ ଆରମ୍ଭ କରିଥିଲା। ଏହାଦ୍ୱାରା ଉପଗ୍ରହ ଚିତ୍ର ଓ ଲାଇଭ୍ ଟ୍ରାକିଂ ସହାୟତାରେ ଟ୍ରେନ୍‌ର ଗତି ସମ୍ପର୍କରେ ବାସ୍ତବ ତଥ୍ୟ ମିଳିଥାଏ। ଏହାର ମଧ୍ୟ ସହାୟତା ନିଆଯାଇ ନ ଥିଲା।

## ସୁରକ୍ଷା 'କବଚ' ନ ଥିଲା




ଓଡ଼ିଶାର ବାଲେଶ୍ୱର ଜିଲା ବାହାନଗାରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣା ପରେ ରେଲୱେର ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ବ୍ୟବସ୍ଥା 'କବଚ' ଚର୍ଚ୍ଚାକୁ ଆସିଛି। ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଥିବା ରୁଟ୍‌ରେ କବଚ ଉପଲବ୍ଧ ନ ଥିଲା ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ଲୋକୋପାଇଲଟ୍ ସଙ୍କେତ (ସିଗ୍‌ନାଲ ପାସ୍‌ଡ ଆଟ୍ ଡେଞ୍ଜର-ଏସ୍‌ପିଏଡି) ଅତିକ୍ରମ କଲେ ଦୁର୍ଘଟଣା ଘଟିଥାଏ। କବଚ ହେଉଛି ଏପରି ଏକ ବ୍ୟବସ୍ଥା, ଯାହା ଲୋକୋପାଇଲଟ୍ ଏହି ବିପଦ ସଙ୍କେତ ଡେଇଁବା ମାତ୍ରେ ସତର୍କ କରାଇଥାଏ। ଦୁର୍ଘଟଣା ଏଡ଼ାଇବା ପାଇଁ ଭାରତୀୟ ରେଳ ପକ୍ଷରୁ ବିକଶିତ ଏହି ଅଟୋମେଟିକ୍ ପ୍ରୋଟେକ୍ସନ ସିଷ୍ଟମ୍ ଦୁର୍ଘଟଣାଗ୍ରସ୍ତ ଟ୍ରେନ୍‌ରେ ନ ଥିଲା।

## କବଚର ବୈଶିଷ୍ଟ୍ୟ

- ଲୋକୋ ପାଇଲଟ୍ ବ୍ରେକ୍ ଲଗାଇ ନ ପାରିଲେ କବଚ ସ୍ୱତଃପ୍ରବୃତ୍ତ ଭାବେ ବ୍ରେକ୍‌ର ପ୍ରୟୋଗ କରି ଟ୍ରେନ୍‌ର ଗତିକୁ ନିୟନ୍ତ୍ରଣ କରିଥାଏ ।
- କ୍ୟାବ୍‌ରେ ଲାଇନ୍ ପାର୍ଶ୍ୱ ସିଗ୍‌ନାଲକୁ ଦୋହରାଇଥାଏ, ଯାହାକି ଦ୍ରୁତ ଗତି ଓ ଘନ କୁହୁଡ଼ି ସମୟରେ ଅତ୍ୟନ୍ତ ଉପାଦେୟ।
- ଟ୍ରେନ୍‌ର ଗତି ଉପରେ ନିୟନ୍ତ୍ରଣ ସମ୍ପର୍କରେ ଲଗାତର ଅପ୍‌ଡେଟ୍ ଦେଇଥାଏ।
- ଲେଭଲ୍ କ୍ରସିଂ ଫାଟକଗୁଡ଼ିକରେ ଆପେ ଆପେ ହୁଇସିଲ ବଜାଇଥାଏ।
- ଲୋକୋ କମ୍ୟୁନିକେଶନ୍ ଜରିଆରେ ଟ୍ରେନ୍ ମଧ୍ୟରେ ଧକ୍କାକୁ ଏଡ଼ାଇଥାଏ।
- ଟ୍ରେନ୍‌କୁ ନିୟନ୍ତ୍ରଣ କରି ଏସ୍ଓଏସ୍ ଫିଚର୍ସ ପାଇଁ ସହାୟକ ହୋଇଥାଏ।

# ୪ ଦିନ ପାଇଁ ୨୮ ଟ୍ରେନ୍ ବାତିଲ

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ହୋଇଥିବା ଟ୍ରେନ୍ ଦୁର୍ଘଟଣା ପରେ ଦକ୍ଷିଣ ପୂର୍ବ ରେଳପଥ ଓ ପୂର୍ବତଟ ରେଳପଥ ପକ୍ଷରୁ ଆସନ୍ତା ୪ ଦିନ ଲାଗି ଉକ୍ତ ରୁଟ୍‌ରେ ଚଳାଚଳ କରୁଥିବା ୨୮ ଟ୍ରେନ୍‌କୁ ବାତିଲ କରାଯାଇଥିବାବେଳେ ବହୁ ଟ୍ରେନ୍‌ର ଗତପଥ ବଦଳାଯାଇଛି। ରବିବାର ପର୍ଯ୍ୟନ୍ତ ବାତିଲ ହୋଇଥିବା ଟ୍ରେନ୍‌ଗୁଡିକ ହେଲା ୧୨୦୭୩ ହାଓଡା-ଭୁବନେଶ୍ୱର ଜନଶତାବ୍ଦୀ ଏକ୍ସପ୍ରେସ୍, ୧୨୦୭୪ ଭୁବନେଶ୍ୱର-ହାଓଡା ଜନଶତାବ୍ଦୀ ଏକ୍ସପ୍ରେସ୍,୧୨୮୨୨ ପୁରୀ-ଶାଲିମାର ଧଉଳି ଏକ୍ସପ୍ରେସ୍,୧୨୮୨୧ ଶାଲିମାର-ପୁରୀ ଧଉଳି ଏକ୍ସପ୍ରେସ୍, ୨୨୮୯୬ ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ୍, ୨୨୮୯୫ ହାଓଡା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍,୧୨୨୭୮ ପୁରୀ-ହାଓଡା ଶତାବ୍ଦୀ ଏକ୍ସପ୍ରେସ୍, ୧୨୨୭୭ ହାଓଡା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍, ୦୮୦୬୩ ଖଡଗପୁର-ଭଦ୍ରକ ସ୍ପେଶାଲ, ୦୮୦୬୪ ଭଦ୍ରକ-ଖଡଗପୁର ସ୍ପେଶାଲ, ୦୮୦୩୧ ବାଲେଶ୍ୱର-ଭଦ୍ରକ ସ୍ପେଶାଲ, ୦୮୦୩୨ ଭଦ୍ରକ-ବାଲେଶ୍ୱର ସ୍ପେଶାଲ, ୦୮୦୧୨ ପୁରୀ-ଭଞ୍ଜନଗର ସ୍ପେଶାଲ, ୧୨୮୯୧ ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ୍, ୧୨୮୯୨ ଭୁବନେଶ୍ୱର-ବାଙ୍ଗିରିପୋଷି ଏକ୍ସପ୍ରେସ୍, ୧୮୦୨୧ ଖଡଗପୁର-ଖୋର୍ଦ୍ଧା ଏକ୍ସପ୍ରେସ୍,୧୨୦୭୩ ହାଓଡା-ସିକନ୍ଦରାବାଦ ଏକ୍ସପ୍ରେସ୍, ୨୨୮୫୨ ବେଙ୍ଗାଲୁରୁ-ସନ୍ତରାଗାଛି ଏକ୍ସପ୍ରେସ୍,୧୮୦୨୨ ଖୋର୍ଦ୍ଧା-ଖଡଗପୁର ଏକ୍ସପ୍ରେସ୍, ୦୮୪୧୨ ଭୁବନେଶ୍ୱର-ବାଲେଶ୍ୱର ସ୍ପେଶାଲ, ୧୮୦୪୮ ଭାସ୍କୋଡାଗାମା-ଶାଲିମାର ଏକ୍ସପ୍ରେସ୍, ୧୨୮୭୬ ଆନନ୍ଦ ବିହାର-ପୁରୀ ନୀଳାଚଳ ଏକ୍ସପ୍ରେସ୍। ସେହିପରି ୬ ଓ ୭ ତାରିଖ ଲାଗି ୧୨୫୧୦ ଗୁଆହାଟୀ-ବେଙ୍ଗାଲୁରୁ ଏକ୍ସପ୍ରେସ୍ ଓ ୧୨୨୫୨ କାମାକ୍ଷା-ବେଙ୍ଗାଲୁରୁ ଏକ୍ସପ୍ରେସ୍‌କୁ ବାତିଲ କରାଯାଇଛି। ଅନ୍ୟପଟେ ଗତିପଥ ପରିବର୍ତ୍ତନ ହୋଇଥିବା ଟ୍ରେନ୍ ମଧ୍ୟରେ ୦୭୦୪୭ ଗୁଆହାଟୀ-ବେଙ୍ଗାଲୁରୁ ଏକ୍ସପ୍ରେସ୍, ୧୨୫୫୨କାମାକ୍ଷା-ବେଙ୍ଗାଲୁରୁ ଏକ୍ସପ୍ରେସ୍, ୦୭୦୪୭ ଡିବ୍ରୁଗଡ-ସିକନ୍ଦରାବାଦ ଏକ୍ସପ୍ରେସ୍, ୧୮୪୭୮ କଳିଙ୍ଗ ଏକ୍ସପ୍ରେସ୍, ୨୨୮୦୩ ଶାଲିମାର-ସମ୍ବଲପୁର ଏକ୍ସପ୍ରେସ୍, ୧୨୮୦୨ ପୁରୁଷୋତ୍ତମ ଏକ୍ସପ୍ରେସ୍,୧୨୮୭୫ ନୀଳାଚଳ ଏକ୍ସପ୍ରେସ୍ ଓ ୨୨୮୧୧ ରାଜଧାନୀ ଏକ୍ସପ୍ରେସ୍। ଏ ସଂକ୍ରାନ୍ତ ଅଧିକ ସୂଚନା ପାଇବାକୁ ରେଲ୍‌ୱେ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଥିବା ସୂଚନା ଦିଆଯାଇଛି।


NEST LEISURE
TEAM INFRACON Empowering Communication
SOUND OF SOUL
ODISHA EDITION
Classic Concert Series binding Experience, Culture and a Cause
FEATURING
Padma Shree
KUMAR SANU
IMPORTANT ANNOUNCEMENT
In view of the tragic rail accident at Balasore on 02.06.2023 & the state mourning which is observed through-out the state – Keeping in view the sentiments - Team Infracon & Nest Leisure and upon the generous consideration of Padmashri Kumar Sanu it is decided that the Sound of Soul (Odisha edition ) with Padmashri Kumar Sanu is being Postpone to 04th June 2023 in Utkal Mandap at 6.30 PM. We are deeply saddened and extend our condolences over the loss of lives and truly stand beside the tragic loss.
POSTPONED DATE:
04th June 2023 06:30 Onwards





**ଆଜିର ମନ୍ତବ୍ୟ**

ଓଡ଼ିଶାର ଟ୍ରେନ୍ ଦୁର୍ଘଟଣା ହୃଦୟବିଦାରକ। ସାଥୀ ସାଂସଦମାନେ ନିଜ ଦରମାର କିଛି ଅଂଶ ଶୋକ ସନ୍ତପ୍ତ ପରିବାରକୁ ପ୍ରଦାନ କରି ସେମାନଙ୍କ ସହଯୋଗ ପାଇଁ ଆଗେଇ ଆସନ୍ତୁ। **-ବରୁଣ ଗାନ୍ଧୀ, ପିଲିଭିଟ୍‌ର ଭାଜପା ଏମ୍‌ପି**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଂସାକୁ ତାଟିଆ ଝାଇଁ**
**ନୂଆ ଦେଖିକରି ଭୁଲି ପଡ଼ିଲେ**
**ପୁରୁଣା କି ମନେ ନାହିଁ ?**

ନୂଆ ପ୍ରତି ସଭିଙ୍କ ମନରେ ଅହେତୁକ ଆଦର ଭାବ ରହିଥାଏ। ନୂଆ ନୂଆ ସଭିଙ୍କୁ ଖୁବ୍ ଭଲ ଓ ସୁନ୍ଦର ଲାଗିଥାଏ। ନୂଆ ପାଇଲେ ପୁରୁଣାଠୁ ମନ ଛାଡ଼ିଯାଏ। ପରୋକ୍ଷରେ ନୂଆ ତରୁଣୀକୁ ଦେଖି ପୁରୁଣା ପ୍ରେମୀକୁ ଉପେକ୍ଷା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କର୍ମ ଅବଳରୁ ଭଉଣୀ ଜୋଇଁ ଘଇତା**
**ପେଲା ପେଲି କରି ଦିନ ନଉଥା।**

ସ୍ୱାମୀ ମରିଗଲେ ନିଃସହାୟ ସ୍ତ୍ରୀ ନିଜର ରକ୍ଷଣାବେକ୍ଷଣ ପାଇଁ ଅନ୍ୟର ଶରଣ ପଶିଥାଏ। ଭଉଣୀ ଜ୍ୱାଇଁକୁ ଧରି ତାକୁ ମୁରବି ବୋଲି ମାନି ଗୁଜରାଣ ମେଣ୍ଟେଇବା ଭଳି ଅସୁବିଧାରୁ ନ କରିବା କଥା ବାଧ ହୋଇ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜି ଜେଇଇ ଆଡ୍‌ଭାନ୍ସଡ୍

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି)ଗୁଡ଼ିକରେ ନାମଲେଖା ପାଇଁ ଜେଇଇ ଆଡ୍‌ଭାନ୍ସଡ୍ ପରୀକ୍ଷା ରବିବାର ଅନୁଷ୍ଠିତ ହେବ। ଅଢ଼େଇ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ପାଇଁ ମନୋନୀତ ହୋଇଥିବାବେଳେ ଆଡ୍‌ମିଟ୍ କାର୍ଡ ଅନ୍‌ଲାଇନ୍‌ରେ ଉପଲବ୍ଧ ହୋଇଛି। ସକାଳ ୯ଟାରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ପେପର୍-୧ ଓ ଅପରାହ୍ନ ୨ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ ପେପର୍-୨ ପରୀକ୍ଷା ଚାଲିବ। ପରୀକ୍ଷା ହଲ୍‌ରେ ପ୍ରବେଶ ପାଇଁ ଆଡ୍‌ମିଟ୍ କାର୍ଡ ସହ ପରିଚୟ ପତ୍ର ନେବାକୁ ପଡ଼ିବ। ସୂଚନାଯୋଗ୍ୟ, ଦେଶର ୨୩ଟି ଆଇଆଇଟିରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ।

# ୮ରୁ ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ଭୋଟ ଗଣତି

**କଟକ ଅଫିସ,୩।୬**

ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନର ଭୋଟ ଗଣତି ଆସନ୍ତା ୮ରୁ ଆରମ୍ଭ ହେବ। ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। କାଉନ୍‌ସିଲ୍‌ର ନିର୍ବାଚନ ପରିଚାଳନା କରୁଥିବା ରିଟର୍ନିଂ ଅଧିକାରୀ ତଥା ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରମଥ ପଟ୍ଟନାୟକ ଏନେଇ ଶନିବାର ନୋଟିସ୍ ଜାରି କରିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ଗତ ଏପ୍ରିଲ ୧୫ରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରରେ ସେହି ସମୟରେ କର୍ଫ୍ୟୁ ଜାରି ଥିବାରୁ ସେଠାରେ ନିର୍ବାଚନ ହୋଇପାରି ନ ଥିଲା। ହେଲେ ପରବର୍ତ୍ତୀ ସମୟରେ ସମ୍ବଲପୁରରେ ନିର୍ବାଚନ ହୋଇଥିଲା। ରାଜ୍ୟ ବାର୍ କାଉନ୍‌ସିଲ୍‌ର ୨୫ଟି ପଦ ନିମନ୍ତେ ୯୬ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ରାଜ୍ୟରେ ମୋଟ ୩୪,୯୦୮ ଆଇନଜୀବୀ ଭୋଟରଙ୍କ ମତଦାନ ନିମନ୍ତେ ୧୬୭ ପୋଲିଂ ବୁଥ୍ କରାଯାଇଥିଲା। ମତଦାନ ନିୟମ ଅନୁଯାୟୀ ଜଣେ ମତଦାତା ସର୍ବନିମ୍ନ ୫ଟି ଭୋଟ ଦେବାକୁ ବାଧ। ୫ରୁ କମ୍ ହେଲେ ତାଙ୍କର ମତଦାନ ନାକଚ ହୋଇଯିବ। ସେହିପରି ଜଣେ ସର୍ବାଧିକ ୨୫ଟି ଭୋଟ ଦେଇପାରିବେ। ଦୀର୍ଘ ୧୦ ବର୍ଷ ପରେ ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ହୋଇଥିବାରୁ ସମସ୍ତେ ଉତ୍ସୁକତାର ସହ ଫଳାଫଳକୁ ଅପେକ୍ଷା କରିଛନ୍ତି। ଏହି ନିର୍ବାଚନ ଶେଷ ଥର ପାଇଁ ୨୦୧୩ ନଭେମ୍ବରରେ ହୋଇଥିଲା।

# ଆଜି ଆସିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ବାଲେଶ୍ୱର ଜିଲାର ବାହାନଗାଠାରେ ଭୟାବହ ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ରବିବାର ଓଡ଼ିଶା ଗସ୍ତରେ ଆସିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦୁର୍ଘଟଣାସ୍ଥଳର ସ୍ଥିତି ପରଖିବା ପରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମାଣ୍ଡଭ୍ୟଙ୍କୁ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିବାକୁ ପରାମର୍ଶ ଦେଇଥିଲେ। ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ) ଓ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଯାଇ ଆହତଙ୍କୁ ଭେଟିବା ସହ ସେଠାରେ ଚାଲିଥିବା ଚିକିତ୍ସା ବ୍ୟବସ୍ଥାର ତଦାରଖ କରିବା କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାଲେଶ୍ୱରରେ ରହି ଆହତଙ୍କ ଚିକିତ୍ସା ବ୍ୟବସ୍ଥା ଓ ରେଳବାଇ ମାର୍ଗ ମରାମତି କାର୍ଯ୍ୟକୁ ତଦାରଖ କରିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଶନିବାର ଦୁର୍ଘଟଣାସ୍ଥଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ୨ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଧର୍ମେନ୍ଦ୍ର ପ୍ରଧାନ, ତାମିଲନାଡୁ ସରକାରଙ୍କ ୩ ଜଣ ମନ୍ତ୍ରୀ ଗସ୍ତ କରିଛନ୍ତି।

# ସିଙ୍ଗାପୁର, ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ସେବା ଆରମ୍ଭ

**ଭୁବନେଶ୍ୱର, ୩।୬ (ବ୍ୟୁରୋ)**

ଭୁବନେଶ୍ୱରରୁ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ସିଧାସଳଖ ଅନ୍ତର୍ଜାତୀୟ ବିମାନ ସେବା ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଥମେ ସକାଳ ୬ଟା ୨୫ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ପ୍ରଥମେ ସିଙ୍ଗାପୁରକୁ ବିମାନ ଉଡ଼ିଥିଲା। ଏଥିରେ ୧୮୦ଜଣ ଯାତ୍ରୀ ଯାତ୍ରା କରିଥିଲେ। ପରେ ଅପରାହ୍ନ ୪ଟା ୫୦ରେ ଅନ୍ୟଏକ ବିମାନ ଏଠାରୁ ବ୍ୟାଙ୍କକ୍ ଅଭିମୁଖେ ଉଡ଼ାଣ ଭରିଥିଲା। ଉଭୟ ରୁଟ୍‌ରେ ଇଣ୍ଡିଗୋ ଏୟାର ଲାଇନ୍ସ ପକ୍ଷରୁ ବିମାନ ସେବା ଯୋଗାଇ ଦିଆଯାଉଥିବାବେଳେ ସପ୍ତାହରେ ଦୁଇଥର ମଙ୍ଗଳବାର ଓ ଶନିବାର ବିଶ୍ୱର ଏହି ଦୁଇ ପ୍ରମୁଖ ସହର ସିଧାସଳଖ ବିମାନ ଚଳାଚଳ କରିବ। ଅପରପକ୍ଷେ ଭାରତୀୟ ସମୟ ମଧ୍ୟାହ୍ନ ୨ଟା ୨୦ରୁ ପ୍ରଥମ ବିମାନ ସିଙ୍ଗାପୁରରୁ ଭୁବନେଶ୍ୱର ଅଭିମୁଖେ ଉଡ଼ାଣ ଆରମ୍ଭ କରି ଅପରାହ୍ନ ୪ଟାରେ ଏଠାରେ ପହଞ୍ଚିଥିଲା। ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ବିମାନରେ ୧୮୬ଜଣ ଯାତ୍ରୀ ରହିଥିଲେ। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସମସ୍ତ ଯାତ୍ରୀଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ପ୍ରାରମ୍ଭିକ ଉପହାର ସ୍ୱରୂପ ଯିବା କିମ୍ବା ଆସିବା ପାଇଁ ଟିକେଟର ମୂଲ୍ୟ ୭ହଜାର ୫ଶହ ଟଙ୍କା ଓ ଉଭୟ ଯିବା ଆସିବା ପାଇଁ ୧୫ହଜାର ଟଙ୍କା ରହିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଭୁବନେଶ୍ୱରରୁ ପ୍ରଥମେ ଦୁବାଇକୁ ଓ ଏବେ ସିଙ୍ଗାପୁର ଏବଂ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନସେବା ଆରମ୍ଭ ହୋଇଛି। ଏହି ସେବା ଓଡ଼ିଶାକୁ ଦକ୍ଷିଣ-ପୂର୍ବ ଏସୀୟ ଦେଶସମୂହ ତଥା ବିଶ୍ୱ ସହିତ ସଂଯୋଗ କରିବ। ଏଥିସହ ଓଡିଶାର ଯୁବକଙ୍କ ପାଇଁ ଚାକିରି ସୁଯୋଗକୁ ପ୍ରୋତ୍ସାହିତ କରିବ। ରାଜ୍ୟର ପର୍ଯ୍ୟଟନ ସମ୍ଭାବନାକୁ ବିକଶିତ କରିବା ସହ ଆଇଟି ଓ ଆଇଟିଏସ୍ କ୍ଷେତ୍ରକୁ ମଧ ସମୃଦ୍ଧ କରିବ। ଏହି ଅନ୍ତର୍ଜାତୀୟ ବିମାନଗୁଡ଼ିକ ବିଶେଷକରି ପର୍ଯ୍ୟଟକଙ୍କୁ ଅଧିକ ସୁବିଧା ତଥା ସୁଲଭ ଯାତ୍ରା ବିକଳ୍ପ ଯୋଗାଇଦେବା ସହିତ ବାଣିଜ୍ୟ ଏବଂ ପର୍ଯ୍ୟଟନକୁ ଉତ୍ସାହିତ କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।



ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ନବୀନଙ୍କ ସହ କଥାହେଲେ ବଘେଲ

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଶନିବାର ଟେଲିଫୋନ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କଥା ହୋଇ କରମଣ୍ଡଳ ଦୁର୍ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଦୁର୍ଘଟଣାରେ ମୃତାହତ ଲୋକଙ୍କ ପାଇଁ ସେ ଗଭୀର ଦୁଃଖପ୍ରକାଶ କରିବା ସହିତ ଆହତ ଲୋକଙ୍କ ଉଦ୍ଧାର, ଚିକିତ୍ସା ଆଦି ଯେକୌଣସି କାମ ପାଇଁ ସବୁପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଏହି ସଦିଚ୍ଛା ପାଇଁ ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

# ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି: ରେଳମନ୍ତ୍ରୀ

**ବାଲେଶ୍ୱର ଅଫିସ, ୩।୬**

ବାହାନଗା ଷ୍ଟେଶନ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ରେଳ ଦୁର୍ଘଟଣା ଥିଲା ଅତି ଭୟଙ୍କର। ଭାରତୀୟ ରେଳ ପାଇଁ ଶୁକ୍ରବାର ଥିଲା କଳା ଦିବସ। ଶନିବାର ପୂର୍ବାହ୍ନରେ ଘଟଣାସ୍ଥଳରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ଥିତି ସମୀକ୍ଷା ପରେ ରେଳମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ ଯେ, ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁରୁତରମାନଙ୍କୁ ପ୍ରାଥମିକ ଭାବେ ଚିକିତ୍ସା ଦେବା ଲାଗି ଗୁରୁତ୍ୱ ଦିଆଯାଇଛି। ରେଳ ଲାଇନ ମରାମତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଟ୍ରେନ୍ ଟ୍ରାକ୍ ସଜାଡ଼ିବା ପାଇଁ ମେଶିନଗୁଡ଼ିକ ପହଞ୍ଚି ସାରିଛି। ରାଜ୍ୟ ସରକାରଙ୍କ ଅନୁମତି ପରେ ଖୁବ୍‌ଶୀଘ୍ର ଟ୍ରାକ୍‌ଗୁଡ଼ିକ ସଜଡ଼ାଯିବ। ବର୍ତ୍ତମାନ ଏହି ରୁଟ୍‌ରେ ସମସ୍ତ ଟ୍ରେନ୍ ବାତିଲ୍ ରହିଛି। ଏହି ରେଳ ଦୁର୍ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଥିବା ପ୍ରକାଶ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ସହ ରାଜସ୍ୱ ମନ୍ତ୍ରୀଙ୍କ ଆଲୋଚନା

**ବାଲେଶ୍ୱର ଅଫିସ, ୩।୬**

ବାହାନଗା ଟ୍ରେନ ଦୁର୍ଘଟଣାସ୍ଥଳରେ ଶୁକ୍ରବାର ରାତିରେ ପହଞ୍ଚିଥିଲେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ। ସେଠାରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଆହତ ଓ ଗୁରୁତର ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ସମବେଦନା ଜଣାଇଲେ ଗଣଶିକ୍ଷାମନ୍ତ୍ରୀ

**ବାଲେଶ୍ୱର ଅଫିସ, ୩।୬**

ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ପହଞ୍ଚି ଚିକିତ୍ସାଧୀନ ଗୁରୁତର ଓ ଆହତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଜିଲାରେ ଚିକିତ୍ସାଧୀନ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରାୟ ଭଲ ଅଛି। ଭଗବାନ କରନ୍ତୁ ସେମାନେ ସୁସ୍ଥ ହୋଇ ଘରକୁ ଫେରନ୍ତୁ। ଦୁର୍ଘଟଣାଗ୍ରସ୍ତ ଲୋକଙ୍କର କାହାର ହାତ ତ କାହାର ଗୋଡ଼ ଭାଙ୍ଗିଥିବା ବେଳେ କାହାର ମୁଣ୍ଡ ଫାଟିଛି। ଜିଲାର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ରୋଗୀମାନଙ୍କର ଯତ୍ନ ନେଉଛନ୍ତି। ଡାକ୍ତରମାନେ ଭଲ କାର୍ଯ୍ୟ କରୁଛନ୍ତି। ବିଧାୟକମାନେ କାର୍ଯ୍ୟକୁ ତଦାରଖ କରୁଛନ୍ତି। ସାଧାରଣ ଲୋକେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ।

# ଆହତଙ୍କୁ ନେଇ ଯାଉଥିବା ବସ୍ ଦୁର୍ଘଟଣାଗ୍ରସ୍ତ

**ବାଲେଶ୍ୱର ଅଫିସ୍,୩।୬**

ବାଲେଶ୍ୱର ଜିଲା ଅନ୍ତର୍ଗତ ବାହାନଗାଠାରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ଦୁର୍ଦ୍ଦଶା କମୁନି। ଦୁର୍ଘଟଣାରେ ଆହତ ହୋଇଥିବା ପଶ୍ଚିମବଙ୍ଗର କିଛି ଯାତ୍ରୀ ପ୍ରାଥମିକ ଚିକିତ୍ସା ପରେ ସ୍ୱତନ୍ତ୍ର ବସ୍ ଯୋଗେ ଘରକୁ ଫେରୁଥିବା ବେଳେ ପୁଣି ଦୁର୍ଘଟଣାର ଶିକାର ହୋଇଛନ୍ତି। ସେ ଯାଉଥିବା ବସ୍‌ଟି ପଶ୍ଚିମବଙ୍ଗର ମେଦିନିପୁର ଜାତୀୟ ରାଜପଥଠାରେ ଏକ ପିକ୍‌ଅପ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଟ୍ରେନ୍ ଦୁର୍ଘଟଣାରେ ସାମାନ୍ୟ ଆହତ ହୋଇଥିବା ଲୋକମାନେ ବସ ଦୁର୍ଘଟଣାରେ ଗୁରୁତର ହୋଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

# ୧୧୦ ଜଣିଆ ଗ୍ରୁପ୍ ସୁରକ୍ଷିତ

**ଭୁବନେଶ୍ୱର, ୩।୬ (ବ୍ୟୁରୋ)**

କଥାରେ ଅଛି 'ରଖେ ହରି ତ ମାରେ କିଏ'। ଏହି ଆପ୍ତବାକ୍ୟ ପୁଣିଥରେ ପ୍ରମାଣିତ ହୋଇଛି ବାହାନଗା ଟ୍ରେନ୍ ଟ୍ରାଜେଡିରୁ। ଓଡ଼ିଶା ଇତିହାସର ସବୁଠାରୁ ବଡ଼ ଏହି ଟ୍ରେନ୍ ଦୁର୍ଘଟଣା ଅନେକ ପରିବାରକୁ ଛାରଖାର କରିଦେଇଥିବାବେଳେ କର୍ନାଟକ ଚିକ୍‌ମାଙ୍ଗାଲୁରୁର ୧୧୦ ଜଣିଆ ଏକ ଗ୍ରୁପ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ସମ୍ପୃକ୍ତ ଗ୍ରୁପ୍ ସଦସ୍ୟମାନେ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ଯାତ୍ରା କରୁଥିଲେ। ସେମାନେ ହାଓଡା ଦେଇ ଝାଡ଼ଖଣ୍ଡର ପ୍ରସିଦ୍ଧ ଜୈନ ତୀର୍ଥକ୍ଷେତ୍ର ସମ୍ମେଟ ଶିଖରଜୀକୁ ଯାଉଥିଲେ। ତେବେ ସୌଭାଗ୍ୟବଶତଃ ଦୁର୍ଘଟଣାରେ କାହାରି କିଛି କ୍ଷତି ହୋଇନାହିଁ। ଏଥିଲାଗି ସେମାନେ ଠାକୁରଙ୍କୁ ଧନ୍ୟବାଦ ଦେଇଛନ୍ତି। ବାହାନଗାର ଛାତିଥରା ଟ୍ରେନ୍ ଦୁର୍ଘଟଣାରେ କରମଣ୍ଡଳ ଏକ୍ସପ୍ରେସ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି। ମୃତାହତଙ୍କ ମଧ୍ୟରେ ଏହି ଟ୍ରେନ୍‌ର ସର୍ବାଧିକ ଯାତ୍ରୀ ରହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଷ୍ଟମ ଚନ୍ଦ୍ରଜନିତ ଯେଉଁ କାମ ଆଜି ଆରମ୍ଭ କରିବେ ସଫଳତା ପାଇବା କଷ୍ଟ ହେବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ କ୍ରମଶଃ ଦୂରେଇବାରେ ଲାଗିବ। ରାଜନୀତିରେ ଲୋକ ସମର୍ଥନ ଅବ୍ୟାହତ ରହିବା ଯୋଗୁ ଆଗେଇଯିବେ। ପିଲାଙ୍କ ଉଚ୍ଚ ଶିକ୍ଷା ସକାଶେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହୋଇପାରେ।

**ବୃଷ**
ସପ୍ତମ କେନ୍ଦ୍ରରେ ଚନ୍ଦ୍ର ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ବନ୍ଧୁଙ୍କ କାର୍ଯ୍ୟକଳାପ ଅସନ୍ତୋଷଜନକ ରହିବ। କିନ୍ତୁ ସମ୍ମୁଖରେ କିଛି କହି ପାରିବେ ନାହିଁ। ବାଣିଜ୍ୟରେ ଉନ୍ନତି କରିବେ, କିନ୍ତୁ ପରିବହନରେ ଝଗଡ଼ାର ସମ୍ଭାବନା ରହିଛି। ପରିବାର ଭିତରର କିଛି କଥା ଅନ୍ୟମାନଙ୍କ ଆଗରେ କହିପାରିବେ ନାହିଁ।

**ମିଥୁନ**
ଶୁଭ ଚନ୍ଦ୍ରଜନିତ ଯାତ୍ରାରେ ଲକ୍ଷ୍ୟପୂରଣ ହେବା ସହିତ ବନ୍ଧୁସମ୍ପର୍କ ବୃଦ୍ଧି ପାଇବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ। ଅସନ୍ତୁଷ୍ଟ ରହିଲେ ମଧ ପାରିବାରିକ କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ବାଧ୍ୟ ହେବେ।

**କର୍କଟ**
ଅତି ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ଖୁସି ହେବେ। ଧାତୁ, ଅଳଙ୍କାର, ଗୃହୋପକରଣ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ବିଶେଷ ଶୁଭଙ୍କର ନୁହେଁ।

**ସିଂହ**
ଆର୍ଥିକ ଅନଟନ କାରଣରୁ କେତେକ ସ୍ଥଗିତ କାମ କରିବାରେ ଅସମର୍ଥ ହୋଇ ଚିନ୍ତିତ ରହିପାରନ୍ତି। ଅଫିସରେ କାହାକୁ କିଛି ନ କହି ମନ କଥା ମନରେ ମାରି ରହିବାକୁ ବାଧ ହେବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବ୍ୟବସାୟ, ନିର୍ମାଣ, ଗୃହ, ଜମି, ପରିବହନ ପ୍ରଭୃତିରୁ ଖୁସି ରହିବେ।

**କନ୍ୟା**
ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ ବ୍ୟକ୍ତିଙ୍କ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଚିନ୍ତା ଦୂର ହେବ। ଜଣେ ବନ୍ଧୁଙ୍କ ଟାଣକଥାକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ତୁଳା**
ଆଜି ମନର ଭାବକୁ ମନରେ ରଖି ଅନ୍ୟର ନିକଟତର ହେବାକୁ ଚେଷ୍ଟା କରିବେ। ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସି ହୋଇ ପାରନ୍ତି। ଭୁଲ୍ ଖବର ପାଇ କିମ୍ବା ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**ବିଛା**
ମିଠା କଥା କହି ଅନ୍ୟମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଇଚ୍ଛାନୁଯାୟୀ କାମଗୁଡ଼ିକ ହେବାରୁ ମାନସିକ ସ୍ଥିରତା ରହିବ। ଅନ୍ୟକୁ ଭରସାକରି ବସି ରହିଲେ ସମସ୍ୟା ଭିତରେ ଛନ୍ଦି ହୋଇଯିବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ସାମ୍ବାଦିକତା, ଚୁକ୍ତିପତ୍ର, ସଭାସମିତି ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସଫଳତା ହାସଲ କରିବେ।

**ଧନୁ**
ସକାଳୁ କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗିନପାରେ। ବିଭିନ୍ନ ନକାରାତ୍ମକ ଚିନ୍ତାଧାରା ମନକୁ ବ୍ୟସ୍ତ କରାଇବ। ସଭାସମିତିରେ କିମ୍ବା ଆନୁଷ୍ଠାନିକ କାମରେ ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। କେତେକ କ୍ଷେତ୍ରରେ ନିଜ ଲୋକମାନେ ପରୋକ୍ଷ ଶତ୍ରୁତା କରି ସମସ୍ୟାକୁ ବଢ଼ାଇଦେବେ।

**ମକର**
ଅଟକି ରହିଥିବା କାର୍ଯ୍ୟର ସମସ୍ୟାଟି ଆକସ୍ମିକ ଭାବେ ସମାଧାନ ହୋଇଯିବାରୁ ମନ ଖୁସି ରହିବ। କର୍ମ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଖାଲି ହାତରେ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ କୌଣସି ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁଙ୍କ ସକାଶେ ହେଉ, ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଅସାବଧାନତା ସହକାରେ ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ ଚଳାଇବା ଠିକ୍ ହେବ ନାହିଁ। ଆର୍ଥିକ ସମସ୍ୟାର ସରଳ ସମାଧାନ କରିବାରେ ଅସମର୍ଥ ହେବେ।

**ମୀନ**
ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କିନ୍ତୁ ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ପ୍ରଶଂସା ଉଣା ହେବ ନାହିଁ। ଧାତୁ, ଅଳଙ୍କାର ଔଷଧ ପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବ୍ୟବସାୟ, ପରିବହନ, ଆଇନ ଅଦାଲତ ଓ ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ।

ଆଜି ଦେବସ୍ନାନ ପୂର୍ଣ୍ଣିମା ରବିବାର, ଜୁନ୍ ୪ ତାରିଖ, ଶ୍ରୀମନ୍ଦିରରେ ସ୍ନାନଯାତ୍ରା, ଗଜାନନ ବେଶ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୫ ଗତେ ଘ. ୦୯।୩୩ ମଧ୍ୟେ, ଘ.୦୧।୨୩ ଗତେ ଘ.୦୨।୪୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୦ ଗତେ ଘ.୦୬।୦୯ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ବିଭୀଷିକା...

୧୦୦ ମିଟର ପୂର୍ବରୁ ଥିବା ମୁଖ୍ୟ ଫାଟକ ନିକଟ ୧ ନମ୍ବର ଲାଇନ୍‌ରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ମାଲବାହୀ ଟ୍ରେନ ଛିଡ଼ା ହୋଇଥିଲା। ଏହି ସମୟରେ ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ ଟ୍ରାକ୍ ବଦଳାଇ ୨ ନମ୍ବର ଲାଇନ୍‌କୁ ଯିବା ପରିବର୍ତ୍ତେ ମାଲବାହୀ ଟ୍ରେନର୍ ପଛପଟୁ ଧକ୍କା ଦେଇଥିଲା। ଫଳରେ କରମଣ୍ଡଳ ଏକ୍ସପ୍ରେସର ୧୨ଟି ବଗି ଓଲଟିପଡ଼ିଥିଲା। ଏହି ସମୟରେ ୩ ନମ୍ବର ଲାଇନ୍‌ରେ ବେଙ୍ଗାଲୁରୁରୁ ହାଓଡା ଯାଉଥିବା ସୁପରଫାଷ୍ଟ ଏକ୍ସପ୍ରେସ୍ କରମଣ୍ଡଳ ଏକ୍ସପ୍ରେସର ଦୁର୍ଘଟଣାଗ୍ରସ୍ତ ବଗିକୁ ଧକ୍କା ଦେଇଥିଲା। ଏଥିଯୋଗୁ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍‌ର ୪ଟି ବଗି ଓଲଟି ପଡିଥିଲା। ଏହାପରେ ଆରମ୍ଭ ହୋଇଥିଲା ଉଦ୍ଧାର କାର୍ଯ୍ୟ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପୂର୍ବାହ୍ନ ୮ଟା ୨୦ ମିନିଟ୍‌ରେ ବାହାନଗା ହାଇସ୍କୁଲ ନିକଟରେ ହୋଇଥିବା ହେଲିପ୍ୟାଡ୍‌ରେ ଓହ୍ଲାଇ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ଉଦ୍ଧାର କାର୍ଯ୍ୟ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରିଥିଲେ। ପରେ ସେଠାରୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ଡାକ୍ତରୀ ଟିମ୍ ସହ ଆଲୋଚନା କରି ଚିକିତ୍ସାରେ ଯେମିତି କୌଣସି ଅବହେଳା ନ ହୁଏ ସେନେଇ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ଥାନୀୟ ଲୋକଙ୍କୁ ପ୍ରଶଂସା କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଟ୍ରେନ ମଧ୍ୟରୁ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ଯେଉଁଭଳି ଭାବେ ସହଯୋଗ କରିଛନ୍ତି, ତାହାକୁ ଭୁଲି ହେବ ନାହିଁ। ବିଳମ୍ବିତ ରାତିରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବାରୁ ସ୍ଥାନୀୟ ଲୋକ ଓ ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ। ଶନିବାର ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ ଓ ବଗି ନିକଟକୁ ଯାଇ ପ୍ରାୟ ଅଧ ଘଣ୍ଟା ଧରି ସ୍ଥିତି ପରଖିଥିଲେ। ଅଧିକାରୀମାନେ ଏକ ମ୍ୟାପ୍ ଦେଖାଇ ପ୍ରଧାନମନ୍ତ୍ରୀଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଦୁର୍ଘଟଣାସ୍ଥଳରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳୱେର ବରିଷ୍ଠ ଅଧିକାରୀ, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ କ'ଣ ସହଯୋଗର ଆବଶ୍ୟକତା ଅଛି, ସେ ନେଇ ପଚାରି ବୁଝିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଦୁର୍ଘଟଣାସ୍ଥଳରେ ଚାଲିଥିବା ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ସ୍ଥାନୀୟ କର୍ତ୍ତୃପକ୍ଷ, ବିପର୍ଯ୍ୟୟ ପ୍ରଶମନ ବାହିନୀର କର୍ମଚାରୀ ଏବଂ ରେଳ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଦୁଃଖଦ ଘଟଣାରେ ସମସ୍ତ ପ୍ରକାର ସହାୟତା ସରକାର ଯୋଗାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆହତ ଏବଂ ସେମାନଙ୍କ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥିତି ସମୀକ୍ଷା କରିବା ପରେ ପ୍ରଧାନମନ୍ତ୍ରୀ ସନ୍ଧ୍ୟାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଟ୍ରେନ୍‌ଯାତ୍ରୀଙ୍କୁ ଭେଟିଥିଲେ। ଆହତ ବ୍ୟକ୍ତି ଓ ସେମାନଙ୍କର ସମ୍ପର୍କୀୟଙ୍କ ସହିତ କଥା ହୋଇ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଡାକ୍ତରଖାନାରେ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି ସମୀକ୍ଷା କରିଛନ୍ତି। ଅଧିକାଂଶ ଚିକିତ୍ସାଧୀନ ଯାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ସେମାନେ କେଉଁଠାରୁ ଆସୁଥିଲେ, କୁଆଡ଼େ ଯାଉଥିଲେ ଓ ଚିକିତ୍ସା କିପରି ଚାଲିଛି ଆଦି ପ୍ରଶ୍ନ ପଚାରିଥିଲେ। ଏହାସହ ଡାକ୍ତରଙ୍କ ସହ ଆଲୋଚନା କରି ଆହତଙ୍କୁ ଉତ୍ତମ ଚିକିତ୍ସା ଉପଲବ୍ଧ କରାଇବା ପାଇଁ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଫୋନ୍‌ରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ କ୍ୟାବିନେଟ୍ ସଚିବଙ୍କ ସହ କଥା ହୋଇ ଆହତଙ୍କ ଉତ୍ତମ ଚିକିତ୍ସା ପାଇଁ ଦେଶର ଯେକୌଣସି ହସ୍ପିଟାଲରେ ବ୍ୟବସ୍ଥା କରାଇବା ପାଇଁ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲା କଲାଇକୁଣ୍ଡା ଏୟାରଫୋର୍ସ ଷ୍ଟେଶନରୁ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସି ବାହାନଗାରେ ଅପରାହ୍ନ ୩ଟା ୪୦ରେ ପହଞ୍ଚିଥିଲେ। ସେଠାରୁ ସେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାୟୁସେନାର ଅଧିକାରୀଙ୍କ ସହିତ ଟ୍ରେନ ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ସେହିପରି ମୋଦିଙ୍କ ଗସ୍ତ ସମୟରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଧ ଉପସ୍ଥିତ ଥିଲେ। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ ଘଟଣାସ୍ଥଳ ପରିଦର୍ଶନ କରି ଉଦ୍ଧାର କାର୍ଯ୍ୟ, ଆହତଙ୍କ ଚିକିତ୍ସା, ରିଲିଫ୍ ଆଦି ବିଷୟରେ ଅନୁଧ୍ୟାନ କରିଥିଲେ।

### ଦୋଷୀଙ୍କୁ ଛଡ଼ାଯିବ ...

ଦୁର୍ଘଟଣା ପରେ ରାତିସାରା ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଛନ୍ତି। ସାଧାରଣ ଜନତା ଡାକ୍ତରଖାନାକୁ ଯାଇ ଆହତମାନଙ୍କ ପାଇଁ ରକ୍ତଦାନ କରିଛନ୍ତି। ରେଳୱେ ପୂରା ଶକ୍ତି ଲଗାଇଛି। ଯାତାୟାତ କାମ ଶୀଘ୍ର କରାଯିବା ପାଇଁ ପଦକ୍ଷେପ ନେଇଛି। ହସ୍ପିଟାଲରେ ଆହତଙ୍କୁ ଭେଟିଛି। ଘଟଣା ସମ୍ପର୍କରେ କହିବାକୁ ମୋ ପାଖରେ ଶବ୍ଦ ନାହିଁ। ଦୁର୍ଘଟଣାଗ୍ରସ୍ତ ଲୋକେ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି ସେ କହିଛନ୍ତି।

### ସ୍ଥାନୀୟ ଲୋକଙ୍କ ଉଦ୍ୟମକୁ ...

ସହ କଥା ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ଦୁର୍ଘଟଣା ବିଷୟରେ ଜାଣି ସେ ଅତ୍ୟନ୍ତ ମର୍ମାହତ। ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ରାତିସାରା ଅକ୍ଲାନ୍ତ ପରିଶ୍ରମ କରିଥିଲେ। ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହ ହସ୍ପିଟାଲରେ ପହଞ୍ଚାଇଥିଲେ। ଏଭଳି ସହଯୋଗ ପାଇଁ ସେ ସ୍ଥାନୀୟ ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ ମଧ ଆହତମାନଙ୍କୁ ସାକ୍ଷାତ କରି ସେମାନଙ୍କ ଚିକିତ୍ସା ବିଷୟରେ ପଚାରି ବୁଝିଥିଲେ। ଦୁର୍ଘଟଣା ଯୋଗୁ ବିଭିନ୍ନ ସ୍ଥାନରେ ଫସି ରହିଥିବା ଯାତ୍ରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ପରିବହନ ସୁବିଧା ଯୋଗାଇ ଦିଆଯାଇଛି। ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଯାତ୍ରୀମାନଙ୍କୁ ବିନାମୂଲ୍ୟରେ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି। ରେଳ ଦୁର୍ଘଟଣା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ରାଜସ୍ୱ ମନ୍ତ୍ରୀଙ୍କ ସମେତ ୬ ଜଣ ବରିଷ୍ଠ ମନ୍ତ୍ରୀଙ୍କୁ ତୁରନ୍ତ ଘଟଣାସ୍ଥଳକୁ ପଠାଇଥିଲେ। ନିଜେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ଉଦ୍ଧାର ଓ ସହାୟତା କାର୍ଯ୍ୟକୁ ତଦାରଖ କରିଥିଲେ।

### ମମତା- ବୈଷ୍ଣବ କଥା ...

ଆଣ୍ଟି କଲ୍ୟୁସନ୍ ଡିଭାଇସ୍ ଲାଗିଥିଲେ ଦୁର୍ଘଟଣା ହୋଇ ନ ଥାନ୍ତା ବୋଲି ମମତା କହିଛନ୍ତି। ଏପରି ଏକ ମର୍ମନ୍ତୁଦ ଦୁର୍ଘଟଣା ପାଇଁ ସେ ଶୋକପ୍ରକାଶ କରିବା ସହ ଦୁର୍ଘଟଣାରେ ପ୍ରାଣ ହରାଇଥିବା ନିଜ ରାଜ୍ୟର ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ଦେବାକୁ ମମତା ଘୋଷଣା କରିଛନ୍ତି। କ'ଣ ପାଇଁ ଏତେ ବଡ଼ ଦୁର୍ଘଟଣା ଘଟିଲା ତାହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।



ଜମ୍ମୁର ଏକ ସ୍କୁଲରେ ଛାତ୍ରୀଛାତ୍ରମାନେ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।



ମୁମ୍ବାଇ ଗୁରୁକୁଳ ଆର୍ଟ ଛାତ୍ରୀଛାତ୍ରମାନେ ଚିତ୍ରକଳା ମାଧ୍ୟମରେ ଟ୍ରେନ୍ ଦୁର୍ଘଟଣାର ମୃତକଙ୍କ ସ୍ମୃତିଚାରଣ କରୁଛନ୍ତି।

## ବିଶ୍ୱନେତାଙ୍କ ପ୍ରତିକ୍ରିୟା

ଓଡ଼ିଶାର ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ସମ୍ପର୍କୀୟଙ୍କୁ ସମବେଦନା ଜଣାଉଛି। ପ୍ରତ୍ୟେକ ଆହତଙ୍କ ତ୍ୱରିତ ଆରୋଗ୍ୟ କାମନା କରୁଛି।

**-ଭ୍ଲାଡିମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି**

ଓଡ଼ିଶା ଟ୍ରେନ୍ ଦୁର୍ଘଟଣାରେ ଏତେ ସଂଖ୍ୟକ ଜୀବନ ଯାଇଥିବା ଶୁଣି ସ୍ତବ୍ଧ ହୋଇଯାଇଛି। ଚାଇନା ସରକାର ଓ ଲୋକଙ୍କ ତରଫରୁ ସମବେଦନା ଜଣାଉଛି।

**-ଶି ଜିନ୍‌ପିଙ୍ଗ୍, ଚାଇନା ରାଷ୍ଟ୍ରପତି**

ଓଡ଼ିଶାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣା ଖବର ପାଇ ମର୍ମାହତ। ଏହି ଦୁର୍ଘଟଣାରେ ଅନେକ ମୂଲ୍ୟବାନ୍ ଜୀବନ ଯାଇଛି ଏବଂ ବହୁ ଲୋକ ଆହତ ହୋଇଛନ୍ତି। ଜାପାନ ସରକାର ଓ ଜନସାଧାରଣଙ୍କ ତରଫରୁ ମୁଁ ମୃତକଙ୍କ ସମ୍ପର୍କୀୟଙ୍କୁ ସମବେଦନା। ଆହତମାନଙ୍କ ତ୍ୱରିତ ଆରୋଗ୍ୟ କାମନା କରୁଛି।

**-ଫୁମିଓ କିଶିଦା, ଜାପାନ ପ୍ରଧାନମନ୍ତ୍ରୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓଡ଼ିଶାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ପ୍ରଭାବିତ ଲୋକଙ୍କ ପାଇଁ ପ୍ରାର୍ଥନା କରୁଛି। ମୃତକଙ୍କ ପରିବାରକୁ ସମବେଦନା ଜଣାଉଛି। ଆହତଙ୍କୁ ଉଦ୍ଧାର କରିବା ପାଇଁ ନିରନ୍ତର ପ୍ରୟାସ ଚଳାଇଥିବା ଟିମ୍ ଏବଂ ପ୍ରଶାସନକୁ ହୃଦୟରୁ ସମର୍ଥନ କରୁଛି।

**- ଋଷି ସୁନକ, ବ୍ରିଟେନ୍ ପ୍ରଧାନମନ୍ତ୍ରୀ**

ଓଡ଼ିଶାର ଟ୍ରେନ୍ ଦୁର୍ଘଟଣା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାରତୀୟମାନଙ୍କୁ ହୃଦୟରୁ ସମବେଦନା ଜଣାଉଛି। ଫ୍ରାନ୍ସ ଆପଣମାନଙ୍କ ସହ ରହିଛି। ପୀଡ଼ିତଙ୍କ ପରିବାରକୁ ଭଗବାନ ଶକ୍ତି ଦିଅନ୍ତୁ।

**- ଇମାନ୍ୱେଲ ମାକ୍ରଁ, ଫ୍ରାନ୍ସ ରାଷ୍ଟ୍ରପତି**

ଓଡ଼ିଶାର ଟ୍ରେନ୍ ଦୁର୍ଘଟଣାସ୍ଥଳରୁ ଆସୁଥିବା ଚିତ୍ର ଓ ରିପୋର୍ଟ ହୃଦୟବିଦାରକ। ଏହା ଏକ କଠିନ ସମୟ। କାନାଡୀୟମାନେ ଭାରତର ଲୋକଙ୍କ ସହ ଛିଡ଼ାହୋଇଛନ୍ତି। ମୃତକଙ୍କ ସମ୍ପର୍କୀୟଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି।

**- ଜଷ୍ଟିନ୍ ଟ୍ରୁଡୋ, କାନାଡା ପ୍ରଧାନମନ୍ତ୍ରୀ**

ଓଡ଼ିଶାର ଟ୍ରେନ୍ ଦୁର୍ଘଟଣାରେ ଜୀବନହାନିକୁ ନେଇ ମର୍ମାହତ। ଏହି ଦୁଃଖଦ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ସରକାର ଓ ଶୋକସନ୍ତପ୍ତ ପରିବାରଗଗୁଡ଼ିକୁ ସମବେଦନା ଜଣାଉଛି।

**- ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ', ନେପାଳ ପ୍ରଧାନମନ୍ତ୍ରୀ**

ଭାରତରେ ଟ୍ରେନ୍ ଦୁର୍ଘଟଣାରେ ଅନେକ ଶହ ଲୋକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ମର୍ମାହତ। ଆତ୍ମୀୟଙ୍କୁ ହରାଇଥିବା ଲୋକଙ୍କୁ ସମବେଦନା ଏବଂ ଆହତଙ୍କ ତ୍ୱରିତ ଆରୋଗ୍ୟ କାମନା କରୁଛି।

**- ଶେହବାଜ ଶରିଫ, ପାକିସ୍ତାନ ପ୍ରଧାନମନ୍ତ୍ରୀ**

ଓଡ଼ିଶାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ବିଷୟରେ ଜାଣି ମର୍ମାହତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତର ଲୋକଙ୍କ ନିକଟକୁ ପ୍ରାର୍ଥନା ପଠାଉଛି। ପରିଜନଙ୍କୁ ହରାଇଥିବା ଲୋକଙ୍କୁ ଭଗବାନ ଶକ୍ତି ଦିଅନ୍ତୁ।

**- ଲୋଟାୟ ଶେରିଙ୍ଗ୍, ଭୁଟାନ୍ ପ୍ରଧାନମନ୍ତ୍ରୀ**

ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା ପରେ ଚାପିହୋଇ ରହିଥିବା ଲୋକଙ୍କୁ ତୁରନ୍ତ ଉଦ୍ଧାର କରାଯିବ ବୋଲି ଆଶା। ପୀଡ଼ିତ ଓ ଆହତଙ୍କ ପାଇଁ ପ୍ରାର୍ଥନା କରୁଛି। ଭାରତକୁ ଇଟାଲୀ ସରକାର ସମବେଦନା ଜଣାଉଛନ୍ତି।

**-ଆଣ୍ଟୋନିଓ ତଜାନି, ଇଟାଲୀ ଉପପ୍ରଧାନମନ୍ତ୍ରୀ**

ଭାରତର ଓଡ଼ିଶାରେ ଟ୍ରେନ୍ ଦୁର୍ଘଟଣା ଖବର ଶୁଣି ଗଭୀର ମର୍ମାହତ। ପୀଡ଼ିତ ଓ ସେମାନଙ୍କ ପରିବାରକୁ ସମବେଦନା।

**- ସାବା କୋରୋସି, ଜାତିସଂଘ ସାଧାରଣ ସଭା ଅଧ୍ୟକ୍ଷ**

ଟ୍ରେନ୍ ଦୁର୍ଘଟଣାରେ ପ୍ରଭାବିତ ସମସ୍ତଙ୍କ ପାଇଁ ପ୍ରାର୍ଥନା କରୁଛି ଏବଂ ପୀଡ଼ିତଙ୍କ ପରିବାରକୁ ହୃଦୟରୁ ସମବେଦନା ଜଣାଉଛି। ଉଦ୍ଧାର କାର୍ଯ୍ୟ ଅନେକଙ୍କ ଜୀବନକୁ ବଞ୍ଚାଇପାରିଥିବ ବୋଲି ଆଶା।

**- ସାଇ ଇଙ୍ଗ୍ ୱେନ୍, ତାଇୱାନ୍ ରାଷ୍ଟ୍ରପତି**

# ଚିହ୍ନଟ ପାଇଁ ଭୁବନେଶ୍ୱରରେ ରହିବ ୧୬୦ ମୃତଦେହ

## ଆବଶ୍ୟକ ପଡ଼ିଲେ ଡିଏନ୍‌ଏ ପରୀକ୍ଷା

### ଏମ୍ସରେ ରହିବ ୧୦୦

ଭୁବନେଶ୍ୱର, ୩।୬ (ବ୍ୟୁରୋ)

ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ୨୪ ଘଣ୍ଟାରୁ ଅଧିକ ସମୟ ଅତିକ୍ରାନ୍ତ କରିଥିବାବେଳେ ଏଥିରେ ୨୮୮ଜଣଙ୍କର ମୃତ୍ୟୁ ହୋଇଛି। ବିଭିନ୍ନ ସ୍ଥାନରେ ମୃତଦେହ ରହିଥିବାରୁ ଏଯାଏ ଅଧିକାଂଶ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ଅପରପକ୍ଷେ ଦୁର୍ଘଟଣାରେ ମୃତାହତମାନେ ପ୍ରାୟତଃ ପଶ୍ଚିମବଙ୍ଗ, ଓଡିଶା ଏବଂ ତାମିଲନାଡୁରୁ ରହିଥିବା କୁହାଯାଉଛି। ବର୍ତ୍ତମାନ ବାଲେଶ୍ୱର ଅଞ୍ଚଳକୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ଥିବାରୁ ମୃତକଙ୍କ ପରିବାର ଲୋକେ ଆସିପାରୁ ନାହାନ୍ତି। ଏଥିସହ ସେଠାରେ ମୃତଦେହ ରଖିବାକୁ ପର୍ଯ୍ୟାପ୍ତ ସ୍ଥାନ ନାହିଁ। ତେଣୁ ରାଜ୍ୟ ସରକାର ବାଲେଶ୍ୱରରୁ ପ୍ରାୟ ୧୬୦ ମୃତଦେହକୁ ଭୁବନେଶ୍ୱର ଆଣିବାର ବ୍ୟବସ୍ଥା କରୁଥିବା ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ଭୁବନେଶ୍ୱର ଏମ୍ସ, କ୍ୟାପିଟାଲ ହସ୍ପିଟାଲ ଏବଂ ବିଭିନ୍ନ ଘରୋଇ ହସ୍ପିଟାଲର ଶବଗୃହରେ ମୃତଦେହକୁ ରଖାଯିବା ପାଇଁ ବ୍ୟବସ୍ଥା ହୋଇଛି। ମୃତକଙ୍କ ପରିବାର ଲୋକେ ଭୁବନେଶ୍ୱର ଆସିଲେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କୁ ସେସବୁ ହସ୍ପିଟାଲକୁ ନିଆଯାଇ ମୃତଦେହ ଚିହ୍ନଟ କରାଯିବ। ମୃତଦେହ ରହିଥିବା ପ୍ରତ୍ୟେକ ବ୍ୟାଗ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଫଟୋ ରହିଛି। ଫଳରେ ସେମାନଙ୍କ ସମ୍ପର୍କୀୟମାନେ ଚିହ୍ନଟ କରିବା ସହଜ ହେବ। ଆବଶ୍ୟକ ପଡ଼ିଲେ ଚିହ୍ନଟ ହୋଇପାରୁ ନ ଥିବା ମୃତଦେହର ଡିଏନ୍‌ଏ ନମୁନା ସଂଗ୍ରହ କରି ରଖିବା ପାଇଁ ରାଜ୍ୟ ଫୋରେନ୍ସିକ ଲାବ୍‌କୁ କୁହାଯାଇଛି। ଯେଉଁ ମୃତଦେହଗୁଡ଼ିକର କେହି ଦାବିଦାର ନ ଥିବେ ତା'ର ବ୍ୟବଚ୍ଛେଦ ୪୮ଘଣ୍ଟା ଭିତରେ ମେଡିକୋ-ଲିଗାଲ ଆଇନ ଅନୁସାରେ କରାଯିବ। ରାଜ୍ୟ ସରକାର ଏବେ ମୃତଦେହ ଚିହ୍ନଟ, ହସ୍ତାନ୍ତର ଓ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଅନ୍ୟପକ୍ଷରେ ଏମ୍ସକୁ ୧୦୦ ମୃତଦେହ ଆସିବା ନେଇ ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।




ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଆବିର୍ଭାବ: ୧୦.୦୮.୧୯୨୮
ତିରୋଧାନ: ୨୫.୦୫.୨୦୨୩
ଧ୍ନାରାୟଣ ତ୍ରିପାଠୀ
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମ୍ଭମାନଙ୍କର ଜୀବନର ପାଥେୟ ହେଉ । ଆଜି ଆପଣଙ୍କର ଏକାଦଶାହ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।
ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୂ-ଅଂଶୁ ତ୍ରିପାଠୀ, ନାତିନାତୁଣୀ- ସୂର୍ଯ୍ୟକାନ୍ତ ଓ ଅଙ୍କିତା ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ
ସୌଜନ୍ୟ- P and A Advertising Agency Pvt. Ltd.
C/1290, 1st Floor, CDA, Sector-VI, Cuttack-753014


# ପ୍ରଭାବିତ ପିଲାଙ୍କ ରିପୋର୍ଟ ମାଗିଲେ ଓଏସ୍‌ସିପିସିଆର୍

ଭୁବନେଶ୍ୱର,୩।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ ଦୁର୍ଘଟଣାରେ ପ୍ରଭାବିତ ପିଲାଙ୍କ ପ୍ରତି ବିଶେଷ ଧ୍ୟାନଦେବା ପାଇଁ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଶନିବାର ୪ ଜିଲାର ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବାଲେଶ୍ୱର, ଭଦ୍ରକ, କଟକ ଓ ଖୋର୍ଦ୍ଧା ଜିଲାପାଳ ଏବଂ ଏସ୍‌ପିଙ୍କୁ ଚିଠି ଲେଖାଯାଇଛି। ଏହି ଭୟଙ୍କର ଦୁର୍ଘଟଣା ସମୟରେ ପ୍ରଭାବିତ ହୋଇଥିବା ଶିଶୁଙ୍କ ବିବରଣୀ, ଚିକିତ୍ସା ସେବା, ମାନସିକ ପରାମର୍ଶ ସମ୍ବନ୍ଧୀୟ ପଦକ୍ଷେପ ସମ୍ପର୍କରେ ପୃଥକ ରିପୋର୍ଟ ୭ ଦିନ ମଧ୍ୟରେ ଦେବାକୁ ଆୟୋଗ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ଓଏସ୍‌ସିପିସିଆର୍ ଚେୟାରମ୍ୟାନ ମନ୍ଦାକିନୀ କର ପ୍ରଶାସନର ଧ୍ୟାନ ଆକର୍ଷଣ କରି କହିଛନ୍ତି, ପିଲାମାନେ କେବଳ ଶାରୀରିକ ଆଘାତର ଶିକାର ହୁଅନ୍ତି ନାହିଁ, ବରଂ ଏପରି ଭୟଙ୍କର ଦୁର୍ଘଟଣା ସମୟରେ ସେମାନେ ମାନସିକ ଚାପଗ୍ରସ୍ତ ହୋଇଥାନ୍ତି। ଫଳରେ କୌଣସି ଦୁର୍ଘଟଣା ବା ବିପର୍ଯ୍ୟୟରେ ପିଲାମାନେ ସବୁଠାରୁ ଅଧିକ ପ୍ରଭାବିତ ହେବା ସହ ମାନସିକ ଚିକିତ୍ସା, ଚିକିତ୍ସା ସେବା ଓ ଶାରୀରିକ ସୁରକ୍ଷା ପାଇବାରେ ଅସୁବିଧା ହୁଅନ୍ତି। ଏହାସହ ଯେଉଁ ପିଲାଙ୍କ ଯତ୍ନ ଠିକ୍ ହୋଇ ନ ଥାଏ ସେମାନେ ଅଧିକାଂଶ ନିର୍ଯାତନା, ଅସଦାଚରଣ ଓ ମାନବ ଚାଲାଣର ଶିକାର ହୋଇଥାନ୍ତି। ତେଣୁ ଦୁର୍ଘଟଣା ଦ୍ୱାରା ପ୍ରଭାବିତ ଏହିପରି ସମସ୍ତ ଅସୁରକ୍ଷିତ ଶିଶୁଙ୍କୁ ଚିହ୍ନଟ କରିବା, ଶାରୀରିକ ତଥା ମାନସିକ ଯତ୍ନ ଓ ସୁରକ୍ଷା ଯୋଗାଇବା ଏବଂ ଶିଶୁ ସୁରକ୍ଷା ଆଇନ ଅନୁଯାୟୀ ସେମାନଙ୍କ ମାତାପିତା ଓ ପରିବାର ସଦସ୍ୟଙ୍କ ସହିତ ପୁନର୍ମିଳନ ହେବା ପାଇଁ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ପରାମର୍ଶ ଦେଇଛନ୍ତି।

## ଜାତୀୟ ନେତାଙ୍କ ପ୍ରତିକ୍ରିୟା

ଓଡ଼ିଶାରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାକୁ ନେଇ ମର୍ମାହତ। ଶୋକସନ୍ତପ୍ତ ପରିବାରଗୁଡ଼ିକୁ ସମବେଦନା ଜଣାଉଛି।

**- ସୋନିଆ ଗାନ୍ଧୀ, କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା**

ଏହା ଏକ ବଡ଼ ଜାତୀୟ ବିପତ୍ତିର ସମୟ। ଓଡ଼ିଶାରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ପାଇଁ କଂଗ୍ରେସ ଦଳ ଓ ସଙ୍ଗଠନକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଅନେକ ପ୍ରଶ୍ନ ପଚାରିବାର ଅଛି।

**- ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

ବର୍ତ୍ତମାନର କେନ୍ଦ୍ର ସରକାର ରେଳୱେକୁ ଧ୍ୱଂସ କରିଦେଲେଣି। ସେମାନଙ୍କ ଅତ୍ୟଧିକ ଅବହେଳା ଏବଂ ତତ୍ପରତାର ଅଭାବ ଯୋଗୁ ଏତେ ଲୋକଙ୍କ ଜୀବନ ଚାଲିଗଲା। ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଏହି ଦୁର୍ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**- ଲାଲୁ ପ୍ରସାଦ ଯାଦବ, ଆର୍‌ଜେଡି ଅଧ୍ୟକ୍ଷ ତଥା ପୂର୍ବତନ ରେଳମନ୍ତ୍ରୀ**

ଭାରତୀୟ ରେଳପଥରେ କୌଣସି ସଙ୍କେତ ଓ ସୁରକ୍ଷା ବ୍ୟବସ୍ଥା ନାହିଁ କି? ଏଭଳି ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଦେଶରେ ଟ୍ରେନ୍ ଯାତ୍ରା ବେଳେ ନିତିଦିନିଆ ହୋଇଯିବ କି? ପୀଡ଼ିତ ଏବଂ ଆତ୍ମୀୟଙ୍କୁ ହରାଇଥିବା ଲୋକଙ୍କୁ ଆମକୁ ଉତ୍ତର ଦେବାକୁ ପଡ଼ିବ।

**- ଦୀପଙ୍କର ଭଟ୍ଟାଚାର୍ଯ୍ୟ, ସିପିଆଇଏମ୍‌ଏଲ୍ ସାଧାରଣ ସମ୍ପାଦକ**

କେନ୍ଦ୍ର କେବଳ ଲକ୍ଜୁରି ଟ୍ରେନ୍ ଉପରେ ଧ୍ୟାନ ଦେଉଛି। ସାଧାରଣ ଲୋକଙ୍କ ଟ୍ରେନ୍ ଓ ଟ୍ରାକ୍‌ଗୁଡ଼ିକୁ ଅବହେଳା କରାଯାଉଛି। ଏଥିପାଇଁ ଓଡ଼ିଶାରେ ଏତେ ଲୋକଙ୍କ ମୃତ୍ୟୁ ଘଟିଲା। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଇସ୍ତଫା ଦେବା ଉଚିତ।

**- ବିନୟ ବିଶ୍ୱମ୍, ସିପିଆଇ ଏମ୍‌ପି**

# ଦୁର୍ଘଟଣାଗ୍ରସ୍ତ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୩।୬(ବ୍ୟୁରୋ)

ବାଲେଶ୍ୱର ବାହାନଗା ଟ୍ରେନ ଦୁର୍ଘଟଣା ପରଠାରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜୋର୍‌ସୋରରେ ଜାରି ରହିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଆହତ ଯାତ୍ରୀଙ୍କୁ ବିନା ଟିକେଟରେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ଲାଗି ସ୍ପେଶାଲ ଟ୍ରେନ୍‌ର ବ୍ୟବସ୍ଥା ହୋଇଛି। ଦୁର୍ଘଟଣାରେ ପ୍ରଭାବିତ ଯାତ୍ରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଧରି ଏକ ସ୍ୱତନ୍ତ୍ର ଟ୍ରେନ ଚେନ୍ନାଇରୁ ଭଦ୍ରକ ଓ ଭଦ୍ରକରୁ ଚେନ୍ନାଇ ଅଭିମୁଖେ ଯାତ୍ରା କରିବ। ବିଭିନ୍ନ ଷ୍ଟେଶନରେ ଥିବା ସ୍ୱତନ୍ତ୍ର ହେଲ୍ପଡେସ୍କରୁ ଏନେଇ ମାଗଣା ପାସ୍ ସଂଗ୍ରହ କରିପାରିବେ। ରେଳ ବିଭାଗ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିବାବେଳେ ଆସନ୍ତା ୨ ଦିନ ମଧ୍ୟରେ ୩ରୁ ୪ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ୧୩୬୭୧ ଭଦ୍ରକ-ଚେନ୍ନାଇ ଏକ୍ସପ୍ରେସ୍ ନାମକ ଏକ ସ୍ପେଶାଲ ଟ୍ରେନ୍ ଭଦ୍ରକରୁ ବାହାରିବ। ସେହିପରି ଚେନ୍ନାଇରୁ ଏକ ସ୍ୱତନ୍ତ୍ର ଟ୍ରେନ ଦୁର୍ଘଟଣାରେ ପ୍ରଭାବିତ ଯାତ୍ରୀଙ୍କ ସମ୍ପର୍କୀୟ ଓ ପରିବାର ସଦସ୍ୟଙ୍କୁ ଧରି ଭଦ୍ରକ ଅଭିମୁଖେ ଯାତ୍ରା କରିବ। ଏସବୁ ଟ୍ରେନରେ ଅନ୍ୟ ଯାତ୍ରୀମାନେ ମଧ୍ୟ ଟିକେଟ ବୁକିଂ କରି ଯାତ୍ରା କରିପାରିବେ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।




ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି। -ଶ୍ରୀମା

# ଅବାସ୍ତବ ଭାବନା



ଆକାର ପଟେଲ

ଜୁନ୍ ୨ରେ 'ବାଂଲାଦେଶୀ ଅନୁପ୍ରବେଶକାରୀ ଭାବେ ଅଭିଯୁକ୍ତ ବଙ୍ଗାଳୀ ଦମ୍ପତି ବେଙ୍ଗାଲୁରୁ ଜେଲରୁ ୧୦ମାସ ପରେ ମୁକୁଲିଲେ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହି ଦମ୍ପତି ଥିଲେ ପଲାଶ ଓ ଶୁକ୍ଲା ଅଧିକାରୀ। ସେମାନେ ସ୍ଥାନୀୟ ଜମାନତ ଦେଇପାରି ନ ଥିବାରୁ ଜାମିନ ପାଇବା ପରେ ବି ଅଧିକ ଗୋଟିଏ ମାସ ଜେଲରେ ରହିଥିଲେ। ଏହି ଘଟଣା ସହ ସମ୍ପର୍କ ଥିବା ଆଉ ଏକ ଖବର ସେହିଦିନ ପ୍ରକାଶ ପାଇଥିଲା, ଯାହାର ଶୀର୍ଷକ ଥିଲା 'ନୂଆ ସଂସଦ ଭବନ କାନ୍ଥରେ ଅଖଣ୍ଡ ଭାରତର ଭିତ୍ତିଚିତ୍ର ବା କାନ୍ଥଚିତ୍ରକୁ ନେପାଳ ରାଜନେତାମାନେ ବିରୋଧ କରିଛନ୍ତି।' ଖବରରୁ ବୁଝାପଡୁଛି, ଏହି ଅଖଣ୍ଡ ଭାରତ ଏକ ବିଚାର ଯାହାକୁ ହିନ୍ଦୁତ୍ୱ ଜାତୀୟତାବାଦୀମାନେ ସମର୍ଥନ କରୁଛନ୍ତି। ପଡ଼ୋଶୀ ଦେଶ ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ଭାରତ, ମାଳଦ୍ୱୀପ, ମ୍ୟାନ୍‌ମାର, ନେପାଳ, ପାକିସ୍ତାନ ଏବଂ ଶ୍ରୀଲଙ୍କାକୁ ନେଇ ଏହା ପରିକଳ୍ପନା କରାଯାଇଛି। ନେପାଳରେ ଥିବା ବୁଦ୍ଧଙ୍କ ଜନ୍ମସ୍ଥାନ ଲୁମ୍ବିନୀକୁ ମଧ୍ୟ ମାନଚିତ୍ରରେ ଦର୍ଶାଯାଇଛି। ଏହି ଦୁଇ ଘଟଣା ମଧ୍ୟରେ ସମ୍ପର୍କ ଅଛି। ମୁଁ ଲେଖୁଥିବା 'ଦି କେସ୍ ଫର୍ ଅଖଣ୍ଡ ଭାରତ' ବହିରେ ଏହି ଦୁଇ ବିଷୟରେ ଲେଖିବାକୁ ଚେଷ୍ଟାକରିଛି। ପ୍ରଥମରେ, ଯଦି ଭାରତୀୟମାନେ ବିଶେଷକରି ଭାଜପା ଓ ହିନ୍ଦୁମାନେ ଦକ୍ଷିଣ ଏସିଆକୁ ଏକାଠି କରିବାକୁ ଚାହାନ୍ତି, ତେବେ ବିନା ରଙ୍ଗିନଚିତ୍ର ଏବଂ ଭିତ୍ତିଚିତ୍ରରେ ତାହା କାହିଁକି କରିବାକୁ ଚେଷ୍ଟା କରୁନାହାନ୍ତି ? ଦ୍ୱିତୀୟରେ, ବାସ୍ତବରେ ଅଖଣ୍ଡ ଭାରତ ସୃଷ୍ଟି କରିବାକୁ କ'ଣ କରିବାକୁ ପଡ଼ିବ ? ପ୍ରଥମ ପ୍ରଶ୍ନର ଉତ୍ତର ସହଜ। ଏହାକୁ ସମର୍ଥନ କରୁଥିବା ଭାଜପା ଓ ହିନ୍ଦୁମାନେ କେବେ ବି ଏକ ସଂଗଠିତ ଦକ୍ଷିଣ ଏସିଆ ଚାହୁଁନାହାନ୍ତି। ସେମାନେ ଏକ ପ୍ରସଙ୍ଗଭିତ୍ତିକ ସାମ୍ରାଜ୍ୟ ଚାହୁଁଛନ୍ତି। ଭାଜପା କେବଳ ଭୂମି ଚାହେଁ, ଲୋକଙ୍କୁ ନୁହେଁ। କଶ୍ମୀରକୁ ଦେଖିଲେ ଏହା ସହଜରେ ବୁଝି ହେବ। ଧର୍ମାନ୍ଧତା ହେଉଛି ଅରୁଚିକର। କିନ୍ତୁ ଦ୍ୱିତୀୟ ପ୍ରଶ୍ନଟି ଅଧିକ ଉତ୍ସାହପ୍ରଦ। ଉପମହାଦେଶର ଲୋକଙ୍କୁ ଏକାଠି କରିବା ଲାଗି ବାସ୍ତବରେ ଏହା କି ପଦକ୍ଷେପ ନେବ ତାହା ବିଚାର କରିବା ଦରକାର। ଏହା ସେନା ବଳ ଦ୍ୱାରା ହୋଇପାରିବ ନାହିଁ। କାରଣ, ସେ କ୍ଷେତ୍ରରେ ଆମର କ୍ଷମତା ନାହିଁ। ବାସ୍ତବତାକୁ ଲକ୍ଷ୍ୟ କଲେ କଶ୍ମୀର ମାନଚିତ୍ରରେ ଯାହା ଦର୍ଶାଯାଇଛି ତାହା ସମ୍ପୂର୍ଣ୍ଣ ଭିନ୍ନ। ସ୍କୁଲ ମାନଚିତ୍ର ଦ୍ୱାରା ମାନସିକ ସ୍ତରରେ ବିଶ୍ୱାସ ଜନ୍ମାଯାଇଛି। ବାସ୍ତବରେ ପଶ୍ଚିମରେ କିଛି ଅଂଶ ଆମ ନିୟନ୍ତ୍ରଣରେ ନାହିଁ ଏବଂ ଆମେ ଯେତେ ସାହସର କଥା କହିଲେ ବି ତାହାକୁ ଫେରାଇ ଆଣିପାରିବା ନାହିଁ। ମନେରଖିବା ଦରକାର ଯେ, ପଡ଼ୋଶୀ ବିରୋଧୀ ହେଉଛି ଆମ ଦେଶ ଆକାରର ଏକ ସପ୍ତମାଂଶ। କେବଳ ସଙ୍କଳ୍ପର ଅଭାବରୁ ଆମେ ତାହାକୁ ଫେରାଇ ଆଣିପାରୁନାହୁଁ ତାହା ନୁହେଁ, ବରଂ ଆମ ଦକ୍ଷତା ଅଭାବରୁ ଏହା ହେଉଛି। ସେହିଭଳି ପୂର୍ବରେ କିଛି ଅଂଶ ଆମେ ହରାଉଛୁ, କିନ୍ତୁ ତାହାକୁ ଫେରାଇ ଆଣିବା ଲାଗି ଆମେ କହୁନାହୁଁ। ଶକ୍ତିଶାଳୀ କ୍ଷମତାର ଭୟ ଯୋଗୁ ଏହା କରିପାରୁନାହୁଁ। ଏମିତି କି ଆମେ ତା' ନାଁ ବି ଧରୁନାହୁଁ।

ଆମେ ନେପାଳ, ଭୁଟାନ ଏବଂ ବାଂଲାଦେଶକୁ ଧମକାଇପାରୁ। କିନ୍ତୁ ମାନଚିତ୍ର ଓ ଭାଷଣରେ ବିରୋଧ କରୁଥିଲେ ବି ସେମାନଙ୍କ ଉପରେ ପ୍ରକୃତ ଦାବି କରିବାରେ ଆମର କୌଣସି ବୈଧତା ନାହିଁ। ତଥାପି ଅନ୍ୟ ଏକ ଉପାୟ ଅଛି, ଯାହା ସମ୍ପର୍କରେ ବିଚାର କରାଯାଉନାହିଁ (ଯାହା ଉପରେ ମୋ ବହି ପର୍ଯ୍ୟବସିତ)। ପ୍ରଥମେ ବିନା ରାଜନୈତିକ ଉପାୟରେ ବିଭିନ୍ନ ବିଷୟର ସମାଧାନ ହେବା ଆବଶ୍ୟକ। ଯେତେବେଳେ ୟୁରୋପୀୟ ସଂଘ ଗଠନ ହେବା ଆରମ୍ଭ ହେଲା, ଏହା ଏକୀକୃତ ମୁଦ୍ରା ଓ ଏକୀକୃତ ସଂସଦ ଦ୍ୱାରା କରାଯାଇ ନ ଥିଲା। ଏହା ସେମାନଙ୍କ ଇସ୍ପାତ ଓ କୋଇଲା ଶିଳ୍ପ ଯୋଗାଯୋଗ ମାଧ୍ୟମରେ ହୋଇଥିଲା। କାରଣ ଏହି ଦୁଇ ପଦାର୍ଥ ସେମାନଙ୍କ ଅର୍ଥ ବ୍ୟବସ୍ଥା ଓ ସେନାର ବିକାଶ ପାଇଁ ଆବଶ୍ୟକ ଥିଲା। ପ୍ରଥମେ ଯୁଦ୍ଧ ପରେ ଜର୍ମାନୀ ଉପରେ ଚାପ ଓ ପରେ ସହମତି ମାଧ୍ୟମରେ ୟୁରୋପୀୟ ଦେଶଗୁଡ଼ିକ ଏକାଠି ହୋଇଥିଲେ। ତେବେ ଏସିଆରେ କେଉଁ ବିଷୟ ଅଛି ଯାହା ସମାନ ଭାବେ ଦେଶଗୁଡ଼ିକୁ ସଂଗଠିତ କରିପାରିବ ? ତାହା ପରିବହନ ଅର୍ଥାତ୍ ରାସ୍ତା ଖୋଲିବା ; ରେଳ ଓ ବିମାନ ସେବା ସଂଯୋଗ କରିବା, ଯେଉଁଥିରେ ମୁକ୍ତ ଭାବେ ଯାତ୍ରା କରିପାରିବେ। ଯୋଗାଯୋଗ ବ୍ୟବସ୍ଥା ଯାହାକୁ ଉଭୟ ପକ୍ଷ ବ୍ୟବହାର କରିପାରିବେ, ଯେପରି ଜଣେ କୋଲକାତାରୁ ଢାକା କିମ୍ବା ଲାହୋରରୁ ଶିମିଲା ବିନା ଭିଜାରେ ଯିବାକୁ ସକ୍ଷମ ହୋଇପାରୁଥିବେ। ଏହା କରିବା କ'ଣ କଷ୍ଟକର ? ନା, ଏହା ସହଜରେ ଓ ଶୀଘ୍ର ହୋଇପାରିବ। କିନ୍ତୁ ସମସ୍ୟା ରହିଛି ଦେଶର ଭାବନାରେ ଓ ମନରେ ବସାବାନ୍ଧିଛି ପଡ଼ୋଶୀ ଆମର ଶତ୍ରୁ। ପରବର୍ତ୍ତୀ ପଦକ୍ଷେପ ହେଉଛି, ୟୁରୋପୀୟ ସଂଘ ଯେଭଳି ସାମଗ୍ରୀ ଓ ସେବା କାରବାରକୁ ସହଜ କରିଥିଲା ସେଭଳି କରାଯିବ। ଏହା ଅର୍ଥ ବ୍ୟବସ୍ଥାଗୁଡ଼ିକୁ ଧୀରେ ଧୀରେ ଏକାଠି କରିବ ଓ ସବୁଦେଶକୁ ଲାଭ ହେବ। ବିଶେଷକରି ଯେଉଁ ଦେଶରେ ଯାହା ଉତ୍ପାଦନ ହେଉଛି ସେଭଳି ସାମଗ୍ରୀ ଅନ୍ୟ ଦେଶରେ ହେଉ ନ ଥିଲେ ସେଠାକୁ ପଠାଇ ଲାଭ ପାଇପାରିବ। ଭାରତ କାର୍, ଦୁଇଚକିଆ ଯାନ, ପେଟ୍ରୋଲ, ସଫ୍ଟୱେର, ମ୍ୟୁଜିକ ଉପକରଣ, ବହି ଅଧିକ ମୂଲ୍ୟରେ ଅନ୍ୟ ଦେଶକୁ ପଠାଇ ଲାଭ ପାଇବା ସହ ଅର୍ଥ ବ୍ୟବସ୍ଥାକୁ ଦୃଢ଼ କରିପାରିବ। ଏହା ନ କରିବା ଅର୍ଥ ଭାରତର ସୁଯୋଗକୁ ନା କହିବା ଏବଂ ଭାରତର ଅଭିବୃଦ୍ଧିକୁ ମନା କରିବା। ଶେଷ ବିଷୟ ବା ତତ୍ତ୍ୱ ହେଉଛି, ୟୁରୋପୀୟ ସଂଘ ରାଜନୈତିକ ଏକତା ପାଇଁ ଯାହା କରିଛି ସେଭଳି କରାଯାଇପାରେ। ଆମେ ସେ ବିଷୟରେ ଏଠି ଯିବା ଦରକାର ନାହିଁ। କିନ୍ତୁ ବୁଝିବାକୁ ହେବ ଯେ, ପ୍ରଥମ ଦୁଇଟି ବିନା ଏହି ତୃତୀୟ ତତ୍ତ୍ୱ ସମ୍ପୂର୍ଣ୍ଣ ଅସମ୍ଭବ। ଅନ୍ୟପକ୍ଷରେ ନେପାଳ ଓ ଅନ୍ୟମାନେ ବିରୋଧ କରୁଥିବା ନୂଆ ପାର୍ଲାମେଣ୍ଟର ଭିତ୍ତିଚିତ୍ର ବିଷୟକୁ ବିଚାରକୁ ନେଲେ ଏହା ପିଲାଳିଆ ଭାବନା ବୋଲି କୁହାଯିବ। ବାସ୍ତବତା ହେଉଛି ଭାରତୀୟ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଭାବନା ନୂଆ ସଂସଦ ଭବନରେ ବିଶ୍ୱ ସମ୍ମୁଖରେ ଯେଭଳି ଉପସ୍ଥାପିତ କରାଗଲା ତାହା ଅପରିପକ୍ୱ ଏବଂ ଅବାସ୍ତବ। ଅଖଣ୍ଡ ଭାରତ କେବେ ରଙ୍ଗିନଚିତ୍ର ଓ ଭିତ୍ତିଚିତ୍ର ମାଧ୍ୟମରେ ହାସଲ କରାଯାଇପାରିବ ନାହିଁ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 4 | | 9 | 3 | | |
| | | 5 | 2 | | | | | |
| 9 | | | | | | | | |
| | | 3 | | | | | 1 | 2 |
| | 1 | | 9 | | | | | 4 |
| | | | | 6 | | | 7 | |
| 8 | | | 5 | | | 7 | | |
| | | | | | 3 | | 9 | |
| | | 6 | | 1 | | | 3 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 6 | 8 | 1 | 9 | 4 | 3 | 2 |
| 3 | 4 | 1 | 7 | 2 | 6 | 8 | 5 | 9 |
| 2 | 8 | 9 | 4 | 3 | 5 | 7 | 1 | 6 |
| 4 | 7 | 3 | 6 | 9 | 1 | 5 | 2 | 8 |
| 8 | 1 | 5 | 3 | 7 | 2 | 9 | 6 | 4 |
| 6 | 9 | 2 | 5 | 4 | 8 | 1 | 7 | 3 |
| 1 | 3 | 8 | 9 | 6 | 7 | 2 | 4 | 5 |
| 5 | 2 | 4 | 1 | 8 | 3 | 6 | 9 | 7 |
| 9 | 6 | 7 | 2 | 5 | 4 | 3 | 8 | 1 |

ଗତ କାଲିର ଉତ୍ତର

# ପୁସ୍ତକ ପଠନ, ଜୀବନ ଗଠନ



ଡ. ମନୋରଞ୍ଜନ ପ୍ରଧାନ

ପିଲା ବେଳରୁ ବିଭିନ୍ନ ବହି ପଢ଼ିବାର ଆଗ୍ରହ କେମିତି ମୋ ଭିତରେ ଉନ୍ମେଷ ହୋଇଥିଲା ମୋର ମନେନାହିଁ। କିନ୍ତୁ ବହିଟି ପାଇଲେ ଆମୂଳଚୂଳ ପଢ଼ିବାର କ୍ଷୁଧା ଛୋଟ ବେଳରୁ ଆଜିଯାଏଁ ବଳବତ୍ତର ରହିଛି। ଦିନ କର ଘଟଣା। ଘର ବାରଣ୍ଡାର ସିମେଣ୍ଟ ଚୌକି ଉପରେ ବସି ପଢୁଥାଏ ଏକ ଉପନ୍ୟାସ ; ଯାହା କି ଜଣେ ବୁଲା ବିକାଳିଠାରୁ ସାତ ଟଙ୍କା ଦେଇ କିଣିଥିଲି। ପଛ ପଟୁ ଜଣେ ସମ୍ପର୍କୀୟ ମଉସା ବହିଟିକୁ ଛଡ଼େଇ ନେଇ କହିଲେ-ମୂର୍ଖ ଏ ବହି କ'ଣ ଛୋଟ ପିଲା ପଢ଼ନ୍ତି, ଭଲ ବହି ପଢ଼ି ଭଲ ମଣିଷ ହୁଅ। ଏଗୁଡ଼ାକ ସବୁ ଟାଇମ ପାସ୍ ବହି। ପ୍ରକୃତରେ ସେ ବହି କ'ଣ, ସେଥିରେ କ'ଣ ଲେଖା ଅଛି ମୁଁ ଜାଣି ନ ଥିଲି। କିନ୍ତୁ ଭଦ୍ରବ୍ୟକ୍ତି ଜଣକ ପିଲାଟି ବେଳରୁ(ବୋଧହୁଏ ଦଶମ ଶ୍ରେଣୀରୁ) ଭଲ ବହିର ଉପାଦେୟତା ସମ୍ପର୍କରେ ବୁଝେଇ ଥିଲେ । ବିଶେଷକରି ବଡ଼ ଲୋକଙ୍କ ଜୀବନୀ, ଭଲ ଉପନ୍ୟାସ, ଛୋଟ ଛୋଟ କାହାଣୀ, ପଞ୍ଚତନ୍ତ୍ର ଓ ଜହ୍ନମାମୁଁ ଭଳି ପତ୍ରିକା ପଢ଼ିବାକୁ ପରାମର୍ଶ ଦେଇଥିଲେ। ନିପଟ ପଲ୍ଲୀ ଗାଁର ପିଲା ହୋଇଥିବାରୁ ସେ ସବୁ କିଣି ପଢ଼ିବାର ସୁଯୋଗ ଓ ସମ୍ବଳ ନ ଥିଲେ ମଧ୍ୟ ବିଦ୍ୟାଳୟ ପାଠାଗାରରୁ କିଛି ବହି ସଂଗ୍ରହ କରି ପଢ଼ିବାର ଲାଭ ଜୀବନ ଗଠନରେ ବହୁ ପରିମାଣରେ ସହାୟକ ହୋଇଥିଲା। ତେଣୁ ସେ ଶୁଭଚିନ୍ତକ ମହାଭାଗଙ୍କୁ ଅଜସ୍ର କୃତଜ୍ଞତା।

ବାସ୍ତବରେ ବହି ପଢ଼ିବା ବିଶେଷକରି ଭଲ ବହି ସଂଗ୍ରହ କରି ପଢ଼ିବାର ଇଚ୍ଛା ଓ ନିଶା ବ୍ୟକ୍ତିକୁ ଜୀବନରେ ଜଣେ ସଫଳ ମଣିଷ ଭାବରେ ପ୍ରତିଷ୍ଠିତ କରାଇଥାଏ। ଏପରି କି ଜୀବନରେ ଆସୁଥିବା ବାଧାବିଘ୍ନର ସମାଧାନ ସୂତ୍ର ଭଲ ବହି ଦ୍ୱାରା ହୋଇପାରିଥାଏ। ଯେମିତି ଶ୍ରୀମଦ୍ ଭଗବତ ଗୀତା ଭଳି ଅନନ୍ୟ ମହାଗ୍ରନ୍ଥ ଯେକୌଣସି ସମସ୍ୟା, ଦ୍ୱନ୍ଦ୍ୱ ଓ ଚାପଗ୍ରସ୍ତ ମଣିଷକୁ ସମାଧାନର ସୂତ୍ର ବତାଇଥାଏ। ସେହିପରି ବଡ଼ ଲୋକଙ୍କ ଜୀବନୀ ବା ଆତ୍ମଜୀବନୀ ପଢ଼ିଲେ କେବଳ ଜୀବନ ଯୁଦ୍ଧରେ ବିଜୟୀ ସାରଥି ହେବାରେ ସହାୟତା କରେ ତାହା ନୁହଁ, ଜୀବନର ସମସ୍ତ ସଂଘର୍ଷ ଓ ସଂଘାତକୁ ପ୍ରତିରୋଧ କରି ନୂତନ ଆଶା ସଂଚାର କରେ। କାରଣ ସେଗୁଡ଼ିକରେ ମହାପୁରୁଷମାନେ ନିଜେ ଅଙ୍ଗେ ନିଭେଇଥିବା ସମସ୍ୟା ଓ ସେଗୁଡ଼ିକର ସମାଧାନ ମନ୍ତ୍ରଗୁଡ଼ିକ ଉଲ୍ଲେଖ କରିଥାନ୍ତି, ଯାହା କି ଅନ୍ୟକୁ ଆଉ ବିଶେଷ ଚିନ୍ତା ନ କରି ସିଧାସଳଖ ନିଜ ଜୀବନରେ ଉତାରିବା ପାଇଁ ସହାୟତା ପ୍ରଦାନ କରିଥାଏ। ଜୀବନର ଏକ ଦୁଃଖଦ ସମୟର କିୟଦଂଶ ଉପସ୍ଥାପନା କରୁଛି।



କିଛି ବର୍ଷ ତଳେ ଏକ ଭ୍ରାନ୍ତ ଧାରଣା ମନକୁ ଆକ୍ରାନ୍ତ କଲା। ଅଜଣା ଭୟ କେବଳ ରକ୍ତଚାପ ବଢ଼େଇ ଦେଲା ତାହା ନୁହଁ, ନିଦ ଛଡ଼େଇ ନେଲା, କାହା ସହ କଥାବାର୍ତ୍ତା ହେବାକୁ ବିରକ୍ତ ଲାଗିଲା। ଛାତି ସବୁବେଳେ ଧଡ଼ଧଡ଼। ସବୁବେଳେ ମୃତ୍ୟୁ ଭୟ। ଶରୀର କଳା ପଡ଼ିଗଲା ଏବଂ ଧୀରେଧୀରେ ଓଜନ ମଧ୍ୟ କମିଗଲା। ସାଙ୍ଗସାଥୀ, ଶୁଭେଚ୍ଛୁ ଓ ଗୁରୁଜନ ମଧ୍ୟ ଆଶ୍ଚର୍ଯ୍ୟ ହେଲେ। କିନ୍ତୁ ଡାକ୍ତର ଓ ଶୁଭାକାଂକ୍ଷୀ ମାନଙ୍କ ସବୁପ୍ରକାର ଉଦ୍ୟମ ଓ ପରାମର୍ଶ ମନ ଭିତରେ ଆତ୍ମବଳ ସୃଷ୍ଟି କରିପାରିଲା ନାହିଁ। କିଛି ଦିନ ଏ ଅଜଣା ଭୟ ପଢ଼ିବା ଅଭ୍ୟାସକୁ ମଧ୍ୟ ନଷ୍ଟ କରି ଦେଇଥିଲା। ହଠାତ୍ ଦିନେ ସ୍ୱାମୀ ବିବେକାନନ୍ଦଙ୍କ ଏକ ଛୋଟ ବହି(ଇଂଲିଶ) ଯାହା କି ରାୟପୁର ରେଲୱେ ଷ୍ଟେସନରୁ ମାତ୍ର ଏଗାର ଟଙ୍କା ଦେଇ କିଣିଥିଲି ତାହା ବହିଥାକରୁ ବାହାର କଲି। ଛୋଟ ବହି ମୋ ମନରୁ ସବୁ ଭୟ, ଚାପ ଓ କ୍ଳାନ୍ତିକୁ ଦୂର କରିଦେବ ବିଶ୍ୱାସ କରିପାରି ନ ଥିଲି। ସେ ବହିସ୍ଥିତ ଛୋଟ ଛୋଟ ଜୀବନ କାହାଣୀ ଓ ୱିକନେସ ଇଜ ଡେଥ, ଷ୍ଟ୍ରେନ୍ଥ ଇଜ ଲାଇଫ ଭଳି ଶକ୍ତି ଓ ସାହସ ବର୍ଦ୍ଧକ ବାଣୀ ମୋ ଭିତରେ ସାତ ସିଂହର ବଳ ସୃଷ୍ଟି କଲା। ପରେ ପରେ ଭୟ ଚାଲିଗଲା, ରକ୍ତଚାପ କମିଗଲା ଏବଂ ପୁଣିଥରେ ମୁଁ ସ୍ୱାଭାବିକ ହୋଇଗଲି। କହିବାର ତାତ୍ପର୍ଯ୍ୟ ହେଉଛି ପୁସ୍ତକ ପଠନ କେବଳ ଜ୍ଞାନ ବୃଦ୍ଧିରେ ସହାୟତା ହୁଏ ତାହା ନୁହେଁ,ଏହା ବହୁ ସମୟରେ ଥେରାପି ଭଳି ଅନେକ ଶାରୀରିକ ଓ ମାନସିକ କ୍ଲେଶକୁ ଦୂର କରିଦିଏ। ବହୁ ସମୟରେ ପଠନ ଯୁବ ସମାଜକୁ ଅବାଟରୁ ସୁବାଟକୁ ଯିବାକୁ ମାର୍ଗ ଦର୍ଶନ କରେ।

ଥରେ ଲୋକମାନ୍ୟ ତିଲକ କହିଥିଲେ, ଆର୍ଥିକ ଅଭାବ ଥିଲେ ଚିରା(ସଫା) ପୋଷାକ ପିନ୍ଧ କିନ୍ତୁ ବହି କିଣିବା ଓ ପଢ଼ିବା ଛାଡ ନାହିଁ। ସତରେ କେଡ଼େ ଚମତ୍କାର ଓ ପ୍ରେରଣାଦାୟୀ ଉପଦେଶଟିଏ। ମୁଁ ଦେଖିଛି ଓ ଶିଖିଛି ମୋ ବାପାଙ୍କଠାରୁ। ବହି କିଣି ପଢ଼ିବାର ନିଶା ଜୀବନର ଶେଷ ସମୟ ପର୍ଯ୍ୟନ୍ତ ନିରନ୍ତର ଥିଲା। ବିଭିନ୍ନ ପୁରାଣ, ରାମାୟଣ, ମହାଭାରତ, ଶାସ୍ତ୍ର, ଔଷଧୀୟ ଗୁଣ ସମ୍ବନ୍ଧୀୟ ପୁସ୍ତକ ଆଦି ଭରପୂର ପଢୁଥିଲେ। କ୍ରାନ୍ତିକାରୀ ଭଗତ ସିଂହ ଫାଶୀ ପୂର୍ବ ଦିନ ମଧ୍ୟ ସ୍ୱାଧ୍ୟାୟ କରିଥିଲେ। ଅନେକ ସାଧାରଣ ମଣିଷ ପୁସ୍ତକ ପଠନରୁ ନୂଆ ଉତ୍ସାହ ପାଇ ମହାପୁରୁଷ ଭାବରେ ଇତିହାସରେ ବିଖ୍ୟାତ। ସତ କହିବାକୁ ଗଲେ ବହି କିଣିବା ଓ ପଢ଼ିବା ଏକ ପ୍ରକାର ପ୍ରବଣତା, ପ୍ରବୃତ୍ତି ତଥା ନିଶା କହିଲେ ଅତ୍ୟୁକ୍ତି ହେବ ନାହିଁ।

କିନ୍ତୁ ଆଜି ସମୟ ଓ ପରିସ୍ଥିତି ବଦଳି ଯାଇଛି। ଲେଖକ ସଂଖ୍ୟା ଅପ୍ରତ୍ୟାଶିତ ଭାବରେ ବୃଦ୍ଧି ଘଟିଛି। ପୁସ୍ତକ ପ୍ରକାଶନ ମଧ୍ୟ କ୍ରମବର୍ଦ୍ଧିଷ୍ଣୁ ହାରରେ ବଢ଼ିଛି କିନ୍ତୁ ପାଠକ ଓ ସମୀକ୍ଷକଙ୍କ ସଂଖ୍ୟା କ୍ରମବର୍ଦ୍ଧିଷ୍ଣୁ ହାରରେ କମି ଚାଲିଛି। ଛାତ୍ରୀଛାତ୍ରମାନଙ୍କ ଭିତରେ ପୁସ୍ତକ ପଠନର ଉତ୍ସୁକତା ଦେଖିବାକୁ ମିଳୁନାହିଁ। ଗ୍ରନ୍ଥାଗାରରେ ଆଉ ଭିଡ଼ ନାହିଁ। ଶିକ୍ଷକଙ୍କ ପ୍ରସ୍ତାବିତ ଭଲ ପାଠ୍ୟପୁସ୍ତକ ପଢ଼ିବା ପାଇଁ ଆଉ ପ୍ରତିଯୋଗିତା ନାହିଁ। ଶିକ୍ଷାଦାତାମାନେ ମଧ୍ୟ ନିଜେ ଭଲବହି ପଢ଼ି ପିଲେ ପଢ଼ିବା ପାଇଁ ପ୍ରୋତ୍ସାହିତ କରିବାର ଉତ୍ସୁକତା ଦେଖଉ ନାହାନ୍ତି। ସ୍ମାର୍ଟ ଫୋନରେ ପିଲାଙ୍କ ଦିନ ଯାଉଛି। ସଂପାଦକୀୟରେ ଲେଖାଟି ପ୍ରକାଶିତ ହେଲେ ବୟସ୍କ ଲୋକଙ୍କ ଯେଭଳି ପ୍ରତିକ୍ରିୟା ବା ପାଠକୀୟ ସ୍ୱୀକୃତି ତୁଳନାରେ ଯୁବଗୋଷ୍ଠୀଙ୍କଠାରୁ କ୍ୱଚିତ ଆସୁଛି। ଆଜି ଯୁବଗୋଷ୍ଠୀ ପଢ଼ାପଢ଼ି ଠାରୁ ଦୂରେଇ ଯାଉଛନ୍ତି। ପରିସ୍ଥିତି ଏପରି ହେଲାଣି ରେଳରେ ଗଲାବେଳେ କେହିଜଣେ ଯଦି ଖବରକାଗଜ ଖଣ୍ଡିଏ କିଣି ପଢ଼ିବା ଦେଖିଲେ ଅନେକଙ୍କ ଲାଳ ଗଡ଼େ। ବିକଳିଆ ଭାବରେ କାଗଜ ଖଣ୍ଡିକ ମାଗି ହେଡ୍ ଲାଇନ ବିଶେଷକରି ରାଜନୀତି ଓ କ୍ରିକେଟ ଖବର ପଢ଼ି ବୀରଦର୍ପରେ ଅନ୍ତତଃ ଧନ୍ୟବାଦ ଟିକେ ନ ଜଣାଇ ଖବରକାଗଜଟି ଧରେଇ ଦେଉ, ବେଳେବେଳେ ଧରି ପଳେଇ ଯାଉ, ତାହା ବାସ୍ତବରେ ଲଜ୍ଜାଜନକ। ତେବେ ମନେ ରଖିବା ଉଚିତ ଯେଉଁ ଦେଶର ଲୋକ ଯେତେ ଅଧ୍ୟୟନପ୍ରିୟ ସେ ଦେଶ ସେତେ ବିକଶିତ। କାରଣ ପଠନ ଏକ ସଂସ୍କାର ଓ ସଂସ୍କୃତି। କର୍ତ୍ତବ୍ୟ ଏହା ପ୍ରବୀଣ ଓ ପ୍ରାଜ୍ଞ ହେବାର ଏକ ବଳିଷ୍ଠ ମାଧ୍ୟମ। ସ୍ୱାଧ୍ୟାୟ ମଣିଷକୁ ସ୍ୱାବଲମ୍ବୀ ସହ ସ୍ୱାଭିମାନୀ କରେଇ ଥାଏ। ତେଣୁ ଆଜୀବନ ପୁସ୍ତକ ପଠନକୁ ଜୀବନର ବ୍ରତ ରୂପେ ଗ୍ରହଣ କରିବା ଏକ ଭଲ ଅଭ୍ୟାସ ହେବା ଉଚିତ। ତେଣୁ ଶଙ୍କରାଚାର୍ଯ୍ୟ ଶ୍ରୀ ଭାରତୀ କୃଷ୍ଣତୀର୍ଥ ଯଥାର୍ଥରେ କହିଥିଲେ - Goddess of Learning is still Learning.

ସହକାରୀ ପ୍ରାଧ୍ୟାପକ, ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜୟପୁର, କୋରାପୁଟ, ମୋ-୯୪୩୭୯୧୪୮୧୮

# ମହାପ୍ରଭୁଙ୍କ ସ୍ନାନ



ଅଜୟ କୁମାର ବେହେରା

ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମା। ଏହି ଅବସରରେ ଚତୁର୍ଦ୍ଧା ମୂର୍ତ୍ତି ପହଣ୍ଡି ବିଜେରେ ଆନନ୍ଦ ବଜାରସ୍ଥିତ ସ୍ନାନମଣ୍ଡପ ବା ସ୍ନାନବେଦୀକୁ ଆସି ବିରାଜନ୍ତି। ଏହି ମଣ୍ଡପରେ ଠାକୁରମାନଙ୍କର ପ୍ରସିଦ୍ଧ ଗଜାନନ ବେଶ ହୋଇଥାଏ। ଏହି ବେଶ ସମ୍ପର୍କରେ ରହିଥିବା କିମ୍ବଦନ୍ତୀ ଅନୁଯାୟୀ ପଞ୍ଚଦଶ ଶତାବ୍ଦୀରେ ମରାଠା ମହାଗାଣପତ୍ୟ ସମ୍ପ୍ରଦାୟର ବ୍ରାହ୍ମଣ ପଣ୍ଡିତ ଗଣପତି ଭଟ୍ଟ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଆସିଥିଲେ। ସ୍ନାନପୂର୍ଣ୍ଣିମାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସେ ଦର୍ଶନ କଲେ ସତ, ତାଙ୍କୁ ସନ୍ତୋଷ ମିଳିଲା ନାହିଁ। କାରଣ ସେ ମହାପ୍ରଭୁମାନଙ୍କୁ ଗଣପତି ରୂପରେ ଦେଖିବାକୁ ଚାହୁଁଥିଲେ। ଦୁଃଖରେ ଫେରିଯାଉଥିବା ବେଳେ ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିବା ପାଇଁ ମୁକ୍ତେଶ୍ୱରଠାରେ ତାଙ୍କୁ ଶୂନ୍ୟବାଣୀ ହେଲା। ଫେରି ଦେଖିଲେ ପ୍ରଭୁ ବଳଭଦ୍ର ଧବଳ ଗଣପତି ଏବଂ ଶ୍ରୀଜଗନ୍ନାଥ କୃଷ୍ଣ ଗଣପତି ରୂପ ଧାରଣ କରିଛନ୍ତି। ଗଣପତି ଭଟ୍ଟଙ୍କ ଗଣପତି ବେଶ ଦର୍ଶନର ସ୍ମାରକୀ ସ୍ୱରୂପ ଏହି ବେଶ ହୋଇଆସୁଛି। ଏହି ବେଶ ନିମନ୍ତେ ଗୋପାଳ ତୀର୍ଥ ମଠ ଓ ରାଘବ ଦାସ ମଠରୁ ଉପକରଣମାନ ଆସେ। ଭିତରଚ୍ଛ, ତିଳଚ୍ଛ, ପୁଷ୍ପାଳକ, ଖୁଣ୍ଟିଆ ଓ ଦଇତାପତି ସେବକମାନେ ହାତୀବେଶ କରାନ୍ତି। ଦେବସ୍ନାନ ପୂର୍ଣ୍ଣିମାରେ ଗୋଟିଏ ମାତ୍ର ଭୋଗ ହୁଏ। ଭୋଗ ପରେ ଦେବଦର୍ଶନ ଲାଗି ସର୍ବସାଧାରଣଙ୍କୁ ଅନୁମତି ଦିଆଯାଏ।

ଜଗନ୍ନାଥଙ୍କ ମୁଖ୍ୟ ବାରଟି ଯାତ୍ରା ବୈଶାଖ ଶୁକ୍ଳ ତୃତୀୟାରେ ଅକ୍ଷୟତୃତୀୟା, ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀଗୁଣ୍ଡିଚା, ଶ୍ରାବଣ କୃଷ୍ଣ ଦଶମୀରେ କର୍କଟ ସଂକ୍ରାନ୍ତି, ଶ୍ରାବଣ ଶୁକ୍ଳ ଏକାଦଶୀରେ ଶୟନ ଯାତ୍ରା, ଭାଦ୍ର ଶୁକ୍ଳ ଏକାଦଶୀରେ ପାର୍ଶ୍ୱ ପରିବର୍ତ୍ତନ, କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଦେବୋତ୍ଥାପନ, ପୌଷ ଶୁକ୍ଳ ଷଷ୍ଠୀରେ ପ୍ରାବରଣ ଷଷ୍ଠୀ, ପୌଷ ପୂର୍ଣ୍ଣିମାରେ ପୁଷ୍ୟାଭିଷେକ, ମାଘରେ ମକର ସଂକ୍ରାନ୍ତି, ଫାଲଗୁନ୍ ପୂର୍ଣ୍ଣିମାରେ ଦୋଳଯାତ୍ରା, ଦଅଣା ଚୋରି ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀରେ ଦମନକ ଚତୁର୍ଦ୍ଦଶୀ ପରି ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥାଏ। ଦ୍ୱାଦଶ ଯାତ୍ରା ସମ୍ପର୍କରେ ଧର୍ମଶାସ୍ତ୍ରର ଶ୍ଳୋକରେ ଉଲ୍ଲେଖ ରହିଛି- 'ମଞ୍ଚେସ୍ନାନ ରଥବରଗତ ଶୟନ ଗାୟନଦ୍ୱୟଂ, ପାର୍ଶ୍ୱାର୍ବି ଶୟନ ନିବୃତ୍ତି ପର୍ବଣ ପୂଜ୍ୟପୂଜା, ଦୋକେଳି, ଦମନ ମୋହଂ ଚାଣ ପୂର୍ଣ୍ଣ ତୃତୀୟା, ଏ ସଠା



ଯାତ୍ରା ଭୁବନ ବନ୍ଦିତା ଦ୍ୱାଦେଶୟଂ ନରେନ୍ଦ୍ର।'

ପୂର୍ଣ୍ଣିମା ଦିନ ସକାଳୁ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦ୍ରାହସ୍ତ ତିନି ଠାକୁରଙ୍କ ବାଡ଼ରେ ମଙ୍ଗଳାର୍ପଣ କରିବା ପରେ ଦଇତାମାନେ ଠାକୁରମାନଙ୍କ ଦେହରେ ଡୋରି ଲାଗି କରନ୍ତି। ପହଣ୍ଡି ହୋଇ ପ୍ରଥମେ ସୁଦର୍ଶନ, ପରେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ମଦନମୋହନ ବେଦୀକୁ ସ୍ନାନ ପାଇଁ ବିଜେ କରିଥା'ନ୍ତି। ସ୍ନାନ ପରେ ଗୋପାଳ ତୀର୍ଥ ମଠରୁ ବଡ଼ ଠାକୁରଙ୍କ ପାଇଁ ଏହି ଦୁର୍ଲଭ ହାତୀବେଶର ସମସ୍ତ ସାମଗ୍ରୀ ଆସିଥାଏ। ଅନ୍ୟ ଦୁଇ ଠାକୁରଙ୍କ ପାଇଁ ରାଘବ ଦାସ ମଠରୁ ଆସେ। ବିଗ୍ରହମାନଙ୍କ ଗଜାନନ ବେଶ ପରେ ପୁଷ୍ପାଳକମାନେ ପୁଷ୍ପଲାଗି କରନ୍ତି। ଶ୍ରୀ ଜଗନ୍ନାଥଙ୍କ ଦ୍ୱାଦଶ ବା ତ୍ରୟୋଦଶ ଯାତ୍ରା ମଧ୍ୟରେ ଏହା ପ୍ରଥମ ଏବଂ ଆଗରୁ କଥିତ ଅଛି ଯେ ଏହା ତାଙ୍କ ଜନ୍ମଦିନ। ଏହି ବେଶ ପରେ ଠାକୁରମାନେ ଅଣସରକୁ ବିଜେ ହୋଇଥା'ନ୍ତି। ପରେ ଆସିଥାଏ ପବିତ୍ର ନେତ୍ର ଉତ୍ସବ। ତେବେ ଅଣସର ଘରେ ବିଶ୍ୱାବସୁଙ୍କ ବଂଶଧରମାନେ ଅଣସର ପଣା ଓ ଜଙ୍ଗଲଜାତ ଫଳମୂଳ ସମର୍ପଣ କରି ପନ୍ଦର ଦିନ ମଧ୍ୟରେ ଆରୋଗ୍ୟ କରାଇ ନବଯୌବନ ଫେରାଇ ଦିଅନ୍ତି। ମହାପ୍ରଭୁଙ୍କ ସ୍ନାନଯାତ୍ରାର ସାମାନ୍ୟ ଜଳବିନ୍ଦୁ ସର୍ବପାପ ବିଧ୍ୱଂସକ। ଏଥିରେ 'ସକଳ ତୀର୍ଥ ତୋ ଚରଣେ' ପ୍ରକୃତିରେ ପ୍ରତୀତ ହୁଏ। ଏହାର ମାହାତ୍ମ୍ୟ ଉଲ୍ଲେଖ କରିବାକୁ ଯାଇ ସ୍ୱୟଂ ବ୍ରହ୍ମା କହିଛନ୍ତି- 'ଯତ୍ ଫଳଂ ସ୍ନାନ ଦନେନ ରାହୁଗ୍ରସ୍ତେ ଦିବାକରେ, ତତ୍ ଫଳଂ କୃଷ୍ଣମାଲୋକଂ ମହାଜ୍ୟେଷ୍ଠା ଲଭେନ୍ନରଃ'।

ଏକଥା କହିବା ନିଷ୍ପ୍ରୟୋଜନ ଯେ, ସ୍ନାନବେଦୀରୁ ବିଗ୍ରହମାନେ ଫେରିଲା ପରେ ଆଉ ରତ୍ନ ସିଂହାସନକୁ ନଯାଇ ଅଣସର ଘରଠାରେ ଗୁପ୍ତ ପୂଜାରେ ରହିଥାଆନ୍ତି। ଅମାବାସ୍ୟା ପୂର୍ବଦିନ ଅର୍ଥାତ୍ ଚତୁର୍ଦ୍ଦଶୀରେ ବଡ଼ସିଂହାର ପରେ ପଣାଚକଟକା ଭୋଗହୋଇ ଦାସ ମହାପାତ୍ର ଲାଗି କରନ୍ତି। ଅନ୍ୟାନ୍ୟ ସେବା ପରେ କୋଠ ସୁଆଁସିଆମାନେ ତାଟି ଖଟ ବାହାରକୁ ନେଇ ଯାଆନ୍ତି। ଭିତରେ ପାଣି ପଡ଼େ। ପରେ ପରେ ନବଯୌବନ ଦର୍ଶନ ହୁଏ। ପରେ ପାଣିଆ ଆପଟ ଦ୍ୱାରା ଏହି ସ୍ଥାନ ମାର୍ଜନା ହୋଇଥାଏ। ଘଟୁଆରୀ ଘରଠାରୁ ଚନ୍ଦନ ଆସି ତିନିଗୋଟି ରୁପା ପିଙ୍ଗଣରେ ଚନ୍ଦନ ଲାଗି ହୁଏ। ତା'ପରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ତିନିଖଣ୍ଡ ଲେଖାଏଁ ଓ ସୁଦର୍ଶନଙ୍କୁ ଏକ ଖଣ୍ଡ ଲୁଗା ଲାଗି କରାଯାଏ। ପରେ ପତି ମହାପାତ୍ର ବନ୍ଦାପନା କରନ୍ତି। ତିନିଜଣ ଦତ୍ତ ମହାପାତ୍ର (କରଣ ସେବକ) ତିନି ଗୋଟି ରୁପା ବଟାରେ ତିଆରି ଥିବା କଳା ଦେଖନ୍ତି। ତିନିଜଣ ପୂଜାପଣ୍ଡା ତିନିଖଣ୍ଡ କାଠରେ ତିନି ଠାକୁରଙ୍କର 'ଶ୍ରୀ ନେତ୍ର' ଲାଗି ବା ଚିତ୍ର କରନ୍ତି। ଏହା ହିଁ ନେତ୍ରୋତ୍ସବ ନାମରେ ପରିଚିତ। ତିନି ବାଡ଼ରେ ପଣ୍ଡା, ପତି, ମୁଦିରଥ ବନ୍ଦାପନା କରନ୍ତି ଏବଂ ଏହିପରି ବର୍ଷକରେ ଥରେ ନେତ୍ରୋତ୍ସବ ପର୍ବର ସମାପନ ହୁଏ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ୍, କଟକ
ମୋ: ୯୪୩୭୦୩୧୨୫୩

# ଏଇ ଭାରତରେ

କୀଟନାଶକ, ରାସାୟନିକ ସାର ଏବଂ ପ୍ଲାଷ୍ଟିକ୍ ପ୍ରଭାବରେ ମୃତ୍ତିକା ପ୍ରଦୂଷିତ ହେବାରେ ଲାଗିଛି। ଏହାର ଉର୍ବରତା ମଧ୍ୟ ହ୍ରାସ ପାଇଚାଲିଛି। କେଉଁ ମୃତ୍ତିକାରେ କି ପ୍ରକାର ଚାଷ କରାଯିବ ତାହା ଚାଷୀ ଜାଣିବାକୁ ସକ୍ଷମ ହୋଇପାରୁ ନ ଥିବାରୁ ଉତ୍ପାଦନ କମିବା ସହ କ୍ଷତି ସହିବାକୁ ପଡୁଛି। ଏଣୁ ମୃତ୍ତିକା ସମସ୍ୟା ସମାଧନ କରିବା ଲାଗି ଦୁଇ କୃଷି ବିଜ୍ଞାନୀ ଏକ ପରୀକ୍ଷା ଯନ୍ତ୍ର ଉଦ୍ଭାବନ କରିଛନ୍ତି। ଏହାର ନାମ ରଖିଛନ୍ତି 'ନ୍ୟୁଟ୍ରିସେନ୍ସ'। ଏହା ଏକ ପେପର ବେସ୍‌ଡ ସେନ୍‌ସର। ଦୁଇ ବିଜ୍ଞାନୀ ହେଲେ ଡ. ରାହୁଲ ପାଟକର ଏବଂ ଡ. ମୁକୁଲ ସିଂ। ସେମାନେ ଉଦ୍ଭାବନ କରିଥିବା ନୂଆ ଯନ୍ତ୍ରରେ ମାତ୍ର ୫ ମିନିଟରେ ମାଟି ପରୀକ୍ଷା ହୋଇପାରୁଛି। ମାଟିରେ କେଉଁ ସାର କେତେ ପରିମାଣରେ ଦିଆଯିବ ତାହା ନିଶ୍ଚିତ କରାଯାଉଛି। ଭାରତରେ ୧୪ କୋଟି କୃଷକଙ୍କ ପାଇଁ ୩,୦୦୦ ମାଟି ପରୀକ୍ଷା କେନ୍ଦ୍ର ଥିବାବେଳେ ଏଭଳି ନୂଆ ପରୀକ୍ଷା ଯନ୍ତ୍ର ସମସ୍ୟା ଦୂର କରିବାରେ ସହାୟକ ହୋଇପାରିବ ବୋଲି କହନ୍ତି ରାହୁଲ। ସେ ଏକ ଦଶନ୍ଧି ଧରି ଗବେଷଣା କରିବା ପରେ ୨୦୨୨ ପ୍ରାରମ୍ଭରେ 'ନ୍ୟୁଟ୍ରିସେନ୍ସ'ର ପ୍ରତିକୃତି ପ୍ରସ୍ତୁତ କରିଥିଲେ। ଏବେ ସୁଦ୍ଧା ସେମାନେ ୨୦୦୦ ନ୍ୟୁଟ୍ରିସେନ୍ସ ବିକ୍ରି କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଜୁନ୍ ୧୯୯୮

- ଉତ୍ତର ଜର୍ମାନୀରେ ଏକ ଦ୍ରୁତଗାମୀ ପାସେଞ୍ଜର ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଯିବା ଫଳରେ ୮୦ ମୃତ।
- ଆସାମ ଓ ସିକିମରେ ଲଗାତର ବର୍ଷା ଯୋଗୁ ମାଟି ଅତଡ଼ା ଧସି ୨୪ଜଣଙ୍କ ପ୍ରାଣହାନି।
- କେରଳର କୋଚିନ୍‌ଠାରେ ଭାରତୀୟ ନୌଜାହାଜରୁ ଆକାଶମାର୍ଗକୁ ନିକ୍ଷେପଣ ହୋଇପାରୁଥିବା ତ୍ରିଶୁଳ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ।
- ଢେଙ୍କିକୋଟଠାରେ ଏକ ଯାତ୍ରୀବାହୀ ବସ୍ ଏବଂ ଏକ କମାଣ୍ଡର ଜିପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟି ୧୧ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ଲଭେ କିବା ଆସି ଏଥି କି ହଜାଏ,
ସେ ହିସାବ କାହିଁ ?
ଦେଖିବା ଶୁଣିବା ଯେତେ ରହେ ବାକି,
ଅନ୍ତ ତା'ର ନାହିଁ।

(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରତିରକ୍ଷା ତଥ୍ୟ ଗୁପ୍ତ ରଖାଯାଉ

ମହାଶୟ,

ଜାତୀୟ ସ୍ୱାର୍ଥକୁ ପଦାରେ ପକାଇବା ଉଚିତ ନୁହେଁ। ଜଘନ୍ୟ ଶତ୍ରୁତା ବା ଶତ୍ରୁ ଦେଶ ପାଖରେ ସରଳତା ଅବଲମ୍ବନ କରିବା ଅନୁଚିତ। ପ୍ରତିରକ୍ଷା ବିଭାଗକୁ ଅତ୍ୟନ୍ତ ସତର୍କତା ସହିତ ଦାୟିତ୍ୱ ଓ ମହତ୍ ବିଷୟବସ୍ତୁକୁ ଗୁପ୍ତ ରଖିବା ଏକାନ୍ତ ଆବଶ୍ୟକ। ଆମ ପଡ଼ୋଶୀ ରାଷ୍ଟ୍ରର ମିତ୍ରତାପଣିଆ ଆମ ଦେଶ ପାଇଁ କେତେ ସେ ପରିମାଣରେ ହିତାକାଂକ୍ଷୀ ଜାଣିବ କେମିତି ? ଭାଇ ଭାଇର ବନ୍ଧୁତା ସୁଯୋଗର ସ୍ଥାପନ ପରେ ପରେ ପଛରୁ ଆକ୍ରମଣ କରିବା ଏ ଯୁଗରେ ଅସମ୍ଭବ ନୁହେଁ। କାହାକୁ ସହଜରେ ବିଶ୍ୱାସ କରିବା ଠିକ୍ ନୁହେଁ। ପଡୋଶୀ ରାଷ୍ଟ୍ରଙ୍କୁ ସହଜରେ ସରଳରେ ସବୁ ସମୟରେ ବିଶ୍ୱାସ କରିବା ଏବଂ ଅତି ମାତ୍ରାରେ ନିଜର ହୋଇଯିବା ମୂର୍ଖାମି ସଦୃଶ ହେବ ଏଥିରେ ସନ୍ଦେହ ନାହିଁ। ଚତୁରହୀନ ମଞ୍ଜାରୀଗୁଣ ଗରିମାରୁ ମୂଷିକ ଯାହା ନାହିଁ ତାହା କରିପାରିବ। ବିଶେଷ ବିଷୟ ମୋ ଦେଶ ଭାରତ ପ୍ରତିରକ୍ଷା ବିଭାଗର ଦାୟିତ୍ୱ ବିଷୟକୁ ଦେଖେଇହେବା ବୋକାମିର ପରିଚୟ ହୋଇଯିବ। ରାଷ୍ଟ୍ରର ହିତଦୃଷ୍ଟିରୁ ପ୍ରତିରକ୍ଷାର ବହୁ ସରଞ୍ଜାମ ସମ୍ପର୍କିତ ବିଷୟ ଏବଂ ତଥ୍ୟକୁ ଗୁପ୍ତ ରଖାଯାଉ। ଏହା କରାଯାଇପାରିଲେ ଦେଶର ସୁରକ୍ଷା ନିଶ୍ଚିତ କରାଯାଇପାରିବ।

– ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ

ନିଶ୍ଚିନ୍ତକୋଇଲି, (ସ୍ୱ.ପ୍ର.):କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ଅଣସରପୁର ଗାଁର ଶୁକ୍ରବାର ରାତ୍ରି ବିଳମ୍ବିତ ପ୍ରହରରେ ନିଆଁଲାଗି ଗୋଟିଏ ପରିବାର ୨ ବଖରା ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ରାତ୍ରରେ ଏହି ଗ୍ରାମର ସେକ୍ ତବାରଜଙ୍କ ଘରେ ଆକସ୍ମିକ ଭାବେ ନିଆଁ ଲାଗି ଯାଇଥିଲା। ଏଥିରେ ୨ ବଖରା ସମେତ, ଖାଦ୍ୟ ଶସ୍ୟ, ଘର କରଣା ଜିନିଷ, ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ସମେତ ବହୁ ଆସବାବପତ୍ର ପୋଡ଼ି ଯାଇଛି। ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତହସିଲ ପ୍ରଶାସନ ପକ୍ଷରୁ ବିପନ୍ନ ପରିବାରକୁ ୨ଟି ପଲିଥିନ ଯୋଗାଇ ଦିଆଯାଇଛି। ଅଗ୍ନି ବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ସହ ପକ୍କାଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ଡିଗିରିଆ,୩।୬ (ଡି.ଏନ.ଏ.) ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ଡିଗିରିଆ ବନାଞ୍ଚଳ ଅଧୀନ ପୁରୁଣା ଡିଗିରିଆ ପଞ୍ଚାୟତର ଚଷାଆଁରକ୍ଷରେ ଜଣେ ମହିଳାଙ୍କ ହାତୀ ଆକ୍ରମଣରେ ଶନିବାର ମୃତ୍ୟୁ ଘଟିଛି। ଚଷାଆଁରକ୍ଷ ଗ୍ରାମର ନଳିନୀ ସ୍ୱାଇଁ(୩୩) ଭୋରୁ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଉଥିବା ସମୟରେ ହାତୀ ହାବୁଡ଼ରେ ପଡ଼ିଥିଲେ। ଦନ୍ତାହାତୀ ତାଙ୍କୁ ଆକ୍ରମଣ କରି ଟେକି କଚାଡ଼ି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଡିଗିରିଆ ଥାନା ପୋଲିସ, ବନ ବିଭାଗ କର୍ମଚାରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

### ରେଳ ଦୁର୍ଘଟଣାରେ ଆହତଙ୍କ ପାଇଁ ରକ୍ତଦାନ

ମାହାଙ୍ଗା,୩।୬(ସ୍ୱ.ପ୍ର.) :ବାଲେଶ୍ୱର ଜିଲାର ବାହାନଗା ରେଳ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ଲାଗି ରେଡକ୍ରସ ପକ୍ଷରୁ ରକ୍ତ ସଂଗ୍ରହ କରାଯାଉଛି। ଏଥିରେ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟ ଏରକଣାର ଯୁବ ରେଡକ୍ରସ ତଥା କଟକ ଜିଲା ଯୁବ ରେଡକ୍ରସ ସଂଯୋଜକ ଅଧାପକ ଅକ୍ଷୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶନିବାର ସ୍ୱେଚ୍ଛାସେବୀମାନେ ୯ ୟୁନିଟ ରକ୍ତଦାନ କରିଛନ୍ତି। ଏହି ଅବସରରେ ଅଧାପକ ମହାନ୍ତି, ଅଧାପକ ଜଗନ୍ନାଥ ନାୟକ, ବିକାଶ କୁମାର ପ୍ରଧାନ, ମାନସ କୁମାର ମହାନ୍ତି, ଗଗନ ମହାନ୍ତି, ନିରଞ୍ଜନ ସାମଲ, ରଣଜିତ ବେହେରା, ସୂର୍ଯ୍ୟକାନ୍ତ ସ୍ୱାଇଁ ଏବଂ ଅମୁଲ୍ୟ ପ୍ରସାଦ ସାମଲ ରେଡକ୍ରସ କେନ୍ଦ୍ରରେ ରକ୍ତଦାନ କରିଥିଲେ। ଏହି ସ୍ୱେଚ୍ଛାସେବୀମାନଙ୍କୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ବେଉରା, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ରନାଥ ମଲିକ, ନଳିନୀ କୁମାର ସାହୁ, ଅଶୋକ ଖଟୁଆ ପ୍ରମୁଖ ସାଧୁବାଦ ଓ ଅଭିନନ୍ଦନ ଜଣାଇଛନ୍ତି।

### ୪୮୦ ଲିଟର ଦେଶୀ ମଦ ଜବତ: ଜଣେ ଗିରଫ

ଆଠଗଡ଼, ୩।୬(ସ୍ୱ.ପ୍ର.) କଟକ ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ନିର୍ଦ୍ଦେଶ କ୍ରମେ ଆଠଗଡ଼ ଉପାଧକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ଆଠଗଡ ଥାନା ଧୁରୁକୁଡ଼ିଆ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ନିକଟରୁ ବାହାରକୁ ଚାଲାଣ ହେଉଥିବା ୪୮୦ଲିଟର ଦେଶୀ ମଦକୁ ଜବତ କରାଯାଇଛି। ଅଭିଯୁକ୍ତ ଡିଗିରିଆ ଥାନା ବିନ୍ଧାଣିମା ଗ୍ରାମର ମୋତିଲାଲ ବାରିକ(୨୩)ଙ୍କୁ ଗିରଫ କରାଯାଇଛି। ଉକ୍ତ ଚଢ଼ାଉରେ ଆଠଗଡ ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସ, ଉପ ନିରୀକ୍ଷକ ସୌମ୍ୟରଞ୍ଜନ ମାଝି, ଅଙ୍କିତ କହଁର, ଜ୍ୟୋତି ପ୍ରକାଶ ଲେଙ୍କା, ସନ୍ତୋଷ କୁମାର ମହାରଣା, ରଞ୍ଜିତ ମହନ୍ତ ସାମିଲ ହୋଇଥିଲେ।

# ବ୍ୟାରିକେଡ୍‌ରେ ଗଲେ ଦର୍ଶନ ମିଳିବ

- ପଦ୍ମବନ ଚଳଚଞ୍ଚଳ,ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିରୀକୃତ
- ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ସ୍ୱନକ୍ଷତ୍ର

ନିଶ୍ଚିନ୍ତକୋଇଲି/ନେମାଳ, ୩।୬ (ସ୍ୱ.ପ୍ର./ ଡି.ଏନ.ଏ.)

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଭବିଷ୍ୟ ମାଳିକାର ମହାପୁରୁଷ ଶ୍ରୀଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସମାଧି ଓ ସ୍ୱନକ୍ଷେତ୍ର ଦିବସ ପାଇଁ ନେମାଳ ପଦ୍ମବନ ଚଳଚଞ୍ଚଳ ହୋଇପଡ଼ିଛି। ରବିବାର ମହାପୁରୁଷଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରକାଶିତ ହୋଇଛି। ଶ୍ରଦ୍ଧାଳୁମାନେ ବ୍ୟାରିକେଡରେ ଯାଇ ମହାପୁରୁଷଙ୍କୁ ଦର୍ଶନ କରିବାର ବ୍ୟବସ୍ଥା ହୋଇଛି।

ଶ୍ରୀଗୋପୀନାଥଜୀଉ ଓ ମହାପୁରୁଷ ଜୀଉ ଆଶ୍ରମ ଟ୍ରଷ୍ଟ ପକ୍ଷରୁ ସ୍ୱତନ୍ତ୍ର ପୂଜା ନୀତିକାନ୍ତି ନିର୍ଘଣ୍ଟ କରାଯିବ। ରାତି ୨ଟା ୪୫ମିନିଟ୍‌ରେ ଦ୍ୱାରପାଳ ପୂଜା, ଭୋର ୩ଟାରେ ବେଢା ପ୍ରବେଶ, ୩ଟା୧୦ରେ ପୀଠ ଶୋଧନ, ୩ଟା୨୦ରେ ମଙ୍ଗଳାଳତି, ୩ଟା୩୦ରେ ସୂର୍ଯ୍ୟପୂଜା, ୩ଟା୪୦ରେ ମହାପୁରୁଷଙ୍କ ସ୍ନାନ ଓ ମାର୍ଜନା କରାଯାଇ ୪ଟା୧୦ରେ ଚନ୍ଦନ ତୁଳସୀ ଲାଗି କରାଯିବ। ୪ଟା୨୦ରେ ଅଙ୍ଗଭୂଷଣ ଲାଗି, ସାଢ଼େ ୪ରେ ଚୂଳମାଳ ଲାଗି ପରେ ୪ଟା୫୫ରେ ସକାଳ ଧୂପ, ୫ ଟାରେ ବାଳ ଭୋଗ ଓ ନୈବେଦ୍ୟ ଲାଗି କରାଯିବ। ସଢ଼େ ୫ଟାରେ ଶ୍ରଦ୍ଧାଳୁଙ୍କ ଦର୍ଶନ, ୫ଟା୪୫ରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଭୋଗ, ନୈବେଦ୍ୟ ସମର୍ପଣ ପାଇଁ ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନ ୧୨ଟା୫ରେ ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନ ମଣ୍ଡପ ବିଜେ କରାଯିବ। ସାଢ଼େ ୧୨ରେ ପୀଠ ଶୋଧନ ଓ ବେଢା ମାର୍ଜନା କରାଯାଇ ଅପରାହ୍ନ ୧ଟାରେ ତୁଳସୀ ଟାଇହା ଲାଗି କରାଯାଇ କୋଠ ଭୋଗ ନୀତି ସମ୍ପନ୍ନ ହେବ। ସାଢ଼େ ୧ଟାରେ ଆଳତି ଓ ପୁଷ୍ପାଞ୍ଜଳି ପରେ ୧ଟା୪୫ରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ରହିଛି। ସନ୍ଧ୍ୟା ୬ଟା୨୫ରେ ଆଳତି, ସାଢ଼େ ୬ଟାରେ ଦୈନନ୍ଦିନ ନୀତି ସମ୍ପନ୍ନ କରାଯାଇ ଭୋଗ ଲାଗି ହେବ। ରାତ୍ରି ୧୦ଟାରେ ପ୍ରସାଦ ସମର୍ପଣ ନୀତି, ରାତି ୧୨ଟାରେ ସର ଲବଣି ଓ ଅଧରପଣା ଲାଗି କରାଯିବ। ୨ଟାରେ ପୀଠ ଶୋଧନ କରାଯାଇ ପ୍ରାତଃ ୩ଟାରେ ମହାସ୍ନାନ ନୀତି ସମ୍ପନ୍ନ କରାଯିବ। ସେବାୟତଙ୍କ ଦ୍ୱାରା ସେବାପୂଜା ନିର୍ଘଣ୍ଟ କରାଯିବା ସହ ସେମାନଙ୍କୁ ନୀତିକାନ୍ତି ଠିକ୍ ସମୟରେ



ସାରିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଚଳିତବର୍ଷ ୫ ଦିନ ବ୍ୟାପୀ ବାଲିଯାତ୍ରା ମହୋତ୍ସବ ହେବାକୁ ଥିବାରୁ ଚିତ୍ରୋତ୍ପଳା ନଦୀ ଶଯ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେବା ଆଶା କରାଯାଉଛି। ସ୍ଥାନୀୟ ତହସିଲଦାର ଦିଲୀପ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟବସାୟୀଙ୍କୁ ସ୍ଥାନ ଚୟନ କରାଯାଇ ଲିଜ ଦିଆଯିବ। ବିଦ୍ୟୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରାଯାଇଛି। କୋଠଭୋଗ ଲାଗି ସେବାକାରୀ ଓ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ପାସ ବ୍ୟବସ୍ଥା ହୋଇଛି।

ନେମାଳ ଥାନା ପରିସରରେ ଶନିବାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ନେମାଳ ଥାନା ଆଇଆଇସି ସୁଶୀଳ କୁମାର ନାୟକ, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁ, ନେମାଳ ସରପଞ୍ଚଙ୍କ ପ୍ରତିନିଧି ଅମୀୟ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମହିଳାପୁରୁଷଙ୍କ ପାଇଁ ପୃଥକ୍ ଦର୍ଶନ ଲାଗି ବ୍ୟାରିକେଡ ବ୍ୟବସ୍ଥା ହୋଇଛି। ଲକ୍ଷାଧିକ ଜନସମାଗମକୁ ଆଖି ଆଗରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆଇନ ଶୃଙ୍ଖଳା ଦୃଷ୍ଟିରୁ ମନ୍ଦିର ଚତୁଃପାର୍ଶ୍ୱରେ ବ୍ୟାରିକେଡ ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଭିନ୍ନ ରାସ୍ତାରେ ଚେକ୍ ପୋଷ୍ଟ କରାଯିବ।

# ସାଙ୍ଗଙ୍କୁ ଛାଡ଼ି ଫେରିଲେନି ଲକ୍ଷ୍ମୀଧର

ବାହାନଗା ଟ୍ରେନ୍ ଦୁର୍ଘଟଣା



ନିଶ୍ଚିନ୍ତକୋଇଲି,୩।୬(ସ୍ୱ.ପ୍ର.)

ପୁଅ ସନ୍ଧ୍ୟାରେ ନିଜ ସାଙ୍ଗମାନଙ୍କୁ ଛାଡ଼ିବାକୁ ବାଲେଶ୍ୱର ଯାଇଥିଲା। ରାତି ୧୦ଟାରେ ଦୁର୍ଘଟଣା ଖବର ପାଇଲେ। ତା' ପରଠାରୁ ପୁଅ ସମ୍ପର୍କରେ ନା ମୁଁ କାହା ପାଖରୁ ଖବର ପାଇଲି ନା ସହିତ ଯୋଗାଯୋଗ କରିପାରିଲି। କିଂକର୍ତ୍ତବ୍ୟ ହୋଇ ମନକୁ ପାପ ଛୁଇଁବାରୁ କଟକ ବଡ ମେଡ଼ିକାଲକୁ ଧାଇଁ ଗଲି। ସେଠାରେ ନିଜ ପୁଅକୁ ଖୋଜିବାରେ ଲାଗିଲି। ହଠାତ ସେଠାରୁ ସୂଚନା ମିଳିଲା ପୁଅର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ ଭଦ୍ରକ ମେଡିକାଲରେ ଅଛି। ଏହାପରେ ମୋ ମୁଣ୍ଡ କିଛି କାମ କଲାନି। ଏହି ଉକ୍ତିଟି ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣେ ପୁଅଙ୍କ ମୃତ୍ୟୁରେ ବାପାଙ୍କ କୋହଭରା କଣ୍ଠରେ ପ୍ରକାଶ କରୁଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଧୀନ ବନ୍ଧକାଟିଆ ପଞ୍ଚାୟତ କୁଆଁଡୋଳ ଗ୍ରାମର ଶଙ୍କର୍ଷଣ ସାହାଣୀଙ୍କ ସାନପୁତ୍ର ଲକ୍ଷ୍ମୀଧର (୨୧) ଡିପ୍ଲୋମା ପଢ଼ି ବାହାର ରାଜ୍ୟରେ କାର୍ଯ୍ୟ କରୁଥିଲେ। ଛୁଟିରେ ଘରକୁ ଆସିଥିବାରୁ ବାଲେଶ୍ୱର, ଭଦ୍ରକ ଅଞ୍ଚଳର ସାଙ୍ଗମାନଙ୍କ ସହ ବିଭିନ୍ନ ତୀର୍ଥକ୍ଷେତ୍ର ବୁଲି ସେମାନଙ୍କୁ ଘରକୁ ଛାଡ଼ିବାକୁ ଯାଇଥିଲା। ଫେରିବା ବାଟରେ ବାଲେଶ୍ୱର ବାହାନଗା ନିକଟରେ ଟ୍ରେନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ଖବର ପାଇ ସ୍ଥାନୀୟ ଲୋକେ ଭଦ୍ରକ ଯାଇ ମୃତଦେହ ଚିହ୍ନଟ କରି ରବିବାର ଅପରାହ୍ନରେ ଗାଁରେ ପହଞ୍ଚି ଥିଲେ। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଦାଦା ପୁଅ ଭାଇ ଆକାଶ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କଂଗ୍ରେସ ନେତା ପ୍ରଦୀପ୍ତ କୁମାର ଦାସ, ସାମାଜିକ କର୍ମୀ ଅମିୟ ବିଶ୍ୱାଳ, ସଞ୍ଜୟ ବେହେରା, ଦିଲୀପ କୁମାର ରାଉତ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।







ବାଲେଶ୍ୱର ଜିଲା ବାହାନଗାଠାରେ ରେଳ ଦୁର୍ଘଟଣା ମୃତାହତଙ୍କ ଉଦ୍ଦେଶ୍ୟରେ ବିଜୁ ଛାତ୍ର ସଙ୍ଗଠନ ପକ୍ଷରୁ ଡିଗିରିଆ ଓ ଆଠଗଡ଼ରେ ରବିବାର ସନ୍ଧ୍ୟାରେ ବାହାରିଥିବା ମହମବତି ଶୋଭାଯାତ୍ରା।

# କାଳବୈଶାଖୀ ପ୍ରଭାବ: ସ୍କୁଲ ଆଜବେଷ୍ଟସ୍ ଉଡ଼େଇନେଲା

ମାଣିଆବନ୍ଧ, ୩।୬(ନି.ପ୍ର.)



ମଣିଷ ଖରାରେ ଡହଳବିକଳ ହେଉଥିବା ବେଳେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସହ ଝଡ଼ ତୋଫାନ ହୋଇଥିଲା। ପ୍ରବଳ ବେଗରେ ପବନ ହେବାରୁ ବଡ଼ ଗଛ ଉପୁଡି ପଡିଛି। ପବନ ବଡ଼ମ୍ବା ବ୍ଲକ ଅନ୍ତର୍ଗତ କଷିକିଆରୀ ପ୍ରଫୁଲ୍ଲ ବିଶ୍ୱାଳ ଉଚ୍ଚ ବିଦ୍ୟାଳୟର ସମସ୍ତ ଶ୍ରେଣୀର ଆଜବେଷ୍ଟସ ଭାଙ୍ଗି ନଷ୍ଟ ହୋଇଛି। ଏହି ଗ୍ରାମର ଚରଣ ଡ଼ାଲୁଆଙ୍କ ଘର ଉପରେ ଆଜବେଷ୍ଟସ ପଡିଯିବା ଫଳରେ ତାଙ୍କ ହାତ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଅଗ୍ନିଶମ ବାହିନୀ ଓ ଗ୍ରାମବାସୀଙ୍କ ସହାୟତାରେ ଗଛ କଟାଯାଉଛି। ସେହିପରି ମାଣିଆବନ୍ଧ କଲେଜ ପାଖରେ ଥିବା କୁକୁଡ଼ା ଫାର୍ମର ଛପର ଉଡ଼ାଇ ନେଇ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ଖବର ଲେଖାହେବା ବେଳକୁ ବିଦ୍ୟୁତ୍ ସେବା ମଧ ଠପ ହୋଇପଡ଼ିଛି।


GOVERNMENT OF ODISHA
DEPARTMENT OF WATER RESOURCES
O/O THE SUPERINTENDING ENGINEER,
PRACHI DIVISION, BHUBANESWAR-12
E-mail: prachi.division@yahoo.co.in,
Phone: 0674-2562427, Fax: 0674-2562472
No.3601 Dt. 01.06.2023

e-PROCUREMENT NOTICE NO. SEPRD-05/2023-24

No.A-201: Bid documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01 | Nature of work | Canal works / road works / civil works |
| 02 | No. of works | 7 Nos. |
| 03 | Bid Identification No. | SEPRD-05/2023-24 |
| 04 | Estimated cost | 9.00 Lakhs to 38.00 Lakhs |
| 05 | Earnest Money Deposit | Referred to DTCN |
| 06 | Cost of tender paper | Referred to DTCN |
| 07 | Period of completion | Referred to DTCN |
| 08 | Date & time of availability of bid documents in the portal | From 05.06.2023 (11.00 A.M.) to 13.06.2023 (5.00 P.M.) |
| 09 | Date and time of opening of tender documents & online bids | 16.06.2023 at 11.00 A.M. |
| 10 | Date of Lottery (In case of situation arises) | 23.06.2023 at 11.00 A.M. |
| 11 | Name and address of the Officer inviting bid | Superintending Engineer, Prachi Division, Bhubaneswar-12, E-mail: prachi.division@yahoo.co.in, Phone: 0674-2562427, Fax: 0674-2562472 |

Further details can be seen from the State Govt. Portal www.tendersorissa.gov.in

Sd./- Superintending Engineer, Prachi Division, Bhubaneswar
OIPR-32096/11/0002/2324



Directorate General of Training
Skill India
कौशल भारत-कुशल भारत

Government of India
Ministry of Skill Development & Entrepreneurship
Directorate General of Training
NATIONAL SKILL TRAINING INSTITUTE, BHUBANESWAR
NSIC Building, 5th Floor, IDCO, Plot No. - 06
Mancheswar Industrial Estate, Bhubaneswar - 751010
Ph.: 0674-2974438/2974498, E-mail: nsti-bhubaneshwar@dgt.gov.in

ADMISSION NOTICE

ଜାତୀୟ ଦକ୍ଷତା ତାଲିମ ପ୍ରତିଷ୍ଠାନ ଭୁବନେଶ୍ୱର, ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର, ନୂତନ ଯୁଗର ITI ସୋଲାର ଟେକ୍ନିସିଆନ (ଇଲେକ୍ଟ୍ରିକାଲ୍) ଟ୍ରେଡ ପାଠ୍ୟକ୍ରମରେ 2023-24 ଶିକ୍ଷା ବର୍ଷରେ ଆଡମିଶନ ପାଇଁ ଦଶମ ଶ୍ରେଣୀ ପାସ୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କଠାରୁ ଆବେଦନ ଗ୍ରହଣ କରୁଛି। ଏହା ଏକ ନୂତନ ଯୁଗର ITI ପାଠ୍ୟକ୍ରମ, ଯାହାକି NCVET ଅନୁମୋଦିତ NSQF Level - 3 ITI ପାଠ୍ୟକ୍ରମ। ଏହି ପାଠ୍ୟକ୍ରମର ଅବଧି ଏକ ବର୍ଷ ଅଟେ। ସୌରଶକ୍ତିର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହି ତାଲିମ ସହଜରେ ରୋଜଗାରର ସୁଯୋଗ ଆଣିଥାଏ। ଆଡମିଶନ ପଦ୍ଧତିର ବିବରଣୀ, ଯୋଗ୍ୟତା ମାନଦଣ୍ଡ, ପାଠ୍ୟକ୍ରମ ଦେୟ, ସିଟ୍ ସଂରକ୍ଷଣ ଏବଂ ଆବେଦନ ଫର୍ମ ଅଫିସିଆଲ ୱେବ୍‌ସାଇଟ୍ https//nstibhubaneswar.dgt.gov.inରେ ଉପଲବ୍ଧ ଏବଂ ଏଗୁଡ଼ିକ ଅନୁଷ୍ଠାନରୁ ମଧ ସଂଗ୍ରହ କରାଯାଇପାରିବ।

ଆବେଦନ ଫର୍ମ ଗ୍ରହଣ କରିବାର ଶେଷ ତାରିଖ ହେଉଛି: 30.06.2023 ଅଟେ।

ଆଡମିଶନ ସହାୟତା ପାଇଁ ଯୋଗାଯୋଗ ନମ୍ବର: 8594819990।

Sd./- Principal



OFFICE OF THE
NOTIFIED AREA COUNCIL, PADAMPUR
DIST:- BARGARH(ODISHA) PIN-768036
Ph. No.06683-223436, Email- ld-nac.padampur@gmail.com

Letter No. 1190 Date 02.06.2023

QUOTATION CALL NOTICE

No. C-502:- Sealed Quotations are invited for supply of CCTV Cameras with all fittings & installation at Padampur NAC. The quotationers should quote their rates including all taxes and delivery at Padampur NAC office.

| Sl No. | Description of Goods | Unit | Rate |
|---|---|---|---|
| 1 | DVR 16 CHANEL | | |
| 2 | HDD Drive 1 TB | | |
| 3 | CP Plus BULLET Camera | | |
| 4 | DOOM CAMERA | | |
| 5 | Power Supply 10 mpr cpplus | | |
| 6 | CABLE 90 Mtr | | |
| 7 | HDD DRIVE 500 GB | | |
| 8 | HDMI Cable 10 MTR | | |
| 9 | HDMI Cable 5 MTR | | |
| 10 | MOUSE | | |
| 11 | BNC CONNECTOR | | |
| 12 | DC CONNECTOR | | |

The quotationer should submit sales GST No., PAN No. etc. along with the quotation. The quotation should reach on or before Dt.09.06.2023 in the Office hour and the same will be opened on dated-12.06.2023 at 10:00 AM in presence of the quotationers or their authorized representatives at the time of opening if wish to attend.

The undersigned reserve the right to accept or reject any or all quotations without assigning any reason thereof.

Sd./- Executive Officer
NAC, Padampur
OIPR-13118/11/0006/2324



See Career Appointment on every Wednesday & Saturday



BHUBANESWAR DEVELOPMENT AUTHORITY
AKASH SHOVA BUILDING
JAWAHARLAL NEHRU MARG, BHUBANESWAR - 751001
visit us at: http://bda.gov.in

Ref. No. Date: 02.06.2023

INVITATION FOR BIDS (IFB)
BID IDENTIFICATION No.- BDA/343/SE-II/2023-24

No.CAD-841:- Superintending Engineer, Division No.II, BDA, Bhubaneswar on behalf of Bhubaneswar Development Authority, Bhubaneswar invites tender on Percentage Rate in Single Cover system to be received in on-line mode only for the following work.

| Sl. No. | Name of Work | Approximate value of work (₹ in lakh) | Completion period | Class of Contractor | Bid Security | Cost of Bid document (in ₹) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Development of Sivaji Patnaik Memorial at Jayadev Vihar, Bhubaneswar | ₹ 37.16 | 45 (Forty five) days | 'C' & 'B' Class | 1% of Tender Value | ₹ 6000.00 + GST @ 18% ₹ 1,080.00 | 17.06.2023 upto 5.30 P.M. |

The Bid documents will be available in the website http://tendersodisha.gov.in from 08.06.2023 to 5.30 P.M. of 17.06.2023.
1. All Corrigendum and Addendum will be published in the Website only.
2. Other details can be seen in the bidding documents.

OIPR-13033/11/0113/2324
Sd./- Superintending Engineer, Division No.II, BDA, Bhubaneswar



ODISHA PUBLIC SERVICE COMMISSION
NOTICE
No.4770/PSC, dt. 3.6.23
(1E-01-2022-23) DR-II)

2nd Corrigendum to Advertisment No. 16 of 2022-23 for recruitment to the post of Assistant Professor (Broad Speciality) under H & F.W. Department.

No. D-57:- As per the revised proposal communicated by the Govt. in Health & Family Welfare Department in their letter No.12363/H, dt.24.05.2023 for recruitment to the posts of Assistant Professor (Broad Speciality) of Government MCHs in the rank of Group-A, the vacancy position in respect of General Medicine discipline along with reservation thereof are hereby modified as indicated in the table given below.

| Sl No. | Discipline | Category of vacancies | | | | |
|---|---|---|---|---|---|---|
| | | S.T. | S.C. | S.E.B.C. | U.R. | Total |
| 1. | General Medicine | 05 (01-w) | 01 | 06 (02-w) | 07 (02-w) | 19 (05-w) |

All other terms and conditions outlined in advertisement No. 16 of 2022-23 shall remain unchanged. The concerned candidates are advised to visit the website of the Commission at www.opsc.gov.in.

OIPR-12002/11/0039/2324
Sd./- Secretary



OFFICE OF THE PANCHAYAT SAMITI, KOIRA
Dist.: Sundargarh
Letter No.: 1491 Date: 03.06.2023

Tender Call Notice No.: 02/2023-24

No.i-157:- Sealed tenders are invited from the interested bidder for the civil work under BDO, KOIRA of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be 'B' class contractor only. They have to submit the bid document to the undersigned in the address of Office of the B.D.O., Koira, At/P.O.: Koira, Pin- 770048, Dist.- Sundargarh (Odisha) through Registered Post/ Speed Post only on or before 21.06.2023, upto 5.00 P.M. The sale of tender paper will be from dated 05.06.2023 to dated 19.06.2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 27.06.2023 at 11.00 A.M. in the office of the undersigned in the presence of the bidders or his/ her authorized representatives.

Sd./- Block Development Officer
Koira
OIPR-19341/11/0002/2324



OFFICE OF THE PANCHAYAT SAMITI, NUAGAON
Dist.-Sundargarh
Letter No: 985 Date: 02.06.2023

Tender Call Notice No:- 08 /2022-23

No. i-154:- Sealed Tenders are invited from the interested bidder for the civil work under BDO, Nuagaon of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be 'B' class contractor only. They have to submit the bid document to the undersigned in the address of office of the B.D.O., Nuagaon, At./P.O. Nuagaon, Pin-770035, Dist- Sundargarh (Odisha) through Registered Post / Speed Post only on or before 21.06.2023, upto 5:00 PM. The sale of tender paper will be from dated 05.06.2023 to dated 19.06.2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 22.06.2023 at 11.00 AM in the office of the undersigned in the presence of the bidders or his/her authorized representatives.

Sd./- Block Development Officer, Nuagaon
OIPR-19358/11/0004/2324



GOVERNMENT OF ODISHA
ST & SC DEVELOPMENT DEPARTMENT
PROJECT ADMINISTRATOR, ITDA, PHULBANI
INVITATION FOR BIDS (IFB)
Bid Identification No. PA ITDA PLB_02 of 2023-24 Letter No.1349 Date 03.06.2023

No.CAD-822:- The Project Administrator, ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 04 Nos. of Building works. The bidders have to participate in 'online' bidding only. The website for online bidding is www.tendersodisha.gov.in. The details of bid documents will be available in above website from 10.00 A.M. of 06.06.2023 to 19.06.2023, 5.00 P.M. The bidders must possess compatible Digital Signature Certificate (DSC) of Class-II or Class-III. Bids received online shall be opened at 11.30 A.M. on 21.06.2023 in the Office of the Project Administrator, ITDA, Phulbani. Further details can be seen from the website www.tendersodisha.gov.in.

Sd./- Project Administrator
ITDA, Phulbani
OIPR-26040/11/0003/2324

## ସଂକ୍ଷେପରେ

### ବାଇକ୍ ଚୋରକୁ ଧରି ପୋଲିସ ଜିମାଦେଲେ

**ନିରାକାରପୁର,୩।୬(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଲୁଟ୍ ବଢ଼ି ଚାଲିଛି। ଏହି ଥାନା ଅଧୀନ ନିରାକାରପୁର ୟୁ.ପି. ସ୍କୁଲ ମୁଖ୍ୟ ଫାଟକ ନିକଟ ଏକ ଦୋକାନ ସମ୍ମୁଖରୁ ଶନିବାର ଜଣେ ବାଇକ୍ ଚୋରଙ୍କୁ ଧରି ମାଡ଼ ମାରିବା ସହ ପୋଲିସ ଜିମା ଦେଇଛନ୍ତି ଲୋକେ। ସୂଚନା ମୁତାବକ, ଧରାପଡ଼ିଥିବା ବାଇକ୍ ଚୋର ଜଣଙ୍କ ଶନିବାର ଅପରାହ୍ନ ୪ଟାରୁ ଉକ୍ତ ବଜାରରେ ବୁଲାବୁଲି କରିବା ସହିତ ଏକ ବାଇକ୍ ଉପରେ ବସିଥିଲେ। ଏପରିକି ଚାବିରେ ଗାଡ଼ି ଷ୍ଟାର୍ଟ କରିବାକୁ ଚେଷ୍ଟା କରିଥଲେ। ତେବେ କେତେଜଣ ଯୁବକଙ୍କ ସନ୍ଦେହ ହେବାରୁ ତାଙ୍କ ପିଛା କରିଥିଲେ। ପରେ ଚୋର ଜଣଙ୍କ ସ୍ଥାନୀୟ ଷ୍ଟେଶନ ରାସ୍ତାରେ ଯାଇ ପୁଣି ନନପଡ଼ା ଗ୍ରାମରେ ପଶି ସ୍କୁଲ ନିକଟରେ ଥିବା ଏକ ବାଇକ(ପଲ୍ସର) ନେଇଯିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପିଛା କରିଥିବା ଯୁବକମାନେ ତାଙ୍କୁ ମାଡ଼ି ବସିଥିଲେ। ପରେ ଯୁବକମାନେ ଚୋର ଜଣଙ୍କୁ ପୋଲିସ ଜିମା ଦେଇଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ

**ବୋଲଗଡ଼,୩।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ସାନକୁମାରୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୨୮ ତାରିଖରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ଏଥିରେ ଉକ୍ତ ଗ୍ରାମର ବିପିନ ରାଉତଙ୍କ ମୃତ୍ୟୁ ଘଟିଥିବା ବେଳେ ବଡ଼ଭାଇ ବିକ୍ରମ ରାଉତ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ଜଣଙ୍କୁ ଗିରଫ କରି ସିନ୍ ରିକ୍ରିଏଶନ ପରେ ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗ୍ରାମର ମୁଖ୍ୟ ଅଭିଯୁକ୍ତ ଗଣେଶ ଖଣ୍ଡାଇ(୩୧) ଓ ବ୍ରହ୍ମାନନ୍ଦ ଖଣ୍ଡାଇ(୨୩)। ଅଭିଯୁକ୍ତଦ୍ୱୟ ସମ୍ପର୍କୀୟ ଭାଇ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

ପ୍ରକାଶ ଯେ, ଗତ ୨୮ ତାରିଖ(ରବିବାର) ମଧ୍ୟାହ୍ନ ୧୨ଟାରେ ଗ୍ରାମର ମଙ୍ଗଳା ମନ୍ଦିର ନିକଟରେ ବିକ୍ରମ ଛିଡ଼ା ହୋଇଥିଲେ। ଏହି ସମୟରେ ଦୁଇଜଣ ଯୁବକ ହଠାତ୍ ସେଠାରେ ପହଞ୍ଚି ଏକ ଖଣ୍ଡାରେ ବିକ୍ରମଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ନିକଟରେ ଥିବା ସାନଭାଇ ବିପିନ ନିଜ ଜୀବନ ବଞ୍ଚାଇବା ପାଇଁ ବାଇକ୍‌ରେ ରାଜସୁନାଖଳା ଅଭିମୁଖେ ପଳାଉଥିବାବେଳେ ଯୁବକମାନେ ମଧ୍ୟ ତାଙ୍କୁ ଗୋଡ଼ାଇ ଏକ ଦୋକାନ ବାରଣ୍ଡାରେ ନିର୍ମମ ଭାବେ ଖଣ୍ଡାରେ ହାଣି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ବିପିନଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଲୋକେ ବିକ୍ରମଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକଙ୍କ ସହ ରାଜସୁନାଖଳା ଡାକ୍ତରଖାନା ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଥିବା ବେଳେ ଶୁକ୍ରବାର ଉପରୋକ୍ତ ଅଭିଯୁକ୍ତଦ୍ୱୟଙ୍କୁ ସ୍ଥାନୀୟ ଅଞ୍ଚଳରୁ ଗିରଫ କରିଥିଲା। ଶନିବାର ଏସ୍‌ପି ସିଦ୍ଧାର୍ଥ କଟାରିଆ, ଏସ୍‌ଡିପିଓ ଦିଲୀପ ଦାସ ଓ ବୋଲଗଡ଼ ଥାନା ନିରୀକ୍ଷକ ରଶ୍ମିରଞ୍ଜନ ସାହୁଙ୍କ ଉପସ୍ଥିତିରେ ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ନେଇ ଘଟଣାସ୍ଥଳ ମଙ୍ଗଳା ମନ୍ଦିର ନିକଟରୁ ସିନ୍ ରିକ୍ରିଏଶନ କରିଥିଲା। ତେବେ ୩ ବର୍ଷର ପୂର୍ବଶତ୍ରୁତା କାରଣରୁ ଏହି ହତ୍ୟାକାଣ୍ଡ ହୋଇଛି ବୋଲି ଏସ୍‌ପି କଟାରିଆ ସୂଚନା ଦେଇଛନ୍ତି। ତେବେ ଏହି ହତ୍ୟାକଣ୍ଡ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ସେନେଇ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଅଣାଯିବା ପାଇଁ କୋର୍ଟରେ ଆବେଦନ କରାଯିବ।


ପୋଲିସ ଅଭିଯୁକ୍ତଙ୍କୁ ସିନ୍‌ରିକ୍ରିଏଶନ ପାଇଁ ନେଉଛି।

**ସାନକୁମାରୀରେ ହତ୍ୟାକାଣ୍ଡ ଘଟଣା**
- ସିନ୍ ରିକ୍ରିଏଶନ କଲା ପୋଲିସ
- ୩ ବର୍ଷ ପୂର୍ବରୁ ଶତ୍ରୁତା ରହିଥିଲା
- ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ

# ଡକାୟତି ଯୋଜନା, ୫ ଧରାପଡ଼ିଲେ


ଗିରଫ ୫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

**ଜଟଣୀ,୩।୬(ଡି.ଏନ୍.ଏ.)**

ଜଟଣୀ ଥାନା ଅଧୀନ ଖଣ୍ଡୁଆଳ ମନ୍ଦିର ନିକଟ ଏକ ପରିତ୍ୟକ୍ତ ଘରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ରଥିପୁର ଟାଙ୍ଗୀସାହିର ଏସ୍.କେ. ରମ୍‌ଜାନ ଓରଫ ରମ୍‌ଜାନ (୨୪), ବାସା ଓରଫ ଏସ୍.କେ. ବସିରୁଦ୍ଦିନ (୩୫), ଫରିଦ ଓରଫ ଏସ୍.କେ. ଫରିଉଦ୍ଦିନ୍ (୨୭), ଆକ୍କା ଓରଫ ଏମ୍‌ଡି ଅଖ୍‌ତର (୨୪) ଓ ବଡ଼ତୋଟା ମିଶ୍ରସାହିର କାଲୁ ଓରଫ ଆନନ୍ଦ ନାୟକ (୩୬)। ଏମାନଙ୍କ ନିକଟରୁ ୫ଟି ଛୁରି, ୨ଟି ବାଇକ୍, ଦୁଇ ପ୍ୟାକେଟ୍ ଲଙ୍କା ଗୁଣ୍ଡ, ୩ଟି ମୋବାଇଲ ଫୋନ୍ ଓ ୧୦ ହଜାର ୫ଶହ ଟଙ୍କା ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୧୭/୨୩)ରୁଜୁ ହୋଇଛି।

ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଖଣ୍ଡୁଆଳ ମନ୍ଦିର ନିକଟ ଏକ ପରିତ୍ୟକ୍ତ ଘରେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ଥାନାର ଏକ ସ୍ପେଶାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ଡକାୟତି କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଜବତ କରିଥିଲା। ଅଭିଯୁକ୍ତମାନେ ଅଭ୍ୟାସଗତ ପେସାଦାର ଅପରାଧୀ। ଅଭିଯୁକ୍ତ ଏସ୍.କେ. ରମ୍‌ଜାନଙ୍କ ନାମରେ ପୂର୍ବରୁ ଜଟଣୀ ଥାନାରେ ୨ଟି ମାମଲା ରହିଥିବା ବେଳେ ଲକ୍ଷ୍ମୀସାଗର ଥାନାରେ ୪ଟି ମାମଲା ରହିଛି। ସେହିପରି ଏସ୍.କେ ବସିରୁଦ୍ଦିନଙ୍କ ନାମରେ ଜଟଣୀ ଥାନାରେ ୭ଟି ଆପରାଧିକ ମାମଲା ରହିଥିବା ବେଳେ ଏସ୍.କେ. ଫରିଉଦ୍ଦିନଙ୍କ ନାମରେ ଜଟଣୀ ଥାନାରେ ୯ଟି ମାମଲା ରହିଛି। ଅଭିଯୁକ୍ତ ଆକ୍କାଙ୍କ ନାମରେ ନିରାକାରପୁର ଥାନାରେ ଗୋଟିଏ ଓ ଜଟଣୀ ଥାନାରେ ୮ଟି ମାମଲା ରହିଥିବା ବେଳେ ଆନନ୍ଦଙ୍କ ନାମରେ ମହିଳା ଥାନା ଓ ଜଟଣୀ ଥାନାରେ ଗୋଟିଏ ଲେଖାଏ ଆପରାଧିକ ମାମଲା ରହିଛି।

**ଛୁରି, ଲଙ୍କାଗୁଣ୍ଡ ପ୍ୟାକେଟ୍, ବାଇକ୍, ମୋବାଇଲ ଓ ଟଙ୍କା ଜବତ**

# ମୋ ଘର ସମ୍ପର୍କିତ ସଚେତନତା କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ/ବାଣପୁର, ୩।୬(ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ କଚ୍ଚାଘରେ ବସବାସ କରୁଥିବା ପରିବାରବର୍ଗଙ୍କୁ ପକ୍କାଘର ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ଗତ ମେ' ୨୯ରେ 'ମୋ ଘର' ଯୋଜନା ଲୋକାର୍ପଣ କରିଛନ୍ତି। ଏହିକ୍ରମରେ ବାଣପୁର ବ୍ଲକ ପ୍ରଶାସନ ପକ୍ଷରୁ ସମ୍ମିଳନୀ କକ୍ଷରେ ଶନିବାର ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଯୋଗଦେଇ ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଏହାର ସଫଳ ରୂପାୟନ ଦିଗରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଜରୁରୀ ବୋଲି କହିଥିଲେ। ବିଡିଓ ଶୀତଳ ଅଗ୍ରୱାଲ ମୋ ଘର ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ଏହି ଯୋଜନାରେ ଉପକୃତ ହେବେ। କଚ୍ଚାଘରେ କିମ୍ବା ଗୋଟିଏ ବଖରା ଛାତଘରେ ରହୁଥିବା ପରିବାର ଏହି ସୁବିଧା ପାଇପାରିବେ। ଗୃହ ନିର୍ମାଣ ଯୋଜନାରେ ସହାୟତା ପାଇ ନ ଥିବା କିମ୍ବା ୭୦ହଜାର ଟଙ୍କାରୁ କମ୍ ସହାୟତା ପାଇଥିବା ପରିବାର, ମାସିକ ୨୫ ହଜାର ଟଙ୍କାରୁ କମ୍ ଆୟ କରୁଥିବା ପରିବାର, ସରକାରୀ ଉଦ୍ୟୋଗରେ ନିୟମିତ କିମ୍ବା ପେନ୍‌ସନଭୋଗୀ କର୍ମଚାରୀ ନ ଥିବା ପରିବାର ଏହି ସୁବିଧା ପାଇପାରିବେ। ଆସନ୍ତା ୧୬ ତାରିଖରୁ ଆବେଦନକାରୀ ଆର୍‌ଏଚ୍ ପୋର୍ଟାଲ ମାଧ୍ୟମରେ କିମ୍ବା ମୋ ସେବାକେନ୍ଦ୍ରରେ ଆବେଦନ କରିପାରିବେ। ଏଥିଲାଗି ଚାରି ପ୍ରକାର ଋଣ(୧ଲକ୍ଷ/୧.୫/୨/୩ଲକ୍ଷ ଟଙ୍କା) ଦିଆଯିବ। ଋଣ ଅର୍ଥ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସବ୍‌ସିଡି ରହିଛି। ଏସ୍‌ସି, ଏସ୍‌ଟି ଏବଂ ଭିନ୍ନକ୍ଷମ ମୁଖ୍ୟ ପରିବାରଙ୍କ ନିମନ୍ତେ ଅତିରିକ୍ତ ସବ୍‌ସିଡି ବ୍ୟବସ୍ଥା ରହିଛି ବୋଲି କହିଥିଲେ। ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ଯୋଜନାର ମାର୍ଗଦର୍ଶିକା ଅନୁସାରେ ବ୍ଲକ ଓ ତହସିଲର କର୍ମଚାରୀମାନେ ଆବେଦନକାରୀଙ୍କୁ ମାର୍ଗଦର୍ଶନରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଆବେଦନକାରୀ ଯେପରି ହଇରାଣ ନ ହୁଅନ୍ତି ସେଥିଲାଗି ପଞ୍ଚାୟତ, ବ୍ଲକ, ବ୍ୟାଙ୍କ, ରାଜସ୍ୱ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି କର୍ମଶାଳାରେ ସମସ୍ତ ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ, ରାଜସ୍ୱ, ବ୍ଲକ ଓ ତହସିଲ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଅଧିକାରୀ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇବାକୁ ବ୍ଲକ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ।

**ଲୋକଙ୍କୁ ସଚେତନ କରାଅ**

# ଯାଁଳା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଯାଁଳା,୩।୬(ଡି.ଏନ୍.ଏ.):** ଯାଁଳା ଦଶହରା ପଡ଼ିଆରେ ଯାଁଳା ୭ମ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ରାତିରେ ଆରମ୍ଭ ହୋଇଯାଇଛି। ପ୍ରଥମ ଦିବସରେ ପ୍ରଥମ ମ୍ୟାଚ୍ ମା' ଖଣ୍ଡୁଆଳ ୱାରିଅର ଓ ମୁଣ୍ଡମୁହାଣ ଟିମ୍ ମଧ୍ୟରେ ହୋଇଥିଲା। ଖଣ୍ଡୁଆଳ ୱାରିଅର ଟିମ୍ ୭୮ ରନ୍ ସଂଗ୍ରହ କରିଥିବା ବେଳେ ମୁଣ୍ଡମୁହାଣ ଟିମ୍ ୬.୧ ଓଭରରେ ୮୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ରୟାଲ କିଙ୍ଗ ଏବଂ ଟିମ୍ ଲୁଡୋ ମଧ୍ୟରେ ହୋଇଥିଲା। ତେବେ ଉଭୟ ଟିମ୍ ନିର୍ଦ୍ଧାରିତ ଓଭରରେ ୧୦୯ ରନ୍ ଲେଖାଏ ସଂଗ୍ରହ କରିଥିଲେ। ଫଳରେ ସୁପରଓଭରରେ ଟିମ୍ ଲୁଡ଼ୋ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ମା' ହରଚଣ୍ଡୀ ୱାରିଅର ଓ ବ୍ଲୁ ରକ୍‌ଷ୍ଟାର ମଧ୍ୟରେ ହୋଇଥିଲା। ମା' ହରଚଣ୍ଡୀ ୮ ଓଭରରେ ୭୮ ରନ୍ ସଂଗ୍ରହ କରିଥିବା ବେଳେ ବ୍ଲୁ ରକ୍‌ଷ୍ଟାର ନିର୍ଦ୍ଧାରିତ ଓଭରରେ ୮୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ତେବେ ପୁଣି ମୁଣ୍ଡମୁହାଣ ଓ ଟିମ୍ ଲୁଡୋ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟିମ୍ ମୁଣ୍ଡମୁହାଣ ୮ ଓଭରରେ ୯୯ ରନ୍ ସଂଗ୍ରହ କରିଥିବା ବେଳେ ଟିମ୍ ଲୁଡୋ ୬.୫ ଓଭରରେ ୧୦୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା।


**GOVERNMENT OF ODISHA**
**DEPARTMENT OF WATER RESOURCES**
**O/O THE SUPERINTENDING ENGINEER, PRACHI DIVISION, BHUBANESWAR-12**
E-mail: prachi.division@yahoo.co.in,
Phone: 0674-2562427, Fax: 0674-2562472
No.3601 Dt. 01.06.2023
**e-PROCUREMENT NOTICE NO. SEPRD-05/2023-24**

No.A-201: Bid documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01 | Nature of work | Canal works / road works / civil works |
| 02 | No. of works | 7 Nos. |
| 03 | Bid Identification No. | SEPRD-05/2023-24 |
| 04 | Estimated cost | 9.00 Lakhs to 38.00 Lakhs |
| 05 | Earnest Money Deposit | Referred to DTCN |
| 06 | Cost of tender paper | Referred to DTCN |
| 07 | Period of completion | Referred to DTCN |
| 08 | Date & time of availability of bid documents in the portal | From 05.06.2023 (11.00 A.M.) to 13.06.2023 (5.00 P.M.) |
| 09 | Date and time of opening of tender documents & online bids | 16.06.2023 at 11.00 A.M. |
| 10 | Date of Lottery (In case of situation arises) | 23.06.2023 at 11.00 A.M. |
| 11 | Name and address of the Officer inviting bid | Superintending Engineer, Prachi Division, Bhubaneswar-12, E-mail: prachi.division@yahoo.co.in, Phone: 0674-2562427, Fax: 0674-2562472 |

Further details can be seen from the State Govt. Portal www.tendersorissa.gov.in
Sd./- Superintending Engineer, Prachi Division, Bhubaneswar
OIPR-32096/11/0002/2324



Directorate General of Training
Skill India
कौशल भारत-कुशल भारत
**Government of India**
**Ministry of Skill Development & Entrepreneurship**
**Directorate General of Training**
**NATIONAL SKILL TRAINING INSTITUTE, BHUBANESWAR**
NSIC Building, 5th Floor, IDCO, Plot No. - 06
Manchestwar Industrial Estate, Bhubaneswar - 751010
Ph.: 0674-2974438/2974498, E-mail: nsti-bhubaneshwar@dgt.gov.in

**ADMISSION NOTICE**

ଜାତୀୟ ଦକ୍ଷତା ତାଲିମ ପ୍ରତିଷ୍ଠାନ ଭୁବନେଶ୍ୱର, ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର, ନୂତନ ଯୁଗର ITI ସୋଲାର ଟେକ୍ନିସିଆନ (ଇଲେକ୍ଟ୍ରିକାଲ୍) ଟ୍ରେଡ ପାଠ୍ୟକ୍ରମରେ 2023-24 ଶିକ୍ଷା ବର୍ଷରେ ଆଡମିଶନ ପାଇଁ ଦଶମ ଶ୍ରେଣୀ ପାସ୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କଠାରୁ ଆବେଦନ ଗ୍ରହଣ କରୁଛି। ଏହା ଏକ ନୂତନ ଯୁଗର ITI ପାଠ୍ୟକ୍ରମ, ଯାହାକି NCVET ଅନୁମୋଦିତ NSQF Level - 3 ITI ପାଠ୍ୟକ୍ରମ। ଏହି ପାଠ୍ୟକ୍ରମର ଅବଧି ଏକ ବର୍ଷ ଅଟେ। ସୌରଶକ୍ତିର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହି ତାଲିମ ସହଜରେ ରୋଜଗାରର ସୁଯୋଗ ଆଣିଥାଏ। ଆଡମିଶନ ପଦ୍ଧତିର ବିବରଣୀ, ଯୋଗ୍ୟତା ମାନଦଣ୍ଡ, ପାଠ୍ୟକ୍ରମ ଦେୟ, ସିଟ୍ ସଂରକ୍ଷଣ ଏବଂ ଆବେଦନ ଫର୍ମ ଅଫିସିଆଲ ୱେବ୍‌ସାଇଟ୍ **https//nstibhubaneswar.dgt.gov.in**ରେ ଉପଲବ୍ଧ ଏବଂ ଏଗୁଡ଼ିକ ଅନୁଷ୍ଠାନରୁ ମଧ୍ୟ ସଂଗ୍ରହ କରାଯାଇପାରିବ।
ଆବେଦନ ଫର୍ମ ଗ୍ରହଣ କରିବାର ଶେଷ ତାରିଖ ହେଉଛି: **30.06.2023** ଅଟେ।
ଆଡମିଶନ ସହାୟତା ପାଇଁ ଯୋଗାଯୋଗ ନମ୍ବର: **8594819990**।
Sd./- Principal



**ODISHA PUBLIC SERVICE COMMISSION**
**NOTICE**
No.4770/PSC, dt. 3.6.23
(1E-01-2022-23) DR-II)

**2nd Corrigendum to Advertisment No. 16 of 2022-23 for recruitment to the post of Assistant Professor (Broad Speciality) under H & F.W. Department.**

No. D-57:- As per the revised proposal communicated by the Govt. in Health & Family Welfare Department in their letter No.12363/H, dt.24.05.2023 for recruitment to the posts of Assistant Professor (Broad Speciality) of Government MCHs in the rank of Group-A, the vacancy position in respect of General Medicine discipline along with reservation thereof are hereby modified as indicated in the table given below.

| Sl No. | Discipline | Category of vacancies | | | | |
|---|---|---|---|---|---|---|
| | | S.T. | S.C. | S.E.B.C. | U.R. | Total |
| 1. | General Medicine | 05 (01-w) | 01 | 06 (02-w) | 07 (02-w) | 19 (05-w) |

All other terms and conditions outlined in advertisement No. 16 of 2022-23 shall remain unchanged. The concerned candidates are advised to visit the website of the Commission at www.opsc.gov.in.
OIPR-12002/11/0039/2324
Sd./- Secretary



**OFFICE OF THE NOTIFIED AREA COUNCIL, PADAMPUR**
DIST:- BARGARH(ODISHA) PIN-768036
Ph. No.06683-223436, Email- ld-nac.padampur@gmail.com
Letter No. 1190 Date 02.06.2023

**QUOTATION CALL NOTICE**

No. C-502:- Sealed Quotations are invited for supply of CCTV Cameras with all fittings & installation at Padampur NAC. The quotationers should quote their rates including all taxes and delivery at Padampur NAC office.

| Sl No. | Description of Goods | Unit | Rate |
|---|---|---|---|
| 1 | DVR 16 CHANEL | | |
| 2 | HDD Drive 1 TB | | |
| 3 | CP Plus BULLET Camera | | |
| 4 | DOOM CAMERA | | |
| 5 | Power Supply 10 mpr cpplus | | |
| 6 | CABLE 90 Mtr | | |
| 7 | HDD DRIVE 500 GB | | |
| 8 | HDMI Cable 10 MTR | | |
| 9 | HDMI Cable 5 MTR | | |
| 10 | MOUSE | | |
| 11 | BNC CONNECTOR | | |
| 12 | DC CONNECTOR | | |

The quotationer should submit sales GST No., PAN No. etc. along with the quotation. The quotation should reach on or before Dt.09.06.2023 in the Office hour and the same will be opened on dated-12.06.2023 at 10:00 AM in presence of the quotationers or their authorized representatives at the time of opening if wish to attend.

The undersigned reserve the right to accept or reject any or all quotations without assigning any reason thereof.
Sd./- Executive Officer
NAC, Padampur
OIPR-13118/11/0006/2324



See Career Appointment on every Wednesday & Saturday



**BHUBANESWAR DEVELOPMENT AUTHORITY**
AKASH SHOVA BUILDING
JAWAHARLAL NEHRU MARG, BHUBANESWAR - 751001
visit us at: http://bda.gov.in
Ref. No. Date: 02.06.2023
**INVITATION FOR BIDS (IFB)**
**BID IDENTIFICATION No.- BDA/343/SE-II/2023-24**

No.CAD-841:- Superintending Engineer, Division No.II, BDA, Bhubaneswar on behalf of Bhubaneswar Development Authority, Bhubaneswar invites tender on Percentage Rate in Single Cover system to be received in on-line mode only for the following work.

| Sl. No. | Name of Work | Approximate value of work (₹ in lakh) | Completion period | Class of Contractor | Bid Security | Cost of Bid document (in ₹) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Development of Sivaji Patnaik Memorial at Jayadev Vihar, Bhubaneswar | ₹ 37.16 | 45 (Forty five) days | 'C' & 'B' Class | 1% of Tender Value | ₹ 6000.00 + GST @ 18% ₹ 1,080.00 | 17.06.2023 upto 5.30 P.M. |

The Bid documents will be available in the website http://tendersodisha.gov.in from 08.06.2023 to 5.30 P.M. of 17.06.2023.
1. All Corrigendum and Addendum will be published in the Website only.
2. Other details can be seen in the bidding documents.
OIPR-13033/11/0113/2324
Sd./- Superintending Engineer, Division No.II, BDA, Bhubaneswar



**OFFICE OF THE PANCHAYAT SAMITI, KOIRA**
**Dist.: Sundargarh**
Letter No.: 1491 Date: 03.06.2023
**Tender Call Notice No.: 02/2023-24**

No.i-157:- Sealed tenders are invited from the interested bidder for the civil work under BDO, KOIRA of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be 'B' class contractor only. They have to submit the bid document to the undersigned in the address of Office of the B.D.O., Koira, At/P.O.: Koira, Pin- 770048, Dist.- Sundargarh (Odisha) through Registered Post/ Speed Post only on or before 21.06.2023, upto 5.00 P.M. The sale of tender paper will be from dated 05.06.2023 to dated 19.06.2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 27.06.2023 at 11.00 A.M. in the office of the undersigned in the presence of the bidders or his/ her authorized representatives.
Sd./- Block Development Officer
Koira
OIPR-19341/11/0002/2324



**OFFICE OF THE PANCHAYAT SAMITI, NUAGAON**
**Dist.-Sundargarh**
Letter No: 985 Date: 02.06.2023
**Tender Call Notice No:- 08 /2022-23**

No. i-154:- Sealed Tenders are invited from the interested bidder for the civil work under BDO, Nuagaon of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be 'B' class contractor only. They have to submit the bid document to the undersigned in the address of office of the B.D.O., Nuagaon, At./P.O. Nuagaon, Pin-770035, Dist- Sundargarh (Odisha) through Registered Post / Speed Post only on or before 21.06.2023, upto 5:00 PM. The sale of tender paper will be from dated 05.06.2023 to dated 19.06.2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 22.06.2023 at 11.00 AM in the office of the undersigned in the presence of the bidders or his/her authorized representatives.
Sd./- Block Development Officer, Nuagaon
OIPR-19358/11/0004/2324



**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**PROJECT ADMINISTRATOR, ITDA, PHULBANI**
**INVITATION FOR BIDS (IFB)**
**Bid Identification No. PA ITDA PLB_02 of 2023-24 Letter No.1349 Date 03.06.2023**

No.CAD-822:- The Project Administrator, ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 04 Nos. of Building works. The bidders have to participate in 'online' bidding only. The website for online bidding is www.tendersodisha.gov.in. The details of bid documents will be available in above website from 10.00 A.M. of 06.06.2023 to 19.06.2023, 5.00 P.M. The bidders must possess compatible Digital Signature Certificate (DSC) of Class-II or Class-III. Bids received online shall be opened at 11.30 A.M. on 21.06.2023 in the Office of the Project Administrator, ITDA, Phulbani. Further details can be seen from the website www.tendersodisha.gov.in.
Sd./- Project Administrator
ITDA, Phulbani
OIPR-26040/11/0003/2324

# ପୋଖରୀ ଖନନବେଳେ ଓଲଟିଲା ଟ୍ରାକ୍ଟର, ଡ୍ରାଇଭର ଆହତ

ଡେଲାଙ୍ଗ,୩।୬(ଡି.ଏନ୍.ଏ.)- ଗୁଆଲିପଡ଼ା ପଞ୍ଚାୟତ ଅଧୀନ ବୋଲକଣା ଗ୍ରାମରେ ଶନିବାର ପଞ୍ଚାୟତ ପୋଖରୀ ଖନନବେଳେ ଅଘଟଣ ଘଟିଛି। ମାଟି ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚାଳକ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସେ ହେଲେ ଗ୍ରାମର ରଞ୍ଜିତ ପରିଡ଼ା(୧୭)। ସୂଚନା ମୁତାବକ, ପୋଖରୀ ଖନନବେଳେ ଜେସିବି ମେଶିନ ସହିତ ମାଟି ବୋହିବାକୁ ୧୦ ଉର୍ଦ୍ଧ୍ୱ ଟ୍ରାକ୍ଟର ନିୟୋଜିତ ହୋଇଥିଲା। ହଠାତ୍ ତହସିଲଦାର ଆସିବା ନେଇ ମିଥ୍ୟା ଖବର ପାଇ ମାଟି ବୋଝେଇ ଟ୍ରାକ୍ଟରକୁ ଦ୍ରୁତଗତିରେ ନେବା ସମୟରେ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଫଳରେ ଚାଳକ ରଞ୍ଜିତ ଗାଡ଼ିରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ନ ହେବାରୁ ତାଙ୍କୁ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଯଦି ଖନନ କାର୍ଯ୍ୟ ଅନିୟମିତ ନୁହେଁ ତେବେ ତହସିଲଦାରଙ୍କ ନାମ ଶୁଣି କାହିଁକି ଛାନିଆ ହୋଇଥିଲେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଡ୍ରାଇଭିଂ ଲାଇସେନ୍ସ ନ ଥିବା ୧୭ ବର୍ଷୀୟ ଯୁବକଙ୍କୁ କେମିତି ଟ୍ରାକ୍ଟର ଭଳି ଭାରିଯାନ ଚାଳନାରେ ନିୟୋଜିତ କରାଯାଇଥିଲା, କିଏ ତାଙ୍କୁ ଏଥିରେ ନିୟୋଜିତ କରିଥିଲେ ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ତହସିଲଦାରଙ୍କ ବିନା ଅନୁମତିରେ ସରକାରୀ ଜାଗାରୁ ମାଟି ଉଠାଇବା ନିୟମ ନ ଥିବାବେଳେ କାହା ପରାମର୍ଶରେ ଏଭଳି କାର୍ଯ୍ୟ ହେଉଛି। ଫଳରେ ଏଭଳି ଦୁର୍ଘଟଣା ଘଟିଛି। ବ୍ଲକର କେତେକ ପଞ୍ଚାୟତରେ ବେଆଇନ ଭାବେ ସରକାରୀ ଜାଗାରୁ ମାଟି ଖନନ କରାଯାଉଛି। ଏଥିପ୍ରତି ତହସିଲଦାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଟ୍ରେନ୍ ବାତିଲ୍ ପରେ ଯାତ୍ରୀ ହଇରାଣ

- ପ୍ରଶାସନ ପକ୍ଷରୁ ଖାଦ୍ୟ ବଣ୍ଟନ
- ବସ୍ ଭଡ଼ା ବୃଦ୍ଧି ନେଇ ଅସନ୍ତୋଷ

ପୁରୀ ଅଫିସ, ୩।୬

ବାଲେଶ୍ୱର ଜିଲା ବାହାନଗାଠାରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ପରେ ରେଳ ଚଳାଚଳ ବ୍ୟାହତ ହୋଇଛି। ପୁରୀରୁ କୋଲକାତା ଯିବାକୁ ଥିବା ଟ୍ରେନ୍‌ଗୁଡ଼ିକ ବାତିଲ କରାଯାଇଛି। ତେବେ ଟ୍ରେନ୍ ବାତିଲ ଯୋଗୁ ନିଜ ଗନ୍ତବ୍ୟ ପଥକୁ ଯାଇ ନ ପାରି ପୁରୀରେ ଥିବା ଯାତ୍ରୀ, ପର୍ଯ୍ୟଟକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ତେବେ ଷ୍ଟେଶନରେ ଅଟକି ଥିବା ଯାତ୍ରୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ଖାଦ୍ୟ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ସେହିପରି କେତେଜଣ ଯାତ୍ରୀ ବସ୍ ଯୋଗେ କୋଲକାତା ଯାଇଛନ୍ତି। ତେବେ ନିର୍ଦ୍ଧାରିତ ଭଡ଼ାଠାରୁ କେତେକ ବସ୍ ମାଲିକ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ନେଉଥିବା ଯୋଗୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପୁରୀରୁ କୋଲକାତା ଯିବାକୁ ଥିବା ଅଧିକାଂଶ ଟ୍ରେନ ବାତିଲ ହେବା ପରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ କୋଲକାତା ଯିବାକୁ ଥିବା ହଜାର ହଜାର ପର୍ଯ୍ୟଟକ ହରଡ଼ଘଣାରେ ପଡିଛନ୍ତି। ତେବେ ପୁରୀ ରେଳଷ୍ଟେଶନ ମ୍ୟାନେଜରଙ୍କ ସୂଚନା ଅନୁସାରେ ଦୁର୍ଘଟଣା ଯୋଗୁ ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ, ପୁରୀ -ପାଟନା ଏକ୍ସପ୍ରେସ, ଧଉଳି ଏକ୍ସପ୍ରେସ, ପୁରୀ -ଜଳେଶ୍ୱର ଯିବାକୁ ଥିବା ୪ଟି ଟ୍ରେନ୍ ବାତିଲ କରାଯାଇଛି। ଟ୍ରେନ୍ ବାତିଲ ଯୋଗୁ ରେଳ ଷ୍ଟେଶନରେ ଶହ ଶହ ଯାତ୍ରୀ ଅଟକି ରହିଥିବା ବେଳେ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଦିଲ୍ଲୀ ଯିବାକୁ ଥିବା ନୀଳାଚଳ ଓ ଉତ୍କଳ ଏକ୍ସପ୍ରେସକୁ ଯାଜପୁରର ଜଖପୁରା ରୋଡ୍‌ଠାରୁ ଡାଇଭର୍ଟ କରାଯାଇ କେନ୍ଦୁଝର ଦେଇ ଝାଡ଼ଖଣ୍ଡର ଜୁରଲି ଜଙ୍କସନ୍ ଦେଇ ଯିବାର ବ୍ୟବସ୍ଥା ହୋଇଛି। କୋଲକାତାକୁ ଜରୁରୀ କାର୍ଯ୍ୟରେ ଯିବାକୁ ଥିବା ଯାତ୍ରୀମାନେ ଜର୍ଲି ରୁଟ୍ ଦେଇ ଯାଉଥିବା ଟ୍ରେନଗୁଡିକରେ ଯିବା ପାଇଁ ସୂଚନା ଦିଆଯାଇଛି। ସେପଟେ ଟ୍ରେନ୍ ବାତିଲ ଯୋଗୁ ଅନେକ ଯାତ୍ରୀ ବସ୍ ଯୋଗେ ପୁରୀରୁ କୋଲକାତା ଯାତ୍ରା କରିଛନ୍ତି। ତେବେ ଯାତ୍ରୀଙ୍କ ଅତ୍ୟଧିକ ଭିଡ଼କୁ ଦେଖି କେତେକ ଅସାଧୁ ବସ୍ ମାଲିକ ଏହାର ଫାଇଦା ନେବା ସହ ଯାତ୍ରୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଏସି ବସ୍‌ଗୁଡ଼ିକରେ କୋଲକାତା ଯିବା ପାଇଁ ୮ଶହ ଟଙ୍କା ଭଡା ଧାର୍ଯ୍ୟ ହୋଇଥିବା ବେଳେ ଯାତ୍ରୀମାନଙ୍କ ଠାରୁ ଦୁଇ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ କରିଛନ୍ତି ଯାତ୍ରୀ। ଏହି ଖବର ପୋଲିସ ପାଖରେ ନଥିବାରୁ ପର୍ଯ୍ୟଟକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ ଏସ୍‌ପି କେ. ବିଶାଲ ସିଂ କହିଥିଲେ, ପୋଲିସ ପ୍ରଶାସନ ପକ୍ଷରୁ ଶୁକ୍ରବାର ରାତିରେ ପ୍ରଶାସନ ସହ ଆଲୋଚନା କରାଯାଇଛି। ଜିଲାପାଳ ଏ ଘଟଣା ଉପରେ ନଜର ଦେବା ପାଇଁ ଆର୍‌ଟିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଆରିପ ଡିଏସ୍‌ପିଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି। ପୋଲିସ ପକ୍ଷରୁ ଫୋର୍ସ ଦିଆଯାଇଛି। ଆବଶ୍ୟକ ହେଲେ ଅଧିକ ପୋଲିସ ଫୋର୍ସ ନିୟୋଜିତ ହେବେ। ଆରପିଏଫ୍ ଷ୍ଟେଶନରେ ମନିଟରିଂ କରୁଛନ୍ତି। ଆରଟିଓ ମଧ୍ୟ ସମସ୍ତ ନଜର ରଖିଛନ୍ତି। ପର୍ଯ୍ୟଟକଙ୍କ ଯେପରି କୌଣସି ଅସୁବିଧା ନହେବ ସେନେଇ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉଛି। ଅପରପକ୍ଷେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଉପଜିଲାପାଳ ଭବତାରଣ ସାହୁ ଷ୍ଟେଶନରେ ଉପସ୍ଥିତ ରହି ଯାତ୍ରୀମାନଙ୍କୁ ଖାଦ୍ୟ ପାନୀୟ ଯୋଗାଇବା ସହ ବ୍ୟବସ୍ଥା ସମ୍ପର୍କରେ ନଜର ରଖିଛନ୍ତି।


ପୁରୀ ରେଳ ଷ୍ଟେଶନରେ ଅପେକ୍ଷାରତ ଯାତ୍ରୀଙ୍କୁ ପ୍ରଶାସନ ପକ୍ଷରୁ ଖାଦ୍ୟ ବଣ୍ଟନ କରାଯାଉଛି ।

# ୩ ରଥର ଦ୍ୱିତୀୟ ଭୂଇଁର ଫ୍ରେମ୍ ନିର୍ମାଣ ଜାରି



## ରଥଖଳାରୁ ...

ପୁରୀ ଅଫିସ,୩।୬

ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣରେ ନିୟୋଜିତ ସେବକ ଓ କାରିଗରମାନଙ୍କ ପକ୍ଷରୁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଶୁକ୍ରବାର ତିନିରଥର 'ପ୍ରଥମ ଭୂଇଁ' ନିର୍ମାଣ ମହାରଣା ସେବକଙ୍କ ଦ୍ୱରା ଶେଷ ହେବାପରେ ତିନିରଥ ପ୍ରଥମ ଭୂଇଁର ଅଂଶଗୁଡିକର ନମ୍ବରିଂ କରାଯାଇଥିଲା । ନମ୍ବରିଂ ପରେ ପ୍ରଥମ ଭୂଇଁଗୁଡିକୁ ଖୋଲାଯାଇ ରଥଖଳାଠାରେ ଭୋଇ ସେବକମାନେ ସାଇତିଥିଲେ। ତେବେ ଶନିବାର ତିନିରଥର ଚାରିନାହାକାରେ ପ୍ରଥମ ଭୂଇଁ ଚଉତା ବା ଛକାଠ ସେଟିଙ୍ଗ୍ ହୋଇ ମହାରଣା ଏବଂ ଭୋଇ ସେବକଙ୍କ ଦ୍ୱାରା କଣ୍ଟାବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ତିନିରଥର 'ଚଉଦ ନାହାକା' ଉଠିବା ପରେ ପ୍ରଥମ ଭୂଇଁର ବାକି ଅଂଶ ଯଥା ୪ ଖମ୍ବା, ୨୪ ପାଖୁଡା, ୧୬ ଛିଆଣ, ପାଖୁଡାକୁ ଧରିରଖିବା ପାଇଁ ଭୂଇଁ ଖମ୍ବୀ ଇତ୍ୟାଦି ସଂଯୋଗ ହେବ। ଏଣୁ କରତି ସେବକମାନେ ୬ ଫୁଟ ସାଇଜ୍‌ର ନଡ଼ିଆ ଗର ବା 'ଖଦି ଓରା' ଗଢ଼କରି ତିନି ରଥ ମହାରଣା ସେବକମାନଙ୍କୁ ଯୋଗାଇଥିଲେ। ମହାରଣା ସେବକମାନେ ଖଦି ଓରାରେ କାପ ଏବଂ ବିନ୍ଧ କରି ତିନିରଥର ଦଣ୍ଡାଗୁଡିକରେ ଆଡ୍ କରି ଫିଟିଙ୍ଗ୍ କରିଛନ୍ତି। ଏହି ଖଦିଓରାରେ ଚଉଦ ନାହାକାଗୁଡିକ ସଂଯୋଗ ହୋଇ ଉଠିଲା ପରେ ପ୍ରଥମ ଭୂଇଁର ବାକି ଅଂଶଗୁଡିକ ଚଉଦ ନାହାକା ସଂଯୁକ୍ତ ହେବ। ତିନିରଥର ମହାରଣା ସେବକମାନେ ରଥ ଖଳାରେ ଦ୍ୱିତୀୟ ଭୂଇଁର ଫ୍ରେମ୍ ନିର୍ମାଣ ଜାରି ରଖିଛନ୍ତି। ରୂପକାର ସେବକମାନେ ତିନିରଥର ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ସହ ତିନିରଥ ଧୂଳିଦଣ୍ଡାରେ ପଦ୍ମପାଖୁଡା ଡାଳିଲତା ଖୋଦେଇ ଜାରି ରଖିଛନ୍ତି। ଦୋଳବେଦି କମାରଶାଳରେ ଓଝା ସେବକମାନେ ତିନିରଥର ପ୍ରଥମ ଭୂଇଁ କଣ୍ଟା, ଟାଗ କଣ୍ଟା, କତରା କଣ୍ଟା ଏବଂ ଡମକ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଚିତ୍ରକର ସେବାକାରୀମାନେ ତିନିରଥର ପାର୍ଶ୍ୱ ଦେବଦେବୀ, ସଖୀ ଏବଂ ଶିଖର ଡମ୍ବରୁ ଇତ୍ୟାଦିରେ ରଙ୍ଗକାର୍ଯ୍ୟ ଜାରି ରଖିଛନ୍ତି।

# ଭୂସମ୍ପତ୍ତି ସୁରକ୍ଷା ପରିଷଦର ୫ଜଣିଆ ପ୍ରତିନିଧି ଦଳ ଏମ୍‌ପିଙ୍କୁ ଭେଟିଲା

## ଜମିଜମା ବିବାଦ ସମ୍ପର୍କିତ ଆଲୋଚନା

ପୁରୀ ଅଫିସ,୩।୬

ଭୂ ସମ୍ପତ୍ତି ସୁରକ୍ଷା ପରିଷଦର ଏକ ୫ଜଣିଆ ପ୍ରତିନିଧି ଦଳ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କୁ ଶନିବାର ପୁରୀ ସର୍କିଟ୍ ହାଉସ୍‌ଠାରେ ଭେଟି ପୁରୀ ସହରର ୪୦ ହଜାର ଲୋକଙ୍କର ଜମି ଜମା ମାଲିକାନା ବିବାଦ ତୁଟାଇବାକୁ ଆଲୋଚନା କରିଛନ୍ତି। ତେବେ ଏମ୍‌ପି ମିଶ୍ର ଏ ବିଷୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ଏହାକୁ ସ୍ୱତନ୍ତ୍ର ବିଷୟ ଭାବରେ ଗ୍ରହଣ କରିଥିବା କହିଛନ୍ତି। ଅତିଶୀଘ୍ର ଜମି ମାଲିକାନା ବିବାଦର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁରୀ ଏମ୍‌ପିକୁ ଭେଟିଥିବା ପ୍ରତିନିଧି ଦଳରେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାସ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବିଦ୍ୟୁତ ଲତା ଆଚାର୍ଯ୍ୟ, ସଂଗ୍ରାମ କେଶରୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କୁ ଦୀପଦାନ କରି ଶ୍ରଦ୍ଧାଞ୍ଜଳି



ସାକ୍ଷୀଗୋପାଳ,୩।୬(ଡି.ଏନ୍.ଏ./ସ୍ୱ.ପ୍ର)

ବାଲେଶ୍ୱର ବାହାନଗାରେ ହୋଇଥିବା ଭୟାନକ ଟ୍ରେନ୍ ଦୁର୍ଘଟଣାରେ ୨୮୮ ଲୋକ ମୃତ୍ୟୁବରଣ କରିଥିବାବେଳେ ପ୍ରାୟ ୮୦୩ଜଣ ଆହତ ହୋଇଛନ୍ତି। ତେବେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ଅମରାତ୍ମାର ସଦ୍‌ଗତି କାମନାକରି ଶନିବାର ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସାମାଜିକ କର୍ମୀ ରାମଶଙ୍କର ନନ୍ଦଙ୍କ ସହିତ ସ୍ଥାନୀୟ ଯୁବକମାନେ ଠାକୁରଙ୍କ ନିକଟରେ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଶୋକାକୁଳ ପରିବାରଙ୍କୁ ଭଗବାନ ଧୈର୍ଯ୍ୟ ଓ ସାହସ ଦେବାକୁ ପ୍ରାର୍ଥନା କରିଥିଲେ। ଦୀପଦାନ ଅବସରରେ ସୂର୍ଯ୍ୟପ୍ରସାଦ ନନ୍ଦ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ପ୍ରଭାତ ପ୍ରଧାନ, ଭୁବନେଶ୍ୱର ଦାସ, ମନସ୍ୱିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


GOVERNMENT OF ODISHA
DEPARTMENT OF WATER RESOURCES
O/O THE SUPERINTENDING ENGINEER,
PRACHI DIVISION, BHUBANESWAR-12
E-mail: prachi.division@yahoo.co.in,
Phone: 0674-2562427, Fax: 0674-2562472
No.3601 Dt. 01.06.2023
e-PROCUREMENT NOTICE NO. SEPRD-05/2023-24

No.A-201: Bid documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01 | Nature of work | Canal works / road works / civil works |
| 02 | No. of works | 7 Nos. |
| 03 | Bid Identification No. | SEPRD-05/2023-24 |
| 04 | Estimated cost | 9.00 Lakhs to 38.00 Lakhs |
| 05 | Earnest Money Deposit | Referred to DTCN |
| 06 | Cost of tender paper | Referred to DTCN |
| 07 | Period of completion | Referred to DTCN |
| 08 | Date & time of availability of bid documents in the portal | From 05.06.2023 (11.00 A.M.) to 13.06.2023 (5.00 P.M.) |
| 09 | Date and time of opening of tender documents & online bids | 16.06.2023 at 11.00 A.M. |
| 10 | Date of Lottery (In case of situation arises) | 23.06.2023 at 11.00 A.M. |
| 11 | Name and address of the Officer inviting bid | Superintending Engineer, Prachi Division, Bhubaneswar-12, E-mail: prachi.division@yahoo.co.in, Phone: 0674-2562427, Fax: 0674-2562472 |

Further details can be seen from the State Govt. Portal www.tendersorissa.gov.in
Sd./- Superintending Engineer, Prachi Division, Bhubaneswar
OIPR-32096/11/0002/2324

Directorate General of Training
Skill India
कौशल भारत-कुशल भारत
Government of India
Ministry of Skill Development & Entrepreneurship
Directorate General of Training
NATIONAL SKILL TRAINING INSTITUTE, BHUBANESWAR
NSIC Building, 5th Floor, IDCO, Plot No. - 06
Mancheswar Industrial Estate, Bhubaneswar - 751010
Ph.: 0674-2974438/2974498, E-mail: nsti-bhubaneshwar@dgt.gov.in

ADMISSION NOTICE

ଜାତୀୟ ଦକ୍ଷତା ତାଲିମ ପ୍ରତିଷ୍ଠାନ ଭୁବନେଶ୍ୱର, ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର, ନୂତନ ଯୁଗର ITI ସୋଲାର ଟେକ୍ନିସିଆନ (ଇଲେକ୍ଟ୍ରିକାଲ୍) ଟ୍ରେଡ ପାଠ୍ୟକ୍ରମରେ 2023-24 ଶିକ୍ଷା ବର୍ଷରେ ଆଡମିଶନ ପାଇଁ ଦଶମ ଶ୍ରେଣୀ ପାସ୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କଠାରୁ ଆବେଦନ ଗ୍ରହଣ କରୁଛି। ଏହା ଏକ ନୂତନ ଯୁଗର ITI ପାଠ୍ୟକ୍ରମ, ଯାହାକି NCVET ଅନୁମୋଦିତ NSQF Level - 3 ITI ପାଠ୍ୟକ୍ରମ। ଏହି ପାଠ୍ୟକ୍ରମର ଅବଧି ଏକ ବର୍ଷ ଅଟେ। ସୌରଶକ୍ତିର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହି ତାଲିମ ସହଜରେ ରୋଜଗାରର ସୁଯୋଗ ଆଣିଥାଏ। ଆଡମିଶନ ପଦ୍ଧତିର ବିବରଣୀ, ଯୋଗ୍ୟତା ମାନଦଣ୍ଡ, ପାଠ୍ୟକ୍ରମ ଦେୟ, ସିଟ୍ ସଂରକ୍ଷଣ ଏବଂ ଆବେଦନ ଫର୍ମ ଅଫିସିଆଲ ୱେବ୍‌ସାଇଟ୍ https//nstibhubaneswar.dgt.gov.inରେ ଉପଲବ୍ଧ ଏବଂ ଏଗୁଡ଼ିକ ଅନୁଷ୍ଠାନରୁ ମଧ୍ୟ ସଂଗ୍ରହ କରାଯାଇପାରିବ।
ଆବେଦନ ଫର୍ମ ଗ୍ରହଣ କରିବାର ଶେଷ ତାରିଖ ହେଉଛି: 30.06.2023 ଅଟେ।
ଆଡମିଶନ ସହାୟତା ପାଇଁ ଯୋଗାଯୋଗ ନମ୍ବର: 8594819990।
Sd./- Principal

OFFICE OF THE
NOTIFIED AREA COUNCIL, PADAMPUR
DIST:- BARGARH(ODISHA) PIN-768036
Ph. No.06683-223436, Email- ld-nac.padampur@gmail.com
Letter No. 1190 Date 02.06.2023

QUOTATION CALL NOTICE

No. C-502:- Sealed Quotations are invited for supply of CCTV Cameras with all fittings & installation at Padampur NAC. The quotationers should quote their rates including all taxes and delivery at Padampur NAC office.

| Sl No. | Description of Goods | Unit | Rate |
|---|---|---|---|
| 1 | DVR 16 CHANEL | | |
| 2 | HDD Drive 1 TB | | |
| 3 | CP Plus BULLET Camera | | |
| 4 | DOOM CAMERA | | |
| 5 | Power Supply 10 mpr cpplus | | |
| 6 | CABLE 90 Mtr | | |
| 7 | HDD DRIVE 500 GB | | |
| 8 | HDMI Cable 10 MTR | | |
| 9 | HDMI Cable 5 MTR | | |
| 10 | MOUSE | | |
| 11 | BNC CONNECTOR | | |
| 12 | DC CONNECTOR | | |

The quotationer should submit sales GST No., PAN No. etc. along with the quotation. The quotation should reach on or before Dt.09.06.2023 in the Office hour and the same will be opened on dated-12.06.2023 at 10:00 AM in presence of the quotationers or their authorized representatives at the time of opening if wish to attend.
The undersigned reserve the right to accept or reject any or all quotations without assigning any reason thereof.
Sd./- Executive Officer
NAC, Padampur
OIPR-13118/11/0006/2324

BHUBANESWAR DEVELOPMENT AUTHORITY
AKASH SHOVA BUILDING
JAWAHARLAL NEHRU MARG, BHUBANESWAR - 751001
visit us at: http://bda.gov.in
Ref. No. Date: 02.06.2023
INVITATION FOR BIDS (IFB)
BID IDENTIFICATION No.- BDA/343/SE-II/2023-24

No.CAD-841:- Superintending Engineer, Division No.II, BDA, Bhubaneswar on behalf of Bhubaneswar Development Authority, Bhubaneswar invites tender on Percentage Rate in Single Cover system to be received in on-line mode only for the following work.

| Sl. No. | Name of Work | Approximate value of work (₹ in lakh) | Completion period | Class of Contractor | Bid Security | Cost of Bid document (in ₹) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Development of Sivaji Patnaik Memorial at Jayadev Vihar, Bhubaneswar | ₹ 37.16 | 45 (Forty five) days | 'C' & 'B' Class | 1% of Tender Value | ₹ 6000.00 + GST @ 18% ₹ 1,080.00 | 17.06.2023 upto 5.30 P.M. |

The Bid documents will be available in the website http://tendersodisha.gov.in from 08.06.2023 to 5.30 P.M. of 17.06.2023.
1. All Corrigendum and Addendum will be published in the Website only.
2. Other details can be seen in the bidding documents.
OIPR-13033/11/0113/2324 Sd./- Superintending Engineer, Division No.II, BDA, Bhubaneswar

ODISHA PUBLIC SERVICE COMMISSION
NOTICE
No.4770/PSC, dt. 3.6.23
(1E-01-2022-23) DR-II)

2nd Corrigendum to Advertisment No. 16 of 2022-23 for recruitment to the post of Assistant Professor (Broad Speciality) under H & F.W. Department.

No. D-57:- As per the revised proposal communicated by the Govt. in Health & Family Welfare Department in their letter No.12363/H, dt.24.05.2023 for recruitment to the posts of Assistant Professor (Broad Speciality) of Government MCHs in the rank of Group-A, the vacancy position in respect of General Medicine discipline along with reservation thereof are hereby modified as indicated in the table given below.

| Sl No. | Discipline | Category of vacancies | | | | |
|---|---|---|---|---|---|---|
| | | S.T. | S.C. | S.E.B.C. | U.R. | Total |
| 1. | General Medicine | 05 (01-w) | 01 | 06 (02-w) | 07 (02-w) | 19 (05-w) |

All other terms and conditions outlined in advertisement No. 16 of 2022-23 shall remain unchanged. The concerned candidates are advised to visit the website of the Commission at www.opsc.gov.in.
OIPR-12002/11/0039/2324 Sd./- Secretary

OFFICE OF THE PANCHAYAT SAMITI, KOIRA
Dist.: Sundargarh
Letter No.: 1491 Date: 03.06.2023
Tender Call Notice No.: 02/2023-24

No.i-157:- Sealed tenders are invited from the interested bidder for the civil work under BDO, KOIRA of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be 'B' class contractor only. They have to submit the bid document to the undersigned in the address of Office of the B.D.O., Koira, At/P.O.: Koira, Pin- 770048, Dist.- Sundargarh (Odisha) through Registered Post/ Speed Post only on or before 21.06.2023, upto 5.00 P.M. The sale of tender paper will be from dated 05.06.2023 to dated 19.06.2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 27.06.2023 at 11.00 A.M. in the office of the undersigned in the presence of the bidders or his/ her authorized representatives.
Sd./- Block Development Officer
Koira
OIPR-19341/11/0002/2324

OFFICE OF THE PANCHAYAT SAMITI, NUAGAON
Dist.-Sundargarh
Letter No: 985 Date: 02.06.2023
Tender Call Notice No:- 08 /2022-23

No. i-154:- Sealed Tenders are invited from the interested bidder for the civil work under BDO, Nuagaon of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be 'B' class contractor only. They have to submit the bid document to the undersigned in the address of office of the B.D.O., Nuagaon, At./P.O. Nuagaon, Pin-770035, Dist- Sundargarh (Odisha) through Registered Post / Speed Post only on or before 21.06.2023, upto 5:00 PM. The sale of tender paper will be from dated 05.06.2023 to dated 19.06.2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 22.06.2023 at 11.00 AM in the office of the undersigned in the presence of the bidders or his/her authorized representatives.
Sd./- Block Development Officer, Nuagaon
OIPR-19358/11/0004/2324

GOVERNMENT OF ODISHA
ST & SC DEVELOPMENT DEPARTMENT
PROJECT ADMINISTRATOR, ITDA, PHULBANI
INVITATION FOR BIDS (IFB)
Bid Identification No. PA ITDA PLB_02 of 2023-24 Letter No.1349 Date 03.06.2023

No.CAD-822:- The Project Administrator, ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 04 Nos. of Building works. The bidders have to participate in 'online' bidding only. The website for online bidding is www.tendersodisha.gov.in. The details of bid documents will be available in above website from 10.00 A.M. of 06.06.2023 to 19.06.2023, 5.00 P.M. The bidders must possess compatible Digital Signature Certificate (DSC) of Class-II or Class-III. Bids received online shall be opened at 11.30 A.M. on 21.06.2023 in the Office of the Project Administrator, ITDA, Phulbani. Further details can be seen from the website www.tendersodisha.gov.in.
Sd./- Project Administrator
ITDA, Phulbani
OIPR-26040/11/0003/2324

See Career Appointment on every Wednesday & Saturday

## ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ,ଜଣେ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ବିଦ୍ୟୁତ୍ ଲାଇନ୍ ମରାମତି ବେଳେ କର୍ମଚାରୀଙ୍କୁ ଇଟାରେ ଆକ୍ରମଣ ଘଟଣାରେ ଖଣ୍ଡଗିରି ଥାନା ପୋଲିସ ସଂପୃକ୍ତ ଜଣେ ଯୁବକଙ୍କୁ ୩ ମାସ ପରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମର ପ୍ରତାପ କୁମାର ପରିଡ଼ା। ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ମାର୍ଚ୍ଚ ମାସରେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ୨୪୦ କେଭି ଲାଇନ ମରାମତି ନିମନ୍ତେ ସ୍ଥାନୀୟ ଥାନା ମାଳି କଲୋନୀ ବସ୍ତିକୁ ଯାଇଥିଲେ। ସେଠାରେ ଖୁଣ୍ଟରେ ଚଢ଼ି ମରାମତି କରୁଥିବାବେଳେ ଅଭିଯୁକ୍ତ ଗାଳିଗୁଲଜ କରିବା ସହ ମାରିବାର ଧମକ ଦେଇଥିଲେ। ସେମାନେ ତଳକୁ ଓହ୍ଲାଇବା ପରେ ସେ ଇଟାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ।

# ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ, ୨ ଭାଇ ଗିରଫ

ଭୁବନେଶ୍ୱର,୩।୬(ବ୍ୟୁରୋ)

ଚିକେନ ଦୋକାନୀ ଓ ତାଙ୍କ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ୨ ଭାଇଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ କନ୍ଧସାହିର ରଞ୍ଜନ କୁମାର ସାମନ୍ତରାୟ ଓ ମନୋଜ କୁମାର ସାମନ୍ତରାୟ। ଉଭୟଙ୍କଠାରୁ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି। ଜାମିନ ନମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ ଆକ୍ରମଣ ଶିକାର ହୋଇଥିବା ଦୋକାନୀ ଓ ତାଙ୍କର ଜଣେ ସହଯୋଗୀ ପୂର୍ବ ବିବାଦକୁ ନେଇ ଅଭିଯୁକ୍ତଦ୍ୱୟଙ୍କ ପାଖକୁ ଆଲୋଚନା ପାଇଁ ଯାଇଥିଲେ। ଏହି ଆଲୋଚନା ସମୟରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇ ପରସ୍ପର ମଧ୍ୟରେ ମାର୍‌ପିଟ୍ ହୋଇଥିଲେ।ଏହାପରେ ଚିକେନ ଦୋକାନୀ ତାଙ୍କ ସହଯୋଗୀଙ୍କୁ ନେଇ ନିଜ ଚିକେନ ସେଣ୍ଟରକୁ ଫେରିଆସିଥିଲେ। କିଛି ସମୟପରେ ଅଭିଯୁକ୍ତ ଦୁଇ ଭାଇ କିଛି ସହଯୋଗୀଙ୍କୁ ଧରି ଚିକେନ ସେଣ୍ଟର ନିକଟରେ ପହଞ୍ଚି ତାଙ୍କୁ ପଥର ଓ କାଠଫାଳିଆ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଚିକେନ ଦୋକାନୀଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିବା ଦ୍ୱାରା ସେ ଏବଂ ତାଙ୍କ ସହଯୋଗୀ ଗୁରୁତର ଆହତ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା।

# ୨୬୦ ନିୟୁତ ବୟସ୍କଙ୍କ ସୁରକ୍ଷା ପାଇଁ ଟିକାକରଣ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୩।୬ (ବ୍ୟୁରୋ)

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାର 'ଡିକେଡ୍ ଅଫ୍ ହେଲ୍‌ଦି ଏଜିଙ୍ଗ-ବେସ୍‌ଲାଇନ୍ ରିପୋର୍ଟ-୨୦୨୦'ରେ ବୟସ୍କଙ୍କ ଟିକାକରଣକୁ ସୁସ୍ଥ ବୃଦ୍ଧାବସ୍ଥା ପାଇଁ ଅନ୍ୟତମ ରଣନୀତି ଭାବେ ମାନ୍ୟତା ପ୍ରଦାନ କରିଛି। ଭାରତର ୨୬୦ ନିୟୁତ ବୟସ୍କଙ୍କ ସୁରକ୍ଷା ପାଇଁ ଟିକାକରଣ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ବୃଦ୍ଧାବସ୍ଥା କମ୍ ରୋଗ ପ୍ରତିରୋଧକ ଶକ୍ତିର କାରଣ ହୋଇଥାଏ। ଏହା ବୟସ୍କ ଲୋକଙ୍କୁ ନିମୋନିଆ, ଇନ୍‌ଫ୍ଲୁଏଞ୍ଜା ଓ ସିଙ୍ଗଲ୍‌ସ ଏବଂ ସେଗୁଡ଼ିକର ଜଟିଳତା ଭଳି ସଂକ୍ରାମକ ରୋଗଗୁଡ଼ିକ ପ୍ରତି ସମ୍ବେଦନଶୀଳ କରିଥାଏ। ସିଙ୍ଗଲ୍‌ସ ହେଉଛି ଏକ ସଂକ୍ରାମକ ରୋଗ, ଯାହା ବୟସ୍କ ବ୍ୟକ୍ତିଙ୍କ ପାଇଁ କ୍ଷତିକାରକ ହୋଇପାରେ। ଏହି ରୋଗ କାରଣରୁ ଯନ୍ତ୍ରଣାଦାୟକ ଚର୍ମରୋଗ ହୋଇଥାଏ। କିଛି ବ୍ୟକ୍ତିଙ୍କ ପାଇଁ ଚର୍ମରୋଗ ଦୂର ହେବା ପରେ ମଧ୍ୟ ସ୍ନାୟୁରେ ଦୀର୍ଘ ଦିନ ଧରି ଯନ୍ତ୍ରଣା ରହିଥାଏ ଏବଂ ଏହା ବୟସ୍କ ବ୍ୟକ୍ତିଙ୍କ ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରିଥାଏ। ସେହିପରି ଭାରତରେ ନନ୍-କମ୍ୟୁନିକେବୁଲ ଡିଜିଜ୍ (ଏନ୍‌ସିଡି) ଯେପରିକି ହୃଦ୍‌ରୋଗ, ଗମ୍ଭୀର ଶ୍ୱାସକ୍ରିୟା ଜନିତ ରୋଗ ଓ ମଧୁମେହ ଆଦି ମୋଟ ରୋଗ ବୋଝରେ ୫୦%ରୁ ଅଧିକ ଲୋକ ପ୍ରଭାବିତ। ଏଭଳି କୋମର୍ବିଡିଟିରେ ପୀଡ଼ିତ ବୟସ୍କମାନେ ଭିପିଡି ପ୍ରତି ଅଧିକ ସମ୍ବେଦନଶୀଳ। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଭିପିଡି ଦ୍ୱାରା ଘଟୁଥିବା ମୃତ୍ୟୁସଂଖ୍ୟାର ୯୫%ରୁ ଅଧିକ ହେଉଛନ୍ତି ବୟସ୍କ ବ୍ୟକ୍ତି। ଏହି ରୋଗଗୁଡ଼ିକ ଘାତକ ହେବା ସହିତ ଏନ୍‌ସିଡିଗୁଡ଼ିକୁ ଅଧିକ ଜଟିଳ କରିଥାନ୍ତି, ଯାହାଫଳରେ ହସ୍ପିଟାଲାଇଜେଶନ ବୃଦ୍ଧି ପାଇଥାଏ। ସିଙ୍ଗଲ୍‌ସ ବିଶେଷକରି ସଂକ୍ରମଣର ପ୍ରଥମ କିଛିମାସ ପରେ ହୃଦ୍‌ଘାତର ବିପଦକୁ ବୃଦ୍ଧି କରିଥାଏ। ତେବେ ଟିକା ଦ୍ୱାରା ସିଙ୍ଗଲ୍‌ସକୁ ପ୍ରତିରୋଧ କରାଯାଇ ପାରୁଛି। ତେଣୁ ଅଧିକରୁ ଅଧିକ ଜୀବନ ବଞ୍ଚାଇବା ଓ ଜୀବନର ମାନ ବୃଦ୍ଧି କରିବା ପାଇଁ ବୟସ୍କ ବ୍ୟକ୍ତିଙ୍କ ଟିକାକରଣକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଏସମ୍ପର୍କରେ ଭୁବନେଶ୍ୱରର ଆଇଏମ୍‌ଆର୍ ଓ ସମ୍ ହସ୍ପିଟାଲ, ଡର୍ମାଟୋଲୋଜିଷ୍ଟ ବିଭାଗର ମୁଖ୍ୟ ଡା. ବିକାଶ ରଞ୍ଜନ କର କହିଛନ୍ତି, ଆମ ଦେଶର ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅଧିକ ବୟସର ଲୋକ ସିଙ୍ଗଲ୍‌ସ, ଇନ୍‌ଫ୍ଲୁଏଞ୍ଜା ଓ ନିମୋନିଆ ଭଳି ଗମ୍ଭୀର ସଂକ୍ରାମକ ରୋଗ ପ୍ରତି ଅଧିକ ସମ୍ବେଦନଶୀଳ ହୋଇଥାନ୍ତି। ଏହି ରୋଗଗୁଡ଼ିକ ରୋଗୀଙ୍କୁ ଗୁରୁତର କରିପାରେ ଏବଂ ବୟସ୍କ ବ୍ୟକ୍ତିଙ୍କଠାରେ ଅସହଜତା ସୃଷ୍ଟି କରିପାରେ। ତେବେ ଏଭଳି ସଂକ୍ରମଣଗୁଡ଼ିକୁ ଟିକାକରଣ ଦ୍ୱାରା ରୋକାଯାଇପାରିବ। ତେଣୁ ବୟସ୍କ ବ୍ୟକ୍ତିଙ୍କ ଟିକାକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଡା. କର କହିଛନ୍ତି।

# ୩ ରଥର ଦ୍ୱିତୀୟ ଭୂଇଁର ଫ୍ରେମ୍ ନିର୍ମାଣ ଜାରି




ପୁରୀ ଅଫିସ,୩।୬

ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣରେ ନିୟୋଜିତ ସେବକ ଓ କାରିଗରମାନଙ୍କ ପକ୍ଷରୁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଶୁକ୍ରବାର ତିନିରଥର 'ପ୍ରଥମ ଭୂଇଁ' ନିର୍ମାଣ ମହାରଣା ସେବକଙ୍କ ଦ୍ୱାରା ଶେଷ ହେବାପରେ ତିନିରଥ ପ୍ରଥମ ଭୂଇଁର ଅଂଶଗୁଡ଼ିକର ନମ୍ବରିଂ କରାଯାଇଥିଲା । ନମ୍ବରିଂ ପରେ ପ୍ରଥମ ଭୂଇଁଗୁଡ଼ିକୁ ଖୋଲାଯାଇ ରଥଖଳାଠାରେ ଭୋଇ ସେବକମାନେ ସାଇତିଥିଲେ। ତେବେ ଶନିବାର ତିନିରଥର ଚାରିନାହାକାରେ ପ୍ରଥମ ଭୂଇଁ ଚଉତା ବା ଛକାଠ ସେଟିଙ୍ଗ୍ ହୋଇ ମହାରଣା ଏବଂ ଭୋଇ ସେବକଙ୍କ ଦ୍ୱାରା କଣ୍ଟାବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ତିନିରଥର 'ଚଉଦ ନାହାକା' ଉଠିବା ପରେ ପ୍ରଥମ ଭୂଇଁର ବାକି ଅଂଶ ଯଥା ୪ ଖମ୍ବୀ, ୨୪ ପାଖୁଡ଼ା, ୧୬ ଛିଆଣ, ପାଖୁଡ଼ାକୁ ଧରିରଖିବା ପାଇଁ ଭୂଇଁ ଖମ୍ବୀ ଇତ୍ୟାଦି ସଂଯୋଗ ହେବ। ଏଣୁ କରତି ସେବକମାନେ ୬ ଫୁଟ ସାଇଜ୍‌ର ନଡ଼ିଆ ଗର ବା 'ଖଦି ଓରା' ଗଢ଼କରି ତିନି ରଥ ମହାରଣା ସେବକମାନଙ୍କୁ ଯୋଗାଇଥିଲେ। ମହାରଣା ସେବକମାନେ ଖଦି ଓରାରେ କାପ ଏବଂ ବିନ୍ଧ କରି ତିନିରଥର ଦଣ୍ଡାଗୁଡ଼ିକରେ ଆଡ୍ କରି ଫିଟିଙ୍ଗ୍ କରିଛନ୍ତି। ଏହି ଖଦିଓରାରେ ଚଉଦ ନାହାକାଗୁଡ଼ିକ ସଂଯୋଗ ହୋଇ ଉଠିଲା ପରେ ପ୍ରଥମ ଭୂଇଁର ବାକି ଅଂଶଗୁଡ଼ିକ ଚଉଦ ନାହାକା ସଂଯୁକ୍ତ ହେବ। ତିନିରଥର ମହାରଣା ସେବକମାନେ ରଥ ଖଳାରେ ଦ୍ୱିତୀୟ ଭୂଇଁର ଫ୍ରେମ୍ ନିର୍ମାଣ ଜାରି ରଖିଛନ୍ତି। ରୂପକାର ସେବକମାନେ ତିନିରଥର ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ସହ ତିନିରଥ ଧୂଳିଦଣ୍ଡାରେ ପଦ୍ମପାଖୁଡ଼ା ଡାଳିଲତା ଖୋଦେଇ ଜାରି ରଖିଛନ୍ତି। ଦୋଳବେଦି କମାରଶାଳରେ ଓଝା ସେବକମାନେ ତିନିରଥର ପ୍ରଥମ ଭୂଇଁ କଣ୍ଟା, ତାଗ କଣ୍ଟା, କତରା କଣ୍ଟା ଏବଂ ଡମକ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଚିତ୍ରକର ସେବାକାରୀମାନେ ତିନିରଥର ପାର୍ଶ୍ୱ ଦେବଦେବୀ, ସଖୀ ଏବଂ ଶିଖର ଡମ୍ବରୁ ଇତ୍ୟାଦିରେ ରଙ୍ଗକାର୍ଯ୍ୟ ଜାରି ରଖିଛନ୍ତି।

# ଡକାୟତି ଯୋଜନା, ୫ ଧରାପଡ଼ିଲେ

## ଛୁରି, ଲଙ୍କାଗୁଣ୍ଡ ପ୍ୟାକେଟ୍, ବାଇକ୍, ମୋବାଇଲ ଓ ଟଙ୍କା ଜବତ

ଜଟଣୀ,୩।୬(ଡି.ଏନ୍.ଏ.)

ଜଟଣୀ ଥାନା ଅଧୀନ ଖଣ୍ଡୁଆଳ ମନ୍ଦିର ନିକଟ ଏକ ପରିତ୍ୟକ୍ତ ଘରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ରଥିପୁର ଟାଙ୍ଗୀସାହିର ଏସ୍.କେ. ରମ୍‌ଜାନ ଓରଫ ରମ୍‌ଜାନ (୨୪), ବାସା ଓରଫ ଏସ୍.କେ. ବସିରୁଦ୍ଦିନ (୩୫), ଫରିଦ ଓରଫ ଏସ୍.କେ. ଫରିଉଦ୍ଦିନ୍ (୨୭), ଆକ୍କା ଓରଫ ଏମ୍‌ଡି ଅଖ୍‌ତର (୨୪) ଓ ବଡ଼ତୋଟା ମିଶ୍ରସାହିର କାଲୁ ଓରଫ ଆନନ୍ଦ ନାୟକ (୩୬)। ଏମାନଙ୍କ ନିକଟରୁ ୫ଟି ଛୁରି, ୨ଟି ବାଇକ୍, ଦୁଇ ପ୍ୟାକେଟ୍ ଲଙ୍କା ଗୁଣ୍ଡ, ୩ଟି ମୋବାଇଲ ଫୋନ୍ ଓ ୧୦ ହଜାର ୫ଶହ ଟଙ୍କା ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୧୭/୨୩)ରୁଜୁ ହୋଇଛି।


ଗିରଫ ୫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଖଣ୍ଡୁଆଳ ମନ୍ଦିର ନିକଟ ଏକ ପରିତ୍ୟକ୍ତ ଘରେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ଥାନାର ଏକ ସ୍ପେଶାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ଡକାୟତି କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଜବତ କରିଥିଲା। ଅଭିଯୁକ୍ତମାନେ ଅଭ୍ୟାସଗତ ପେସାଦାର ଅପରାଧୀ। ଅଭିଯୁକ୍ତ ଏସ୍.କେ. ରମ୍‌ଜାନଙ୍କ ନାମରେ ପୂର୍ବରୁ ଜଟଣୀ ଥାନାରେ ୨ଟି ମାମଲା ରହିଥିବା ବେଳେ ଲକ୍ଷ୍ମୀସାଗର ଥାନାରେ ୪ଟି ମାମଲା ରହିଛି। ସେହିପରି ଏସ୍.କେ ବସିରୁଦ୍ଦିନଙ୍କ ନାମରେ ଜଟଣୀ ଥାନାରେ ୭ଟି ଆପରାଧିକ ମାମଲା ରହିଥିବା ବେଳେ ଏସ୍.କେ. ଫରିଉଦ୍ଦିନଙ୍କ ନାମରେ ଜଟଣୀ ଥାନାରେ ୯ଟି ମାମଲା ରହିଛି। ଅଭିଯୁକ୍ତ ଆକ୍କାଙ୍କ ନାମରେ ନିରାକାରପୁର ଥାନାରେ ଗୋଟିଏ ଓ ଜଟଣୀ ଥାନାରେ ୮ଟି ମାମଲା ରହିଥିବା ବେଳେ ଆନନ୍ଦଙ୍କ ନାମରେ ମହିଳା ଥାନା ଓ ଜଟଣୀ ଥାନାରେ ଗୋଟିଏ ଲେଖାଏ ଆପରାଧିକ ମାମଲା ରହିଛି।

# ପ୍ଲଟ୍ ଦେବା ନାଁରେ ୯.୩୨ ଲକ୍ଷ ଟଙ୍କା ଠକେଇ, ଯୁବକ ଗିରଫ

**ଭୁବନେଶ୍ୱର,୩।୬(ବ୍ୟୁରୋ):** ପ୍ଲଟ୍ ଦେବା ନାଁରେ ଜଣେ ବ୍ୟକ୍ତିଙ୍କଠାରୁ ୯ ଲକ୍ଷ ୩୨ ହଜାର ଟଙ୍କା ଠକିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଶ୍ରୀରାମନଗର ଲେନ୍-୨ ରହୁଥିବା ଗଞ୍ଜାମର ରବି ସାହୁ (୨୫)। ତାଙ୍କଠାରୁ ଠକେଇ ଟଙ୍କା ଜବତ ହୋଇନାହିଁ। ତେବେ ଜାମିନ ନ ମିଳିବାରୁ ଅଭିଯୁକ୍ତ ରବିଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଶ୍ରୀରାମନଗରରେ ରହୁଥିବା ବାଲିପାଟଣା ଥାନା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ନାୟକ ରାଜଧାନୀରେ ଜମି କିଣିବା ସନ୍ଧାନରେ ଥିଲେ। ଏହି ସମୟରେ ଅଭିଯୁକ୍ତ ରବି ପଟିଆ ଅଞ୍ଚଳରେ ୮ ଲକ୍ଷ ଟଙ୍କା ମୂଲ୍ୟର ଏକ ପ୍ଲଟ୍ ଅଛି ବୋଲି ତାଙ୍କୁ କହିଥିଲେ। ଏଥିପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଅଗ୍ରିମ ଦେଇ ବୁକ୍ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଏଥିରେ ରାଜି ହୋଇ ପୂର୍ଣ୍ଣଚନ୍ଦ୍ର ପ୍ରଥମେ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରୁ ୧ ଲକ୍ଷ ୨୦ ହଜାର ଟଙ୍କା ଏବଂ ପରେ ଆଉ ୬୨ ହଜାର ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ। ବାକି ୭ ଲକ୍ଷ ୫୦ ହଜାର ଟଙ୍କା ଦେଲେ ଉକ୍ତ ପ୍ଲଟ୍‌ର ରେଜିଷ୍ଟ୍ରେଶନ ହେବ ବୋଲି କହିଥିଲେ। ଫଳରେ ପୂର୍ଣ୍ଣଚନ୍ଦ୍ର ତାଙ୍କୁ ଆଉ ୭ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ଅଭିଯୁକ୍ତ ରବି ସମସ୍ତ ଟଙ୍କା ନେବା ପରେ ଜମି ରେଜିଷ୍ଟ୍ରେଶନ କରିପାରି ନ ଥିଲେ। ବାରମ୍ବାର କହିବା ପରେ ଅଭିଯୁକ୍ତ ଜଣକ ୧୫ ଦିନ ମଧ୍ୟରେ ଜମି ମାଲିକ ରେଜିଷ୍ଟ୍ରେଶନ କରିବେ ବୋଲି କହି ଏକ ଷ୍ଟାମ୍ପ ପେପରରେ ପୂର୍ଣ୍ଣଚନ୍ଦ୍ରଙ୍କ ଦସ୍ତଖତ ନେଇଥିଲେ। ହେଲେ ଏହି ସମୟ ମଧ୍ୟରେ କୌଣସି ରେଜିଷ୍ଟ୍ରେଶନ ନ ହେବାରୁ ପୂର୍ଣ୍ଣଚନ୍ଦ୍ର ଟଙ୍କା ଫେରାଇବା ଲାଗି ଅଭିଯୁକ୍ତଙ୍କୁ କହିଥିଲେ। କିନ୍ତୁ ଅଭିଯୁକ୍ତ ରବି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିକରିବା ସହିତ ଗୁଣ୍ଡା ଲଗାଇ ତାଙ୍କ ସହ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବା ଲାଗି ଧମକ ଦେଇଥିଲେ। ଏନେଇ ଅଭିଯୋଗ ପରେ ଲିଙ୍ଗରାଜ ଥାନା ପୋଲିସ ମାମଲାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।


GOVERNMENT OF ODISHA
DEPARTMENT OF WATER RESOURCES
O/O THE SUPERINTENDING ENGINEER,
PRACHI DIVISION, BHUBANESWAR-12
E-mail: prachi.division@yahoo.co.in,
Phone: 0674-2562427, Fax: 0674-2562472
No.3601 Dt. 01.06.2023
e-PROCUREMENT NOTICE NO. SEPRD-05/2023-24

No.A-201: Bid documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01 | Nature of work | Canal works / road works / civil works |
| 02 | No. of works | 7 Nos. |
| 03 | Bid Identification No. | SEPRD-05/2023-24 |
| 04 | Estimated cost | 9.00 Lakhs to 38.00 Lakhs |
| 05 | Earnest Money Deposit | Referred to DTCN |
| 06 | Cost of tender paper | Referred to DTCN |
| 07 | Period of completion | Referred to DTCN |
| 08 | Date & time of availability of bid documents in the portal | From 05.06.2023 (11.00 A.M.) to 13.06.2023 (5.00 P.M.) |
| 09 | Date and time of opening of tender documents & online bids | 16.06.2023 at 11.00 A.M. |
| 10 | Date of Lottery (In case of situation arises) | 23.06.2023 at 11.00 A.M. |
| 11 | Name and address of the Officer inviting bid | Superintending Engineer, Prachi Division, Bhubaneswar-12, E-mail: prachi.division@yahoo.co.in, Phone: 0674-2562427, Fax: 0674-2562472 |

Further details can be seen from the State Govt. Portal www.tendersorissa.gov.in
Sd./- Superintending Engineer, Prachi Division, Bhubaneswar
OIPR-32096/11/0002/2324



Directorate General of Training
Skill India
कौशल भारत-कुशल भारत
Government of India
Ministry of Skill Development & Entrepreneurship
Directorate General of Training
NATIONAL SKILL TRAINING INSTITUTE, BHUBANESWAR
NSIC Building, 5th Floor, IDCO, Plot No. - 06
Mancheswar Industrial Estate, Bhubaneswar - 751010
Ph.: 0674-2974438/2974498, E-mail: nsti-bhubaneshwar@dgt.gov.in

ADMISSION NOTICE

ଜାତୀୟ ଦକ୍ଷତା ତାଲିମ ପ୍ରତିଷ୍ଠାନ ଭୁବନେଶ୍ୱର, ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର, ନୂତନ ଯୁଗର ITI ସୋଲାର ଟେକ୍ନିସିଆନ (ଇଲେକ୍ଟ୍ରିକାଲ୍) ଟ୍ରେଡ ପାଠ୍ୟକ୍ରମରେ 2023-24 ଶିକ୍ଷା ବର୍ଷରେ ଆଡମିଶନ ପାଇଁ ଦଶମ ଶ୍ରେଣୀ ପାସ୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କଠାରୁ ଆବେଦନ ଗ୍ରହଣ କରୁଛି। ଏହା ଏକ ନୂତନ ଯୁଗର ITI ପାଠ୍ୟକ୍ରମ, ଯାହାକି NCVET ଅନୁମୋଦିତ NSQF Level - 3 ITI ପାଠ୍ୟକ୍ରମ। ଏହି ପାଠ୍ୟକ୍ରମର ଅବଧି ଏକ ବର୍ଷ ଅଟେ। ସୌରଶକ୍ତିର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହି ତାଲିମ ସହଜରେ ରୋଜଗାରର ସୁଯୋଗ ଆଣିଥାଏ। ଆଡମିଶନ ପଦ୍ଧତିର ବିବରଣୀ, ଯୋଗ୍ୟତା ମାନଦଣ୍ଡ, ପାଠ୍ୟକ୍ରମ ଦେୟ, ସିଟ୍ ସଂରକ୍ଷଣ ଏବଂ ଆବେଦନ ଫର୍ମ ଅଫିସିଆଲ ୱେବ୍‌ସାଇଟ୍ **https//nstibhubaneswar.dgt.gov.in**ରେ ଉପଲବ୍ଧ ଏବଂ ଏଗୁଡ଼ିକ ଅନୁଷ୍ଠାନରୁ ମଧ୍ୟ ସଂଗ୍ରହ କରାଯାଇପାରିବ।
ଆବେଦନ ଫର୍ମ ଗ୍ରହଣ କରିବାର ଶେଷ ତାରିଖ ହେଉଛି: **30.06.2023** ଅଟେ।
ଆଡମିଶନ ସହାୟତା ପାଇଁ ଯୋଗାଯୋଗ ନମ୍ବର: **8594819990**।
Sd./- Principal



OFFICE OF THE
NOTIFIED AREA COUNCIL, PADAMPUR
DIST:- BARGARH(ODISHA) PIN-768036
Ph. No.06683-223436, Email- ld-nac.padampur@gmail.com
Letter No. 1190 Date 02.06.2023

QUOTATION CALL NOTICE

No. C-502:- Sealed Quotations are invited for supply of CCTV Cameras with all fittings & installation at Padampur NAC. The quotationers should quote their rates including all taxes and delivery at Padampur NAC office.

| Sl No. | Description of Goods | Unit | Rate |
|---|---|---|---|
| 1 | DVR 16 CHANEL | | |
| 2 | HDD Drive 1 TB | | |
| 3 | CP Plus BULLET Camera | | |
| 4 | DOOM CAMERA | | |
| 5 | Power Supply 10 mpr cpplus | | |
| 6 | CABLE 90 Mtr | | |
| 7 | HDD DRIVE 500 GB | | |
| 8 | HDMI Cable 10 MTR | | |
| 9 | HDMI Cable 5 MTR | | |
| 10 | MOUSE | | |
| 11 | BNC CONNECTOR | | |
| 12 | DC CONNECTOR | | |

The quotationer should submit sales GST No., PAN No. etc. along with the quotation. The quotation should reach on or before Dt.09.06.2023 in the Office hour and the same will be opened on dated-12.06.2023 at 10:00 AM in presence of the quotationers or their authorized representatives at the time of opening if wish to attend.

The undersigned reserve the right to accept or reject any or all quotations without assigning any reason thereof.

Sd./- Executive Officer
NAC, Padampur
OIPR-13118/11/0006/2324



BHUBANESWAR DEVELOPMENT AUTHORITY
AKASH SHOVA BUILDING
JAWAHARLAL NEHRU MARG, BHUBANESWAR - 751001
visit us at: http://bda.gov.in
Ref. No. Date: 02.06.2023
INVITATION FOR BIDS (IFB)
BID IDENTIFICATION No.- BDA/343/SE-II/2023-24

**No.CAD-841:- Superintending Engineer, Division No.II, BDA, Bhubaneswar** on behalf of Bhubaneswar Development Authority, Bhubaneswar invites tender on Percentage Rate in **Single Cover system** to be received in on-line mode only for the following work.

| Sl. No. | Name of Work | Approximate value of work (₹ in lakh) | Completion period | Class of Contractor | Bid Security | Cost of Bid document (in ₹) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Development of Sivaji Patnaik Memorial at Jayadev Vihar, Bhubaneswar | ₹ 37.16 | 45 (Forty five) days | 'C' & 'B' Class | 1% of Tender Value | ₹ 6000.00 + GST @ 18% ₹ 1,080.00 | 17.06.2023 upto 5.30 P.M. |

The Bid documents will be available in the website **http://tendersodisha.gov.in** from **08.06.2023 to 5.30 P.M. of 17.06.2023.**
1. All Corrigendum and Addendum will be published in the Website only.
2. Other details can be seen in the bidding documents.
OIPR-13033/11/0113/2324
Sd./- Superintending Engineer, Division No.II, BDA, Bhubaneswar



ODISHA PUBLIC SERVICE COMMISSION
NOTICE
No.4770/PSC, dt. 3.6.23
(1E-01-2022-23) DR-II)

2nd Corrigendum to Advertisment No. 16 of 2022-23 for recruitment to the post of Assistant Professor (Broad Speciality) under H & F.W. Department.

No. D-57:- As per the revised proposal communicated by the Govt. in Health & Family Welfare Department in their letter No.12363/H, dt.24.05.2023 for recruitment to the posts of Assistant Professor (Broad Speciality) of Government MCHs in the rank of Group-A, the vacancy position in respect of General Medicine discipline along with reservation thereof are hereby modified as indicated in the table given below.

| Sl No. | Discipline | Category of vacancies | | | | |
|---|---|---|---|---|---|---|
| | | S.T. | S.C. | S.E.B.C. | U.R. | Total |
| 1. | General Medicine | 05 (01-w) | 01 | 06 (02-w) | 07 (02-w) | 19 (05-w) |

All other terms and conditions outlined in advertisement No. 16 of 2022-23 shall remain unchanged. The concerned candidates are advised to visit the website of the Commission at www.opsc.gov.in.
OIPR-12002/11/0039/2324
Sd./- Secretary



OFFICE OF THE PANCHAYAT SAMITI, KOIRA
Dist.: Sundargarh
Letter No.: 1491 Date: 03.06.2023
Tender Call Notice No.: 02/2023-24

No.i-157:- Sealed tenders are invited from the interested bidder for the civil work under BDO, KOIRA of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be 'B' class contractor only. They have to submit the bid document to the undersigned in the address of Office of the B.D.O., Koira, At/P.O.: Koira, Pin- 770048, Dist.- Sundargarh (Odisha) through Registered Post/ Speed Post only on or before 21.06.2023, upto 5.00 P.M. The sale of tender paper will be from dated 05.06.2023 to dated 19.06.2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 27.06.2023 at 11.00 A.M. in the office of the undersigned in the presence of the bidders or his/ her authorized representatives.

Sd./- Block Development Officer
Koira
OIPR-19341/11/0002/2324



OFFICE OF THE PANCHAYAT SAMITI, NUAGAON
Dist.-Sundargarh
Letter No: 985 Date: 02.06.2023
Tender Call Notice No:- 08 /2022-23

No. i-154:- Sealed Tenders are invited from the interested bidder for the civil work under BDO, Nuagaon of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be 'B' class contractor only. They have to submit the bid document to the undersigned in the address of office of the B.D.O., Nuagaon, At./P.O. Nuagaon, Pin-770035, Dist- Sundargarh (Odisha) through Registered Post / Speed Post only on or before 21.06.2023, upto 5:00 PM. The sale of tender paper will be from dated 05.06.2023 to dated 19.06.2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 22.06.2023 at 11.00 AM in the office of the undersigned in the presence of the bidders or his/her authorized representatives.

Sd./- Block Development Officer, Nuagaon
OIPR-19358/11/0004/2324



GOVERNMENT OF ODISHA
ST & SC DEVELOPMENT DEPARTMENT
PROJECT ADMINISTRATOR, ITDA, PHULBANI
INVITATION FOR BIDS (IFB)
Bid Identification No. PA ITDA PLB_02 of 2023-24 Letter No.1349 Date 03.06.2023

No.CAD-822:- The Project Administrator, ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 04 Nos. of Building works. The bidders have to participate in 'online' bidding only. The website for online bidding is www.tendersodisha.gov.in. The details of bid documents will be available in above website from 10.00 A.M. of 06.06.2023 to 19.06.2023, 5.00 P.M. The bidders must possess compatible Digital Signature Certificate (DSC) of Class-II or Class-III. Bids received online shall be opened at 11.30 A.M. on 21.06.2023 in the Office of the Project Administrator, ITDA, Phulbani. Further details can be seen from the website www.tendersodisha.gov.in.

Sd./- Project Administrator
ITDA, Phulbani
OIPR-26040/11/0003/2324


See Career Appointment on every Wednesday & Saturday



ବାହାନଗା ଷ୍ଟେଶନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଆଲୋଚନାରତ।

## ଇଣ୍ଟରଭ୍ୟୁ ଦେଇ ଫେରୁଥିଲେ, ଚାଲିଗଲା ଜୀବନ

### ନୀଳଗିରିରୁ ଜଣେ, ମୋରଡ଼ାରୁ ୨ ମୃତ: ୩ ଜଣଙ୍କ ପତ୍ତା ମିଳୁନି

ମୋରଡ଼ା/ନୀଳଗିରି, ୩।୬(ଡି.ଏନ୍.ଏ./ସ୍ୱ,ପ୍ର,): ଇଣ୍ଟରଭ୍ୟୁ ପାଇଁ ଯାଇଥିଲେ ଦୁଇ ଭାଇ। ଆଶା ଥିଲା ଚାକିରି କରି ପରିବାରକୁ ଆର୍ଥିକ ଭାବେ ସହଯୋଗ କରିବେ। କିନ୍ତୁ ଆଶା ଆଶାରେ ରହିଗଲା। ଦୁଇ ଭାଇଙ୍କ ମଧ୍ୟରୁ ଶୁକ୍ରବାର ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ବଡ଼ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ରାସଗୋବିନ୍ଦପୁର ବ୍ଲକ୍ ମଙ୍ଗଳପୁର ଗ୍ରାମର ଅନୁରାଗ ଦାସ ବୋଲି ଜଣାପଡ଼ିଛି। ଶନିବାର ଅନୁରାଗଙ୍କ ମୃତଦେହ ଗ୍ରାମରେ ପହଞ୍ଚିଥିବା ବେଳେ ଗାଁରେ ଦୁଃଖର ଛାୟା ଖେଳିଯାଇଛି। ଦୁର୍ଘଟଣାରେ ମୋରଡ଼ା ବ୍ଲକ୍‌ର ଅନ୍ୟ ଜଣଙ୍କ ମଧ ମୃତ୍ୟୁ ହୋଇଥିବା ବେଳେ ୩ ଜଣଙ୍କ ପତ୍ତା ମିଳୁନି।

ସୂଚନା ଅନୁଯାୟୀ, ଅନୁରାଗ ତାଙ୍କ ସାନଭାଇ ଦିବ୍ୟନ୍ଦୁ ଦାସଙ୍କ ସହ ଖୋର୍ଦ୍ଧାରେ ଏକ ଇଣ୍ଟରଭ୍ୟୁ ଦେଇ ହାୱଡ଼ା-ଯଶେବେନ୍ତପୁର ଏକ୍ସପ୍ରେସ ଟ୍ରେନ୍‌ରେ ଘରକୁ ଫେରୁଥିଲେ। ବାହାନଗାଠାରେ ଉକ୍ତ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ଅନୁରାଗଙ୍କ ମୃତ୍ୟୁ ଘଟିଛି। ଦିବ୍ୟନ୍ଦୁ ଦାସ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ମୋରଡ଼ା ବ୍ଲକ୍ ଗଡ଼ିଆ ପଞ୍ଚାୟତର ପୁଟକିଶୋଳ ଗ୍ରାମର ୪ ଜଣ କୀର୍ତ୍ତନ ସିଂ, ବ୍ରହ୍ମାକାନ୍ତ ଦାସ, ଭରତ ଦାସ ଓ ସତ୍ୟନାଥ ପାଟବନ୍ଧା ଚେନ୍ନାଇ କାମ ଅନ୍ୱେଷଣରେ ଯାଉଥିଲେ। ସମସ୍ତେ ସନ୍ଧ୍ୟା ୬ଟା ସମୟରେ ବାଲେଶ୍ୱର ଷ୍ଟେଶନରୁ ଚଢ଼ିଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ଦୁର୍ଘଟଣା ବିଷୟରେ ଜାଣିବା ପରେ ସମସ୍ତ ପରିବାର ଲୋକେ ଯୋଗାଯୋଗ କରିଥିଲେ ବି ସମ୍ଭବ ହୋଇ ନ ଥିଲା। ପରେ ସ୍ଥାନୀୟ ଅଞ୍ଚଳବାସିନ୍ଦାଙ୍କ ସହ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଖୋଜାଖୋଜି କରିବା ପରେ ଭରତ ଦାସଙ୍କ ମୃତ୍ୟୁ ଘଟିଥିବା ସୂଚନା ଦେଇଛନ୍ତି। ଅନ୍ୟ ୩ ଜଣଙ୍କ ଖବର ମିଳିପାରିନାହିଁ ବୋଲି ସେମାନେ କହିଛନ୍ତି। ସେହିପରି ବାଲେଶ୍ୱର ଜିଲା ନୀଳଗିରି ଥାନା ଅଯୋଧ୍ୟା ଗ୍ରାମର କୁନା ମୁଖି (୪୩) କରମଣ୍ଡଳ ଏକ୍ସପ୍ରେସ୍‌ରେ ଚେନ୍ନାଉ ଯାଉଥିବା ବେଳେ ବାହାନଗା ନିକଟରେ ଘଟିଥିବା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସ୍ଥାନୀୟ ଲୋକେ ସୋର ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ଚେନ୍ନାଇରେ ଏକ ହୋଟେଲରେ କାମ କରୁଥିଲେ।



ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ।





ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଏନ୍‌ଡିଆର୍‌ଏଫ୍ ଟିମ୍।



ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଆହତଙ୍କୁ ଭେଟୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନିକଟରେ ଅଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।



ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟଠାରେ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓ ଅନ୍ୟ ଅଧିକାରୀମାନେ।



ବାହାନଗାରେ ପହଞ୍ଚି ଦୁର୍ଘଟଣାସ୍ଥଳକୁ ଯାଉଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

## ଦୁର୍ଘଟଣାସ୍ଥଳ ବୁଲିଲେ ମମତା ବାନାର୍ଜୀ

### ପଶ୍ଚିମବଙ୍ଗ ମୃତକଙ୍କ ପରିବାରକୁ ୫ଲକ୍ଷ ସହାୟତା ଘୋଷଣା

ବାଲେଶ୍ୱର ଅଫିସ, ୩।୬

ବାଲେଶ୍ୱର ଜିଲା ବାହାନଗା ଟ୍ରେନ ଦୁର୍ଘଟଣାର ସ୍ଥିତି ଅନୁଧ୍ୟାନ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଶନିବାର ମଧ୍ୟାହ୍ନରେ ବାହାନଗା ହାଇସ୍କୁଲ ନିକଟରେ ହୋଇଥିବା ହେଲିପ୍ୟାଡ୍‌ରେ ଓହ୍ଲାଇ ଦୁର୍ଘଟଣାସ୍ଥଳ ବୁଲିଥିଲେ। ଉକ୍ତ ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦୁର୍ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଦୁର୍ଘଟଣାଗ୍ରସ୍ତ ଟ୍ରେନ୍‌ରେ ମୃତାହତଙ୍କ ମଧ୍ୟରେ ୬୦% ପଶ୍ଚିମବଙ୍ଗର ଯାତ୍ରୀ ଥିବା ପ୍ରକାଶ କରିଥିଲେ। ଏହି ସମୟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ତାଙ୍କ ରାଜ୍ୟ( ପଶ୍ଚିମବଙ୍ଗ)ର ପ୍ରତ୍ୟେକ ଯାତ୍ରୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ଦେବାକୁ ଘୋଷଣା କରିଛନ୍ତି। ତେବେ କ'ଣ ପାଇଁ ଦୁର୍ଘଟଣା ଘଟିଲା ତାହାର ତଦନ୍ତ କରାଯିବ ବୋଲି ମମତା କହିଛନ୍ତି। ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କହିଥିଲେ କରମଣ୍ଡଳ ଏକ୍ସପ୍ରେସ୍‌ରେ ଆଣ୍ଟି-କୋଲିଜିଅନ ଡିଭାଇସ୍ ନାହିଁ। ସେ ଯେତେବେଳେ ରେଳମନ୍ତ୍ରୀ ଥିଲେ ସେତେବେଳେ ଆଣ୍ଟି କୋଲିଜିଅନ ଡିଭାଇସ୍ ଆଣିଥିଲେ। ଫଳରେ ଟ୍ରେନ୍ ଗୋଟିଏ ଟ୍ରାକ୍‌ରେ ଚାଲୁଥିଲେ କିଛି ଦୂରରେ ଅନ୍ୟ ଟ୍ରେନ୍‌କୁ ରୋକି ହେବ। ବର୍ତ୍ତମାନ ଏହି ଟ୍ରେନ୍‌ରେ ଆଣ୍ଟି-କୋଲିଜିଅନ ଡିଭାଇସ୍ ନ ଥିଲା। ଯଦି ଥାଆନ୍ତା ଏଭଳି ଦୁଃଖଦ ଘଟଣାକୁ ରୋକାଯାଇ ପାରିଥାନ୍ତା। ରେଳମନ୍ତ୍ରୀଙ୍କ ପ୍ରତି ତାଙ୍କର ସମର୍ଥନ ଜଣାଇ ମମତା କହିଥିଲେ କାମ ଶେଷ ନ ହେବା ପର୍ଯ୍ୟନ୍ତ ଓଡ଼ିଶା ରେଳବାଇ ସହ ମିଶି ସମସ୍ତ ପ୍ରକାର ସହଯୋଗ କରିବେ। ୪୦ ଜଣିଆ ଡାକ୍ତରୀ ଟିମ୍ ସହ ୨ଟି ବସ୍ ଚିକିତ୍ସାରେ ସହାୟତା ପାଇଁ ପଠାଇଛୁ। ଏହି ଦୁର୍ଘଟଣାରେ କେତେ ଲୋକଙ୍କର ମୃତ୍ୟୁ ହୋଇଛି ଏହାର ତଦନ୍ତ ହେବା ଦରକାର। ଯଦି ଗୁରୁତର ଥିବା ରୋଗୀ ଏଠି ଚିକିତ୍ସିତ ହୋଇପାରୁନାହାନ୍ତି, ତେବେ ସେମାନଙ୍କୁ କୋଲକାତା ନେଇ ଚିକିତ୍ସା କରାଇବାକୁ ପ୍ରସ୍ତୁତ ଅଛନ୍ତି।

## ଏସ୍‌ସିବି ମେଡିକାଲରେ ୧୮୬ ଭର୍ତ୍ତି

କଟକ ଅଫିସ,୩।୬

ବାଲେଶ୍ୱର ଜିଲା ବାହାନଗା ରେଳଷ୍ଟେଶନ ନିକଟରେ ଶୁକ୍ରବାର ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାର ଆହତ ଯାତ୍ରୀଙ୍କ ଚିକିତ୍ସା ନିମନ୍ତେ ଏସ୍‌ସିବି ମେଡିକାଲରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଶନିବାର ସନ୍ଧ୍ୟା ସୁଦ୍ଧା ୧୮୬ ଜଣଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଭଲ ଥିବାରୁ ଘରକୁ ଛାଡ଼ିଦିଆଯାଇଛି। ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଛି। ତେବେ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିବା ପ୍ରାୟ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଅପରପକ୍ଷରେ ଉଦ୍ଧାରକାରୀ ଟ୍ରେନ୍ ଯୋଗେ କଟକ ରେଳଷ୍ଟେଶନରେ ପହଞ୍ଚିଥିବା ୪ ହଜାରରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ପ୍ରଶାସନ କଟକ ଘରୋଇ ବସ୍ ମାଲିକ ସଂଘର ସହଯୋଗକ୍ରମେ ବାଲେଶ୍ୱରରେ ପହଞ୍ଚାଇବା ବ୍ୟବସ୍ଥା କରିଥିଲେ।

ମିଳିଥିବା ସୂଚନାନୁସାରେ, ବାହାନଗା ଷ୍ଟେଶନ ନିକଟରେ ଟ୍ରେନ୍ ଦୁର୍ଘଟଣାରେ ଗୁରୁତରମାନଙ୍କ ଚିକିତ୍ସା ନିମନ୍ତେ ଏସ୍‌ସିବି ମେଡିକାଲର ଡାକ୍ତର, ଡାକ୍ତରୀ ଛାତ୍ର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ଗୁରୁତରମାନଙ୍କୁ ନେଇ ଗୋଟିଏ ଗୋଟିଏ ଆମ୍ବୁଲାନ୍ସ କାଜୁଆଲ୍‌ଟି ଫାଟକ ନିକଟରେ ପହଞ୍ଚିବାରେ ଲାଗିଥିଲା। ସେମାନଙ୍କୁ ତୁରନ୍ତ ଷ୍ଟ୍ରେଚର ସାହାଯ୍ୟରେ ମେଡିକାଲକୁ ନିଆଯାଇଥିଲା। ଦିନସାରା କେବଳ ଗୁରୁତରମାନେ ବୁହା ହୋଇଯିବାର ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ଥିଲା। ବାହାନଗା ଟ୍ରେନ୍ ଦୁର୍ଘଟଣାସ୍ଥଳରୁ ଉଦ୍ଧାର ଗୁରୁତରମାନଙ୍କୁ କଟକ ଆଣିବା ନିମନ୍ତେ ରେଲୱେ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଶୁକ୍ରବାର ରାତିରେ କଟକ ରେଳଷ୍ଟେଶନରୁ ବାହାନଗା ଅଭିମୁଖେ ଯାଇଥିଲା। ପର୍ଯ୍ୟାୟକ୍ରମେ ସେଠାରୁ ଗୁରୁତର ଯାତ୍ରୀଙ୍କୁ କଟକ ଅଣାଯିବା ପରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ସେମାନଙ୍କ ଶରୀରରେ ମଲ୍‌ଟିପୁଲ୍ ଇନ୍‌ଜୁରି ହୋଇଥିବା କାରଣରୁ ଡାକ୍ତର ଓ ସେବିକାମାନଙ୍କ ପାଇଁ ଚିକିତ୍ସା କରିବା କଷ୍ଟକର ହୋଇଛି।

ଜିଲା ପ୍ରଶାସନର ସୂଚନା ମୁତାବକ ଗୁରୁତରମାନେ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରର ବାସିନ୍ଦା। ଓଡ଼ିଶାର ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ବାଲେଶ୍ୱର, କଟକ, ଯାଜପୁର ଜିଲା ସମେତ ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର, ପଶ୍ଚିମ ମେଦିନାପୁର, କୋଲକାତା, ନଓ୍ୱଡ଼ା, ବର୍ଦ୍ଧମାନ, ପୁରୁଣିଆ, ମାଲଦାହ, କଟିହାର, ବେଗୁସରାଇ ଏବଂ ବିହାରର ମୁଙ୍ଗେର, ମୁଜାଫରପୁର, ସମସ୍ତିପୁର, ମାଧେପୁରା, ବାଙ୍କା, କୋଚବିହାର, ଦରଭଙ୍ଗା, ସିତାମାରହି ଆଦି ଜିଲାରେ ଚିକିତ୍ସିତ ହେଉଥିବା ଗୁରୁତରମାନଙ୍କ ଘର। କେତେକ ଗୁରୁତରଙ୍କ ସମ୍ପୂର୍ଣ୍ଣ ଠିକଣା ଜଣାପଡ଼ିନାହିଁ। ଯେଉଁମାନେ ଘରର ମୋବାଇଲ୍ ନମ୍ବର ଦେଇଛନ୍ତି ସେମାନଙ୍କ ସହ ପ୍ରଶାସନ ପକ୍ଷରୁ ଯୋଗାଯୋଗ କରାଯାଉଛି। ଆହତମାନଙ୍କୁ ସମ୍ପର୍କୀୟ ଓ ପରିବାର ଲୋକେ ଭେଟିବା ପାଇଁ ମେଡିକାଲରେ ଭିଡ଼ ଲଗାଇଛନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସ୍ୱେଚ୍ଛାସେବୀମାନେ ମେଡିକାଲରେ ପହଞ୍ଚି ଆହତମାନଙ୍କୁ ବିଭିନ୍ନ ଖାଦ୍ୟ, ପାନୀୟ ଯୋଗାଇ ଦେଉଛନ୍ତି।



୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଟ୍ରେନ୍ ଦୁର୍ଘଟଣାରେ ଆହତ ଜଣେ ଶିଶୁଙ୍କୁ ଏସ୍‌ସିବି ମେଡିକାଲ୍‌ରେ ଭେଟି ଆଲୋଚନା କରୁଛନ୍ତି।

# ଲହୁ ଲୁହରେ ଭିଜିଲା ବାହାନଗା ମାଟି



## ଥର ଥର କରି ପଠାଗଲା ବଡି ବ୍ୟାଗ୍

ଭୁବନେଶ୍ୱର,୩।୬(ବ୍ୟୁରୋ)

ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଯେ ଏତେ ଅଧିକ ହେବ ତାହା ଥିଲା କଳ୍ପନା ବାହାରେ। ଏପରି କି ଉଦ୍ଧାର କାର୍ଯ୍ୟର ତଦାରଖ କରୁଥିବା ରାଜ୍ୟ ସରକାର ମଧ୍ୟ ପ୍ରଥମେ ଏହା କଳନା କରିପାରି ନ ଥିଲେ। ସେଥିପାଇଁ ଦୁର୍ଘଟଣାସ୍ଥଳକୁ ଥର ଥର କରି ମୃତଦେହ ରଖାଯାଉଥିବା ବ୍ୟାଗ୍ (ବଡି ବ୍ୟାଗ୍) ପଠାଯାଇଥିଲା। ସନ୍ଧ୍ୟାରେ ହୋଇଥିବା ଏହି ଦୁର୍ଘଟଣା ଅତି ଭୟଙ୍କର ବୋଲି ଆରମ୍ଭରୁ କୁହାଯାଉଥିଲେ ହେଁ ବିଳମ୍ବିତ ରାତିରେ ହିଁ ଉଦ୍ଧାରକାରୀ ଦଳଙ୍କୁ ପ୍ରକୃତ ସ୍ଥିତି ଜଣାପଡ଼ିଥିଲା। ସମୟ ଯେତିକି ଗଡୁଥିଲା ଉଦ୍ଧାର କାର୍ଯ୍ୟରେ ଲାଗିଥିବା ରେଲୱେ, ଅଗ୍ନିଶମ ଓ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସେତିକି ଅଧିକ ସଂଖ୍ୟକ ମୃତଦେହ ମିଳୁଥିଲା। ତେଣୁ ଆବଶ୍ୟକ ବଡି ବ୍ୟାଗ୍ ପଠାଇବାକୁ ରାଜ୍ୟ ସରକାରଙ୍କ ନିକଟକୁ ବାର୍ତ୍ତା ଆସିଥିଲା। ଫଳରେ ରାତି ପ୍ରାୟ ୩ଟା ବେଳେ ପ୍ରଥମ ଦଫାରେ ସରକାରଙ୍କ ପକ୍ଷରୁ ୧୦୦ ବଡି ବ୍ୟାଗ୍ ପଠାଯାଇଥିଲା। କିନ୍ତୁ ତାହା ନିଅଣ୍ଟ ପଡ଼ିବାରୁ ଦ୍ୱିତୀୟ ଦଫାରେ ୨୫୦ ବଡି ବ୍ୟାଗ୍ ପଠାଯାଇଥିଲା। ହେଲେ ସେତିକି ପର୍ଯ୍ୟାପ୍ତ ନ ହେବାରୁ ତୃତୀୟ ଦଫାରେ ୫ଶହ ବଡି ବ୍ୟାଗ୍ ଘଟଣାସ୍ଥଳରେ ପହଞ୍ଚାଯାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।


ଦୁର୍ଘଟଣାସ୍ଥଳରେ ରେଳମନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କ ସହ ନକ୍ସା ଦେଖୁଛନ୍ତି ପ୍ରଧାନମନ୍ତ୍ରୀ।

## ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କଲା ରେଲୱେ

**ନୂଆଦିଲ୍ଲୀ,୩।୬:** ଓଡ଼ିଶାର ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରିଛି ରେଲୱେ। ଦକ୍ଷିଣ ପୂର୍ବ ସର୍କଲର କମିଶନର ଅଫ୍ ରେଲୱେ ସେଫ୍ଟି (ସିଆର୍‌ଏସ୍) ଏ.ଏମ୍. ଚୌଧରୀଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କରାଯାଉଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, କରମଣ୍ଡଳ ଏକ୍ସପ୍ରେସ୍ ଟ୍ରେନ୍ ବାହାନଗା ବଜାର ଷ୍ଟେଶନ୍‌ର ଠିକ୍ ପୂର୍ବରୁ ମେନ୍ ଲାଇନ୍ ପରିବର୍ତ୍ତେ ଲୁପ୍ ଲାଇନ୍ ଉପରକୁ ଚଢ଼ିଯାଇଥିବାରୁ ମାଲବାହୀ ଟ୍ରେନ୍‌କୁ ଧକ୍କା ଦେଇଥିଲା। ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍ କରମଣ୍ଡଳ ଏକ୍ସପ୍ରେସ୍‌ର ବଗିଗୁଡ଼ିକ ସହ ଧକ୍କା ହୋଇ ଓଲଟିପଡ଼ିଥିଲା। ଦୁର୍ଘଟଣାର ଠିକ୍ ପୂର୍ବରୁ କରମଣ୍ଡଳ ଘଣ୍ଟାପ୍ରତି ୧୨୮ କି.ମି. ବେଗରେ ଧାଉଁଥିବାବେଳେ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟର ଗତି ଥିଲା ୧୧୬ କି.ମି.। ଉଭୟ ଟ୍ରେନ୍‌ରେ ପ୍ରାୟ ୨,୦୦୦ ଯାତ୍ରୀ ଥିଲେ।

## ରେଳମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ପାୱାର

ପୁଣେ,୩।୬



ଲାଲ ବାହାଦୂର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବାବେଳେ ଏକ ଦୁର୍ଘଟଣା ଘଟିଥିଲା। ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିଲେ। ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା ପରେ ବର୍ତ୍ତମାନର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ତାଙ୍କ ପଦାଙ୍କ ଅନୁସରଣ କରି ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଦାବି କରିଛନ୍ତି। ପାୱାର କହିଛନ୍ତି, ଦୁର୍ଘଟଣା ଯୋଗୁ ଶାସ୍ତ୍ରୀଙ୍କ ଇସ୍ତଫା ନିଷ୍ପତ୍ତିକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ପସନ୍ଦ କରି ନ ଥିଲେ। କିନ୍ତୁ ଶାସ୍ତ୍ରୀ ଏହାକୁ ନିଜ ନୈତିକ ଉତ୍ତରଦାୟିତ୍ୱ କହି ଇସ୍ତଫା ଦେଇଥିଲେ। ଦେଶ ସମାନ ଅବସ୍ଥା ଭୋଗୁଥିବାବେଳେ ନେତାମାନେ ଯଥାସମ୍ଭବ ପଦକ୍ଷେପ ନେବା ଉଚିତ। ପ୍ରକାଶ ଯେ, ଶାସ୍ତ୍ରୀଜୀ ୧୯୫୧ରୁ୧୯୫୬ ପର୍ଯ୍ୟନ୍ତ ଦେଶର ରେଳମନ୍ତ୍ରୀ ଥିଲେ। ୧୯୫୬ ଅଗଷ୍ଟରେ ଆନ୍ଧ୍ରପ୍ରଦେଶର ମହବୁବ୍‌ନଗରରେ ଏକ ଟ୍ରେନ୍ ଦୁର୍ଘଟଣା ହେବାରୁ ୧୨୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେହିବର୍ଷ ନଭେମ୍ବରରେ ତାମିଲନାଡୁର ଆରିୟାଲୁରରେ ଅନ୍ୟ ଏକ ଟ୍ରେନ୍ ଦୁର୍ଘଟଣାରେ ୧୪୪ ଯାତ୍ରୀଙ୍କ ଜୀବନ ଯାଇଥିଲା। ଏଥିପାଇଁ ଶାସ୍ତ୍ରୀ ନିଜକୁ ନୈତିକ ଭାବେ ଦାୟୀ କରି ଇସ୍ତଫା ଦେଇଥିଲେ।

## ରାଜ୍ୟରେ ଦିନିକିଆ ଶୋକ

ବାଲେଶ୍ୱର ଜିଲା ବାହାନଗା ଠାରେ ଶୁକ୍ରବାର ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ସମସ୍ତଙ୍କୁ ହତବାକ କରି ଦେଇଛି। ଏହି ଦୁଃଖଦ ଘଟଣା ସମଗ୍ର ବିଶ୍ୱକୁ ମର୍ମାହତ କରିଛି। ମୃତକଙ୍କ ପାଇଁ ରାଜ୍ୟ ସରକାର ଶନିବାର ଦିନିକିଆ ରାଷ୍ଟ୍ରିୟ ଶୋକ ପାଳନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି।

## ପ୍ୟାଣ୍ଟ୍ରିକାର୍‌ରେ ବିଛାଡ଼ି ହୋଇପଡ଼ିଛି ଖାଦ୍ୟ ସାମଗ୍ରୀ

ସନ୍ଧ୍ୟା ସମୟ ହୋଇଥିବାରୁ ଟ୍ରେନ୍‌ରେ ଥିବା ଯାତ୍ରୀମାନଙ୍କ ପାଇଁ ଜଳଖିଆ ପ୍ରସ୍ତୁତ ହୋଇସାରିଥିଲା। ଏକାଧିକ ପେଟି ସିଙ୍ଗଡ଼ା, ଆଳୁଚପ, ଚିପ୍‌ସ, ପାମ୍ପଡ଼ ଛଣା ହୋଇ ବିକ୍ରି ନିମନ୍ତେ ରଖାଯାଇଥିଲା। କିଛି ଜଳଖିଆ ଯାତ୍ରୀଙ୍କ ନିକଟକୁ ପଠାଇ ଦିଆଯାଇଥିଲା। ଏଥିସହ ଡିନର ପାଇଁ ଯାତ୍ରୀଙ୍କଠାରୁ ମିଳିଥିବା ଅର୍ଡର ଅନୁଯାୟୀ ଖାଦ୍ୟ ପ୍ରସ୍ତୁତ ଚାଲିଥିଲା। ପ୍ୟାଣ୍ଟ୍ରିକାର୍‌ରେ ଥିବା କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟରେ ଲାଗିଥିବା ବେଳେ ହଠାତ୍ ଘଟିଗଲା ଦୁର୍ଘଟଣା। କିଛି ସମୟ ପାଇଁ ଚିତ୍କାରରେ ଫାଟି ପଡ଼ିଥିଲା ପରିବେଶ। ଖିନଭିନ ହୋଇଯାଇଥିଲା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ। ବିଛାଡ଼ି ହେଇପଡ଼ିଥିଲା ଛଣାଯାଇଥିବା ଆଳୁଚପ୍ ଓ ସିଙ୍ଗଡ଼ା। ପେଟି ପେଟି ପାମ୍ପଡ ଓ ଚିପ୍‌ସ ପ୍ୟାଣ୍ଟ୍ରିକାର୍‌ର ବିଭିନ୍ନ ସ୍ଥାନକୁ ଛିଟିକି ପଡ଼ିଥିବା ବେଳେ ଖୋଲା ରହିଯାଇଥିବା ପାଣି ଟ୍ୟାପ୍‌କୁ ବନ୍ଦ କରିବାକୁ କେହି ବି ନ ଥିଲେ।

## ଉଦ୍ଧାର, ଚିକିତ୍ସା କାର୍ଯ୍ୟକୁ ଷ୍ଟାଲିନଙ୍କ ପ୍ରଶଂସା

ଭୁବନେଶ୍ୱର,୩।୬(ବ୍ୟୁରୋ)

ଟ୍ରେନ୍ ଦୁର୍ଘଟଣା ଖବର ପାଇ ତାମିଲନାଡୁ ଯୁବକଲ୍ୟାଣ ଓ କ୍ରୀଡ଼ା ମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଏବଂ ପରିବହନ ମନ୍ତ୍ରୀ ଏସ୍.ଏସ୍. ଶିବଶଙ୍କରଙ୍କ ସହ ତାମିଲନାଡୁ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କର ଏକ ପ୍ରତିନିଧିମଣ୍ଡଳୀ ତାମିଲନାଡୁ ଯାତ୍ରୀମାନଙ୍କର ସ୍ଥିତି ଅନୁଧ୍ୟାନ କରିବାକୁ ଓଡ଼ିଶାରେ ପହଞ୍ଚିଛନ୍ତି। ଶନିବାର ଅପରାହ୍ନରେ ସେମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ଆହତମାନଙ୍କୁ ସମସ୍ତ ପ୍ରକାର ଚିକିତ୍ସା ଓ ମୃତକଙ୍କ ପରିବାରକୁ ଯଥାସମ୍ଭବ ସହାୟତା ଯୋଗାଇ ଦେବାକୁ ତାମିଲନାଡୁ ପ୍ରତିନିଧିମାନଙ୍କୁ ଭରସା ଦେଇଛନ୍ତି। ଆହତମାନଙ୍କ ଉଦ୍ଧାର ଓ ଚିକିତ୍ସା ପାଇଁ ଓଡ଼ିଶା ସରକାରଙ୍କ ଉଦ୍ୟମକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ ପ୍ରଶଂସା କରିଛନ୍ତି। ତାମିଲନାଡୁ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ, ତାମିଲନାଡୁ ପରିବହନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଫନିନ୍ଦ୍ର ରେଡ୍ଡୀ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ କୁମାର ଜୟନ୍ତ ଏବଂ ଶିକ୍ଷକ ନିଯୁକ୍ତି ବୋର୍ଡ ଅଧ୍ୟକ୍ଷ ଅର୍ଚ୍ଚନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ତାମିଲନାଡୁ ଯୁବକଲ୍ୟାଣ ଓ କ୍ରୀଡ଼ା ମନ୍ତ୍ରୀ ଉଦୟନିଧି ଷ୍ଟାଲିନ, ପରିବହନ ମନ୍ତ୍ରୀ ଏସ୍.ଏସ୍. ଶିବଶଙ୍କର ଓ ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଟ୍ରେନ୍ ଦୁର୍ଘଟଣା ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରୁଛନ୍ତି।


ଆହତଙ୍କୁ ଚିକିତ୍ସାଳୟ ନିଆଯାଉଛି।


ପଶ୍ଚିମବଙ୍ଗର ଆହତ ଯାତ୍ରୀ।


ରାଜ୍ୟରେ ଦିନିକିଆ ଶୋକ ପାଳନ ଅବସରରେ ବିଧାନସୌଧ ଉପରେ ଜାତୀୟ ପତାକାକୁ ଅର୍ଦ୍ଧନମିତ ରଖାଯାଇଛି।


ଗୁରୁତର ଯାତ୍ରୀଙ୍କୁ କଟକ ବଡ଼ମେଡିକାଲ ଭିତରକୁ ନିଆଯାଉଛି।


ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଡାକ୍ତରୀ ଛାତ୍ରମାନେ ଆହତଙ୍କ ଚିକିତ୍ସା ଲାଗି ଅପେକ୍ଷାରତ।


ଆହତଙ୍କୁ ଭେଟୁଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ।

## ଲୋକୋ ପାଇଲଟ୍, ସହାୟକ, ୨ ଗାର୍ଡ ଗୁରୁତର

ଅନେକ ପରିବାରର ଘର ଉଜାଡ଼ି ଦେଇଛି ବାହାନଗା ଟ୍ରିପଲ ଟ୍ରେନ୍ ଟ୍ରାଜେଡି। ହେଲେ ଦୈବୀ ସଂଯୋଗ ପରି ଏଥିରୁ ବର୍ତ୍ତିଯାଇଛନ୍ତି ମାଲ୍‌ବାହୀ ଟ୍ରେନ୍ ଇଞ୍ଜିନର ଡ୍ରାଇଭର ଏବଂ ଗାର୍ଡ। ତେବେ କରମଣ୍ଡଳ ଏକ୍ସପ୍ରେସ୍‌ର ଲୋକୋ ପାଇଲଟ, ସହାୟକ ଲୋକୋ ପାଇଲଟ, ଗାର୍ଡ ଏବଂ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସର ଗାର୍ଡ ଗୁରୁତର ହୋଇଛନ୍ତି। ସେମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖଡଗପୁରସ୍ଥିତ ଦକ୍ଷିଣ ପୂର୍ବାଞ୍ଚଳ ରେଲୱେର ବରିଷ୍ଠ ବାଣିଜ୍ୟ ପରିଚାଳକ ରାଜେଶ କୁମାର କହିଛନ୍ତି।



## ବଗି ଭିତରେ ରେଳ ଟ୍ରାକ୍

ଛାତି ଥରାଇ ଦେଇଥିବା ବାହାନଗା ଟ୍ରେନ୍ ଦୁର୍ଘଟଣା କେତେ ଯେ ଭୟଙ୍କର ତାହା ଖିନଭିନ ହୋଇଯାଇଥିବା ବଗିଗୁଡ଼ିକୁ ଦେଖିଲେ ଯେ କେହି ଅନୁଭବ କରିପାରିବେ। ସାଧାରଣତଃ ବଡ଼ଧରଣର ଟ୍ରେନ୍ ଦୁର୍ଘଟଣା ବେଳେ ବଗି ଉପରେ ବଗି ଚଢ଼ିଯାଇଥିବା ଅନେକଥର ଦେଖିବାକୁ ମିଳିଛି। ହେଲେ ବଗି ଭିତରକୁ ଟ୍ରେନ୍ ଟ୍ରାକ୍ ପଶି ଯାଇଥିବା ଦୃଶ୍ୟ ବାହାନଗା ଟ୍ରେନ୍ ଦୁର୍ଘଟଣାସ୍ଥଳରେ ଦେଖିବାକୁ ମିଳିଛି। ଦୁର୍ଘଟଣାଗ୍ରସ୍ତ କୋଚ୍‌ଗୁଡ଼ିକ ମଧ୍ୟରୁ ଗୋଟିଏ ଏପରି ଅବସ୍ଥାରେ ରହିଛି ଯେ ସୂତାରେ ଫୁଲ ଗୁନ୍ଥି ହେବା ଭଳି ଟ୍ରେନ୍ ଟ୍ରାକ୍‌ରେ ଗୁନ୍ଥି ହୋଇଯାଇଛି ବଗି।

## ଦୃଶ୍ୟ ଜୀବନସାରା ହନ୍ତସନ୍ତ କରିବ

କିଛିକ୍ଷଣ ମଧ୍ୟରେ ସବୁକିଛି ଓଲଟପାଲଟ ହୋଇଗଲା। ଚାରିପଟେ ବିଛାଡ଼ି ହୋଇପଡ଼ିଥିଲା ମୃତଦେହ। ଶରୀରରୁ ବିଚ୍ଛିନ୍ନ ହୋଇ ପଡ଼ିଥିଲା ଅନେକଙ୍କ ଅଙ୍ଗପ୍ରତ୍ୟଙ୍ଗ। ଟ୍ରେନ୍ ବଗିରେ ଫସି ରହିଥିବା ଯାତ୍ରୀ ବାହାରକୁ ଆସିବାକୁ କାକୁତିମିନତି ହେଉଥିଲେ। ଛାତି ଥରାଇଦେବା ଭଳି ଏଭଳି ଦୃଶ୍ୟ ସାରା ଜୀବନ ହନ୍ତସନ୍ତ କରିବ ବୋଲି ବାହାନଗା ଟ୍ରେନ୍ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା କର୍ଣ୍ଣାଟକ ଚିକ୍‌ମାଙ୍ଗାଲୁରୁ ଜିଲାର ୪୦ ବର୍ଷୀୟ ସାମନ୍ତ ଜେନା କହିଛନ୍ତି।

## ସଂକ୍ଷେପରେ

### ଏସ୍‌ସିବିରେ ୫-ଟି ସଚିବ, ମନ୍ତ୍ରୀ, ନେତା, ପ୍ରଶାସନିକ ଅଧିକାରୀ

କଟକ ଅଫିସ,୩।୬: ବାଲେଶ୍ୱର ବାହାନଗା ଟ୍ରେନ୍ ଟ୍ରାଜେଡିରେ ଆହତଙ୍କୁ ପ୍ରଥମେ ବାଲେଶ୍ୱର, ଭଦ୍ରକ, ଯାଜପୁରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଆହତଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଚାଲିଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ପାଇଁ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ଦଳର ରାଜନେତା ଘନ ଘନ ଗସ୍ତ କରୁଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଆହତମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଆହତଙ୍କ ସମ୍ପର୍କୀୟମାନଙ୍କୁ ସୂଚନା ମିଳିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେମାନେ କହିଛନ୍ତି। ସେହିପରି ଭାଜପା ନେତା ବିଜୟ ପଟ୍ଟନାୟକ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ପ୍ରଭାତ ରଞ୍ଜନ ବିଶ୍ୱାଳ ମଧ୍ୟ ଆହତମାନଙ୍କୁ ଭେଟିଛନ୍ତି। ସନ୍ଧ୍ୟାରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ଏସ୍‌ସିବିରେ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, କଟକ ଡିସିପି ପିନାକ ମିଶ୍ରଙ୍କ ସମେତ ବହୁ ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ପୂରା ବ୍ୟବସ୍ଥା ଉପରେ ଦୃଷ୍ଟି ରଖିଛନ୍ତି।

### ଜରୁରିକାଳୀନ ନମ୍ବର ଜାରି

କଟକ ଅଫିସ,୩।୬: ଗୁରୁତରମାନଙ୍କ ସମ୍ପର୍କରେ ଜାଣିବା ପାଇଁ ଏସ୍‌ସିବି ମେଡିକାଲ ପକ୍ଷରୁ ୫ଟି ହେଲ୍ପ ଲାଇନ୍ ନମ୍ବର ଜାରି କରାଯାଇଛି। ସେଗୁଡିକ ହେଲା (୦୬୭୧)- ୨୪୧୫୧୭୧, ୨୪୧୫୧୭୨, ୨୪୧୫୧୭୩, ୨୪୧୫୧୭୪, ୨୪୧୫୧୭୫। ଏହି ନମ୍ବରରେ ଯୋଗାଯୋଗ କଲେ ଗୁରୁତରମାନଙ୍କ ସମ୍ପର୍କରେ ଜାଣିହେବ।

### ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ପ୍ରମୋଦ

ବାଲିଅନ୍ତା,୩।୬(ଡି.ଏନ୍.ଏ.) : ବାଲିଅନ୍ତା ବ୍ଲକ ଅଧୀନ ବେଣୁପୁରସ୍ଥିତ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରମୋଦ ଖୁଣ୍ଟିଆ ବୁଧବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ଓ ମୋ ସ୍କୁଲ କମିଟି ପକ୍ଷରୁ ଏକ ଅବସରକାଳୀନ ସଭା ଆୟୋଜିତ ହୋଇଥିଲା। ସଭାରେ ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ପୂର୍ବତନ ସରପଞ୍ଚ ସଚିଦାନନ୍ଦ ଜେନା, ମୋ ସ୍କୁଲ କମିଟି ସଭାପତି ମହେଶ ଚନ୍ଦ୍ର ରାୟ, ସମ୍ପାଦକ ନୃସିଂହ ଚରଣ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ମହାପାତ୍ର, ଶିବନାରାୟଣ ବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇ ବିଦାୟୀ ଶିକ୍ଷକ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ବୋଲି କହିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର କରଣ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ବରିଷ୍ଠ ଶିକ୍ଷକ ଜମ୍ବେଶ୍ୱର ରଥ ସଭା ପରିଚାଳନା କରିଥିଲେ। ସଭାରେ କମିଟି କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଟ୍ରେନ୍ ଦୁର୍ଘଟଣା ପ୍ରଭାବ : ଟ୍ରେନ୍ ବାତିଲ୍ ଯୋଗୁ ଭୁବନେଶ୍ୱର ରେଳ ଷ୍ଟେଶନରେ ଯାତ୍ରୀମାନେ ଅଟକି ରହିଛନ୍ତି।



ଟ୍ରେନ୍ ବାତିଲ୍ ପରେ ଅପେକ୍ଷାରତ ଯାତ୍ରୀମାନେ ରାଜ୍ୟ ସରକାର ଓ ବିଏମ୍‌ସି ପକ୍ଷରୁ ବ୍ୟବସ୍ଥା ହୋଇଥିବା ବସ୍‌ରେ ଯିବାକୁ ଦୌଡୁଛନ୍ତି।

# ଟ୍ରେନ୍ ବାତିଲ୍ ପରେ ଯାତ୍ରୀ ହଇରାଣ

ଭୁବନେଶ୍ୱର, (ବ୍ୟୁରୋ)/ ପୁରୀ ଅଫିସ, ୩।୬

ବାଲେଶ୍ୱର ଜିଲା ବାହାନଗାଠାରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ପରେ ରେଳ ଚଳାଚଳ ବ୍ୟାହତ ହୋଇଛି। ୪ଦିନ ପାଇଁ ୨୮ ଟ୍ରେନ୍‌କୁ ବାତିଲ କରାଯାଇଥିବାବେଳେ ବହୁ ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ କରାଯାଇଛି। ଫଳରେ ବିଭିନ୍ନ ରେଳ ଷ୍ଟେଶନରେ ଯାତ୍ରୀମାନେ ଅଟକି ରହି ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଦୁର୍ଘଟଣା ପରଠାରୁ କଟକ, ଭୁବନେଶ୍ୱର, ପୁରୀ ରେଳ ଷ୍ଟେଶନରେ ଅଧିକ ଗହଳି ସୃଷ୍ଟି ହୋଇଛି। ଭୁବନେଶ୍ୱର ରେଳ ଷ୍ଟେଶନରେ ଶନିବାର ହଜାର ହଜାର ଯାତ୍ରୀ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ବହୁ ଯାତ୍ରୀ ଷ୍ଟେଶନକୁ ଆସି ଫେରୁଥିବାବେଳେ ବିକଳ୍ପ ନ ଥିବା ଯାତ୍ରୀମାନେ ପ୍ଲାଟ୍‌ଫର୍ମରେ ଫସି ରହିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣାରେ ଅନ୍ୟ ରାଜ୍ୟର ଲୋକ ମୃତାହତ ହୋଇଥିବାରୁ ସେସବୁ ରାଜ୍ୟର ଲୋକେ ଭୁବନେଶ୍ୱର ଓ କଟକ ଷ୍ଟେଶନରେ ଓହ୍ଲାଇଥିଲେ। ପୁରୀ, ଭୁବନେଶ୍ୱର ଓ କଟକରୁ କୋଲକାତା ଯିବାକୁ ଥିବା ଟ୍ରେନ୍‌ଗୁଡ଼ିକ ବାତିଲ ହୋଇଥିବାରୁ ଯାତ୍ରୀମାନେ ନିଜ ଗନ୍ତବ୍ୟ ପଥକୁ ଯାଇପାରି ନ ଥିଲେ। ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବସ୍ ଯୋଗେ ଯଥା ସମ୍ଭବ ସେମାନଙ୍କୁ ବିନା ଦେୟରେ ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା। ତେବେ ପୁରୀରେ ସାଧାରଣ ଯାତ୍ରୀଙ୍କ ସହ ପର୍ଯ୍ୟଟକମାନେ ବେଶି ହଇରାଣ ହୋଇଥିଲେ। ପୁରୀ ରେଳଷ୍ଟେଶନ ମ୍ୟାନେଜରଙ୍କ ସୂଚନା ଅନୁସାରେ ଦୁର୍ଘଟଣା ଯୋଗୁ ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ, ପୁରୀ -ପାଟନା ଏକ୍ସପ୍ରେସ, ଧଉଳି ଏକ୍ସପ୍ରେସ, ପୁରୀ -ଜଳେଶ୍ୱର ଯିବାକୁ ଥିବା ୪ଟି ଟ୍ରେନ୍ ବାତିଲ କରାଯାଇଛି। ଟ୍ରେନ୍ ବାତିଲ ଯୋଗୁ ରେଳ ଷ୍ଟେଶନରେ ଶହ ଶହ ଯାତ୍ରୀ ଅଟକି ରହିଥିବା ବେଳେ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଦିଲ୍ଲୀ ଯିବାକୁ ଥିବା ନୀଳାଚଳ ଓ ଉତ୍କଳ ଏକ୍ସପ୍ରେସକୁ ଯାଜପୁରର ଜଖପୁରା ରୋଡ୍‌ଠାରୁ ଡାଇଭର୍ଟ କରାଯାଇ କେନ୍ଦୁଝର ଦେଇ ଝାଡ଼ଖଣ୍ଡର ଜୁରଲି ଜଙ୍କସନ୍ ଦେଇ ଯିବାର ବ୍ୟବସ୍ଥା ହୋଇଛି। କୋଲକାତାକୁ ଜରୁରି କାର୍ଯ୍ୟରେ ଯିବାକୁ ଥିବା ଯାତ୍ରୀମାନେ ଜର୍ଲି ରୁଟ୍ ଦେଇ ଯାଉଥିବା ଟ୍ରେନଗୁଡିକରେ ଯିବା ପାଇଁ ସୂଚନା ଦିଆଯାଇଛି।



ଟ୍ରେନ୍ ବାତିଲ୍ ପରେ ପୁରୀ ରେଳ ଷ୍ଟେଶନ୍‌ରେ ଥିବା ଯାତ୍ରୀଙ୍କୁ ପ୍ରଶାସନ ପକ୍ଷରୁ ଖାଦ୍ୟ ଦିଆଯାଉଛି।

**ବସ୍‌ରେ ଶୋଷଣ: ପୁରୀରୁ କୋଲକାତା ୨ହଜାର ଟଙ୍କାରୁ ଅଧିକ**

ଅନ୍ୟପକ୍ଷରେ କେତେଜଣ ଯାତ୍ରୀ ବସ୍ ଯୋଗେ କୋଲକାତା ଯାଇଥିଲେ ମଧ୍ୟ ବସ୍ ଭଡ଼ା ଅଧିକ ନିଆଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏସି ବସ୍‌ଗୁଡ଼ିକରେ କୋଲକାତା ଯିବା ପାଇଁ ୮ଶହ ଟଙ୍କାରୁ ଭଡା ଧାର୍ଯ୍ୟ ହୋଇଥିବା ବେଳେ ଯାତ୍ରୀମାନଙ୍କ ଠାରୁ ୨ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ କରିଛନ୍ତି ଯାତ୍ରୀ। ଏ ନେଇ ଏସ୍‌ପି କେ. ବିଶାଲ ସିଂ କହିଥିଲେ, ପୋଲିସ ପ୍ରଶାସନ ପକ୍ଷରୁ ଶୁକ୍ରବାର ରାତିରେ ପ୍ରଶାସନ ସହ ଆଲୋଚନା କରାଯାଇଛି। ଏହା ଉପରେ ନଜର ଦେବାକୁ ଜିଲାପାଳ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆରପିଏଫ୍ ଷ୍ଟେଶନରେ ମନିଟରିଂ କରୁଛନ୍ତି। ପର୍ଯ୍ୟଟକଙ୍କ ଯେପରି କୌଣସି ଅସୁବିଧା ନ ହେବ ସେନେଇ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉଛି।

## ରେଳଷ୍ଟେଶନରେ ଅଟକିଥିବା ଯାତ୍ରୀଙ୍କୁ ବସ୍ ସେବା

ଭୁବନେଶ୍ୱର, ୩।୬ (ବ୍ୟୁରୋ)



ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ବସ୍‌ରେ ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳକୁ ପଠାଉଛନ୍ତି।

ବାଲେଶ୍ୱରରେ ଟ୍ରେନ ଦୁର୍ଘଟଣା ପରେ ଉକ୍ତ ରୁଟ୍‌ରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଛି। ଟ୍ରେନ ବାତିଲ ହେବା ପରେ ରାଜଧାନୀ ଭୁବନେଶ୍ୱର ରେଳ ଷ୍ଟେଶନରେ ଅଟକିଥିବା ବହୁଯାତ୍ରୀ ଅସୁବିଧାରେ ପଡ଼ିଥିଲେ। ରାତିରେ ପ୍ରାୟ ୨ ହଜାର ଯାତ୍ରୀ ବସ୍ କିମ୍ବା ଟ୍ରେନ ଲାଗି ଚେଷ୍ଟା କରୁଥିବାବେଳେ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ନେତୃତ୍ୱରେ ସେମାନଙ୍କୁ ସ୍ୱତନ୍ତ୍ର ବସ୍ ସେବା ଯୋଗାଇ ଦିଆଯାଇଛି। ୧୦ଟି ମୋ ବସ୍‌ରେ ପ୍ରାୟ ୪ଶହ ଯାତ୍ରୀଙ୍କୁ ତାଙ୍କ ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା। ଏଥିସହ ଅନ୍ୟ ଘରୋଇ ବସ୍‌ରେ ବାକି ଯାତ୍ରୀଙ୍କୁ ତାଙ୍କ ଗନ୍ତବ୍ୟସ୍ଥଳକୁ ପଠାଯାଇଛି। ସେହିପରି ଆର୍ଥିକ ସ୍ୱଚ୍ଛଳ ନ ଥିବା ବ୍ୟକ୍ତି ଯେଉଁମାନେ ହୋଟେଲ କିମ୍ବା ଲଜ ବୁକ୍ କରି ନ ପାରିବେ ସେମାନଙ୍କୁ ବିଏମ୍‌ସି ଆଶ୍ରୟସ୍ଥଳରେ ରଖାଯାଇଛି। କେତେଜଣ ଯାତ୍ରୀ ନିଜର ସୁବିଧା ଦେଖି ଅନ୍ୟାନ୍ୟ ଟ୍ରେନ ଯୋଗେ ହାଓଡା ଓ ଚେନ୍ନାଇକୁ ଗସ୍ତ କରିଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଓ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ତତ୍ତ୍ୱାବଧାନରେ ଘରୋଇ ବସ୍ ଯୋଗେ ଯାତ୍ରୀମାନଙ୍କୁ ପଠାଯାଇଥିବା ସୂଚନା ମିଳିଛି।

## ଟ୍ରେନ୍ ପୀଡ଼ିତଙ୍କ ସେବାରେ ଛାତ୍ରୀଛାତ୍ର



ଭୁବନେଶ୍ୱର,୩।୬(ବ୍ୟୁରୋ)

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୦୦ରୁ ଅଧିକ ଏନ୍‌ଏସ୍‌ଏସ୍ ଓ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନେ ବାହାନଗାରେ ଟ୍ରେନ ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କୁ ସେବା କରିବାକୁ ଆଗେଇ ଆସିଛନ୍ତି। ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବାଲେଶ୍ୱର, ବାହାନାଗା, ସୋରୋ, ଭଦ୍ରକ ଏବଂ କଟକ ଡାକ୍ତରଖାନାରେ ଉଦ୍ଧାର କାର୍ଯ୍ୟ, ଖାଦ୍ୟ ପ୍ୟାକେଟ, ବିସ୍କୁଟ, ପାଣି ବୋତଲ, ଓଆରଏସ ବଣ୍ଟନ ଆଦି ଜରୁରୀ ସେବା ଯୋଗାଇ ଦେଇଛନ୍ତି। ସେହିପରି ଛାତ୍ର ସ୍ୱେଚ୍ଛାସେବୀମାନେ ସେମାନଙ୍କର ସ୍ଥାନୀୟ ଚିକିତ୍ସା କେନ୍ଦ୍ର ଏବଂ ଆଇଆରସିଏସ ରକ୍ତ କେନ୍ଦ୍ରରେ ପ୍ରାୟ ୭୦୦ ୟୁନିଟ ରକ୍ତ ଦାନ କରିଛନ୍ତି। ବାଲେଶ୍ୱରର କେକେଏସ ମହିଳା କଲେଜ, ନୀଳମଣି ଡିଗ୍ରୀ କଲେଜ, ବାବା ପଞ୍ଚଲିଙ୍ଗେଶ୍ୱର କଲେଜ, ଜାତିସଂଘ କଲେଜ, ସୋରୋ ମହିଳା କଲେଜ, ନୀଳକଣ୍ଠେଶ୍ୱର ଡିଗ୍ରୀ କଲେଜ, ସାରସ୍ୱତ ମହାବିଦ୍ୟାଳୟ, ଡ. ଜେ.ଏନ୍ ମହାବିଦ୍ୟାଳୟ, ବାଲିଖଣ୍ଡ ଡିଗ୍ରୀ କଲେଜ୍, ରେମୁଣା ଡିଗ୍ରୀ କଲେଜର ଛାତ୍ରୀଛାତ୍ର ଏହି ସେବାରେ ସାମିଲ ହୋଇଛନ୍ତି। ଭଦ୍ରକର ଘଣ୍ଟେଶ୍ୱର ଡିଗ୍ରୀ କଲେଜ, ବାସୁଦେବପୁର କଲେଜ, ପଞ୍ଚାୟତ ଡିଗ୍ରୀ କଲେଜ, କଟକର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଷ୍ଟିୱାର୍ଟ ସାଇନ୍ସ କଲେଜର ବିଦ୍ୟାର୍ଥୀମାନେ ସ୍ୱତଃପ୍ରବୃତ୍ତ ଭାବେ ଏହି ସେବାକାର୍ଯ୍ୟରେ ଯୋଗଦେଇଛନ୍ତି। ସେହିପରି ଭୁବନେଶ୍ୱରରୁ ବିଜେବି କଲେଜ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, କମଳା ନେହେରୁ ମହିଳା ମହାବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟ ସମେତ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର ପିଲାମାନେ ଯୋଡ଼ିହୋଇଥିଲେ।




ଭୁବନେଶ୍ୱରସ୍ଥିତ ଏସ୍‌ବିଆଇ ମୁଖ୍ୟ ଶାଖା ସମ୍ମୁଖରେ ଶିଳ୍ପୀ ସୁବଳ ମହାରଣାଙ୍କ ବାଲୁକା କଳା ନିକଟରେ ଲୋକେ ଟ୍ରେନ୍ ଦୁର୍ଘଟଣା ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆହତଙ୍କ ଆଶୁ କାମନା କରୁଛନ୍ତି।

# ବାହାନଗାରେ ସେବା ଯୋଗାଇଲା ବିଏମସି

ଭୁବନେଶ୍ୱର, ୩।୬ (ବ୍ୟୁରୋ)

ବାଲେଶ୍ୱରର ବାହାନଗାରେ ଟ୍ରେନ୍ ଦୁର୍ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଏଭଳି ସମୟରେ ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ବାହିନୀକୁ ସହଯୋଗର ହାତ ବଢ଼ାଇବା ଲାଗି ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ବରିଷ୍ଠ ଅଧିକାରୀଙ୍କ ସହ ୨୪୦ଜଣ ସଫେଇ ଓ ଅନ୍ୟ କର୍ମଚାରୀ ଦୁର୍ଘଟଣାସ୍ଥଳକୁ ଯାଇଛନ୍ତି। ଆହତଙ୍କୁ ମେଡିକାଲ ସ୍ଥାନାନ୍ତର କରିବାଠାରୁ ଆରମ୍ଭ କରି ପ୍ରାଥମିକ ଚିକିତ୍ସା ଦେବା ସହ ମୃତକଙ୍କୁ ବାହାନଗା ହାଇସ୍କୁଲକୁ ସ୍ଥାନାନ୍ତର କରିବାରେ ସେମାନେ ସହଯୋଗ କରୁଛନ୍ତି। ଏଥିସହ ଦୁର୍ଘଟଣାସ୍ଥଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସ୍ୱଚ୍ଛତା ରକ୍ଷା କରିବା ସହ ବ୍ଲିଚିଂ ପକାଇବା ଓ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟରେ ଏମାନଙ୍କୁ ଲିପ୍ତ କରାଯାଇଛି। ବିଏମସି ଅଧୀନରେ କାର୍ଯ୍ୟ କରୁଥିବା ବିଭିନ୍ନ ଘରୋଇ ସଂସ୍ଥାର କର୍ମୀମାନେ ଶୁକ୍ରବାର ବିଳମ୍ବିତ ରାତିରୁ ଭୁବନେଶ୍ୱରରୁ ବାହାନଗା ଦୁର୍ଘଟଣାସ୍ଥଳକୁ ବାହାରିଥିଲେ। ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ କମିଶନର-୧ ଲକ୍ଷ୍ମୀକାନ୍ତ ସେଠୀ, ଉପାୟୁକ୍ତ ରମେଶଚନ୍ଦ୍ର ଜେନାଙ୍କ ସହ କିଛି ବରିଷ୍ଠ କର୍ପୋରେଟର ମଧ୍ୟ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ଏମ୍‌ସ ଭୁବନେଶ୍ୱରର ଡିଜାଷ୍ଟର ମ୍ୟାନେଜମେଣ୍ଟ ଟିମ୍ ବାଲେଶ୍ୱର ଓ କଟକ ଏସ୍‌ସିବି ମେଡିକାଲକୁ ଗସ୍ତ କରୁଛନ୍ତି। ଏମ୍‌ସ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡା. ଆଶୁତୋଷ ବିଶ୍ୱାସଙ୍କ ନେତୃତ୍ୱରେ ଏହି ଟିମ୍‌ରେ ଡାକ୍ତର, ପାରାମେଡିକାଲ ଷ୍ଟାଫ୍ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ କରି ଉଦ୍ଧାରକାର୍ଯ୍ୟ ଏବଂ ଚିକିତ୍ସାରେ ସହାୟତା କରିଛନ୍ତି।



**କଟକ, ବାଲେଶ୍ୱର ଗଲା ଏମ୍‌ସ ଭୁବନେଶ୍ୱରର ଡାକ୍ତରୀ ଦଳ**

## ଓସା ପକ୍ଷରୁ ୨୨ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩।୬(ବ୍ୟୁରୋ)

ଓଡ଼ିଶା ସଚିବାଳୟ ସଂଘ(ଓସା)ପକ୍ଷରୁ ଶୁକ୍ରବାର ସଚିବାଳୟର ବିଭିନ୍ନ ସେବାରେ କାର୍ଯ୍ୟକରି ମେ ୩୧ରେ ଅବସର ନେଇଥିବା ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା ଜଣାଯାଇଛି। ରଜନୀକାନ୍ତ ମିଶ୍ର, ଦେବୀ ପ୍ରସାଦ ଷଡ଼ଙ୍ଗୀ, ଅଶୋକ କୁମାର ବେଉରା, ମନୋରଂଜନ ଦାସ, ଅଜିତ୍ କୁମାର ଦାସ, ଦିଲ୍ଲୀପ କୁମାର ସାହୁ, ପ୍ରଶାନ୍ତ କୁମାର ସେଠୀ, କେଶବ ଚନ୍ଦ୍ର ସାହୁ, ନାରାୟଣ ଚନ୍ଦ୍ର ଦଳାଇ, ଅନୀଲ କୁମାର ପରିଜା, ଲକ୍ଷ୍ମୀଧର ବେହେରା, ଆନନ୍ଦ କୁମାର ଶତପଥୀ, ଲକ୍ଷ୍ମଣ ପ୍ରସାଦ ବାରିକ, ଗୋକୁଳାନନ୍ଦ ପଣ୍ଡା, ବିଦ୍ୟୁରଂଜନ ମଲ୍ଲିକ, ମଧୁସୂଦନ ହେମ୍ବ୍ରମ୍, ଦୟାନିଧି ବେହେରା, ସୁରେନ୍ଦ୍ର କୁମାର ବେହେରା, ବାବାଜୀ ଚରଣ ମଲ୍ଲିକ, ନୃସିଂହ ଚରଣ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ଶରତ କୁମାର ପାଣି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତାପସ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନା ନନ୍ଦ ସ୍ୱାଗତ ଜଣାଇବା ସହ ଦେବକଲ୍ୟାଣୀ ପାଇକରାୟ ପରିଚୟ ପ୍ରଦାନ କରିଥିଲେ। ସଂଘ ସଭାପତି ଅଜୟ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳଙ୍କ ସହ ଅନ୍ୟ କର୍ମକର୍ତ୍ତା ଚିତ୍ତରଞ୍ଜନ ହୋତା, ପଦ୍ମଲୋଚନ ନାୟକ, କୃଷ୍ଣ ପ୍ରସାଦ ମହାପାତ୍ର, ସୌମ୍ୟା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ନିବେଦିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



ସମ୍ବର୍ଦ୍ଧିତ ଅଧିକାରୀଙ୍କ ସହ ସଂଘ କର୍ମକର୍ତ୍ତାମାନେ।




ବାଲେଶ୍ୱର ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ଶନିବାର କଳ୍ପନା ଛକଠାରେ କଳ୍ପନାଛକ ଟୋକା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



ଭୁବନେଶ୍ୱର ରାମ ମନ୍ଦିର ସମ୍ମୁଖରେ ଭାଜପା ପକ୍ଷରୁ ସାମୁହିକ ଦୀପଦାନ।



ୟୁନିଟ୍-୪ ମଧୁସୁଦନ ନଗର ସିଟିଜେନ୍ ଫୋରମ୍ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି।

## ସଂକ୍ଷେପରେ

### ପୀଡ଼ିତଙ୍କୁ ନିଃଶୁଳ୍କ ବସ୍ ସେବା

**କଟକ ଅଫିସ,୩।୬:** ଓଡ଼ିଶା ରାଜ୍ୟ ପରିବହନ ନିଗମ ଓ କଟକ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଟ୍ରେନ୍ ଦୁର୍ଘଟଣାରେ ପୀଡ଼ିତଙ୍କ ନିମନ୍ତେ ନିଃଶୁଳ୍କ ବସ୍ ସେବା ଯୋଗାଇ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ କଟକ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ୫୨ଟି ଓ ସରକାରୀ ବସ୍ ୯ଟି ନିୟୋଜିତ କରାଯାଇଥିଲା। ପୁଣି ଆବଶ୍ୟକତା ଦୃଷ୍ଟିରୁ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆଉ ୧୫ଟି ବସ୍ ଯୋଗାଇ ଦିଆଯାଇଥିବା ଜଣାପଡିଛି। ବାଲେଶ୍ୱର ଷ୍ଟେଶନ୍‌ରୁ ଯାତ୍ରୀମାନଙ୍କୁ ସ୍ୱତନ୍ତ୍ର ଟ୍ରେନ୍‌ରେ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ନିମନ୍ତେ ରେଲୱେ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ତେଣୁ ବାହାନଗାରୁ ସ୍ୱତନ୍ତ୍ର ଉଦ୍ଧାରକାରୀ ଟ୍ରେନ୍ ଯୋଗେ ଯାତ୍ରୀମାନେ କଟକରେ ପହଞ୍ଚିବା ପରେ ସେମାନଙ୍କୁ ବାଲେଶ୍ୱରରେ ପହଞ୍ଚାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଥିଲା। କଟକ ଷ୍ଟେଶନରେ ଦୁର୍ଘଟଣାଗ୍ରସ୍ତ ଟ୍ରେନ୍ ଯାତ୍ରୀମାନଙ୍କୁ ପାନୀୟଜଳ ଯୋଗାଇ ଦିଆଯାଇଥିଲା। କଟକ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରା, ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, କଟକ ଘରୋଇ ବସ୍ ମାଲିକ ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀ, ସମ୍ପାଦକ ନିରଞ୍ଜନ ସାହୁ ପ୍ରମୁଖ କଟକ ରେଲଷ୍ଟେଶନରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

### ମୃତକଙ୍କ ପାଇଁ କଟକ ବଣିକ ସଂଘର ଶୋକ

**କଟକ ଅଫିସ,୩।୬:** ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ପାଇଁ କଟକ ବଣିକ ସଂଘ ପକ୍ଷରୁ ଶୋକପ୍ରକାଶ କରାଯାଇଛି। ମାଲଗୋଦାମସ୍ଥିତ ସଂଘ ସଭାଗୃହରେ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଶନିବାର ଅନୁଷ୍ଠିତ ହୋଇଥିଲା। ମୃତକମାନଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆରୋଗ୍ୟ କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ମାଲଗୋଦାମ ପୂଜା କମିଟି ସଭାପତି ଧର୍ମାନନ୍ଦ ପାତ୍ର, ଓଡ଼ିଶା ଚାଉଳ ବ୍ୟବସାୟୀ ସଂଘ ସଭାପତି ମଧୁସୂଦନ ରାଉତ, ସମ୍ପାଦକ ସୁନୀଲ ପାତ୍ର, ଖୁଚୁରା ବ୍ୟବସାୟୀ ସଂଘ ସଭାପତି ବିନୋଦ ଚନ୍ଦ୍ର ସାହୁଙ୍କ ସମେତ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କଟକ ବଣିକ ସଂଘର ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ପାତ୍ରଙ୍କ ନେତୃତ୍ୱରେ ଏକ ବ୍ୟବସାୟୀ ଦଳ କଟକ ରେଲଷ୍ଟେଶନ ଏବଂ ଏସ୍‌ସିବି ମେଡିକାଲରେ ପହଞ୍ଚି ଆହତଙ୍କୁ ଶୁଖିଲା ଖାଦ୍ୟ, ପାଣି, ଓଆର୍‌ଏସ୍ ବଣ୍ଟନ କରିଥିଲେ।

### ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ଚୌଦ୍ୱାର,୩।୬(ଡି.ଏନ୍.ଏ.) ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଶୁକ୍ରବାର ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ୨୮୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଉଦ୍ଦେଶ୍ୟରେ ଚୌଦ୍ୱାର ପୌର ସଭାଗୃହରେ ଶନିବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, କାଉନସିଲର ଅଶୁତୋଷ ଦାସ, ସୁଜାତା ସାହୁଙ୍କ ସମେତ ସମସ୍ତ ପୌର କର୍ମଚାରୀ ଉପସ୍ଥିତ ରହି ମୃତକମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏଥିସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ସେହିପରି ଚୌଦ୍ୱାର ପ୍ରେସ୍ କ୍ଲବ୍ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କ୍ଲବ ସଭାପତି ତଥା ହିନ୍ଦୁ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ରମେଶ ଚନ୍ଦ୍ର ସାମଲ, ଗଙ୍ଗାଧର ସାହୁ, ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ପ୍ରକାଶ ନାୟକ, ସୁଧାକର ସାମନ୍ତରାୟ, ଅଶୋକ ଦାସ, ବିଶ୍ୱଜିତ୍ ଭଞ୍ଜ, ସହଦେବ ବରାଳ, ଶିବ ନାରାୟଣ ପତି ପ୍ରମୁଖ ଯୋଗଦେଇ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ଟ୍ରକ୍ ନେଇ ଚାଳକ ଫେରାର

ଖୁଣ୍ଟୁଣୀ,୩।୬(ଡି.ଏନ୍.ଏ.)- ଗୁରୁଡିଝାଟିଆ ଥାନା ଅଧୀନ କପୁରସିଂହଠାରେ ଥିବା ଏକ ରଡ୍ କାରଖାନାରେ ସ୍କ୍ରାପ୍ ଅନ୍‌ଲୋଡ୍ କରିବା ପରେ ଚାଳକ ଟ୍ରକ୍ ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ଟ୍ରକ୍ ମାଲିକ ଚୌଦ୍ୱାର ଥାନା ଅଧୀନ ସିମିଳିହାଣ୍ଡି ଗ୍ରାମର ଆନନ୍ଦ ଚନ୍ଦ୍ର ଜେନା ଶନିବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗତ ୨୮ ତାରିଖରେ ଚାଳକ ସାଲେପୁର ଥାନା ଓଡ଼ାସିଙ୍ଘା ଗ୍ରାମର ଶିଶିର ନାୟକ ଟ୍ରକ୍ (ନଂ.ଓଡ଼ି୦୫ଏଭି-୨୬୨୨)ରେ ସ୍କ୍ରାପ୍ ବୋଝେଇ କରି କପୁରସିଂହସ୍ଥିତ ଉକ୍ତ କାରଖାନାକୁ ଆସିଥିଲେ। ସେଠାରେ ସ୍କ୍ରାପ୍ ଅନ୍‌ଲୋଡ୍ କରିବା ପରେ ଆଉ ଫେରି ନ ଥିଲେ। ଏ ନେଇ ଆନନ୍ଦ ତାଙ୍କୁ ଯୋଗାଯୋଗ କରିଥିଲେ ମଧ ପତ୍ତା ମିଳି ନ ଥିଲା। ପରେ ଏ ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିଥିଲେ।

## ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କୁ ଏସ୍‌ସିବିରେ ଚିକିତ୍ସା

# ସ୍ଥିତି ପରଖିଲେ ଆନ୍ଧ୍ରପ୍ରଦେଶ ଅଧିକାରୀ

କଟକ ଅଫିସ,୩।୬

ବାଲେଶ୍ୱର ଜିଲା ବାହାନଗା ରେଲଷ୍ଟେଶନ ନିକଟରେ ଶୁକ୍ରବାର ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଛି। ଏଥିରେ ୨୮୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ବହୁସଂଖ୍ୟକ ଯାତ୍ରୀ ରହିଥିବା ଜଣାପଡିଛି। ସେମାନଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଛନ୍ତି ଆନ୍ଧ୍ରପ୍ରଦେଶର ପ୍ରମୁଖ ସଚିବ ଅରୁଣ କୁମାର। ଜିଲା ପ୍ରଶାସନ ପକ୍ଷରୁ ଏସ୍‌ସିବି ମେଡିକାଲରେ ଖୋଲାଯାଇଥିବା ସୂଚନା କେନ୍ଦ୍ରରେ ଆନ୍ଧ୍ରପ୍ରଦେଶ ଆହତଙ୍କ ସମ୍ପର୍କରେ ବୁଝିବା ସହ ଚିକିତ୍ସା ବ୍ୟବସ୍ଥା ବିଷୟରେ ଅବଗତ ହୋଇଥିଲେ। ଚିକିତ୍ସା ପରେ ସେମାନଙ୍କୁ ଘରକୁ ପଠାଯିବା ପାଇଁ ବ୍ୟବସ୍ଥା କରାଯାଉଛି। ହେଲେ ଏପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର କେତେଜଣ ଯାତ୍ରୀ ଆହତ ହୋଇଛନ୍ତି ସେ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ଜଣାପଡିନାହିଁ। ତେବେ ଓଡ଼ିଶା ସରକାର ଏବଂ ରେଳ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଥିବା କହିଛନ୍ତି। ଅପରପକ୍ଷରେ ଚିକିତ୍ସା ପାଇଁ ଶନିବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବିରେ ୧୮୬ ଜଣଙ୍କୁ ଭର୍ତ୍ତି କରାଯାଇଛି। ସେମାନଙ୍କୁ ଆମ୍ବୁଲାନ୍ସରେ ଅଣାଯିବା ପରେ ମେଡିକାଲ ସମ୍ମୁଖରେ ପୂର୍ବରୁ ଅପେକ୍ଷା କରିଥିବା ଡାକ୍ତର, ନର୍ସ ଓ ଡାକ୍ତରୀଛାତ୍ରମାନେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେଇଥିଲେ।



କଟକ ଏସ୍‌ସିବି ମେଡ଼ିକାଲ କାଜୁଆଲ୍‌ଟି ସମ୍ମୁଖରେ ଲୋକଙ୍କ ଗହଳି।

### ସ୍ୱାସ୍ଥ୍ୟକର୍ମୀଙ୍କ ଛୁଟି ବାତିଲ

ଜରୁରିକାଳୀନ ସ୍ଥିତିକୁ ଦୃଷ୍ଟିରେ ରଖି କଟକ ବଡ ଡାକ୍ତରଖାନାର ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ବିଭିନ୍ନ ବିଭାଗର ଡାକ୍ତର ସମନ୍ୱୟ ରକ୍ଷା କରି ସେବା ଯୋଗାଉଛନ୍ତି। ଏଥିସହ ନର୍ସିଂ ଅଫିସର ଓ ପାରା ମେଡିକାଲ କର୍ମଚାରୀଙ୍କ ଛୁଟି ୩ ଦିନ ପାଇଁ ବାତିଲ କରାଯାଇଥିବା ଜଣାପଡିଛି।



ଗୁରୁତରଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲକୁ ନିଆଯାଉଛି।

### ଏମାନେ କୁହନ୍ତି...



"ହଠାତ୍ ପ୍ରଚଣ୍ଡ ଶବ୍ଦ ହେଲା। ପରେ ଉକ୍ତ ସ୍ଥାନ ଧୂଆଁମୟ ହୋଇଯାଇଥିଲା। ପ୍ରଥମେ ମୁଁ କିଛି ଜାଣିପାରିଲିନି। ପରେ ଅଚେତ ହୋଇଯାଇଥିଲି। ଚେତା ଫେରିଲା ପରେ ଦେଖିଲା ବେଳକୁ ଟ୍ରେନ୍ ବଗିଗୁଡିକ ଓଲଟି ପଡ଼ିଛି। ବହୁତ କଷ୍ଟରେ ବାହାରକୁ ବାହାରିଲି। ମୋ ମୁଣ୍ଡରୁ ରକ୍ତ ବାହାରୁଥିଲା। ପୁଣି ଚେତା ଶୂନ୍ୟ ହୋଇଗଲି। ଆଖି ଖୋଲିଲାବେଳକୁ ମେଡିକାଲରେ ଥିବା ଦେଖିବାକୁ ପାଇଥିଲି।

–ଦେବାଶିଷ ପାତ୍ର, ଆହତ ଯାତ୍ରୀ



"ମୋ ୨ ପୁଅ ବେଙ୍ଗାଲୁରୁରୁ ହାଓଡ଼ା ଫେରୁଥିଲେ। ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହେବା ପରେ ବଡ଼ ପୁଅ ସୁବାସ ଦାସ ବଗି ତଳେ ଚାପି ହୋଇ ରହିଯାଇଥିଲେ। ସାନପୁଅ ନିବାସ ଜଣେ ବ୍ୟକ୍ତିଙ୍କ ସାହାଯ୍ୟରେ ତାଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସାଲାଗି ତାଙ୍କୁ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନିବାସ ରାତିସାରା ହସ୍ପିଟାଲ ବାହାରେ ବସି ରହିଥିଲା। ପରେ ସେଠାରେ ଖୋଜିଲାବେଳକୁ ସୁବାସ ନ ଥିଲେ। ବହୁ ଖୋଜାଖୋଜି ପରେ ଜଣାପଡିଲା ସୁବାସଙ୍କୁ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି। ଶନିବାର ମୁଁ ଏସ୍‌ସିବିରେ ସ୍ୱେଚ୍ଛାସେବୀଙ୍କ ସହାୟତାରେ ୧୦ ଘଣ୍ଟା ଖୋଜିଲା ପରେ ପୁଅକୁ ପାଇଥିଲି।

–ଦଶରଥ ଦାସ, ଆହତଙ୍କ ବାପା



"୧୫–୨୦ ମିନିଟ୍‌ରେ ମୃତ୍ୟୁର ତାଣ୍ଡବ ଦେଖିଦେଇଛି। ମୁଁ କରମଣ୍ଡଳ ଏକ୍ସପ୍ରେସ୍‌ରେ ଆସୁଥିଲି। ଇଂଜିନ ପଛବଗିରେ ଛିଡ଼ା ହୋଇ କଥା ହେଉଥିଲି। ହଠାତ ଗୋଟିଏ ବଡ଼ ଶବ୍ଦ ହେଲା। ଚାରିଆଡେ ଅନ୍ଧାର ଦେଖାଗଲା। ଏମିତି ହେବ ବୋଲି ଆମେ କେବେ ଆଶା କରିନଥିଲୁ। ଆଉ ୧୫–୨୦ ମିନିଟ୍‌ରେ ଭଦ୍ରକରେ ପହଞ୍ଚିଯାଇଥାନ୍ତା ଟ୍ରେନ୍। ହେଲେ ତା ପୂର୍ବରୁ ଘଟିଲା ଏଭଳି ଦୁର୍ଘଟଣା।

–ରୋସନ କୁମାର, ଆହତ ଯାତ୍ରୀ



"ଟ୍ରେନ୍ ଧକ୍କା ହେବା ପରେ ବଗିଟି ୩ ଥର ଓଲଟି ସାରି ସ୍ଥିର ହୋଇଥିଲା। ଏତେ ଜୋରରେ ଶବ୍ଦ ହେଲା ଯେ, ମୁଁ କହିଲି ହେ ପ୍ରଭୁ ମୋତେ ବଞ୍ଚାଇଦିଅ। କିଛି ସମୟ ପରେ ମୋବାଇଲ ଟର୍ଚ୍ଚ ସହାୟତାରେ ବାହାରକୁ ଆସିଲି। ହେଲେ ଯନ୍ତ୍ରଣା ହେବାରୁ ଆଉ ଯାଇପାରିଲି ନାହିଁ। ସ୍ଥାନୀୟ ଲୋକଙ୍କ ସହାୟତାରେ ମୁଁ ମେଡିକାଲରେ ଭର୍ତ୍ତି ହୋଇଥିଲି।

–ମିହିର,ଆହତ ଯାତ୍ରୀ

## ଗୁରୁତରଙ୍କ ପାଇଁ ରକ୍ତଦାନ ଶିବିର




କଟକ ଅଫିସ, ୩।୬: ଓଡ଼ିଶା ହାଇକୋର୍ଟ ପକ୍ଷରୁ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ସହାୟତାରେ ଏକ ରକ୍ତଦାନ ଶିବିର ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାହାନଗାଠାରେ ରେଳ ଦୁର୍ଘଟଣାରେ ଗୁରୁତରମାନଙ୍କୁ ସହାୟତା ପାଇଁ ଏହି ଶିବିର ଆୟୋଜିତ ହୋଇଥିଲା। ଏହାକୁ ଜଷ୍ଟିସ ବି. ଆର୍. ଷଡଙ୍ଗୀ, ଡି. ଦାଶ, ସାବିତ୍ରୀ ରଥ, ଭି. ନରସିଂହ ଏବଂ ଜଷ୍ଟିସ୍ ଏମ୍. ଏସ୍. ରମଣ ଉଦ୍‌ଘାଟନ କରିଥିଲେ। ହାଇକୋର୍ଟ ଜଜ୍ ଏବଂ କର୍ମଚାରୀମାନେ ରକ୍ତଦାନ କରିଥିଲେ। ଉକ୍ତ ଶିବିରରୁ ୧୪୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହାପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ରେଳ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ଦେବଦୂତ ସାଜି ଆଗେଇ ଆସିଲେ ଯୁବଗୋଷ୍ଠୀ

ବାହାନଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାର ଖବର ପ୍ରଚାରିତ ହେବା ପରେ ପ୍ରଶାସନ ସହ ସ୍ଥାନୀୟ ଲୋକମାନେ ଉଦ୍ଧାର କାର୍ଯ୍ୟ ପାଇଁ ଲାଗି ଅଣ୍ଟା ଭିଡ଼ିଥିଲେ। ରାତି ବଢୁଥିବାବେଳେ ଟ୍ରେନ୍ ବଗି ତଳୁ ଅଧିକରୁ ଅଧିକ ଆହତଙ୍କୁ ଉଦ୍ଧାର କରାଯାଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଉଥିଲା। ସେମାନଙ୍କ ପାଇଁ ଶତାଧିକ ୟୁନିଟ୍ ରକ୍ତ ଆବଶ୍ୟକ ଥିଲା। ଏଭଳି ଜରୁରିକାଳୀନ ସମୟରେ ଦେବଦୂତ ସାଜି ଅନେକ ଯୁବଗୋଷ୍ଠୀ ଆଗେଇ ଆସିଥିଲେ।

### ଆହତଙ୍କ ସେବାରେ ଆଇଟିଆଇ ଛାତ୍ରୀଛାତ୍ର

ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ(ଆଇଟିଆଇ) ପକ୍ଷରୁ ଆହତମାନଙ୍କୁ ଖାଦ୍ୟ, ପୋଷାକ ଏବଂ ପାଣିବୋତଲ ବଣ୍ଟନ କାର୍ଯ୍ୟ କରାଯାଇଛି। ଅନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକମାନେ ଆହତଙ୍କ ସେବାରେ ଲାଗିଥିଲେ। ଆହତଙ୍କ ଆଶୁଆରୋଗ୍ୟ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ଅନୁଷ୍ଠାନର ଅଧ୍ୟକ୍ଷ କହିଥିଲେ।

### ରକ୍ତ ଦେବା ପାଇଁ ଅନୁଗୋଳରୁ କଟକ ଆସିଲେ

ଟ୍ରେନ୍ ଦୁର୍ଘଟଣାରେ ଆହତମାନଙ୍କୁ ରକ୍ତ ଦେବାକୁ ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ ଆଗେଇ ଆସିଛନ୍ତି। ଏଭଳି ସ୍ଥିତିରେ ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ନେତୃତ୍ୱରେ ୬୦ଜଣ ଯୁବକ ଅନୁଗୋଳରୁ କଟକ ଆସି ରକ୍ତ ଦେଇଛନ୍ତି। କେନ୍ଦ୍ରୀୟ ରକ୍ତ ଭଣ୍ଡାରରେ ରକ୍ତଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାପରେ ଉପବାଚସ୍ପତି ଆହତମାନଙ୍କୁ ଭେଟିଥିଲେ।

### ଏସ୍‌ସିବି ପକ୍ଷରୁ ଜରୁରିକାଳୀନ ନମ୍ବର ଜାରି

ଏସ୍‌ସିବି ମେଡିକାଲ ପକ୍ଷରୁ ୫ଟି ହେଲ୍ପ ଲାଇନ୍ ନମ୍ବର ଜାରି କରାଯାଇଛି। ସେଗୁଡିକ ହେଲା (୦୬୭୧)- ୨୪୧୫୧୭୧, ୨୪୧୫୧୭୨, ୨୪୧୫୧୭୩, ୨୪୧୫୧୭୪, ୨୪୧୫୧୭୫। ଏହି ନମ୍ବରରେ ଯୋଗାଯୋଗ କଲେ ଗୁରୁତରମାନଙ୍କ ସମ୍ପର୍କରେ ଜାଣିହେବ।

### ଜୀବନ ବଞ୍ଚାଇବାକୁ ପ୍ରୟାସ

ଆହତମାନଙ୍କୁ ରକ୍ତ ଦେବା ପାଇଁ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟର ୪୦ ଜଣ ସଦସ୍ୟ ଢେଙ୍କାନାଳରୁ ଆସିଥିଲେ। ଦୁର୍ଘଟଣାରେ ଯେଉଁମାନଙ୍କ ଜୀବନ ବଞ୍ଚିଯାଇଛି, ସେମାନଙ୍କ ପାଇଁ ଏହା ଏକ ପ୍ରୟାସ। ୪୦ ଜଣରୁ ୩୦ ଜଣ ରକ୍ତ ଦେଇଛୁ। ଆଉ ଦରକାର ପଡିଲେ ରକ୍ତଦାନ କରାଯିବ ବୋଲି ସଙ୍ଗଠନ ସଦସ୍ୟ ଆଶିଷ କୁମାର ମଲ୍ଲିକ କହିଛନ୍ତି।

## ୫–ଟି ସଚିବ, ମନ୍ତ୍ରୀ, ରାଜନେତା, ପ୍ରଶାସନିକ ଅଧିକାରୀଙ୍କ ଭିଡ଼

**କଟକ ଅଫିସ,୩।୬:** ଏସ୍‌ସିବି ମେଡିକାଲରେ ଗୁରୁତରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ପାଇଁ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ଦଳର ରାଜନେତା ଘନ ଘନ ଗସ୍ତ କରୁଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଆହତମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଆହତଙ୍କ ସମ୍ପର୍କୀୟମାନଙ୍କୁ ସୂଚନା ମିଳିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେମାନେ କହିଛନ୍ତି। ସେହିପରି ଭାଜପା ନେତା ବିଜୟ ପଟ୍ଟନାୟକ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ପ୍ରଭାତ ରଞ୍ଜନ ବିଶ୍ୱାଳ ମଧ୍ୟ ଆହତମାନଙ୍କୁ ଭେଟିଛନ୍ତି। ସନ୍ଧ୍ୟାରେ ୫–ଟି ସଚିବ ଭି. କେ. ପାଣ୍ଡିଆନ ଏସ୍‌ସିବିରେ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, କଟକ ଡିସିପି ପିନାକ ମିଶ୍ରଙ୍କ ସମେତ ବହୁ ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ପୂରା ବ୍ୟବସ୍ଥା ଉପରେ ଦୃଷ୍ଟି ରଖିଛନ୍ତି।



ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି କାମନା କରି ଏସ୍‌ୟୁସିଆଇ(ସି) ପକ୍ଷରୁ କଟକ କଲେଜ ଛକଠାରେ ମହମବତି ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ରାସ୍ତାପାର୍ଶ୍ୱରେ ଯୁବକଙ୍କୁ ହତ୍ୟା

### ୨ ଅଟକ

ଖୁଣ୍ଟୁଣୀ,୩।୬(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାହାଙ୍ଗୁଳ ଗ୍ରାମ ପ୍ରଧାନସାହି ଛକରେ ଶନିବାର ରାତି ୮ଟାରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ ରାହାଙ୍ଗୁଳ ଗ୍ରାମର ଗାଲୁ ଓରଫ ରଞ୍ଜୀବ ଦେହୁରୀ। ଖବରପାଇ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ, ଏସ୍‌ଆଇ ବିକାଶ ସେଠୀ ପୋଲିସ ଟିମ୍ ସହାୟତା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇ ଦେଇଥିଲେ। ଏହି ଘଟଣାରେ ପୋଲିସ ସନ୍ଦେହରେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାତି ୭ଟାରେ ରଞ୍ଜୀବ ଘରୁ ବାହାରକୁ ଆସିଥିଲେ। ହେଲେ ଘରଠାରୁ ୧୫୦ ମିଟର ଦୂର ରାସ୍ତାପାର୍ଶ୍ୱରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ପଡିଥିବା ପରିବାର ଲୋକେ ଖବର ପାଇଥିଲେ। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ତେବେ କିଏ ଓ କାହିଁକି ରଞ୍ଜୀବଙ୍କୁ ହତ୍ୟା କଲା ସେ ନେଇ ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରଞ୍ଜୀବ ଦୁଇମାସ ତଳେ ତାଙ୍କ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରର ତାଲା ଭାଙ୍ଗି ଚାଉଳ ଚୋରି କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## କାଠଯୋଡ଼ିରୁ ଯୁବକଙ୍କ ମୃତଦେହ ଜବତ

କଟକ ସଦର,୩।୬(ଡି.ଏନ୍.ଏ.)

୪୨ ମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁର ନିକଟ କାଠଯୋଡ଼ି ନଦୀରୁ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ପରେ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି। ମୃତକ ହେଲେ ବ୍ରହ୍ମପୁର ଗ୍ରାମରେ ଭଡ଼ାଘରେ ରହୁଥିବା ସ୍ମୃତିରଞ୍ଜନ ବରଜ (୨୪)। ଶୁକ୍ରବାର ସନ୍ଧ୍ୟାରେ ସେ ଭୋଜି ଖାଇବାକୁ ଯାଇ ଘରକୁ ଫେରି ନ ଥିଲେ। ଶନିବାର ସନ୍ଧ୍ୟାରେ କାଠଯୋଡି ନଦୀର ଝିଙ୍କିରିଆ ପୋଲ ନିକଟରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା କହିଛନ୍ତି।

## ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ କ୍ଷତି ସହୁଛନ୍ତି ଶିଳ୍ପୋଦ୍ୟୋଗୀ

### ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କଟକ ଅଫିସ, ୩।୬

ଅଘୋଷିତ ବିଦ୍ୟୁତ୍ କାଟକୁ ବିରୋଧ କରି ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଆସୋସିଏଶନ (ଓଆଇଏ) ପକ୍ଷରୁ ବାରଙ୍ଗ ଗୋଡିସାହିସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଆଇଏ ରାମଦାସପୁର ଚାପ୍ଟର ପକ୍ଷରୁ ରାମଦାସପୁରସ୍ଥିତ ଭାରତ ମସଲା କମ୍ପାନୀ ନିକଟରୁ ଏକ ଶୋଭାଯାତ୍ରା ଗୋଡ଼ିସାହିସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଓଆଇଏ ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ କହିଛନ୍ତି, ବିଦ୍ୟୁତ୍ ବିଲ୍ ଦେବାରେ ଖିଲାପ କରାଯାଉନାହିଁ। ବକେୟା ମଧ୍ୟ କୌଣସି ଶିଳ୍ପ ଉପରେ ରହିନାହିଁ। ହେଲେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଦ୍ୱାରା ଶିଳ୍ପୋଦ୍ୟୋଗୀମାନେ ଉତ୍ପାଦନ କରି ନ ପାରି କ୍ଷତି ସହୁଛନ୍ତି। ଫଳରେ ଏହି ଇଣ୍ଡଷ୍ଟ୍ରିଜ୍‌ଗୁଡିକ ରୁଗ୍‌ଣ ଅବସ୍ଥାକୁ ଚାଲିଆସୁଛି। ଯଦି ଆଗକୁ ଏଭଳି ଅଘୋଷିତ ବିଦ୍ୟୁତ୍ କାଟ୍ ଜାରି ରହେ ତେବେ ଇଣ୍ଡଷ୍ଟ୍ରିଗୁଡିକ ତାଲା ପକାଇ ଚାବି ହସ୍ତାନ୍ତର କରିଦେବୁ ବୋଲି ସେ ଚେତାବନୀ ଦେଇଥିଲେ। ଏହାପରେ ଉଦ୍ୟୋଗପତିମାନଙ୍କର କାର୍ଯ୍ୟକାରିଣୀ ବୈଠକ ଭାରତ ମସଲା କମ୍ପାନୀ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଆଇଏର ସଭାପତି ସୁଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରି କହିଥିଲେ, ଆଗାମୀ ଦିନରେ ଆସୋସିଏଶନର ବିଭିନ୍ନ ଚାପ୍ଟର ରାଜ୍ୟର ୩୦ ଜିଲାରେ ଖୋଲିବ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ବର୍ଗର ଶିଳ୍ପୋଦ୍ୟୋଗୀମାନଙ୍କୁ ସମସ୍ତ ସହଯୋଗ କରାଯିବ। ଓଆଇଏର ସାଧାରଣ ସମ୍ପାଦକ ଗୌରଗୋପାଳ ସେନ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ରାମଦାସପୁର ଚାପ୍ଟର ପାଇଁ ସଭାପତି ଭାବେ ମୁରଲୀକୃଷ୍ଣ ପଟ୍ଟନାୟକ, ଉପସଭାପତି ବିଚିତ୍ରାନନ୍ଦ ସେନାପତି, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଏକ୍‌ଜିକ୍ୟୁଟିଭ ସେକ୍ରେଟାରି ଧର୍ମେନ୍ଦ୍ର ପରିଡା, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଲେଙ୍କା, କାର୍ଯ୍ୟକାରୀ ସଭ୍ୟ ଏ.ବି. ପଟ୍ଟନାୟକ, ପ୍ରଶାନ୍ତ ଦାସ, ସରୋଜ ପାତ୍ର, ସୁକାନ୍ତ କୁମାର ମହାନ୍ତି, ସୁବାସ ଚନ୍ଦ୍ର ସାହୁ, ପ୍ରଖର ଗୋଏଙ୍କା ପ୍ରମୁଖ ନିର୍ବାଚିତ ହୋଇଥିଲେ। ଏଥିରେ ଓଆଇଏର ଭବାନୀ ପଣ୍ଡିତ, ଗୌରଗୋପାଳ ସେନ, କିଶୋର ମହାନ୍ତି, ସଞ୍ଜୟ ଅଗ୍ରୱାଲ, ଦେବେନ୍ଦ୍ର ଶର୍ମା, ରାମ ବଲ୍ଲଭ ନାୟକ, ବିକାଶ ମହାପାତ୍ର, ଦେବେନ ରାୟ, ପ୍ରଶାନ୍ତ ମହାପାତ୍ର, ରୁଦ୍ରନାରାୟଣ ଆଚାର୍ଯ୍ୟ, ଅନିରୁଦ୍ଧ ପୁହାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ନିରାକାରପୁର,୩।୬(ଡି.ଏନ୍.ଏ.): ରାମେଶ୍ୱର ମେଡିକାଲ ଛକର ଅନତି ଦୂରରେ ଥିବା ନୂଆ ଜଗନ୍ନାଥ ସଡ଼କରେ ଶନିବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଚାଳକ ଗୁରୁତର ଆହତ ହୋଇଛନ୍ତି। ତେବେ ସେମାନଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଜଣେ ଚାଳକଙ୍କ ଘର ଜଙ୍କିଆ ଥାନା ଅଧୀନ ଦେଉଳି ହୋଇଥିବା ବେଳେ ଅନ୍ୟ ଜଣଙ୍କ ଘର ନିରାକାରପୁର ଥାନା ଅଧୀନ ଲେଣ୍ଡୋ ଅଞ୍ଚଳରେ ବୋଲି ସୂଚନା ମିଳିଛି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ଖବରପାଇ ନିରାକାରପୁର ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

### ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ

ବୋଲଗଡ଼/ଗମ୍ଭାରୀମୁଣ୍ଡା,୩।୬ (ଡି.ଏନ୍.ଏ.): ଗ୍ରେଡ ପେ ବୃଦ୍ଧି ଦାବିରେ ମିଳିତ ଅମଲା ମଞ୍ଚ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। ଗତ ଗୁରୁବାରଠାରୁ କାର୍ଯ୍ୟରତ ଅମଲାମାନେ ସମୂହ ଛୁଟିରେ ରହିଛନ୍ତି। କର୍ମଚାରୀଙ୍କ ଅନୁପସ୍ଥିତ ଯୋଗୁ ସରକାରୀ କାର୍ଯ୍ୟାଳୟ ଅଚଳ ହୋଇପଡିଛି। ଏହିକ୍ରମରେ ବୋଲଗଡ଼ ଓ ବାଣପୁର ବ୍ଲକର ତହସିଲ, ସବରେଜିଷ୍ଟ୍ରାର, ବ୍ଲକ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ କର୍ମଚାରୀ ନ ଥିବାରୁ ସରକାରୀ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଫଳରେ ବିଭିନ୍ନ କାମ ନେଇ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ନିରାଶ ହୋଇ ଫେରିଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅମଲାମାନେ ଚେତାବନୀ ଦେଇଛନ୍ତି।

### ପ୍ଲଟ୍ ଦେବା ନାଁରେ ୯.୩୨ ଲକ୍ଷ ଟଙ୍କା ଠକେଇ, ଯୁବକ ଗିରଫ

ଭୁବନେଶ୍ୱର,୩।୬(ବ୍ୟୁରୋ): ପ୍ଲଟ୍ ଦେବା ନାଁରେ ଜଣେ ବ୍ୟକ୍ତିଙ୍କଠାରୁ ୯ ଲକ୍ଷ ୩୨ ହଜାର ଟଙ୍କା ଠକିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଶ୍ରୀରାମନଗର ଲେନ୍-୨ ରହୁଥିବା ଗଞ୍ଜାମର ରବି ସାହୁ (୨୫)। ତାଙ୍କଠାରୁ ଠକେଇ ଟଙ୍କା ଜବତ ହୋଇନାହିଁ। ତେବେ ଜାମିନ ନ ମିଳିବାରୁ ଅଭିଯୁକ୍ତ ରବିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଶ୍ରୀରାମନଗରରେ ରହୁଥିବା ବାଲିପାଟଣା ଥାନା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ନାୟକ ରାଜଧାନୀରେ ଜମି କିଣିବା ସନ୍ଧାନରେ ଥିଲେ। ଏହି ସମୟରେ ଅଭିଯୁକ୍ତ ରବି ପଟିଆ ଅଞ୍ଚଳରେ ୮ ଲକ୍ଷ ଟଙ୍କା ମୂଲ୍ୟର ଏକ ପ୍ଲଟ୍ ଅଛି ବୋଲି ତାଙ୍କୁ କହିଥିଲେ। ଏଥିପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଅଗ୍ରୀମ ଦେଇ ବୁକ୍ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଏଥିରେ ରାଜି ହୋଇ ପୂର୍ଣ୍ଣଚନ୍ଦ୍ର ପ୍ରଥମେ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରୁ ୧ ଲକ୍ଷ ୨୦ ହଜାର ଟଙ୍କା ଏବଂ ପରେ ଆଉ ୬୨ ହଜାର ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ। ବାକି ୭ ଲକ୍ଷ ୫୦ ହଜାର ଦେଲେ ଉକ୍ତ ପ୍ଲଟ୍‌ର ରେଜିଷ୍ଟ୍ରେଶନ ହେବ ବୋଲି କହିଥିଲେ। ଫଳରେ ପୂର୍ଣ୍ଣଚନ୍ଦ୍ର ତାଙ୍କୁ ଆଉ ୭ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ଅଭିଯୁକ୍ତ ରବି ସମସ୍ତ ଟଙ୍କା ନେବା ପରେ ଜମି ରେଜିଷ୍ଟ୍ରେଶନ କରିପାରି ନ ଥିଲେ। ବାରମ୍ବାର କହିବା ପରେ ଅଭିଯୁକ୍ତ ଜଣକ ୧୫ ଦିନ ମଧ୍ୟରେ ଜମି ମାଲିକ ରେଜିଷ୍ଟ୍ରେଶନ କରିବେ ବୋଲି କହି ଏକ ଷ୍ଟାମ୍ପ ପେପରରେ ପୂର୍ଣ୍ଣଚନ୍ଦ୍ରଙ୍କ ଦସ୍ତଖତ ନେଇଥିଲେ। ହେଲେ ଏହି ସମୟ ମଧ୍ୟରେ କୌଣସି ରେଜିଷ୍ଟ୍ରେଶନ ନ ହେବାରୁ ପୂର୍ଣ୍ଣଚନ୍ଦ୍ର ଟଙ୍କା ଫେରାଇବା ଲାଗି ଅଭିଯୁକ୍ତଙ୍କୁ କହିଥିଲେ। କିନ୍ତୁ ଅଭିଯୁକ୍ତ ରବି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିକରିବା ସହିତ ଗୁଣ୍ଡା ଲଗାଇ ତାଙ୍କ ସହ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବା ଲାଗି ଧମକ ଦେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ମାମଲାର ତଦନ୍ତ କରଥିଲା।

### କର୍ମଚାରୀଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୩।୬(ବ୍ୟୁରୋ): ଲାଇନ କାମ ମରାମତି ବେଳେ ବିଦ୍ୟୁତ ବିଭାଗର କର୍ମଚାରୀଙ୍କୁ ଇଟାରେ ଆକ୍ରମଣ ଘଟଣାରେ ଖଣ୍ଡଗିରି ଥାନା ପୋଲିସ ଜଣେ ଯୁବକଙ୍କୁ ୩ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ଗଞ୍ଜାମର ପ୍ରତାପ କୁମାର ପରିଡା। ସୂଚନାନୁସାରେ, ଗତ ମାର୍ଚ୍ଚରେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଲାଇନ ମରାମତି ନିମନ୍ତେ ମାଳି କଲୋନୀ ବସ୍ତିକୁ ଯାଇଥିଲେ। ଖୁଣ୍ଟରେ ଚଢ଼ି କାମକରୁଥିବା କର୍ମଚାରୀମାନେ ତଳକୁ ଓହ୍ଲାଇବା ପରେ କୌଣସି କାରଣକୁ ନେଇ ଅଭିଯୁକ୍ତ ଇଟାରେ ସେମାନଙ୍କୁ ଆକ୍ରମଣ କରିଥିଲା ।

# ୭ଟାରେ ପହଣ୍ଡି, ୧୧ଟାରେ ଦେବସ୍ନାନ

ଖୋର୍ଦ୍ଧା ଅଫିସ,୩।୬



ରବିବାର ଦେବସ୍ନାନ ପୂର୍ଣ୍ଣିମା। ଏଥିଲାଗି ଖୋର୍ଦ୍ଧା ଜାଗୁଳିପାଟଣା ସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ(ପୂର୍ଣ୍ଣ ବିଗ୍ରହ) ଏବଂ ଗଡ଼ଖୋର୍ଦ୍ଧାସ୍ଥିତ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ଦେବସ୍ନାନ ଲାଗି ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ସଜେଇ ହୋଇଛି ସ୍ନାନମଣ୍ଡପ। ଅନ୍ୟପଟେ ମହାପ୍ରଭୁଙ୍କ ରଥଯାତ୍ରା ଲାଗି ରଥ ନିର୍ମାଣ ମଧ୍ୟ ଚାଲିଛି।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଚତୁର୍ଦ୍ଧା ବିଗ୍ରହଙ୍କ ଦେବସ୍ନାନ ଲାଗି ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି। ପୂର୍ଣ୍ଣ ବିଗ୍ରହଙ୍କଠାରେ ଭୋର ୪ଟାରେ ଦ୍ୱାରଫିଟା, ୫ଟାରେ ମଙ୍ଗଳ ଆଳତି, ମଇଲମ, ଅବକାଶ, ତଡ଼ପଲାଗି ଆଦି ନୀତି ହୋଇ ୬ଟା ୩୦ରେ ଗୋପାଳବଲ୍ଲଭ ଭୋଗ ଅର୍ପଣ ପରେ ସ୍ନାନଯାତ୍ରା ଲାଗି ପ୍ରସ୍ତୁତି ଆରମ୍ଭ ହେବ। ୭ଟାରେ ପହଣ୍ଡି ଆରମ୍ଭ ହେବ। ପ୍ରଥମେ ଶ୍ରୀ ସୁଦର୍ଶନ ପରେ ଦେବୀ ସୁଭଦ୍ରା, ଶ୍ରୀବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ସ୍ନାନମଣ୍ଡପକୁ ବିଜେ କରିବେ। ୧୧ଟାରେ ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ନୀତି ସମ୍ପନ୍ନ ହେବ ବୋଲି ମନ୍ଦିର ମୁଖ୍ୟ ପୂଜକ ବାବା କମଳକାନ୍ତ ମହାରାଜ ସୂଚନା ଦେଇଛନ୍ତି। ମହାପ୍ରଭୁଙ୍କ ସ୍ନାନଯାତ୍ରା ଲାଗି କାରୁଣ୍ୟ କୁଣ୍ଡରୁ ଜଳ ଆସିବ। ବର୍ଷସାରା ଏହି କୁଣ୍ଡ ଅବ୍ୟବହୃତ ହୋଇ ରହିଥାଏ। ବର୍ଷକୁ ଥରେ ଜ୍ୟେଷ୍ଠମାସ ପୂର୍ଣ୍ଣମୀରେ ଦେବସ୍ନାନ ଯାତ୍ରା ପୂର୍ବରୁ ଏହାର ପୁନରୁଦ୍ଧାର କରାଯାଇଥାଏ। ଏହି ଜଳ ଠାକୁରଙ୍କ ସ୍ନାନଯାତ୍ରାରେ ବ୍ୟବହାର କରାଯାଏ। କାରୁଣ୍ୟ କୁଣ୍ଡରୁ ଜଳ ଅଣାଯାଇ, ଅଭିମନ୍ତ୍ରିତ ପରେ ୧୧ଟା ୩୦ରୁ ୧୨ଟା ମଧ୍ୟରେ ସ୍ନାନନୀତି ସମାପନ କରାଯାଇ ବେଶ ଲାଗି କରାଯିବ। ଠାକୁରଙ୍କ ନୈବେଦ୍ୟ ଅର୍ପଣ ସହ ସାଧାରଣ ଦର୍ଶନ ଆରମ୍ଭ ହେବ। ରାତି ୮ଟାରେ ଠାକୁରମାନେ ଅଣସର ପିଣ୍ଡିକୁ ବିଜେ କରିବେ ବୋଲି ସେ ସୂଚନା ଦେଇଛନ୍ତି। ବର୍ଷସାରା ପ୍ରତ୍ୟହ ବିମ୍ବ(ଦର୍ପଣ) ସ୍ନାନ କରୁଥିବା ପୂର୍ଣ୍ଣ ବିଗ୍ରହ ସ୍ନାନବେଦିରେ ଆପଦମସ୍ତକ ସ୍ନାନ କରିବେ। ଏଥିଲାଗି ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସେହିପରି ଗଡ଼ଖୋର୍ଦ୍ଧାସ୍ଥିତ ମହାପ୍ରଭୁଙ୍କ ଲୀଳାକ୍ଷେତ୍ରରେ ଚତୁର୍ଦ୍ଧାବିଗ୍ରହଙ୍କ ଦେବସ୍ନାନ ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି। ଗତବର୍ଷଠାରୁ ଏଠାରେ ରଥଯାତ୍ରା ଆୟୋଜନ କରାଯାଇଛି। ଚଳିତବର୍ଷ ଦେବସ୍ନାନ ପୂର୍ଣ୍ଣମୀରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି କମିଟି ସଦସ୍ୟ ଅଜିତ୍ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଆଗେଇ ଚାଲିଛି ରଥ ନିର୍ମାଣ କାମ

ଖୋର୍ଦ୍ଧା ଅଫିସ,୩।୬

ଆସନ୍ତା ୨୦ ତାରିଖରେ ରଥଯାତ୍ରା। ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବ (ପୂର୍ଣ୍ଣବିଗ୍ରହ)ଙ୍କ ରଥଯାତ୍ରା ଲାଗି ରଥ ନିର୍ମାଣ କାମ ଜୋର୍‌ସୋରରେ ଚାଲିଛି। ରଥ ବିଶ୍ୱକର୍ମା ଅର୍ଜୁନ ମହାରଣାଙ୍କ ତତ୍ତ୍ୱାବଧାନରେ ଚାଲିଛି ରଥ ନିର୍ମାଣ। ନେତ୍ର ଉତ୍ସବ ପୂର୍ବରୁ ରଥ ନିର୍ମାଣ ସରିବ ବୋଲି ଅର୍ଜୁନ କହିଛନ୍ତି। ରଥର ଉଚ୍ଚତା ୪୦ ଫୁଟ ଏବଂ ଚଉଡ଼ା ୨୨ ଫୁଟ ରହିଛି। ୪ଟି ଚକ, ୨ଟି ଘୋଡ଼ା ଯୋଚାଯାଇଥାଏ। ଚକର ଉଚ୍ଚତା ୬ ଫୁଟ ଏବଂ ମୋଟେଇ ୮ଇଞ୍ଚ ଏବଂ ତୁମ୍ବ ୧୬ଇଞ୍ଚ ରହିଛି। ଅର୍ଜୁନ କହିଛନ୍ତି, ୧୯୮୦ ମସିହାରେ ରଥଯାତ୍ରା ଆୟୋଜନ ହୋଇଥିଲା। ସେବେଠାରୁ ସେ ରଥ ନିର୍ମାଣ କାର୍ଯ୍ୟରେ ଦୀର୍ଘ ୪୨ବର୍ଷ ଧରି ନିୟୋଜିତ ଅଛନ୍ତି। ସେହି ସମୟରେ ୫ଟଙ୍କା ଦେଢ଼ା ମଜୁରିରେ କାମ କରିବା ଆରମ୍ଭ କରିଥିଲେ। ସେ ଆହୁରି କହିଛନ୍ତି, ୨୨ ବର୍ଷରେ ରଥ ନିର୍ମାଣ ଆରମ୍ଭ କରିଥିଲି। ଏବେ ବୟସ ୬୬ରେ ପହଞ୍ଚିଲାଣି। ମହାପ୍ରଭୁଙ୍କ ସେବାରେ ଅପୂର୍ବ ଆନନ୍ଦ ମିଳେ। ଜୀବନର ଶେଷବିନ୍ଦୁ ଥିବା ପର୍ଯ୍ୟନ୍ତ ରଥ ନିର୍ମାଣ କରୁଥିବି। ଏବେ ମୋ ସହ ଦୁଇ ପୁଅ ସନାତନ, କାଶୀନାଥ, ଶାଳକ କାର୍ତ୍ତିକଙ୍କ ସମେତ ୭ରୁ ୮ ଜଣ କାମରେ ଲାଗିଛନ୍ତି। ରଥ ନିର୍ମାଣ ସମୟରେ ଶୁଦ୍ଧପୂତ ହୋଇ ନିଷ୍ଠାପୂର୍ବକ କାର୍ଯ୍ୟ ସମ୍ପନ୍ନ କରିଥାଏ।

### ଟ୍ରେନ୍ ଦୁର୍ଘଟଣା: ଆହତଙ୍କ ପାଇଁ ରକ୍ତଦାନ

ବେଗୁନିଆ,୩।୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ରକ୍ତ ଯୋଗାଇବା ଉଦ୍ଦେଶ୍ୟରେ ଶନିବାର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଶୁଭଶ୍ରୀ କ୍ଲବ ପରିସରରେ ରାଷ୍ଟ୍ର ଶକ୍ତି ମିଶନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଓଡ଼ିଶା ରକ୍ତଭଣ୍ଡାର ଖୋର୍ଦ୍ଧା କାର୍ଯ୍ୟାଳୟ ଅଧିକାରୀ ଡ. ସୌରଭ ରାୟ, ଲାବ୍ ଟେକ୍ନିସିଆନ ଅରୁଣ କୁମାର ସାହୁ, ଅନିରୁଦ୍ଧ ସ୍ୱାଇଁ, ଷ୍ଟାଫ୍‌ନର୍ସ ଖାନ୍‌ସୀରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ସାମାଜିକ କର୍ମୀ ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ କୁଳମଣି ପାଣିଗ୍ରାହୀ ଏବଂ ତାଙ୍କ ସହଧର୍ମିଣୀ ସଞ୍ଜୁକ୍ତା ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ସୁନୀଲ ବେହେରା, ସନ୍ତୋଷ ସାହୁ, ସୁଜିତ୍ ପଣ୍ଡା, ଉଦ୍ଧବ ନାୟକ, ମାନିନୀ ପାଣିଗ୍ରାହୀ, ବିଶ୍ୱଜିତ୍ ଦଳେଇ, ବନବିହାରୀ ପଣ୍ଡା, ସ୍ୱର୍ଣ୍ଣଲତା ପଣ୍ଡା, ସନ୍ତୋଷ ଦାଶ, ସୁକାନ୍ତି ସାହୁ, କାଳନ୍ଦୀ ପାତ୍ର, ସିକୁନ ପାଣିଗ୍ରାହୀ, ଜୟନ୍ତ ତ୍ରିପାଠୀ, ରବୀନ୍ଦ୍ର ନାଥ ସାହୁ, ବିରୁପାକ୍ଷ ପ୍ରଧାନ ପ୍ରମୁଖ ରକ୍ତ ଦାନ କରିଥିଲେ।



ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ଆଶୁ ଆରୋଗ୍ୟ କାମନା ସହ ମୃତକଙ୍କ ଉଦ୍ଦେଶ୍ୟରେ ଶନିବାର ଜଟଣୀରେ ସମୂହ ଦୀପ ଦାନ କରାଯାଉଛି।

## ଟ୍ରେନ୍ ଦୁର୍ଘଟଣା: ମୃତକଙ୍କ ଉଦ୍ଦେଶ୍ୟରେ ଦୀପଦାନ

ଜଟଣୀ,୩।୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାହାନଗାରେ ଟ୍ରେନ୍ ଦୁର୍ଘଟଣାରେ ୨୮୮ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆସୁ ଆରୋଗ୍ୟ କାମନା କରି ଖୋର୍ଦ୍ଧା ଜିଲା ଜଟଣୀର 'ସେବା' ଅନୁଷ୍ଠାନ ପକ୍ଷରୁ ଶୋକପାଳନ ସହିତ ସମୂହ ଦୀପଦାନ କରାଯାଇଥିଲା। ସ୍ଥାନୀୟ ବାସିନ୍ଦା ଓ ରକ୍ତଦାତାଙ୍କ ସହଯୋଗ ଏବଂ ସରକାରଙ୍କ ଦ୍ୱରିତ ପଦକ୍ଷେପକୁ ପ୍ରଶଂସା କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଇଂ.ରାଜେନ୍ଦ୍ର ପ୍ରସାଦ ନାୟକ, ପ୍ରତିଷ୍ଠାନର ପ୍ରତିଷ୍ଠାତା ବିପିନ ବିହାରୀ ମହାନ୍ତି, ସମ୍ପାଦକ ପ୍ରହ୍ଲାଦ ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରଭାତ ସାହୁ, ଆଦିନାରାୟଣ ଖଣ୍ଡୁଆଳ, ରଶ୍ମିତା ନାୟକ, ସରୋଜିନୀ ଜେନା, ନୀଳିମା ମହାନ୍ତି, ରୀତା ପୃଷ୍ଟି, ଚିନ୍ମୟୀ ମହାନ୍ତି, ସୁମିତାମୟୀ ସାହୁ, ପ୍ରସନ୍ନ କୁମାର ରଥ ପ୍ରମଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିପରି ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ସ୍ଥାନୀୟ ମା'ଡମଣେଇଙ୍କ ମନ୍ଦିର ପରିସରରେ ଆହତଙ୍କ ଆସୁ ଆରୋଗ୍ୟ କାମନା ସହ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ସାମୂହିକ ଦୀପଦାନ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ବିଜେଡି କୋଷାଧ୍ୟକ୍ଷ ରାଜକିଶୋର ସ୍ୱାଇଁ, ବ୍ଲକ ସଭାପତି ବ୍ରଜବନ୍ଧୁ ପ୍ରଧାନ, ନଗର ସଭାପତି ଆଶୁତୋଷ ପ୍ରତାପସିଂ, ଜଟଣୀ ପୌରାଧ୍ୟକ୍ଷ ଅନନ୍ତ ବେହେରା, ଦୀପକ ଜେନା, ଦୀପକ ମହାକୁଡ଼, ଜ୍ଞାନରଞ୍ଜନ ବଳିୟାରସିଂ, ସ୍ୱୀକୃତି ଦାସ, ସ୍ମିତା ରାୟସୁବୁଦ୍ଧି, ବିଘ୍ନେଶ ବଳବନ୍ତରାୟ, ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ, ମନମୋହନ ରାଉତରାୟ, ନମିତା ପାଳ, ହେମନ୍ତ ମହାପାତ୍ରଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ପୋଖରୀ ଖନନବେଳେ ଓଲଟିଲା ଟ୍ରାକ୍ଟର, ଡ୍ରାଇଭର ଆହତ

ଡେଲାଙ୍ଗ,୩।୬(ଡି.ଏନ୍.ଏ.)

ଗୁଆଲିପଡ଼ା ପଞ୍ଚାୟତ ଅଧୀନ ବୋଲକଣା ଗ୍ରାମରେ ଶନିବାର ପଞ୍ଚାୟତ ପୋଖରୀ ଖନନବେଳେ ଅଘଟଣ ଘଟିଛି। ମାଟି ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ରଞ୍ଜିତ ପରିଡ଼ା। ସୂଚନା ମୁତାବକ, ପୋଖରୀ ଖନନବେଳେ ଜେସିବି ମେଶିନ ସହିତ ମାଟି ବୋହିବାକୁ ୧୦ ଉର୍ଦ୍ଧ୍ୱ ଟ୍ରାକ୍ଟର ନିୟୋଜିତ ହୋଇଥିଲା। ହଠାତ୍ ତହସିଲଦାର ଆସିବା ନେଇ ମିଥ୍ୟା ଖବର ପାଇ ମାଟି ବୋଝେଇ ଟ୍ରାକ୍ଟରକୁ ଦ୍ରୁତଗତିରେ ନେବା ସମୟରେ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଫଳରେ ଚାଳକ ରଞ୍ଜିତ ଗାଡ଼ିରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଡ୍ରାଇଭିଂ ଲାଇସେନ୍ସ ନ ଥିବା ୧୭ ବର୍ଷୀୟ ଯୁବକଙ୍କୁ କେମିତି ଟ୍ରାକ୍ଟର ଭଳି ଭାରିଯାନ ଚାଳନାରେ ନିୟୋଜିତ କରାଯାଇଥିଲା, କିଏ ତାଙ୍କୁ ଏଥିରେ ନିୟୋଜିତ କରିଥିଲେ ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ତହସିଲଦାରଙ୍କ ବିନା ଅନୁମତିରେ ସରକାରୀ ଜାଗାରୁ ମାଟି ଉଠାଇବା ନିୟମ ନ ଥିବାବେଳେ କାହା ପରାମର୍ଶରେ ଏଭଳି କାର୍ଯ୍ୟ ହେଉଛି। ଫଳରେ ଏଭଳି ଦୁର୍ଘଟଣା ଘଟିଛି। ବ୍ଲକର କେତେକ ପଞ୍ଚାୟତରେ ବେଆଇନ ଭାବେ ସରକାରୀ ଜାଗାରୁ ମାଟି ଖନନ କରାଯାଉଛି। ଏଥିପ୍ରତି ତହସିଲଦାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ମରାମତି ହେଉନି ଗ୍ରାମ୍ୟ ରାସ୍ତା



ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି।

ନିରାକାରପୁର,୩।୬(ଡି.ଏନ୍.ଏ.)

- ବନ୍ୟାକୁ ବର୍ଷେ ପୂରିବ
- ଲୋକେ ହଇରାଣ, ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ଲୋକଙ୍କ ଯାତାୟାତ ସୁବିଧା ନିମନ୍ତେ ସରକାର ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ପରବର୍ତ୍ତୀ ସମୟରେ ରାସ୍ତାର ରକ୍ଷଣାବେକ୍ଷଣ ତଥା ମରାମତି ହେଉ ନ ଥିବାରୁ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ନରଣଗଡ, ବ୍ରଜମୋହନପୁର ଏବଂ ଓରବରସିଂହ ପଞ୍ଚାୟତର ପ୍ରାୟ ୧୫ଟି ଗ୍ରାମ ଧବଳପୁର, ବଳପୁର, ଉରୁମି, ମାନପୁର, କୁରୁମପଡା, ସରଧାପୁର, ବ୍ରଜମୋହନପୁର, ଡିହଖୋଲ, ରାୟପୁର, ଓରବରସିଂହ, କୃଷ୍ଣପୁର, ଲେଖନପୁର, ବାଲିକୁଦାରେ ପ୍ରତିବର୍ଷ ନଦୀର ଲେଉଟା ପାଣି ପଶିବା ସହ ବନ୍ୟା ସୃଷ୍ଟି ହୋଇଥାଏ। ଏହି ଦ୍ୱାରା ରାସ୍ତାଗୁଡ଼ିକ ବୁଡି ରହିଥାଏ। ଏପରିକି ଅନେକ ସ୍ଥାନରେ ପାଣି ପାସ୍ କରିବା ପାଇଁ ରାସ୍ତା ଖୋଳାଯାଇଥାଏ। ଫଳରେ ପାଣି ଛାଡିବା ପରେ ରାସ୍ତାଗୁଡିକ ଖାଲଖମା ହେବା ସହ ଶୋଚନୀୟ ହୋଇପଡ଼ିଥାଏ। ଏହିକ୍ରମରେ ତାରିଣୀ ଛକରୁ ଓରବରସିଂ ଗ୍ରାମକୁ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ମନ୍ଦାକିନୀ ନଦୀ ବନ୍ଧ ରାସ୍ତା ମଧ୍ୟ ଶୋଚନୀୟ ହୋଇପଡିଛି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ବର୍ଷାଋତୁ ପୂର୍ବରୁ ରାସ୍ତା ମରାମତି ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଛି।

## ୨୬୦ ନିୟୁତ ବୟସ୍କଙ୍କ ସୁରକ୍ଷା ପାଇଁ ଟିକାକରଣ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୩।୬ (ବ୍ୟୁରୋ)

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାର 'ଡିକେଡ୍ ଅଫ୍ ହେଲ୍‌ଦି ଏଜିଙ୍ଗ-ବେସ୍‌ଲାଇନ୍ ରିପୋର୍ଟ-୨୦୨୦'ରେ ବୟସ୍କଙ୍କ ଟିକାକରଣକୁ ସୁସ୍ଥ ବୃଦ୍ଧାବସ୍ଥା ପାଇଁ ଅନ୍ୟତମ ରଣନୀତି ଭାବେ ମାନ୍ୟତା ପ୍ରଦାନ କରିଛି। ଭାରତର ୨୬୦ ନିୟୁତ ବୟସ୍କଙ୍କ ସୁରକ୍ଷା ପାଇଁ ଟିକାକରଣ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ବୃଦ୍ଧାବସ୍ଥା କମ୍ ରୋଗ ପ୍ରତିରୋଧକ ଶକ୍ତିର କାରଣ ହୋଇଥାଏ। ଏହା ବୟସ୍କ ଲୋକଙ୍କୁ ନିମୋନିଆ, ଇନ୍‌ଫ୍ଲୁଏଞ୍ଜା ଓ ସିଙ୍ଗଲ୍‌ସ ଏବଂ ସେଗୁଡିକର ଜଟିଳତା ଭଳି ସଂକ୍ରାମକ ରୋଗଗୁଡିକ ପ୍ରତି ସମ୍ବେଦନଶୀଳ କରିଥାଏ। ସିଙ୍ଗଲ୍‌ସ ହେଉଛି ଏକ ସଂକ୍ରାମକ ରୋଗ, ଯାହା ବୟସ୍କ ବ୍ୟକ୍ତିଙ୍କ ପାଇଁ କ୍ଷତିକାରକ ହୋଇପାରେ। ଏହି ରୋଗ କାରଣରୁ ଯନ୍ତ୍ରଣାଦାୟକ ଚର୍ମରୋଗ ହୋଇଥାଏ। କିଛି ବ୍ୟକ୍ତିଙ୍କ ପାଇଁ ଚର୍ମରୋଗ ଦୂର ହେବା ପରେ ମଧ୍ୟ ସ୍ନାୟୁରେ ଦୀର୍ଘ ଦିନ ଧରି ଯନ୍ତ୍ରଣା ରହିଥାଏ ଏବଂ ଏହା ବୟସ୍କ ବ୍ୟକ୍ତିଙ୍କ ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରିଥାଏ। ସେହିପରି ଭାରତରେ ନନ୍-କମ୍ୟୁନିକେବୁଲ ଡିଜିଜ୍ (ଏନ୍‌ସିଡି) ଯେପରିକି ହୃଦ୍‌ରୋଗ, ଗମ୍ଭୀର ଶ୍ୱାସକ୍ରିୟା ଜନିତ ରୋଗ ଓ ମଧୁମେହ ଆଦି ମୋଟ ରୋଗ ବୋଝରେ ୫୦%ରୁ ଅଧିକ ଲୋକ ପ୍ରଭାବିତ। ଏଭଳି କୋମର୍ବିଡିଟିରେ ପୀଡିତ ବୟସ୍କମାନେ ଭିପିଡି ପ୍ରତି ଅଧିକ ସମ୍ବେଦନଶୀଳ। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଭିପିଡି ଦ୍ୱାରା ଘଟୁଥିବା ମୃତ୍ୟୁସଂଖ୍ୟାର ୯୫%ରୁ ଅଧିକ ହେଉଛନ୍ତି ବୟସ୍କ ବ୍ୟକ୍ତି। ଏହି ରୋଗଗୁଡିକ ଘାତକ ହେବା ସହିତ ଏନ୍‌ସିଡିଗୁଡିକୁ ଅଧିକ ଜଟିଳ କରିଥାନ୍ତି, ଯାହାଫଳରେ ହସ୍ପିଟାଲାଇଜେଶନ ବୃଦ୍ଧି ପାଇଥାଏ। ସିଙ୍ଗଲ୍‌ସ ବିଶେଷକରି ସଂକ୍ରମଣର ପ୍ରଥମ କିଛିମାସ ପରେ ହୃଦ୍‌ଘାତର ବିପଦକୁ ବୃଦ୍ଧି କରିଥାଏ। ତେବେ ଟିକା ଦ୍ୱାରା ସିଙ୍ଗଲ୍‌ସକୁ ପ୍ରତିରୋଧ କରାଯାଇ ପାରୁଛି। ବୟସ୍କ ବ୍ୟକ୍ତିଙ୍କ ଟିକାକରଣକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଡା. ବିକାଶ ରଞ୍ଜନ କର କହିଛନ୍ତି, ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅଧିକ ବୟସର ଲୋକ ସିଙ୍ଗଲ୍‌ସ, ଇନ୍‌ଫ୍ଲୁଏଞ୍ଜା ଓ ନିମୋନିଆ ଭଳି ଗମ୍ଭୀର ସଂକ୍ରାମକ ରୋଗ ପ୍ରତି ଅଧିକ ସମ୍ବେଦନଶୀଳ ହୋଇଥାନ୍ତି। ସଂକ୍ରମଣଗୁଡ଼ିକୁ ଟିକାକରଣ ଦ୍ୱାରା ରୋକାଯାଇ ପାରିବ। ବୟସ୍କ ବ୍ୟକ୍ତିଙ୍କ ଟିକାକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଡା. କର କହିଛନ୍ତି।

# ପ୍ରଶାସନର ଅବ୍ୟବସ୍ଥା, ଶ୍ରଦ୍ଧାଳୁ ହଇରାଣ

ପୁରୀ ଅଫିସ,୩।୬



ମହାପ୍ରଭୁଙ୍କ ସ୍ନାନଯାତ୍ରାରେ ସାମିଲ ହେବା ପାଇଁ ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବାରେ ଲାଗିଛି। ଶନିବାର ଅପରାହ୍ନଠାରୁ ଭକ୍ତଙ୍କ ଭିଡ଼ ବଢ଼ିବାରେ ଲାଗିଛି। ହେଲେ ପ୍ରଶାସନର ଦୂରଦୃଷ୍ଟି ଅଭାବ କାରଣରୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଯାଇ ନ ପାରି ଘଣ୍ଟା ଘଣ୍ଟା ଧରି ଠିଆ ହୋଇଥିବା ଦୃଷ୍ଟିଗୋଚର ହୋଇଥିଲା। ଭିଡ଼ ଅସମ୍ଭାଳ ହେବାରୁ ନିୟନ୍ତ୍ରଣ କରିବାରେ ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା। ଅପରପକ୍ଷେ ଦଇତାପତି ସେବକମାନେ ସ୍ନାନପୂର୍ଣ୍ଣିମା ନିମନ୍ତେ ଶନିବାର ମହାପ୍ରଭୁଙ୍କ ଗୁପ୍ତନୀତି କରିଥିବାରୁ ଶୁକ୍ରବାର ରାତି ୧୦ଟାରୁ ଶନିବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିଥିଲା। ଫଳରେ ଶ୍ରଦ୍ଧାଳୁମାନେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିର ବାହାରେ ଅପେକ୍ଷା କରିରହିଥିଲେ। ସକାଳେ ପ୍ରଶାସନର ଏକ ଅଭାବନୀୟ ନିଷ୍ପତ୍ତି ଦେଖିବାକୁ ମିଳିଥିଲା। ସାଧାରଣରେ ମହାପ୍ରଭୁଙ୍କ ଗୁପ୍ତନୀତି ଚାଲିଥିବାବେଳେ କେବଳ ଜଗମୋହନ କବାଟ ବନ୍ଦ ରହିଥାଏ। ମାତ୍ର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାରହିଥାଏ। ଭକ୍ତମାନେ ଶ୍ରୀମନ୍ଦିର ଯାଇ ଭିତରବେଢାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିଥାନ୍ତି। କିନ୍ତୁ ଶନିବାର ଗୁପ୍ତନୀତି ଚାଲିଥିବା ଦର୍ଶାଇ ଜିଲା ପ୍ରଶାସନ ପକ୍ଷରୁ ଭକ୍ତଙ୍କୁ ଶ୍ରୀମନ୍ଦିର ପରିସରକୁ ଛଡାଯାଇ ନଥିଲା। ଫଳରେ ଅନେକ ଭକ୍ତ ଶ୍ରୀମନ୍ଦିର ବାହାରେ ଦୀର୍ଘ ସମୟ ଅପେକ୍ଷା କରିବା ସହ ପ୍ରଶାସନର ଏପରି ନିଷ୍ପତ୍ତିକୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗୁପ୍ତ ନୀତି ସରିବା ପରେ ୩ଟାପରେ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଅନ୍ୟପଟେ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ମାର୍କେଟ ଛକଠାରୁ ଶ୍ରୀମନ୍ଦିର ପଟକୁ ଯାନବାହନ ଛଡାଯାଇ ନଥିଲା। ଯେଉଁଥିପାଇଁ ମାର୍କେଟ ଛକରେ ପ୍ରବଳ ଭିଡ଼ ପରିଲିଖିତ ହୋଇଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ତେବେ ପ୍ରଶାସନର ବ୍ୟବସ୍ଥା ସମ୍ପର୍କରେ ପୁରୀବାସୀ ସୂର୍ଯ୍ୟ ନାରାୟଣ ରଥ କହିଥିଲେ, ପୋଲିସ ପ୍ରଶାସନ ଟ୍ରାଫିକ ନିୟନ୍ତ୍ରଣ, ଦର୍ଶନ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରିବାରେ ବିଫଳ ହୋଇଛି। ଭକ୍ତଙ୍କ ପାଇଁ କରାଯାଇଥିବା ବ୍ୟାରିକେଡ ପରିସରରେ ପ୍ରଶାସନ ପକ୍ଷରୁ ଆଲୋକୀକରଣ ତଥା ଫ୍ୟାନର ସୁବିଧା କରାଯାଇନାହିଁ। ଫଳରେ ଭକ୍ତମାନେ ଅନେକ ସମୟ ଗରମରେ ବ୍ୟାରିକେଡରେ ଠିଆ ହୋଇ ଅଣନିଃଶ୍ୱାସୀ ହୋଇଯାଉଥିଲେ। ସେହିପରି ସିଂହଦ୍ୱାର ନିକଟରେ କରାଯାଇଥିବା ଶେଡ୍ କାରଣରୁ ଅନେକ ଭକ୍ତ ଠିକ୍ ଭାବେ ଦର୍ଶନରୁ ବଞ୍ଚିତ ହେବେ ବୋଲି କହିଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟ ଦେବାକୁ ରଥ ଦାବି କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୬।୨୦୨୩

| | |
|---|---|
| ୩,୬୨,୧୨୬ ଟଙ୍କା | |
| ସୁନା | ୮୦୦ ମିଲିଗ୍ରାମ୍ |
| ରୁପା | ୬.୫୦୦ ଗ୍ରାମ୍ |

# ପ୍ରଶାସନର ଅବ୍ୟବସ୍ଥା, ଶ୍ରଦ୍ଧାଳୁ ଅସନ୍ତୋଷ

ପୁରୀ ଅଫିସ,୩।୬

ମହାପ୍ରଭୁଙ୍କ ସ୍ନାନଯାତ୍ରାରେ ସାମିଲ ହେବା ପାଇଁ ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବାରେ ଲାଗିଛି। ଶନିବାର ଅପରାହ୍ଣଠାରୁ ଭକ୍ତଙ୍କ ଭିଡ଼ ବଢ଼ିବାରେ ଲାଗଛି। ହେଲେ ପ୍ରଶାସନର ଦୂରଦୃଷ୍ଟି ଅଭାବ କାରଣରୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଯାଇ ନ ପାରି ଘଣ୍ଟା ଘଣ୍ଟା ଧରି ଠିଆ ହୋଇଥିବା ଦୃଷ୍ଟିଗୋଚର ହୋଇଥିଲା। ଭିଡ଼ ଅସମ୍ଭାଳ ହେବାରୁ ନିୟନ୍ତ୍ରଣ କରିବାରେ ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା। ଅପରପକ୍ଷେ ଦଇତାପତି ସେବକମାନେ ସ୍ନାନପୂର୍ଣ୍ଣିମା ନିମନ୍ତେ ଶନିବାର ମହାପ୍ରଭୁଙ୍କ ଗୁପ୍ତନୀତି କରିଥିବାରୁ ଶୁକ୍ରବାର ରାତି ୧୦ଟାରୁ ଶନିବାର ଅପରାହ୍ଣ ୨ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିଥିଲା। ଫଳରେ ଶ୍ରଦ୍ଧାଳୁମାନେ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିର ବାହାରେ ଅପେକ୍ଷା କରିରହିଥିଲେ। ସକାଳେ ପ୍ରଶାସନର ଏକ ଅଭାବନୀୟ ନିଷ୍ପତ୍ତି ଦେଖିବାକୁ ମିଳିଥିଲା। ସାଧାରଣରେ ମହାପ୍ରଭୁଙ୍କ ଗୁପ୍ତନୀତି ଚାଲିଥିବାବେଳେ କେବଳ ଜଗମୋହନ କବାଟ ବନ୍ଦ ରହିଥାଏ। ମାତ୍ର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାରହିଥାଏ। ଭକ୍ତମାନେ ଶ୍ରୀମନ୍ଦିର ଯାଇ ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିଥାନ୍ତି।



ଶନିବାର ଶ୍ରୀମନ୍ଦିରରେ ଗୁପ୍ତନୀତି ଯୋଗୁ ସର୍ବସାଧାରଣ ଦର୍ଶନ ବନ୍ଦ ଥିବାରୁ ବଡ଼ଦାଣ୍ଡରେ ଅପେକ୍ଷାରତ ଶ୍ରଦ୍ଧାଳୁ ।

କିନ୍ତୁ ଶନିବାର ଗୁପ୍ତନୀତି ଚାଲିଥିବା ଦର୍ଶାଇ ଜିଲା ପ୍ରଶାସନ ପକ୍ଷରୁ ଭକ୍ତଙ୍କୁ ଶ୍ରୀମନ୍ଦିର ପରିସରରକୁ ଛଡାଯାଇ ନଥିଲା। ଫଳରେ ଅନେକ ଭକ୍ତ ଶ୍ରୀମନ୍ଦିର ବାହାରେ ଦୀର୍ଘ ସମୟ ଅପେକ୍ଷା କରିବା ସହ ପ୍ରଶାସନର ଏପରି ନିଷ୍ପତ୍ତି ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗୁପ୍ତ ନୀତି ସରିବା ପରେ ୩ଟାପରେ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଅନ୍ୟପଟେ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ମାର୍କେଟ ଛକଠାରୁ ଶ୍ରୀମନ୍ଦିର ପଟକୁ ଯାନବାହନ ଛଡାଯାଇ ନଥିଲା। ଯେଉଁଥିପାଇଁ ମାର୍କେଟ ଛକରେ ପ୍ରବଳ ଭିଡ଼ ପରିଲିଖିତ ହୋଇଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ତେବେ ପ୍ରଶାସନର ବ୍ୟବସ୍ଥା ସମ୍ପର୍କରେ ପୁରୀବାସୀ ସୂର୍ଯ୍ୟ ନାରାୟଣ ରଥ କହିଥିଲେ, ପୋଲିସ ପ୍ରଶାସନ ଟ୍ରାଫିକ ନିୟନ୍ତ୍ରଣ, ଦର୍ଶନ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରିବାରେ ବିଫଳ ହୋଇଛି। ଭକ୍ତଙ୍କ ପାଇଁ କରାଯାଇଥିବା ବ୍ୟାରିକେଡ ପରିସରରେ ପ୍ରଶାସନ ପକ୍ଷରୁ ଆଲୋକୀକରଣ ତଥା ଫ୍ୟାନର ସୁବିଧା କରାଯାଇନାହିଁ। ଫଳରେ ଭକ୍ତମାନେ ଅନେକ ସମୟ ଗରମରେ ବ୍ୟାରିକେଡରେ ଠିଆ ହୋଇ ଅଣନିଃଶ୍ୱାସୀ ହୋଇଯାଉଥିଲେ। ସେହିପରି ସିଂହଦ୍ୱାର ନିକଟରେ କରଯାଇଥିବା ଶେଡ୍ କାରଣରୁ ଅନେକ ଭକ୍ତ ଠିକ୍ ଭାବେ ଦର୍ଶନରୁ ବଞ୍ଚିତ ହେବେ ବୋଲି କହିଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟ ଦେବାକୁ ରଥ ଦାବି କରିଛନ୍ତି।

# ନିମାପଡ଼ାକୁ ସବ୍‌ଡିଭିଜନ୍ ମାନ୍ୟତା ଦାବିରେ ଆଲୋଚନାଚକ୍ର

ନିମାପଡ଼ା,୩।୬(ଡି.ଏନ୍.ଏ)

ନିମାପଡ଼ା ସବ୍‌ଡିଭିଜନ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତୁରନ୍ତ ନିମାପଡ଼ାକୁ ସବ୍‌ଡିଭିଜନ୍‌ର ମାନ୍ୟତା ପ୍ରଦାନ କରାଯିବା ଦାବିରେ ଏକ ସଚେତନତା ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଥିଲା। ନିମାପଡ଼ା ଗ୍ରୀନଲ୍ୟାଣ୍ଡ ମଣ୍ଡପଠାରେ ଆୟୋଜିତ ଏହି ବୈଠକରେ ଗଣମାଧ୍ୟମ ପ୍ରତିନିଧି ଅକ୍ଷୟ ନାୟକ ଅଧ୍ୟକ୍ଷତା କରି ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁଧିର ମହାନ୍ତି, ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ବରିଷ୍ଠ ଯୁବନେତା ପ୍ରଶାନ୍ତ ସ୍ୱାଇଁ, ସାମାଜିକ କର୍ମୀ ଅଶୋକ ନନ୍ଦ, ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକର୍ତ୍ତା ସାମାଜିକ କର୍ମୀ ଆର୍ତ୍ତବନ୍ଧୁ ସେନାପତି ପ୍ରମୁଖ ଯୋଗଦେଇଥିଲେ। ସରକାର ତୁରନ୍ତ ନିମାପଡ଼ାକୁ ସବ୍‌ଡିଭିଜନ୍‌ର ମାନ୍ୟତା ପ୍ରଦାନ କରିବାକୁ ଆଲୋଚନାଚକ୍ରରେ ଦୃଢ଼ ଦାବି ହୋଇଥିଲା। ଏହି ଅବସରରେ ନିମାପଡ଼ାକୁ ସବ୍‌ଡିଭିଜନ୍ ଘୋଷଣା ଦାବିରେ ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ ଆଦି ୪ଟି ବ୍ଲକ, ନିମାପଡ଼ା ଓ କୋଣାର୍କ ଆଦି ୨ଟି ଏନ୍‌ଏସି ଅଞ୍ଚଳରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା, ଲିଫ୍‌ଲେଟ୍ ବଣ୍ଟାଯିବା, ସଚେତନତା ସଭା କରାଯିବା, ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବା, ବହୁ ବରିଷ୍ଠ ଲୋକଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବା ଓ ଏ ଦିଗରେ ଗଣଆନ୍ଦୋଳନ କରିବାକୁ ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏ ଦିଗରେ ସମସ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବାକୁ ୮ ଜଣିଆ ଆବାହକ କମିଟି ଗଠନ ହୋଇଛି। ଅନ୍ୟପକ୍ଷେ ଆୟତନ, ପରିସୀମା, ଜନସଂଖ୍ୟା, ଭୌଗୋଳିକ ସ୍ଥିତି, ସମସ୍ତ ପ୍ରକାର ଭିତ୍ତିଭୂମି ଥାଇ ମଧ୍ୟ ଦୀର୍ଘବର୍ଷ ହେଲା ନିମାପଡ଼ାକୁ ସବ୍‌ଡିଭିଜନ୍‌ର ମାନ୍ୟତା ନ ମିଳିବା ଅତ୍ୟନ୍ତ ଦୁଃଖ, କ୍ଷୋଭ, ପରିତାପର ବିଷୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାଜନେତା, ନିର୍ବାଚିତ ଲୋକପ୍ରତିନିଧି, ସରକାରଙ୍କ ଆନ୍ତରିକ ଉଦ୍ୟମ, ପ୍ରଚେଷ୍ଟାର ଅଭାବ ଯୋଗୁ ନିମାପଡ଼ା ସବ୍‌ଡିଭିଜନ୍‌ର ମାନ୍ୟତା ପାଇବାରୁ ବଞ୍ଚିତ ହୋଇଥିବା ବୈଠକରେ ବହୁ ବରିଷ୍ଠ ବ୍ୟକ୍ତି ମତପ୍ରକାଶ କରିଛନ୍ତି। ବୈଠକରେ ବହୁ ରାଜନେତା, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, ମହିଳା ଓ ଯୁବନେତାଙ୍କ ସମେତ ସ୍ଥାନୀୟ ବରିଷ୍ଠ ବ୍ୟକ୍ତିମାନେ ଯୋଗଦେଇଥିଲେ। ବାଲେଶ୍ୱରର ବାହାନଗାଠାରେ ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ବୈଠକରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ସ୍ନାନଯାତ୍ରା ସମ୍ବନ୍ଧିତ ଆଲୋଚନାଚକ୍ର

ପୁରୀ ଅଫିସ, ୩।୬- ଶ୍ରୀଜଗନ୍ନାଥ ଭକ୍ତ ସମାଜ ତରଫରୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ସମ୍ବନ୍ଧିତ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଭକ୍ତ ସାଲବେଗ ପୀଠଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶଙ୍କର୍ଷଣ ମଙ୍ଗରାଜ ସଭାପତିତ୍ୱ କରିଥିଲେ। ପଣ୍ଡିତ ଦୟାନିଧି ପଣ୍ଡା ବେଦପାଠ କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ର. ଶତ୍ରୁଘ୍ନ ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ସର୍ବଶ୍ରୀ ଲଳିତ ମୋହନ ଦାସ, ଅନାମଚନ୍ଦ୍ର ସାହୁ, ଇଂ ଗିରିଜା ଶଙ୍କର ପାଢ଼ୀ, ମନୋଜ କୁମାର ରଥ, ଡ. ବଳରାମ ଦାସ ଓ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ଏବଂ ଆଲୋଚକ ବୃନ୍ଦ ସ୍ନାନଯାତ୍ରାରେ ଶ୍ରୀଜଗନ୍ନାଥଙ୍କ ଅଲୌକିକ ଭାବର ବର୍ଣ୍ଣନା କରିଥିଲେ। ପ୍ରଭୁଙ୍କ ହାତୀବେଶର ମାହାତ୍ମ୍ୟ ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ଡ. ସଚିକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଇନଜୀବୀ ଉମାପ୍ରସାଦ ମିଶ୍ରଙ୍କ ପରଲୋକ

ପୁରୀ ଅଫିସ,୩।୬- ପୁରୀ ଅର୍ବାନ ବ୍ୟାଙ୍କର ପୂର୍ବତନ କର୍ମଚାରୀ ଓ ଅର୍ବାନ ବ୍ୟାଙ୍କର ପୂର୍ବତନ ସଭାପତି ତଥା ଆଇନଜୀବୀ ଉମାପ୍ରସାଦ ମିଶ୍ର (୭୦)ଙ୍କ ପରଲୋକ ହୋଇଛି। ତାଙ୍କର ବ୍ରେନ୍ ଷ୍ଟ୍ରୋକ ହୋଇ ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଶନିବାର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସେ ଏକାଧାରରେ ଜଣେ ସାହିତ୍ୟକ, କବି ଓ ରାଜନୀତିଜ୍ଞ ଥିଲେ। ସମାଜସେବା କ୍ଷେତ୍ରରେ ତାଙ୍କର ଅନବଦ୍ୟ ଚେଷ୍ଟା ଓ ସମାଜର ତୃଣମୂଳ ସ୍ତରର ଉନ୍ନତି ପାଇଁ ସଦା ଚେଷ୍ଟିତ ଥିଲେ। ତାଙ୍କର ବିୟୋଗରେ ସହରରେ ଶୋକର ଛାୟା ଖେଳିଯାଇଛି। ପୁରୀ ବାର୍ ଆସୋସିଏଶନର ଜଣେ ସକ୍ରିୟ ସଦସ୍ୟ ଥିବାରୁ ବାର୍ ଆସୋସିଏଶନରେ ଶୋକପ୍ରସ୍ତାବ କରାଯାଇଥିଲା। ବାର ଆସୋସିଏଶନର ସମ୍ପାଦକ ଆଇନଜୀବୀ ବିଭୂତି ଶଙ୍କର ତ୍ରିପାଠୀ, ସାହିତ୍ୟିକ ବିପିନ ବିହାରୀ ଦଳାଇ, ଦେବୀ ପ୍ରସନ୍ନ ନନ୍ଦ, ନିରଞ୍ଜନ ରଥ, ମଧୁସୂଦନ ମିଶ୍ର, ସୁବାଶିଷ ମିଶ୍ର, ଦେବାଶିଷ ମିଶ୍ର, ରଶ୍ମିରଞ୍ଜନ ମିଶ୍ର, ଚନ୍ଦ୍ରଶେଖର ମହାପାତ୍ର, ସୋହମ ମିଶ୍ର, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, କବି ମାନସ ରଞ୍ଜନ ମହାପାତ୍ର, ଚିନ୍ମୟ ବିବେକ, ମମତା ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ତାଙ୍କର ଏକ ମାତ୍ର ଝିଅ ଗାୟତ୍ରୀ ଓ ଜ୍ୱାଇଁ ସୁଧାଂଶୁ ଶର୍ମା ଆମେରିକାରେ କାର୍ଯ୍ୟରତ। ପୁରୀ ସ୍ୱର୍ଗଦ୍ୱାରଠାରେ ପୁତୁରା ଦେବୀ ପ୍ରସାଦ ମିଶ୍ର ମୁଖାଗ୍ନି ଦେଇଥିଲେ।



ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଶରଧାବାଲିରେ ଆୟୋଜିତ ଜାତୀୟ ଚତୁର୍ଦ୍ଦଶ କୃଷିମେଳା ଓ ଲୋକମେଳାର ଉଦ୍‌ଯାପନ ଉତ୍ସବରେ ମଞ୍ଚାସୀନ ଅତିଥି ।

# ଜାତୀୟ ଲୋକମେଳା, କୃଷି ମେଳା ଉଦ୍‌ଯାପିତ

ପୁରୀ ଅଫିସ,୩।୬

**ଓୟୁଏଟିର କୃଷି ବିଜ୍ଞାନ କେନ୍ଦ୍ରକୁ ଶ୍ରେଷ୍ଠ ଷ୍ଟଲ ପୁରସ୍କୃତ**

କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ପୁରୀ ଜିଲା ପ୍ରଶାସନ ସହଯୋଗରେ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଶରଧାବାଲିରେ ଆୟୋଜିତ ଜାତୀୟ ଚତୁର୍ଦ୍ଦଶ କୃଷିମେଳା ଓ ଏକବିଂଶ ଲୋକମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ଉତ୍ସବ କମିଟି ଅଧ୍ୟକ୍ଷ ବଦ୍ରି ମିଶ୍ର ବାଲେଶ୍ୱରରେ ହୋଇଥିବା ଟ୍ରେନ ଦୁର୍ଘଟଣାକୁ ନେଇ ଶୋକ ପ୍ରସ୍ତାବ ଆଗତ କରିବା ପରେ, ମୃତକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ୫୭୦ଜଣ କଳାକାର। ବିନା ନାଚ-ଗୀତରେ ଅତିଥିମାନେ କୃଷି ମେଳାରେ ପ୍ରଦର୍ଶିତ ଶ୍ରେଷ୍ଠ ଷ୍ଟଲ ଭାବେ କୃଷି ବିଜ୍ଞାନ କେନ୍ଦ୍ର, ଓୟୁଏଟି ଭୁବନେଶ୍ୱର, ଦ୍ୱିତୀୟ-ସିଏସଆଇଆର, ଦିଲ୍ଲୀ ଓ ତୃତୀୟ- ସିଡିଏମଓ, ପୁରୀକୁ ପୁରସ୍କାର ପ୍ରଦାନ କରିଥିଲେ। ଗୋଆର ଦଳପତି ଉଦୟ ଝମାଜିକ୍, କେରଳ ଦଳର ବି.ଭାସ୍କରନ୍, ଆସାମର ସ୍ୱିଟି ସରକାର, ଗଞ୍ଜାମର ଶ୍ୟାମଘନ ବେହେରା, କଲିକତାର ବାଉଲ୍ ସଙ୍ଗୀତ ଗ୍ରୁପ୍ ସହ ଦେଶର ବିଭିନ୍ନ ରାଜ୍ୟରୁ ଯୋଗଦେଇଥିବା ସାଂସ୍କୃତିକ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଉଦ୍‌ଯାପନ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା, ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ରାଜ୍ୟ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କୋଲକାତାର ନିର୍ଦ୍ଦେଶକ ଆଶିଷ ଗିରି ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାଜେଶ ମହାନ୍ତି ଏକବିଂଶ ଲୋକମେଳା ଓ ଚତୁର୍ଦ୍ଦଶ କୃଷିମେଳାର ସଫଳତା ଉପରେ ରିପୋର୍ଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ହେକ୍ଟର ମିଶ୍ର, ଅଭ୍ୟର୍ଥନା କମିଟିର ମଧୁସୂଦନ ମିଶ୍ର, ଉତ୍ସବ କମିଟିର ବିଶ୍ୱନାଥ ମିଶ୍ର, ପ୍ରଚାର ପ୍ରସାର କମିଟିର ପ୍ରଦ୍ୟୁମ୍ନ ସାଥୁଆ, ସାଂସ୍କୃତିକ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଭରତ ନାୟକ, ପ୍ରଫୁଲ୍ଲ ସାମନ୍ତରାୟ ମଞ୍ଚାସୀନ ଥିଲେ। ଲୋକମେଳାର ସଫଳ ଉଦ୍‌ଘୋଷକ ତଥା ସଞ୍ଚାଳକ ଚନ୍ଦ୍ର ବଜୟୀ ମିଶ୍ରଙ୍କୁ ଅତିଥିମାନେ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାର ଶ୍ରୀକ୍ଷେତ୍ର ସୂଚନାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଦାମୋଦର ଶତପଥୀ, ଗୌତମ ମିଶ୍ର, ବିଦ୍ରୋହ ସିଂ, କୋଷାଧ୍ୟକ୍ଷ ନାରାୟଣ ପାତ୍ର, ପୁଷ୍କର ସାହୁ, ସଂଗ୍ରାମ କାନୁନ୍‌ଗୋ, ସୌମ୍ୟରଞ୍ଜନ ମିଶ୍ର, ଦେବେନ୍ଦ୍ର ମହାପାତ୍ର, ପ୍ରଭାସ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାହାନଗା ରେଳ ଦୁର୍ଘଟଣାର ମୃତକଙ୍କ ପାଇଁ ଶୋକସଭା

ଡେଲାଙ୍ଗ,୩।୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାହାନଗା ରେଳଷ୍ଟେଶନରେ ଶୁକ୍ରବାର ରାତିରେ ଘଟିଥିବା ରେଳ ଦୁର୍ଘଟଣାରେ ଶତାଧିକ ଲୋକ ମୃତ ଓ ଆହତ ହୋଇଛନ୍ତି। ଏନେଇ ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ଶ୍ୟାମସୁନ୍ଦର ପାଠାଗାର ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପାଠାଗାରା ପ୍ରତିଷ୍ଠାତା କାଶୀନାଥ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ, କବି ଚନ୍ଦ୍ରଶେଖର, ଶିକ୍ଷକ ଅଭୟ ଚରଣ ସାହୁ, ସାମାଜିକ କର୍ମୀ ଅନାମ ମଲ୍ଲିକ, ଜିତେନ୍ଦ୍ର ପ୍ରଧାନ, ବିକ୍ରମ କେଶରୀ ନାୟକ, ମନୋଜ ତାଡ଼, ବିଜୟ ରାଉତ, ହାସିମ ଖାନ୍, କ୍ଷେତ୍ରବାସୀ ଆଲୁକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ପଥଚାରୀଙ୍କ ଶୋଷ ମେଣ୍ଟାଉଛନ୍ତି ସୁରେନ୍ଦ୍ର

ପିପିଲି,୩।୬(ସ୍ୱ.ପ୍ର.):

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ଯୋଗୁ ସାଧାରଣ ଲୋକଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ମୁଖ୍ୟତଃ ପୂର୍ବାହ୍ଣ ୧୦ଟାଠାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଖରା ରହୁଥିବା ବାଟଘାଟରେ ପଥଚାରୀ ମଧ୍ୟ ଦୁର୍ବଳ ହୋଇପଡୁଛନ୍ତି। ତେବେ ବାଟୋଇ, ପଥଚାରୀଙ୍କ ତୃଷା ମେଣ୍ଟାଉଛନ୍ତି ପିପିଲି ଦାଣ୍ଡମକୁନ୍ଦପୁର ଅଞ୍ଚଳର ସ୍ୱେଚ୍ଛାସେବୀ ସୁରେନ୍ଦ୍ର ବେହେରା। ପିପିଲି ଦାଣ୍ଡମକୁନ୍ଦପୁର ବଜାରରେ ଏକ ଜଳସେବା ଶିବିର କରି ବାଟୋଇଙ୍କୁ ସେ ଦହି ଓ ଲେମ୍ବୁ ପଣା ବାଣ୍ଟିଛନ୍ତି। ଦୀର୍ଘ ୨୪ବର୍ଷ ହେଲା ଏହିଭଳି ଲୋକଙ୍କ ପାଇଁ ସେ ସେବା କରୁଛନ୍ତି। ପ୍ରତିବର୍ଷ ଭଳି ଗତ ପଣା ସଂକ୍ରାନ୍ତିଠାରୁ ଏହି ଜଳସେବା ଶିବିର କରି ଏପର୍ଯ୍ୟନ୍ତ ଦୀର୍ଘ ୪୫ଦିନରୁ ଊର୍ଦ୍ଧ୍ୱ ହେବ ବାଟୋଇଙ୍କୁ ପାଣି, ପଣା ଦେଇ ଆସୁଛନ୍ତି।

# ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

ପୁରୀ ଅଫିସ,୩।୬

ପୁରୀ ସୁରକ୍ଷା ପରିଷଦ ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତବର୍ଷ ଚଳିତ ମାସ ୩ରୁ ୧୦ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ପାଳିତ ଉଦ୍‌ଘାଟିତ ହୋଇଯାଇଛି। ରାଣୀସତୀ ସତୀ ଭବନ ପରିସରରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ବିଶିଷ୍ଟ ସ୍ତମ୍ଭକାର ହରିଶଙ୍କର ମିଶ୍ର, ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ମିଶ୍ର, ଗୁରୁଚରଣ ଦାସ ଅତିଥି ରୂପେ ଯୋଗଦେଇ କହିଥିଲେ, ଅଧୁନା ବିଶ୍ୱରେ ପରିବେଶ ପ୍ରଦୂଷିତ ହେବାରୁ ତାପମାତ୍ରା ବୃଦ୍ଧି ପାଉଛି। ପରିବେଶ ପ୍ରଦୂଷଣ ହେବାର ମୁଖ୍ୟ କାରଣ ହେଉଛି ଅତ୍ୟାଧିକ ମାତ୍ରାରେ ଗାଡିମୋଟର ପ୍ରଚଳନ ଓ କଂକ୍ରିଟ ରାସ୍ତା ନିର୍ମାଣ, ବହୁତଳ ପ୍ରାସାଦ ନିର୍ମାଣ ଏବଂ ଅତ୍ୟଧିକ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର ଯାହା ପୃଥିବୀ ପୃଷ୍ଠକୁ ଉତ୍ତପ୍ତ କରୁଛି। ଏଥିପ୍ରତି ଆମେ ସଚେତନ ହେବା ସହ ଏହାର ବ୍ୟବହାର ଧୀରେ ଧୀରେ କମ୍ କରିବା ଆବଶ୍ୟକ। ଯାହାଦ୍ୱାରା ପୃଥିବୀ ପୃଷ୍ଠକୁ ଉତ୍ତପ୍ତ କମାଇପାରିବା ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରିଷଦର କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଅଧ୍ୟକ୍ଷତା କରି ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ସମ୍ପାଦକ ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମୁଖ୍ୟ ସଂଯୋଜକ ଶିବସୁନ୍ଦର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନଚକ୍ରରେ ସଦାଶିବ ମିଶ୍ର, ଆଶାଲତା ପ୍ରଧାନ, ସସ୍ମିତା ମିଶ୍ର, ସୁଦୀପ୍ତା ମିଶ୍ର, ଗୋଲକ ଚନ୍ଦ୍ର ଜେନା, ଚାରୁଲତା ମିଶ୍ର, ନାରାୟଣ ଚନ୍ଦ୍ର ସିହ୍ନା, ଭବାନୀ ପ୍ରସାଦ ବଳିଆର ସିଂ, ବାଟକୃଷ୍ଣ ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରି ପରିବେଶ ପ୍ରତି ସଚେତନ ପାଇଁ ଆଲୋଚନା କରିଥିଲେ। ଶେଷରେ ସଂଯୋଜକ ସନ୍ଦୀପ କର୍ମକାର ଧନ୍ୟବାଦ ଦେଇଥିଲେ।



ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ଅସ୍ତରଙ୍ଗ,୩।୬(ଡି.ଏନ୍.ଏ.)

**୨୨ ବର୍ଷ ଧରି ସେବା ପ୍ରଦାନ କରୁଛି**

ଅସ୍ତରଙ୍ଗ ବନ୍ତିଲୋର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ଶନିବାର କୁନି କୁନି ପିଲାଙ୍କୁ ନେଇ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ଅତିଥିମାନେ ଶ୍ରୀମା', ଶ୍ରୀ ଅରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅସ୍ତରଙ୍ଗ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଥମିକ ଶିକ୍ଷା ଓଡ଼ିଶାର ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ, ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ବିଶ୍ୱାଳ ଓ ଚିତ୍ତରଞ୍ଜନ ଦାସ, ଖବରଦାତା ଦୁଃଶାସନ ନାୟକ, ରମେଶ ଚନ୍ଦ୍ର ଜେନା, ଶିକ୍ଷାକେନ୍ଦ୍ର ଟ୍ରଷ୍ଟି ମାଧବ ଚନ୍ଦ୍ର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଶ୍ରୀ ଅରବିନ୍ଦ ପୁରୀ ଜିଲାର ପାଠଚକ୍ର ସଂଯୋଜକ ସୁକାନ୍ତ ଜେନା ଉପସ୍ଥିତ ଥିଲେ। ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆଧ୍ୟାତ୍ମିକ, ନୈତିକ, ମାନସିକ ବିକାଶ ଭାବେ ଶିଶୁ ଗଠନର ପ୍ରମୁଖକେନ୍ଦ୍ର ହୋଇ ପାରିଛି। ସରକାରୀ ବିଦ୍ୟାଳୟଠାରୁ ଏହା ଉନ୍ନତ ଶିକ୍ଷା ପ୍ରଦାନ କରୁଥିବାରୁ ଶିକ୍ଷାକେନ୍ଦ୍ର ପ୍ରତି ଅଭିଭାବକଙ୍କ ଆଗ୍ରହ ବୃଦ୍ଧି ପାଉଛି। ଦୀର୍ଘ ୨୨ବର୍ଷ ଧରି ଏହି ଶିକ୍ଷାକେନ୍ଦ୍ର ନୀରବଚ୍ଛିନ୍ନ ଭାବେ ସେବା ପ୍ରଦାନ କରି ବନ୍ତିଲୋ ଅଞ୍ଚଳବାସୀଙ୍କ ବିଶ୍ୱାସଭାଜନ ହୋଇପାରିଥିବାରୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଧାନ ଶିକ୍ଷକ ବଶିଷ୍ଠ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଦୋଷ ସ୍ୱୀକାର କଲେ ପୂର୍ବତନ କିରାଣି

କୋଣାର୍କ,୩।୬(ଡି.ଏନ୍.ଏ.)

**ଭଗବତୀ ମହାବିଦ୍ୟାଳୟରେ ଅର୍ଥ ହଡ଼ପ ଘଟଣା**
- ଅନ୍ୟମାନଙ୍କ ସମ୍ପୃକ୍ତି ରହିଛି
- ନିଜ ପକ୍ଷ ରଖିବାକୁ ୩ ଦିନ ସମୟ

କୋଣାର୍କ ଭଗବତୀ ମହାବିଦ୍ୟାଳୟର ୨୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଘଟଣାରେ ସମ୍ପୃକ୍ତ ପୂର୍ବତନ କିରାଣି ଅଭିଯୋଗର ୪ସପ୍ତାହ ପରେ ଶନିବାର ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଛନ୍ତି। ନିଜ ସପକ୍ଷରେ ଦୋଷକୁ ସ୍ୱୀକାର କରିବା ସହ ସଫେଇ ଦେଇ କହିଥିଲେ, ଏସବୁ କେମିତି ହେଲା କିଛି ଜାଣିନି। ମୁଁ ଯଦି ଏକୁଟିଆ ଟଙ୍କା ନେଲି, ତେବେ ଆକାଉଣ୍ଟ ଅଧିକାରୀ କ'ଣ କରୁଥିଲେ ? ଅନ୍ୟମାନେ ରସିଦ କାଟୁଥିଲେ। ହାୟର ଅଥରିଟି ଦସ୍ତଖତ କରିବା ପରେ ମୁଁ କିଛି ନ ଦେଖି ଦସ୍ତଖତ କରିଦେଉଥିଲି। ଏହି ଘଟଣାରେ ଅନ୍ୟମାନେ ମଧ୍ୟ ସମ୍ପୃକ୍ତ ଥିବା ନେଇ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ପୂର୍ବତନ କିରାଣି। ତେବେ ପୂର୍ବତନ କିରାଣିଙ୍କ ମତକୁ ନେଇ ଏବେ ସବୁଠି ନାନା ଚର୍ଚ୍ଚା ହେବାରେ ଲାଗିଛି।

ଉକ୍ତ ପୂର୍ବତନ କିରାଣି କାର୍ଯ୍ୟରତ ସମୟରେ ୨୦୧୭ରୁ ୨୦୨୨ ଡିସେମ୍ବର ମଧ୍ୟରେ ଜାଲ୍ ରସିଦ ବ୍ୟବହାର କରି ୨୨ଲକ୍ଷ ୮୭ହଜାର ୩୭୫ଟଙ୍କା ହଡ଼ପ କରିଥିବା ଆକାଉଣ୍ଟସ ଯାଞ୍ଚ କମିଟି କୋଣାର୍କ କଲେଜ ଅଧ୍ୟକ୍ଷଙ୍କୁ ଗତ ୨୮ତାରିଖରେ ରିପୋର୍ଟ ପ୍ରଦାନ କରିଥିଲା। କଲେଜ ଅଧ୍ୟକ୍ଷ ଅବତାର ମିଶ୍ର ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ୨୯ ତାରିଖରେ ପତ୍ର ଲେଖି ପୂର୍ବତନ କିରାଣିଙ୍କ ଏହି କାରନାମା ସମ୍ପର୍କରେ ଅବଗତ କରିବା ସହିତ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରିଥିଲେ। ସମ୍ପ୍ରତି କଲେଜର ସଭାପତି ଦାୟିତ୍ୱରେ ଥିବା ପୁରୀ ଉପଜିଲାପାଳ ଭବତାରଣ ସାହୁ ଅର୍ଥ ତୋଶରପାତ ସମ୍ପର୍କରେ ତଦନ୍ତ କରିବା ପାଇଁ ଶୁକ୍ରବାର ପୂର୍ବତନ କିରାଣି ଓ କଲେଜ ଅଧ୍ୟକ୍ଷଙ୍କୁ ପୁରୀ ଡାକି ପଚାରିଥିଲେ। ଉତ୍ତରରେ ପୂର୍ବତନ କିରାଣି ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ ମଧ୍ୟ ଏତେ ଟଙ୍କା ହଡ଼ପ କରିନାହିଁ ବୋଲି କହିଥିଲେ। ନିଜର ପକ୍ଷ ରଖିବା ପାଇଁ ସେ ସମୟ ମାଗିବାରୁ ଉପଜିଲାପାଳ ୩ଦିନ ସମୟ ଦେଇଛନ୍ତି। ଉପଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ପୂର୍ବତନ କିରାଣି ଶନିବାର ଉକ୍ତ କଲେଜ ପରିସରକୁ ଆସି ଆକାଉଣ୍ଟ କମିଟିର ଯାଞ୍ଚ ରିପୋର୍ଟକୁ ଦେଖିଛନ୍ତି। ସମ୍ପ୍ରତି ଆକାଉଣ୍ଟାଣ୍ଟ ଦାୟିତ୍ୱରେ ଥିବା ଅଶୋକ କୁମାର ସାହୁ ଆକାଉଣ୍ଟସ କମିଟିର ଯାଞ୍ଚ ରିପୋର୍ଟକୁ ତାଙ୍କୁ ଦେଖାଇଥିଲେ। ଏହି ସମୟରେ ପୂର୍ବତନ କିରାଣିଙ୍କ ସ୍ୱାମୀ ସେଠାରେ ଉପସ୍ଥିତ ରହି ଗଣମାଧ୍ୟମକୁ କହିଥିଲେ, ଏହି ଘଟଣା ସହ ଅନ୍ୟ ଯେଉଁମାନେ ସମ୍ପୃକ୍ତ, ସେମାନଙ୍କର ମଧ୍ୟ ତଦନ୍ତ ହେବା ଆବଶ୍ୟକ। ଏଥିରୁ ସ୍ପଷ୍ଟ ଯେ, ଏହି ଆର୍ଥିକ ଅନିୟମିତତା ସହିତ ପୂର୍ବତନ ଅଧ୍ୟକ୍ଷଙ୍କ ସମେତ ଆକାଉଣ୍ଟ ଅଧିକାରୀ ଦାୟିତ୍ୱରେ ଥିବା କେତେକ ଅଧ୍ୟାପକ ଓ କର୍ମଚାରୀ ସମ୍ପୃକ୍ତ ଅଛନ୍ତି। ଅପରପକ୍ଷେ ଅର୍ଥ ହରିଲୁଟ କରି ଧରାପଡ଼ିବା ପରେ ନିଜର ଦୋଷ ସ୍ୱୀକାର କରିଥିବା ପୂର୍ବତନ କିରାଣିଙ୍କ ବିରୋଧରେ ତୁରନ୍ତ ଆପରାଧିକ ମାମଲା ଦାଏର କରାଯିବା ସହିତ ଏହି ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଧିବଦ୍ଧ ତଦନ୍ତ କରାଯିବାକୁ କଲେଜର ପୁରାତନ ଛାତ୍ର ସଂଘ ଦାବି କରିଛି।




ପୁରୀ: ଶ୍ରୀଜୀଉଙ୍କ ସ୍ନାନପୂର୍ଣ୍ଣିମା ପାଇଁ ଟାହିଆ ଓ ହାତୀବେଶ ପ୍ରସ୍ତୁତି ଚାଲିଛି।

# ଆଜି ଦାରୁଦିଅଁଙ୍କ ସ୍ନାନଯାତ୍ରା



ଚତୁର୍ଦ୍ଧାବିଗ୍ରହଙ୍କୁ ଅପେକ୍ଷା କରିଥିବା ସ୍ନାନବେଦୀ।

| ସ୍ନାନଯାତ୍ରା ନୀତିନିର୍ଘଣ୍ଟ | ସମୟ |
|---|---|
| ମଙ୍ଗଳାର୍ପଣ | ଭୋର ୩ଟା ୩୦ |
| ଡୋରଲାଗି, ପୁଷ୍ପାଞ୍ଜଳି ହୋଇ ପହଣ୍ଡି ଆରମ୍ଭ | ଭୋର ୪ଟାରୁ ସକାଳ ୬ଟା |
| ମଙ୍ଗଳ ଆଳତି | ସକାଳ ୮ଟା ୧୦ |
| ମଇଲମ | ସକାଳ ୮ଟା ୧୫ |
| ତଡ଼ପଲାଗି | ସକାଳ ୮ଟା ୨୫ |
| ଅଧରପୋଛା | ସକାଳ ୮ଟା ୪୫ |
| ଦ୍ୱାରପାଳ ପୂଜା | ସକାଳ ୯ଟା ୧୦ |
| ଅବକାଶ | ସକାଳ ୯ଟା ୨୦ |
| ରୋଷହୋମ | ସକାଳ ୯ଟା ୩୦ |
| ସୂର୍ଯ୍ୟ ପୂଜା | ସକାଳ ୯ଟା ୫୫ |
| ବେଶ ଶେଷ | ପୂର୍ବାହ୍ନ ୧୦ଟା ୨୫ |
| ଜଳ ବିଜେ, ପୂଜା, ସ୍ନାନ | ପୂର୍ବାହ୍ନ ୧୧ଟା ୨୦ରୁ ମଧ୍ୟାହ୍ନ ୧୨ଟା ୪୫ |
| ମଇଲମ, ମେକାପ ସର୍ବାଙ୍ଗ ଓ ନୂଆ ଲୁଗା ବେଶ | ଅପରାହ୍ନ ୧ଟା ୫୦ |
| ଛେରା ପହଁରା | ଅପରାହ୍ନ ୨ଟା |
| ହାତୀବେଶ | ଅପରାହ୍ନ ୨ଟା ୪୦ |
| ମହନ୍ତ ଶାଢ଼ିବନ୍ଧା | ଅପରାହ୍ନ ୩ଟା |
| ଘଣ୍ଟ, ଛତା, ସକାଳ ଧୂପ | ଅପରାହ୍ନ ୪ଟା ୪୫ରୁ ସନ୍ଧ୍ୟା ୬ଟା ୨୦ |
| ଦକ୍ଷିଣୀଘର ଭୋଗ | ଅପରାହ୍ନ ୫ଟା ୩୦ |
| ସାହାଣ ମେଳା | ସନ୍ଧ୍ୟା ୬ଟାରୁ ରାତି ୯ଟା ୩୦ |
| ମଇଲମ ପୁଷ୍ପାଞ୍ଜଳି ଓ ଡୋରଲାଗି | ରାତି ୧୦ଟା |
| ବାହୁଡ଼ା ପହଣ୍ଡି | ରାତି ୧୦ଟାରୁ ରାତି ୧ଟା |
| ସୁନା ଚିତା, ରାହୁ ରେଖା ମଇଲମ | ରାତି ୧ଟା ୩୦ |

ପୁରୀ ଅଫିସ,୩।୬

■ହାତୀବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ

■୩୫୦୦ ସୁରକ୍ଷାକର୍ମୀ, ୬୦ ପ୍ଲାଟୁନ ଫୋର୍ସ ମୁତୟନ

ରବିବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ସେଥିପାଇଁ ସଜେଇ ହୋଇଛି ସ୍ନାନବେଦି। ଅପେକ୍ଷା କରିଛି ମହାପ୍ରଭୁଙ୍କ ଆଗମନକୁ। ଆଉ କେଇ ଘଣ୍ଟା ପରେ ଚତୁର୍ଦ୍ଧାବିଗ୍ରହ ରତ୍ନବେଦୀରୁ ସ୍ନାନବେଦିକୁ ଓହ୍ଲାଇ ଆସିବେ। ପହଣ୍ଡି ପାଇଁ ରତ୍ନସିଂହାସନ ତଳେ ଚାରମାଳ ବନ୍ଧାଯିବା ସହ ଦଇତାପତି ସେବାୟତଙ୍କ ଦ୍ୱାରା ଦାରୁଦିଅଁଙ୍କୁ ସେନାପଟା ଲାଗି କରାଯାଇଛି। ରବିବାର ଭଉଣୀଭାଇଙ୍କ ସହ ସ୍ନାନବେଦିରେ ୧୦୮ ଗରା ସୁବାସିତ ଜଳରେ ପ୍ରତ୍ୟକ୍ଷ ସ୍ନାନ କରିବେ ଚତୁର୍ଦ୍ଧାବିଗ୍ରହ। ସ୍ନାନ ପରେ ହାତୀବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ସ୍ନାନଯାତ୍ରା ଦେଖିବା ସହ ମହାପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରିବାର ସୁଯୋଗ ପାଉଥିବାରୁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ବଢ଼ିବାରେ ଲାଗିଛି। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ମାର୍କେଟ ଛକଠାରୁ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବା ସହ ପୋଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା, ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତବର୍ଷ ପଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ସମୁଦାୟ ୩୫୦୦ଜଣ ସୁରକ୍ଷାକର୍ମୀ ଓ ୬୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ସେପଟେ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡର ବ୍ୟବସ୍ଥା କରାଯାଇଥିବା ବେଳେ ଶ୍ରୀମନ୍ଦିର ଭିତରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କଡ଼ାକଡ଼ି କରାଯାଇଛି। ଏଥିସହ ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଇଁ ନୀତିନିର୍ଘଣ୍ଟ ନିର୍ଦ୍ଧାରିତ ହୋଇଛି। ରବିବାର ଭୋର ୩.୩୦ରେ ମହାପ୍ରଭୁଙ୍କ ମଙ୍ଗଳାର୍ପଣ କରାଯାଇ ଧାଡି ପହଣ୍ଡିରେ ଚତୁର୍ଦ୍ଧାବିଗ୍ରହଙ୍କୁ ସ୍ନାନବେଦି ଉପରକୁ ବିଜେ କରାଯିବ। ଭୋର ୪ଟାରୁ ପହଣ୍ଡି ଆରମ୍ଭ ହୋଇ ସକାଳ ୬ଟା ସୁଦ୍ଧା ଶେଷ ହେବା ପରେ ମଙ୍ଗଳଆଳତି, ମଇଲମ ଓ ଅନ୍ୟାନ୍ୟ ନୀତି କରାଯାଇ ସକାଳ ୯.୩୦ରୁ ସାଢେ ୧୧ଟା ମଧ୍ୟରେ ଜଳଲାଗି ନୀତି ଅନୁଷ୍ଠିତ ହେବ। ଗରାବଡୁ ସେବକମାନେ ସଂଗୃହୀତ ଜଳକୁ ସ୍ନାନବେଦିକୁ ଆଣିବା ପରେ ପଞ୍ଚ ଉପଚାର ବିଧିରେ ମେକାପଙ୍କ ସହାୟତାରେ ଜଳଲାଗି କରାଯିବ। ପରେ ମହାପ୍ରଭୁଙ୍କ ଛେରାପହଁରା ନୀତି ବଢିବା ପରେ ମଧ୍ୟାହ୍ନ ୧୨.୪୫ରୁ ଅପରାହ୍ନ ୨.୩୦ ମଧ୍ୟରେ ହାତୀବେଶ କରାଯାଇ ଭୋଗ ଅନୁଷ୍ଠିତ ହେବ। ପରେ ଦୁର୍ଲଭ ହାତୀବେଶକୁ ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡ ସମେତ ସ୍ନାନମଣ୍ଡପର ଅତି ନିକଟରୁ ସନ୍ଧ୍ୟା ୬ଟାରୁ ରାତି ୯.୩୦ ଅର୍ଥାତ୍ ୩.୩୦ ଘଣ୍ଟା ପର୍ଯ୍ୟନ୍ତ ଦର୍ଶନ କରିବାର ସୁଯୋଗ ପାଇବେ। ପରେ ରାତି ୧୦ଟାରୁ ରାତି ୧ଟା ମଧ୍ୟରେ ବାହୁଡ଼ା ପହଣ୍ଡି ଅନୁଷ୍ଠିତ ହେବ। ତେବେ ସ୍ନାନଯାତ୍ରାକୁ ଦୃଷ୍ଟିରେ ରଖି ସେନାପଟା ଲାଗି କାର୍ଯ୍ୟ ସମ୍ପାଦିତ କରିଛନ୍ତି ଦଇତାପତି ସେବାୟତମାନେ। ବିଳମ୍ବିତ ରାତିରେ କୋଠଶୁଆଁଶିଆମାନେ ମହାପ୍ରଭୁଙ୍କ ଚାରମାଳ ବନ୍ଧା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପହଣ୍ଡି ସମୟରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଦଇତାପତିମାନେ ସେନାପଟା ଲାଗି କରୁଥିବାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ପରେ ଅନ୍ୟାନ୍ୟ ନୀତି ହୋଇ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ବ୍ୟାରିକେଡ ମଧ୍ୟ ଦେଇ ଶ୍ରୀମନ୍ଦିର ପରିସରକୁ ଯାଇ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିଥିଲେ।




ପବିତ୍ର ସ୍ନାନପୂର୍ଣ୍ଣିମା ପରିପ୍ରେକ୍ଷୀରେ ଶିଳ୍ପୀ ସରିତା ଗୋଚ୍ଛାୟତ ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକା କଳା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଜିଜ୍ଞାସା କାର୍ଯ୍ୟକ୍ରମ, ସିଏସ୍ଆଇଆର୍ ଆଇଏମ୍ଏମ୍ଟି, ସକାଳ ୯ଟା।
- ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ, ଓଏଏସ୍ ଆସୋସିଏଶନ ଭବନ, କେଶରୀ ଟକିଜ୍, ପୂର୍ବାହ୍ନ ୧୦ଟା ୩୦।
- ଏସ୍ଏସ୍ ଡ୍ୟାନ୍ସ ଆଣ୍ଡ ଫିଟନେସ୍ ଏକାଡେମୀର ଦ୍ୱିତୀୟ ବାର୍ଷିକୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ଶ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକୋତ୍ସବ 'ନୃତ୍ୟ ବିଳାସ', ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।
- ଟିମ୍ ଇନ୍ଫ୍ରାକୋନ୍ ପକ୍ଷରୁ ସାଉଣ୍ଡ ଅଫ୍ ସୋଲ ୨.୦, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସଚିନ ତେନ୍ଦୁଲକର ହଲ୍, ବାରବାଟୀ ଷ୍ଟାଡିୟମ, ସକାଳ ୯ଟା।
- କଟକ ଜିଲା କ୍ୟାରମ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ରାଇଜିଂ ଇଲେଭେନ କ୍ଲବ ପରିସର, ମାଛୁଆବଜାର, ସନ୍ଧ୍ୟା ୭ଟା।

# ଆଜି ହେବ 'ସାଉଣ୍ଡ୍ ଅଫ୍ ସୋଲ୍'



ଖବରଦାତା ସମ୍ମିଳନୀରେ ବଲିଉଡ୍ କଣ୍ଠଶିଳ୍ପୀ ପଦ୍ମଶ୍ରୀ କୁମାର ସାନୁ ଓ ଅନ୍ୟମାନେ।

ଭୁବନେଶ୍ୱର,୩।୬(ବ୍ୟୁରୋ)

ଟ୍ରେନ୍ ଦୁର୍ଘଟଣା ପାଇଁ ଶନିବାର ଉତ୍କଳ ମଣ୍ଡପରେ ଟିମ୍ ଇନ୍ଫ୍ରାକନ୍ ପକ୍ଷରୁ 'ସାଉଣ୍ଡ୍ ଅଫ୍ ସୋଲ୍ ୨.୦' କାର୍ଯ୍ୟକ୍ରମ ହୋଇପାରି ନାହିଁ। ରବିବାର ସମାନ ସମୟ ଓ ସମାନ ସ୍ଥାନରେ ଏହି ଲାଇଭ୍ କନ୍ସର୍ଟ ଅନୁଷ୍ଠିତ ହେବ ବୋଲି ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶିଷ୍ଟ ବଲିଉଡ୍ କଣ୍ଠଶିଳ୍ପୀ ପଦ୍ମଶ୍ରୀ କୁମାର ସାନୁ ଓ ଟିମ୍ ଇନ୍ଫ୍ରାକନ୍ ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର ସୂଚନା ଦେଇଛନ୍ତି। କୁମାର ସାନୁ

### ଶୋକ ପ୍ରକାଶ କଲେ କୁମାର ସାନୁ

ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ପ୍ରତି ଗଭୀର ଶୋକ ପ୍ରକାଶ କରିବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇ କହିଛନ୍ତି, କାର୍ଯ୍ୟକ୍ରମ ହେବାର ଗୋଟିଏ ଦିନ ପୂର୍ବରୁ ମୁଁ ଆସିଯାଇଥାଏ। ତେଣୁ ଶୁକ୍ରବାର ରାତି ୮ଟାରେ ଭୁବନେଶ୍ୱରରେ ପହଞ୍ଚିଲି। ହୋଟେଲରେ ରହିବା ବେଳକୁ ଟ୍ରେନ ଦୁର୍ଘଟଣା ବିଷୟରେ ଶୁଣିବାକୁ ପାଇଲି। ଏହାପରଠାରୁ ମୋତେ ଆଉ କାର୍ଯ୍ୟକ୍ରମ କରିବାକୁ ଇଚ୍ଛା ହେଲାନାହିଁ। ସେଥିପାଇଁ ଶନିବାର ଟିମ୍ ଇନ୍ଫ୍ରାକନ୍ ପକ୍ଷରୁ ଉତ୍କଳ ମଣ୍ଡପରେ ହେବାକୁ ଥିବା ସାଉଣ୍ଡ ଅଫ୍ ସୋଲ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଥିଲି। ଟିମ୍ ଅଧ୍ୟକ୍ଷ ମିଶ୍ର କହିଲେ, ଏତେ ବଡ଼ ଦୁର୍ଘଟଣା ପରେ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଦୁର୍ଘଟଣାରେ ପ୍ରଭାବିତ ହୋଇଥିବା ଲୋକଙ୍କୁ ଦେଖିଲେ କାର୍ଯ୍ୟକ୍ରମ କରିବାକୁ ମଧ୍ୟ ଇଚ୍ଛା ହେଉନାହିଁ। ଯେହେତୁ କୁମାର ସାନୁ ଆସିସାରିଛନ୍ତି କାର୍ଯ୍ୟକ୍ରମକୁ ରବିବାର ସେହି ସ୍ଥାନ ସେହି ସମୟରେ କରିବାକୁ ସ୍ଥିର କଲୁ।

## ମୋ' ବସ୍ ଧକ୍କାରେ ଜଣେ ମୃତ



କଟକ ସଦର,୩।୬(ଡି.ଏନ୍.ଏ.)

୪୨ ମୌଜା ଥାନା ଅନ୍ତର୍ଗତ ଦଧିବାମନପୁର ଛକରେ ଶନିବାର ସନ୍ଧ୍ୟାରେ ମୋ' ବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଦଧିବାମନପୁର ଗ୍ରାମର ନୀରୋଦ ସାମଲ(୪୫)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ମୋ' ବସ୍ (ନଂ. ଓଡ଼ି୦୫ଟି-୭୦୩୬)ଟି ଯାତ୍ରୀ ନେଇ କନ୍ଦରପୁରରୁ କଟକ ଭାୟା ୪୨ ମୌଜା ଦେଇ ଯାଉଥିବାବେଳେ ଦଧିବାମନପୁରଠାରେ ନୀରୋଦଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ସନ୍ଧ୍ୟା ୭ଟାରୁ ଟାୟାରଜାଳି ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ବସ୍‌କୁ ହେପାଜତକୁ ନେଇଛି। ରିପୋର୍ଟ ଲେଖାଯିବାବେଳକୁ ପୋଲିସ ସହ ଆଲୋଚନା ଚାଲିଥିଲେ ମଧ୍ୟ ରାସ୍ତାରୋକୋ ଜାରି ରହିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୋନୁ



@ ଜିତେନ୍ଦ୍ର



@ ଆନନ୍ଦ



@ ମନୋରଞ୍ଜନ



@ ଶୁଭକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଦିଲୀପ ତିର୍କୀ, ଶ୍ରେୟଶ୍ରୀ ଜେନାଙ୍କୁ 'ଆଚିଭର ମହା ସମ୍ମାନ'

ଭୁବନେଶ୍ୱର, ୩।୬(ବ୍ୟୁରୋ)

କାଠଯୋଡି ୟୁଥ୍ ଆସୋସିଏଶନ ପକ୍ଷରୁ ୩ଦିନିଆ ଆଚିଭର ସମ୍ମାନ ଉତ୍ସବ ଶ୍ରୀକୋରୁଆଁ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଶୁଭମ୍ ନାୟକ, ଅଭିନେତ୍ରୀ ପୁଷ୍ପା ପଣ୍ଡା, ସ୍ୱପ୍ନା ପ୍ରିୟଦର୍ଶନୀ, ଶିଶୁକଳାକାର ଶୁଭମ୍ ଦାସ, କ୍ରୀଡାବିତ୍ ସତ୍ୟଜିତ ପଢ଼ିଆରି, ଯାତ୍ରା ଅଭିନେତା ପିୟୂଷ ତ୍ରିପାଠୀ, ପକ୍ଷୀପ୍ରେମୀ କାହ୍ନୁ ବେହେରା, କଣ୍ଠଶିଳ୍ପୀ ବିଭୂତିଶୋର, ବ୍ୟବସାୟୀ କୈଳାସ ସାହୁ, କୁନି ପ୍ରବଚକ କେଶବ ଦାସ, ଅର୍ପିତା ଚୋଧୁରୀ, ଦ୍ୟୁତିକୃଷ୍ଣ ପ୍ରମୁଖଙ୍କୁ 'ଆଚିଭର ସମ୍ମାନ'ରେ ସମ୍ମାନିତ କରାଯାଇଛି। ଦ୍ୱିତୀୟ ସନ୍ଧ୍ୟାରେ ଅଭିନେତା ସମରେଶ ରାଉତରାୟ, ବର୍ଷା ପ୍ରିୟଦର୍ଶିନୀ, ମର୍ଦ୍ଦଳ ବାଦକ ଧନେଶ୍ୱର ସ୍ୱାଇଁ, କଣ୍ଠଶିଳ୍ପୀ ନାଜିଆ ଆଲାମ୍, ତାରିକ୍ ଅଜିଜ୍, ଭାଷ୍ୟକାର ବିଜୟ ମଲ୍ଲ ଓ ମୁନା ସେଠୀଙ୍କୁ 'ମାଷ୍ଟର ଅଫ୍ ଓଡ଼ିଶା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ତୃତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶାନ୍ତିଲତା ଛୋଟରାୟ, ଗୀତା ଦାଶ, କ୍ରୀଡ଼ାବିତ୍ ମିନତୀ ମହାପାତ୍ର, ଡ. ସ୍ୱରୂପା ଚକ୍ରବର୍ତ୍ତୀ, ସମାଜସେବୀ ମୃଣାଳିନୀ ପାଢ଼ୀ, ଶିକ୍ଷାବିତ୍ ସାରଦା ସାମନ୍ତରାୟ, ଶିଶୁ କଣ୍ଠଶିଳ୍ପୀ ତନିଶା ପଣ୍ଡା, ଅଭିନେତ୍ରୀ ପୁନମ୍ ମିଶ୍ର, ଉଦ୍‌ଘୋଷିକା ସୁଲଗ୍ନା ରାଉତ, ଡାକ୍ତର ମହିକା ସାହୁ, ମାଟ୍ରିକ ଟପ୍ପର ଶ୍ରେୟଶ୍ରୀ ଜେନାଙ୍କୁ 'ମହା ଆଚିଭର ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ପାଦିକା ଅମ୍ବିକା ବେହେରା, ଅଧ୍ୟକ୍ଷ ସୁଧାଂଶୁ ଭୂଷଣ ଜେନା, ଉପଦେଷ୍ଟା ରଶ୍ମିରଞ୍ଜନ ମହାପାତ୍ର, ନରେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ଦିନିଆ ହାଇ ଲାଇଫ୍ ଏକ୍‌ଜିବିଶନ ଉଦ୍‌ଘାଟିତ

ଭୁବନେଶ୍ୱର,୩।୬



ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ହାଇ ଲାଇଫ୍ ଏକ୍‌ଜିବିଶନ ପକ୍ଷରୁ ଭୁବନେଶ୍ୱରର ମେ ଫେୟାର କନ୍‌ଭେନଶନ ସେଣ୍ଟରଠାରେ ୨ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଶନିବାର ଆନୁଷ୍ଠାନିକ ଭାବେ ଉକ୍ତ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହାଇ ଲାଇଫ୍‌ର ଏମ୍‌ଡି ଏବଂ ସିଇଓ ଆବେୟ ପି. ଡୋମିନିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରି କହିଥିଲେ, ଏହି ୨ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀର ପ୍ରଥମ ଦିନର କାର୍ଯ୍ୟକ୍ରମ ଓ କାରବାର ବେଶ୍ ଉତ୍ସାହଜନକ ରହିଛି। ଉକ୍ତ ପ୍ରଦର୍ଶନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ୧୦୦ରୁ ଅଧିକ ବ୍ୟବସାୟୀ ଓ ଡିଜାଇନର ଯୋଗଦେଇଥିବା ବେଳେ ମୁମ୍ବାଇ, ଚେନ୍ନାଇ, କୋଲକାତା ଓ ନୂଆଦିଲ୍ଲୀ ସମେତ ହାଇଦ୍ରାବାଦ, ବେଙ୍ଗାଲୁରୁ, ପାଟନା, ଅହମଦବାଦ, ଭୋପାଳ,ଆସାମ ଏବଂ ଜମ୍ମୁ ଓ କଶ୍ମୀରର ବ୍ୟବସାୟୀ ଓ ଡିଜାଇନରଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର କଲେକଶନ ଓ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ। ଏପରିକି ଗ୍ରାହକଙ୍କ ପାଇଁ ଘରକରଣାଠାରୁ ପରିଧାନ ଓ ଫ୍ୟାଶନର ବିସ୍ତୃତ ବର୍ଗ ଉପଲବ୍ଧ। ସେହିଭଳି ଫ୍ୟାଶନ, ଷ୍ଟାଇଲ, ଡେକର ଓ ଲକ୍‌ଜୁରି ଭଳି ସାମଗ୍ରୀ ସହ ଟ୍ରେଣ୍ଡି ଡିଜାଇନର ୱେର, ୱେଡିଂ କଲେକଶନ,ଏଥେନିକ ଡିଜାଇନ, ଦୈନନ୍ଦିନ ପରିଧାନଯୋଗ୍ୟ ଫ୍ୟାଶନ ସହିତ ଆପାରେଲ ଆସେସିରିଜ, ଜୁଏଲେରି ଏବଂ ସୁଜ୍ ଓ ଘର ପାଇଁ ଅନ୍ୟାନ୍ୟ ଫ୍ୟାଶନ ସାମଗ୍ରୀ ଉଭୟ କାରବାର ଓ ପ୍ରଦର୍ଶନୀ ପାଇଁ ରହିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ପ୍ରଦର୍ଶନୀର ଶେଷ ଦିନ ରହିଥିବା ବେଳେ ସକାଳ ୧୦ଟାରୁ ରାତି ୮ଘଟିକା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଖୋଲା ରହିବ।

# ଡ୍ରିମ୍‌ସ ମେଡିକାଲ କଲେଜକୁ ଏନ୍‌ଏମ୍‌ସିର ଅନୁମତି

କଟକ,୩।୬

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ଗ୍ରୁପ୍‌ର ଅନ୍ୟତମ ଅନୁଷ୍ଠାନ (ମେଡିକାଲ ୟୁନିଟ୍) 'ଡ୍ରିମସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ସାଇନ୍ସ ଆଣ୍ଡ ହସ୍ପିଟାଲ'କୁ ନିକଟରେ ନ୍ୟାଶନାଲ ମେଡିକାଲ କମିଶନ(ଏନ୍‌ଏମ୍‌ସି)ର ଅନୁମତି ମିଳିଛି। ଏପରିକି ୨୦୨୩-୨୪ ଶିକ୍ଷାବର୍ଷଠାରୁ କଟକର ଟାଙ୍ଗୀଠାରେ ନୂତନ ଭାବେ ଗଢ଼ି ଉଠିଥିବା 'ଡ୍ରିମସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ସାଇନ୍ସ ଆଣ୍ଡ ହସ୍ପିଟାଲ' ମେଡିକାଲ କଲେଜରେ ଏମ୍‌ବିବିଏସ୍ କୋର୍ସ ପାଇଁ ୧୦୦ ସିଟରେ ଆଶାୟୀ ଛାତ୍ରୀଛାତ୍ରମାନେ ନାମ ଲେଖାଇପାରିବେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଏନ୍‌ଏମ୍‌ସିଙ୍କ ମେଡିକାଲ ଆସେସ୍‌ମେଣ୍ଟ ଓ ରେଟିଂ ବୋର୍ଡର ଏକ ସ୍ୱତନ୍ତ୍ର ଟିମ୍ ନିକଟରେ ଡ୍ରିମ୍‌ସ ପରିଦର୍ଶନରେ ଆସିଥିଲେ। ଏପରିକି ଡ୍ରିମ୍‌ସ ହସ୍ପିଟାଲ ଓ ପ୍ରସ୍ତାବିତ ମେଡିକାଲ କଲେଜର ଭିତ୍ତିଭୂମି ଯାଞ୍ଚ ଓ ସ୍ଥିତି ଆକଳନ କରି ବୋର୍ଡ ଏନ୍‌ଏମ୍‌ସିକୁ ଏକ ରିପୋର୍ଟ ଦେବା ପରେ ଡ୍ରିମ୍‌ସକୁ ଉକ୍ତ ଅନୁମତି ପ୍ରଦାନ କରାଯାଇଛି। ବିଶେଷକରି ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବା ସହ ଓଡ଼ିଶା ସରକାରଙ୍କ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ, ମେଡିକାଲ ଶିକ୍ଷା ନିର୍ଦ୍ଦେଶକ, ଉତ୍କଳ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଏବଂ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ପ୍ରମୁଖଙ୍କୁ ଏ ନେଇ ମଧ୍ୟ ଏନ୍‌ଏମ୍‌ସି ପକ୍ଷରୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, କଟକ ବଡ଼ ମେଡିକାଲ(ଏସ୍‌ସିବି) ପରେ ଡ୍ରିମ୍‌ସ କଟକ ଜିଲାର ଦ୍ୱିତୀୟ ମେଡିକାଲ କଲେଜ ଭାବେ ସ୍ୱୀକୃତି ଲାଭ କରିଛି। ସେଥିପାଇଁ ଏନ୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଡ୍ରିମ୍‌ସ ପରିଚାଳନା ପରିଷଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।


## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD., BALANGIR

**Phone No.: 9438200035, email id: csobalangir@gmail.com**

No. CAD-842: Tender Call Notice No. 3223 dated: 03.06.2023 for Handling contractor in Bolangir District for the Biennial 2023 - 25.

| Activities | Calendar of Different Activities |
|---|---|
| Availability of Tender Documents | 07.06.2023, 10.00 A.M. |
| Pre-bid Conference Date, Time and Venue | 09.06.2023, 9.00 A.M. Office of CSO, Bolangir |
| Last date of online submission of complete tender documents with enclosurs | 21.06.2023 upto 5.00 P.M. |
| Date, time and venue for opening of Technical Bid by the Tender Committee | 22.06.2023, 9.00 A.M. Conference Hall of Collectorate |
| Date, time and venue of submission of original documents in support of scanned copies uploaded in the portal for verification committee | 22.06.2023, 11.00 A.M., Conference Hall of Collectorate |
| Date and time of Financial Bid opening by the Tender Committee (only of technically qualified bidders) | 22.06.2023, 12.00 P.M., Conference Hall of Collectorate |
| Venue of the opening of Technical & Financial Bid | Conference Hall of Collectorate, Bolangir |
| Name and address of the Officer Inviting Tender | District Manager, OSCSC Ltd., Bolangir |

Tender documents and other details can be seen from **www.tendersodisha.gov.in, www.oscsc.in & www.foododisha.in**. Amendments/corrigendum/cancellation/re-tender etc., if any shall be published only in the above websites.

**Sd./- District Manager**
**OSCSC Ltd., Bolangir**

OIPR-07031/11/0005/2324


# ବଜାରରେ ହୋଣ୍ଡାର ନୂଆ ଇଞ୍ଜିନ ଅଏଲ

ଭୁବନେଶ୍ୱର,୩।୬




ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ର ନୂଆ ଇଞ୍ଜିନ ଅଏଲ 'ପ୍ରୋ ହୋଣ୍ଡା' ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏପରିକି କମ୍ପାନୀ ପକ୍ଷରୁ ଏହାର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି, ଯାହାକୁ ଭାରତୀୟ ବଜାରରେ ହୋଣ୍ଡାର ଦୁଇଚକିଆ ଯାନ ପାଇଁ ବ୍ୟବହାର କରାଯିବ। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ଗ୍ରାହକମାନଙ୍କୁ ସଦାସର୍ବଦା ଶ୍ରେଷ୍ଠ ଉତ୍ପାଦ ଓ ସେବା ପ୍ରଦାନ କରିବା ଲାଗି ଆମେ ସବୁବେଳେ ଉଦ୍ୟମ କରୁଛୁ। ଏପରିକି ଗ୍ରାହକମାନଙ୍କ ଲାଗି ନୂଆ ମୂଲ୍ୟ ସୃଷ୍ଟି କରିବା ପାଇଁ ଆମେ ନୂଆ ଇଞ୍ଜିନ ଅଏଲ ବର୍ଗମାଳାକୁ ନିକଟରେ ଉନ୍ମୋଚନ କରିଛୁ। ଉଲ୍ଲେଖଯୋଗ୍ୟ, ଏଚ୍‌ଏମ୍‌ଏସ୍‌ଆଇର ନୂଆ ଇଞ୍ଜିନ ଅଏଲ ଦୁଇଟି ଗ୍ରେଡ୍ ଯଥା ପ୍ରୋ ହୋଣ୍ଡା-୧୦ଡବ୍ଲ୍ୟୁ୩୦ ଓ ପ୍ରୋ ହୋଣ୍ଡା-୫ଡବ୍ଲ୍ୟୁ୩୦କୁ ବଜାର ପ୍ରବେଶ କରାଯାଇଛି। ଅପରପକ୍ଷରେ ପ୍ରୋ ହୋଣ୍ଡା-୧୦ଡବ୍ଲ୍ୟୁ୩୦ ଏମ୍‌ଏ ମୋଟରସାଇକେଲ ପାଇଁ ହୋଇଥିବା ବେଳେ ୧୦ଡବ୍ଲ୍ୟୁ୩୦ଏମ୍‌ବି ସ୍କୁଟର ପାଇଁ ଏବଂ ୫ଡବ୍ଲ୍ୟୁ ୩୦ ଏମ୍‌ଏ ମୋଟରସାଇକେଲ ପାଇଁ ହୋଇଥିବା ବେଳେ ୫ଡବ୍ଲ୍ୟୁ୩୦ ଏମ୍‌ବି ସ୍କୁଟର ପାଇଁ ଉପଲବ୍ଧ। ୫ଡବ୍ଲ୍ୟୁ୩୦କୁ ବିଏସ୍-୬ ନିୟମ ଅନୁସାରେ ହୋଣ୍ଡା ଦୁଇଚକିଆଗୁଡ଼ିକ ଲାଗି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଏପରିକି ଉଭୟ ଗ୍ରେଡ୍‌ର ଇଞ୍ଜିନ ଅଏଲ ୬୦୦ଏମ୍‌ଏଲ୍, ୮୦୦ ଏମ୍‌ଏଲ୍, ୯୦୦ଏମ୍‌ଏଲ୍, ୧୦୦୦ଏମଏଲ୍ ଓ ୧୨୦୦ ଏମ୍‌ଏଲ୍ ପ୍ୟାକ୍‌ରେ ଉପଲବ୍ଧ ରହିଛି। ଏପରିକି ପ୍ରୋ ହୋଣ୍ଡା ୧୦ଡବ୍ଲ୍ୟୁ୩୦ ଗ୍ରେଡ୍‌ର ମୂଲ୍ୟ ୩୩୩ ଟଙ୍କା (୮୦୦ ଏମ୍‌ଏଲ୍) ଓ ପ୍ରୋ ହୋଣ୍ଡା ୫ଡବ୍ଲ୍ୟୁ୩୦ର ମୂଲ୍ୟ ୩୧୧ ଟଙ୍କା (୬୦୦ ଏମ୍‌ଏଲ୍)ରୁ ଆରମ୍ଭ ହେଉଛି। ସୂଚନାଯୋଗ୍ୟ, ଏଚ୍‌ଏମ୍‌ଏସ୍‌ଆଇର ସ୍ୱୀକୃତିପ୍ରାପ୍ତ ଡିଲର ନେଟ୍‌ୱର୍କ ଏସ୍‌ଜିବିଏଲ୍ ହୋଣ୍ଡା କଟକ ଜରିଆରେ ଏହି ତୈଳ ଉପଲବ୍ଧ ହେଉଛି।

# ରିଲାଏନ୍ସ ଜୁଏଲ୍ସର 'ବିବାହମ୍' କଲେକ୍ସନ

ଭୁବନେଶ୍ୱର,୩।୬



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସର ବହୁପ୍ରତୀକ୍ଷିତ 'ବିବାହମ୍' କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ଏକ ଆକର୍ଷଣୀୟ ୱେଡିଂ ଜୁଏଲୋରି, ଯେଉଁଥିରେ ପ୍ରତ୍ୟେକ ନବବଧୂ ଏହି ସ୍ୱତନ୍ତ୍ର ଦିବସରେ ଜଣେ ରାଣୀଙ୍କ ଭଳି ଅନୁଭବ କରିବେ। ଏପରିକି ଦେଶର ବିଭିନ୍ନ ଅଞ୍ଚଳରୁ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ମଧ୍ୟରୁ ବିବାହମ୍ କଲେକ୍ସନ ୧୫ରୁ ଅଧିକ ଆକର୍ଷଣୀୟ ବ୍ରାଇଡାଲ୍ ଲୁକ୍‌ସ ପ୍ରଦାନ କରିଥାଏ। ସେହିଭଳି ଉକ୍ତ କଲେକ୍ସନରେ ବ୍ୟାପକ ଶ୍ରେଣୀର ଡିଜାଇନ ଯଥା ଚୋକର, ଲମ୍ବା ନେକ୍‌ଲେସ୍, ଚୁଡ଼ି, ରିଙ୍ଗ୍, ଇୟରିଂ, ଚୋକର ସେଟ୍, ମଙ୍ଗଳସୂତ୍ର, ମାଙ୍ଗଟିକା, ନଥଓ, ହାତଫୁଲ, ୱେଷ୍ଟବେଲ୍‌ଟ, ଆର୍ମବ୍ୟାଣ୍ଡ, ବ୍ରେସ୍‌ଲେଟ୍ ଭଳି ଆହୁରି ଅନେକ ସାମିଲ ରହିଛି।

ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଆମେ ବିଶ୍ୱାସକରୁ ଯେ ପ୍ରତ୍ୟେକ ନବବଧୂ ରାଣୀ ପରି ଅନୁଭବ କରିବା ଉଚିତ। ଏପରିକି ଆମର ନୂତନ କଲେକ୍ସନରେ ଭାରତର ନବବଧୂଙ୍କର ଅଭିଳାଷକୁ ପ୍ରଦର୍ଶିତ କରାଯାଇଛି, ଯାହାକି ତାଙ୍କୁ ଅତ୍ୟନ୍ତ ଆକର୍ଷଣୀୟ ଭାବେ ଉପସ୍ଥାପିତ କରିଥାଏ। ଆମେ ପ୍ରତି ଅଞ୍ଚଳର ସ୍ୱତନ୍ତ୍ରତାକୁ ଧରି ରଖିବାକୁ ଚେଷ୍ଟା କରିଛୁ, ଯଦ୍ୱାରା ନବବଧୂ ତାଙ୍କର ସଂସ୍କୃତିଗତ ପରିଚୟକୁ ଗ୍ରହଣ କରିପାରିବେ ଓ ନିଜକୁ ଏକ ସ୍ୱତନ୍ତ୍ର ପରିପାଟୀରେ ଉପସ୍ଥାପିତ କରିପାରିବେ। ବିଶେଷ କରି ଆମର ପ୍ରତ୍ୟେକ ଗହଣା ଅତ୍ୟନ୍ତ ସୂକ୍ଷ୍ମ କାରିଗରି ସହିତ ପ୍ରସ୍ତୁତ କରାଯାଇଛି ଓ ଏହାର ସବିଶେଷ ଡିଜାଇନ ପ୍ରତି ସ୍ୱତନ୍ତ୍ର ଧ୍ୟାନ ପ୍ରଦାନ କରାଯାଇଛି। ସେହିଭଳି ଆମେ ନବବଧୂମାନଙ୍କୁ ସମ୍ପୂର୍ଣ୍ଣ ବ୍ରାଇଡାଲ୍ ଲୁକ୍ ପ୍ରଦାନ କରୁଛୁ,ଯାହାଦ୍ୱାରା ସେମାନେ ସେମାନଙ୍କର ସ୍ୱତନ୍ତ୍ର ଦିବସରେ ନିଜକୁ ଅତ୍ୟନ୍ତ ଆକର୍ଷଣୀୟ ଭାବରେ ଉପସ୍ଥାପିତ କରିପାରିବେ। ଅପରପକ୍ଷରେ ୱେଡିଂ ଶପିଂର ଆନନ୍ଦକୁ ପୁନଶ୍ଚ ବୃଦ୍ଧି କରିବା ପାଇଁ ରିଲାଏନ୍ସ ଜୁଏଲ୍ସ ଏକ ସୀମିତ ସମୟ ପାଇଁ ଆକର୍ଷଣୀୟ ରିହାତି ଓ ଅଫର ବ୍ରାଣ୍ଡର ଗହଣାଗୁଡ଼ିକ ଉପରେ ପ୍ରଦାନ କରାଯାଉଛି। ବିଶେଷକରି ଗ୍ରାହକମାନେ ସୁନାଗହଣାର ଗଢ଼ା ମଜୁରି ଉପରେ ଓ ଡାଏମଣ୍ଡ ଜୁଏଲେରି ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏପରିକି ରିଲାଏନ୍ସ ଜୁଏଲ୍ସର ଗହଣାକୁ ସମ୍ପୂର୍ଣ୍ଣ ମୂଲ୍ୟରେ ବଦଳାଇବାର ଏକ ସୁଯୋଗ ସହ ଗ୍ରାହକମାନେ ରିୱାର୍ଡିଂ ଶପିଂ ଅନୁଭବ କରିପାରିବେ।


## DIRECTORATE OF FISHERIES
## ODISHA, CUTTACK

**Phone No.: 0671-2414061, Fax: 0671-2410521,**
**e-mail: director.odifish@gmail,.com**

## EXPRESSION OF INTEREST
## FOR
## EMPANELMENT OF FIRMS FOR SUPPLY OF DIFFERENT CATEGORIES OF FISHING BOATS IN ODISHA

No. M-18:- The Directorate of Fisheries, Odisha invites sealed bids under one bid system invited from the registered manufacturers/ builders/ suppliers of Odisha having valid GST and PAN for supply of different categories of boats at designated places in Odisha. The details of the bidding process are as follows: Bidders fulfilling the prescribed eligibility criteria of the EOI can access and download the complete EOI Document and other details from : www.odishafisheries.nic.in

**Schedule of invitation of EOI are:**

| Sl. No. | List of Key Events | Critical Dates |
|---|---|---|
| 1 | Date of issue of EOI | 4th June 2023 |
| 2 | EOI document | Rs 1000/-+ GST 18% = Rs. 1,180/- |
| 3 | Last Date for Submission of EOI | Open, End of 3rd week of every month by 2 PM |
| 4 | Technical proposal opening date | End of 3rd week of every month by 3 PM |
| 5 | Financial proposal opening date | End of 3rd week of every month by 5 PM |
| 6 | EOI submission and opening at (Address) | O/o Directorate of Fisheries, Odisha, Veterinary Campus, Mangalabag, Cuttack -753001 |

The bid complete in all respects must reach the undersigned by **Speed Post/ Registered Post/ Drop in the Tender Box** only latest by end of 3rd week of every month, 2 PM in a sealed envelope clearly mentioning on the top of it "Expression of Interest for Empanelment of Suppliers for supply of different categories of Fishing Boats ".

The cost of bid document Rs. 1000/- + GST 18% = Rs. 1,180/- in shape of Banker's Cheque / DD in favour of Director of Fisheries, Odisha drawn in any scheduled commercial bank payable at Cuttack for each category.

The proposals received beyond the last date and time will be rejected. The authority reserves the right to reject any/ all proposals without assigning any reason thereof.

OIPR-06015/11/0013/2324 **Sd./- DIRECTOR**


ଫୁର୍‌ସତ୍



# ଟଙ୍କା ଅପେକ୍ଷା କାମକୁ ପ୍ରାଧାନ୍ୟ ଦିଅନ୍ତି ଶାହିଦ୍

**ମୁମ୍ବାଇ:** ବଲିଉଡ୍ ଅଭିନେତା ଶାହିଦ୍ କପୁରଙ୍କ ଆଗାମୀ ଫିଲ୍ମ 'ବ୍ଲଡି ଡାଡି' ଆସନ୍ତା ୯ ତାରିଖରେ ରିଲିଜ୍ ହେବାକୁ ଯାଉଛି। ଅଲ୍ଲି ଅବାସ୍ ଜଫରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମର ଟ୍ରେଲର ନିକଟରେ ରିଲିଜ୍ ହୋଇଛି। ଲୋକେ ଏହାକୁ ପସନ୍ଦ କରିଥିବାବେଳେ ଫିଲ୍ମ ଦେଖିବାକୁ ଉତ୍ସାହିତ ଅଛନ୍ତି। ନିକଟରେ ଶାହିଦ୍‌ଙ୍କୁ ଜଣେ ରିପୋର୍ଟର ପ୍ରଶ୍ନ କରିଛନ୍ତି କି, ଆପଣ କ'ଣ ଫିଲ୍ମ ପାଇଁ ୪୦ କୋଟି ଡିମାଣ୍ଡ କରନ୍ତି। ଏହି ପ୍ରଶ୍ନରେ ଶାହିଦ ହସିକି ଜବାବ ଦେଇଥିଲେ। ସେ କହିଥିଲେ, କିଏ କିଛି ନ ଭାବି ଏମିତି କହିଛନ୍ତି। ଆପଣଙ୍କ ଏପରି ପ୍ରଶ୍ନରେ ମୋତେ ଆଉ ଫିଲ୍ମ ମିଳିବନି। ସେ ଏମିତି ଟଙ୍କା ପାଇଁ କାମ କରନ୍ତିନି। ଟଙ୍କା ଅପେକ୍ଷା ସେ କାମକୁ ବେଶି ପ୍ରାଧାନ୍ୟ ଦେଇଥାନ୍ତି ବୋଲି କହିଥିଲେ। ଏମିତିରେ କେହି ଧନୀ ହୋଇଯାଆନ୍ତିନି କି କାମ ନ କଲେ କେହି ଟଙ୍କା ଦିଅନ୍ତିନି। ସେ ନିଜର ସମ୍ପୂର୍ଣ୍ଣ ଉଦ୍ୟମ କରିଥା'ନ୍ତି କିପରି ଶହେ ପ୍ରତିଶତ କାମ କରିପାରିବେ। ତେବେ ଶାହିଦ୍ ୧୯୯୭ରେ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିବାବେଳେ ତାଙ୍କ ଅଭିନୟ ଜରିଆରେ ଲୋକଙ୍କୁ ହସାଇ ଆସିଛନ୍ତି। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ଜର୍ସି'ରେ ଦେଖିବାକୁ ମିଳିଥିଲା। ଏଥିସହ ମଧ୍ୟ ସେ ଟିଭି, ମ୍ୟୁଜିକ୍ ଭିଡିଓ ଏବଂ ଏକ ୱେବ୍ ସିରିଜ୍‌ରେ କାମ କରୁଛନ୍ତି।

# ରାସ୍ତାରେ 'ମଦ ଯୋଗ'



କୋପେନହାଗେନ

ଯୋଗ କରିବା ଦେହ ପାଇଁ ହିତକାରକ। ବର୍ତ୍ତମାନ ସମୟରେ ଲୋକେ ନିଜକୁ ସୁସ୍ଥ ରଖିବାକୁ ନିୟମିତ ଯୋଗ, ପ୍ରାଣାୟାମ କରୁଛନ୍ତି। ଏହା କେବଳ ଶରୀର ପାଇଁ ନୁହେଁ, ସ୍ନାୟୁ ଓ ମନକୁ ଶାନ୍ତ କରେ। ଆମେ ଯୋଗ ଦିବସ ମଧ୍ୟ ପାଳନ କରିଥାଉ। ତେବେ ଡେନ୍‌ମାର୍କରେ ଅଜବ ପ୍ରକାର ଯୋଗ ଦିବସ ପାଳନ କରାଯାଏ। ଏହାକୁ ପାଳନ କରିବାକୁ ଲୋକେ ବହୁତ ଉତ୍ସାହର ସହ ଏକାଠି ହୋଇଥାନ୍ତି। ରିପୋର୍ଟ ମୁତାବକ, ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ସେଥିରେ କିଛି ଲୋକ ଡେନ୍‌ମାର୍କର ରାଜଧାନୀ କୋପେନହାଗେନ୍‌ର ରାସ୍ତା କଡ଼ରେ ଯୋଗ କରୁଥିବା ନଜରକୁ ଆସିଛନ୍ତି। ହେଲେ ଏହି ଯୋଗ କିଛି ଅଲଗା ପ୍ରକାରର। ଯାହା ଶୁଣିଲେ ଟିକେ ଆଶ୍ଚର୍ଯ୍ୟ ଲାଗିବ। ରାସ୍ତାରେ ଲୋକ ମଦ ପିଉଥିବା ଦେଖିବାକୁ ମିଳିଛି। ଏହାକୁ ମଦ ଯୋଗ ବୋଲି କୁହାଯାଉଛି। ଏହି ଯୋଗରେ ଲୋକେ ଏକା ସାଙ୍ଗରେ ମଦ ପିଉଛନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ତ କୁହାଯାଇପାରିବନି। ହେଲେ ଏପରି ଭିଡିଓ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। କ୍ୟାପ୍ସନରେ ଲେଖାହୋଇଛି, କୋପେନହାଗେନ୍ ରାସ୍ତାରେ ପାଖାପାଖି ୧୦୦ ଲୋକ ଜମା ହୋଇଥିଲେ। ଏହା ମଧ୍ୟରେ ସେମାନେ ଥଣ୍ଡା ମଦ ପିଇବା ସହ ଯୋଗ ମଧ୍ୟ କଲେ। ଏଠାରେ ମଦ ଯୋଗ ପାଖାପାଖି ୪ ବର୍ଷ ହେବ ଚାଲିଆସୁଛି। ଏପରି ଯୋଗ କରୁଥିବା ଲୋକଙ୍କ ମଧ୍ୟରେ ଏହା ବହୁତ ପପୁଲାର ହୋଇଗଲାଣି। ଜଣେ ଯୋଗ ଟ୍ରେନର କହିଛନ୍ତି, ଲୋକେ ମଦ କେନ ଧରି ଯୋଗ କରିଥାନ୍ତି। ଏହି ଯୋଗ ଅନ୍ୟ ଯୋଗ ଭଳି। କେବଳ ଲୋକଙ୍କ ମଜା ପାଇଁ ମଦ କେନର ବ୍ୟବହାର କରାଯାଏ। ବହୁତ ଲୋକ ଏହାକୁ ପସନ୍ଦ କରିବା ସହିତ ଡେନ୍‌ମାର୍କ ଯିବାକୁ ପଡିବ ବୋଲି କହିଛନ୍ତି। ଅନ୍ୟ ଜଣେ ଏହି ଯୋଗ ଦ୍ୱାରା ଆମ ପରମ୍ପରାର ମଜା ଉଡାଯାଉଥିବା କହିଛନ୍ତି।


XXXXX-V-Drainage-127/2019

## BHUBANESWAR MUNICIPAL CORPORATION

**No. 26973 Dt 02.06.2023**

## COMPETITIVE BIDDING THROUGH e-PROCUREMENT
## NOTICE INVITING TENDER

**Bid Reference No. BMC-EE-DD-5/2023-24**

No.C-503:- On behalf of the Commissioner, Bhubaneswar Municipal Corporation, City Engineer, Bhubaneswar Municipal Corporation invites **Percentage Rate Bids for the work mentioned in the DTCN** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in **Two Bid system** (Part-I: General & Technical Bid and Part-II: Financial Bid/Price Bid/BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement**. Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website **www.tendersodisha.gov.in** by eligible bidders. The bidders should have necessary Portal Enrolment (Digital Signature Certificate) under e-procurement process of Govt. of Odisha in required class/ category. For queries, if any on this DTCN, intending bidders may contact Superintending Engineer, Drainage Division, Bhubaneswar Municipal Corporation.

1. Total No. of works for which Tenders invited: **03 Nos.**
2. Place of Execution: Different locations in Bhubaneswar Municipal Corporation area.
3. Estimated Cost of Individual Work: **Rs. 55,97,070/- to Rs. 80,51,902/-** and Class of Contractor - **'B'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is https://www. tendersodisha.gov.in.
5. The bid documents will be available in the above website from **10.30 AM on Dt.05.06.2023 to 5.00 PM on Dt. 21.06.2023** for online bidding.
6. Last date &. time of bidding on-line **Dt. 21.06.2023 at 5.00 PM.**
7. The Technical bid received online will be opened at **11.00 A.M on Dt. 22.06.2023**
8. The bidder must possess valid and compatible **Digital Signature Certificate (DSC).**
9. The successful bidder has to furnish Additional Performance Security (APS) as detailed in the DTCN failing which the bid shall not be considered.
10. The DTCN of works shall be available in the e-procurement portal https:// www.tendersodisha.gov.in for on-line bidding.
11. Subsequent reserves corrigendum, if required, shall appear in these websites.
12. Authority reserves the right to reject any or all the tenders without assigning any reasons thereof subject to the limitations prescribed by Central Vigilance Commission.

**By Order of Commissioner, BMC**
Sd./- **Superintending Engineer**
**Bhubaneswar Municipal Corporation**

OIPR-13002/11/0053/2324


# ୮୦ ବର୍ଗଫୁଟ ଘରେ ଜୀବନ

ୱାଶିଂଟନ



ବହୁତ ଲୋକ ବିଦେଶରେ ରହିବାକୁ ସ୍ୱପ୍ନ ଦେଖିଥାନ୍ତି। ସେଥିପାଇଁ ସେଠାରେ ଚାକିରି କରିବାକୁ ଚେଷ୍ଟା କରିଥାନ୍ତି। ଅନେକ ଲୋକ ଭାବୁଥିବେ ଯେ ବିଦେଶରେ ଜୀବନଶୈଳୀ ଅତ୍ୟନ୍ତ ସୁଖଦାୟକ। ହେଲେ ନିକଟରେ ଆମେରିକାର ଜଣେ ଯୁବତୀ ତାଙ୍କ ଜୀବନଶୈଳୀ ସମ୍ପର୍କରେ କହିଛନ୍ତି। ରିପୋର୍ଟ ମୁତାବକ, ଆମେରିକା ନ୍ୟୁୟର୍କରେ ୨୫ ବର୍ଷୀୟା ଅଲାଇନା ରାଣ୍ଡାଜୋ ବର୍ଷେ ହେବ ରହୁଛନ୍ତି। ମାତ୍ର ୮୦ ବର୍ଗଫୁଟ ଘରେ ସେ ରହୁଥିବା କହିଛନ୍ତି। ଏତିକି ଛୋଟ ଅଞ୍ଚଳରେ ଶୋଇବା ଘର, ଲିଭିଂ ରୁମ୍ ଏବଂ ରୋଷେଇ ଘର ସେଠାରେ ମିଳୁଛି। ହେଲେ ସେଠାରେ ଗାଧୁଆ ଘର, ଝରକା ନ ଥିବା ସେ କହିଛନ୍ତି। ଅଲାଇନା ତାଙ୍କର ଏହି ଛୋଟଘରର ଫଟୋ ଶେୟାର କରିଛନ୍ତି। ପ୍ରକୃତରେ ସେ ମିଶୋରୀର ବାସିନ୍ଦା। ସେ ସେଠାରେ ଏକ ଆଲିଶାନ୍ ଘରେ ରହୁଥିଲେ। ସେଥିପାଇଁ ତାଙ୍କୁ ମାସକୁ ୨ ଲକ୍ଷ ଟଙ୍କା ଘରଭଡ଼ା ଦେବାକୁ ପଡୁଥିଲା। ପରେ ତାଙ୍କୁ ନ୍ୟୁୟର୍କର ଏହି ଘର ବାବଦରେ ଜଣାପଡ଼ିଲା। ସେଥିପାଇଁ ସେ ନିଷ୍ପତ୍ତି ନେଲେ ଯେ ସେ ନ୍ୟୁୟର୍କରେ ରହିବେ। ସେ ଏହି ଘରକୁ ଆସିବା ପରେ ତାଙ୍କୁ ଘରଟି ବହୁତ ଛୋଟ ଲାଗିଲା। ହେଲେ ସେ ଟଙ୍କା ବଞ୍ଚାଇବାକୁ ଯାଇ ତାଙ୍କ କୁକୁର ସହ ଏଠାରେ ରହିଗଲେ। ଏଠାରେ ତାଙ୍କୁ ମାସିକ ୫୪ ହଜାର ଟଙ୍କା ଦେବାକୁ ପଡୁଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସଞ୍ଜୟ ରାଉତ ରାଉତଙ୍କ ଛେପ ପକାଇବା ବିବୃତିକୁ ନେଇ ବିବାଦ

**ମୁମ୍ବାଇ,୩।୬**

ବିଶ୍ୱାସଘାତକଙ୍କ ଉପରେ ଛେପ ପକାଇବା ହିନ୍ଦୁ ସଂସ୍କୃତି। ଏପରିକି ସ୍ୱାଧୀନତା ସଂଗ୍ରାମୀ ବୀର ସାବରକର ମଧ୍ୟ ବିଶ୍ୱାସଘାତକଙ୍କ ଉପରେ ଛେପ ପକାଇଥିଲେ। ମୁଁ ଯାହା କରିଛି ସେଥିପାଇଁ କାହିଁକି ଏତେ ପାଟିତୁଣ୍ଡ ହେଉଛି ବୋଲି ବରିଷ୍ଠ ଶିବସେନା (ୟୁବିଟି) ନେତା ତଥା ରାଜ୍ୟସଭା ସଦସ୍ୟ ସଞ୍ଜୟ ରାଉତ କହିଛନ୍ତି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ସମର୍ଥକ ନେତାଙ୍କ ନାମ ଶୁଣିବା ପରେ ସଞ୍ଜୟ କ୍ୟାମେରାରେ ଛେପ ପକାଇବା ସହିତ ଏଭଳି କହିଥିଲେ।

ସଞ୍ଜୟ ଶନିବାର ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ନାଶିକରୁ ତ୍ର୍ୟମ୍ବକେଶ୍ୱର ଯାଉଥିବାବେଳେ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ତାଙ୍କର ଏଭଳି କାର୍ଯ୍ୟ ପରେ ଏକନାଥ ଶିନ୍ଦେଙ୍କର ଶିବସେନା ନେତା ଓ କର୍ମୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଶିନ୍ଦେ ସମର୍ଥକମାନେ ମହାରାଷ୍ଟ୍ରରେ ସଞ୍ଜୟ ରାଉତଙ୍କ ବିରୋଧରେ 'ଜୋତା ମାରୋ ଆନ୍ଦୋଳନ' ଆରମ୍ଭ କରିଛନ୍ତି। ତାଙ୍କ ଫଟୋ ଏବଂ ପୋଷ୍ଟରରେ ଜୋତା ଏବଂ ଚପଲ ପକାଯାଉଛି। କେତେକ ତାଙ୍କୁ ଜେଲ ପଠାଇବାକୁ ଦାବି କରୁଥିବାବେଳେ କେତେକ ତାଙ୍କ ବିରୋଧରେ କ୍ରୂରତା ମାମଲା ରୁଜୁ କରିବାକୁ ଦାବି କରୁଛନ୍ତି। ସଞ୍ଜୟଙ୍କ ମାନସିକ ସନ୍ତୁଳନ ଖରାପ ହୋଇଯାଇଛି ବୋଲି ଶିନ୍ଦେଙ୍କ ସମର୍ଥକ ଅଭିଯୋଗ ଆଣିଛନ୍ତି। ସଞ୍ଜୟ ଏହାର ଜବାବରେ କହିଛନ୍ତି, ଅପେକ୍ଷା କର ଜନସାଧାରଣ ଶିନ୍ଦେ ଏବଂ ତାଙ୍କ ସମର୍ଥକଙ୍କୁ ଜୋତାରେ ପିଟିବେ। ବିଶ୍ୱାସଘାତକଙ୍କୁ ଜୋତାରେ ପିଟିବା ପାଇଁ ଜନସାଧାରଣ ନିର୍ବାଚନକୁ ଅପେକ୍ଷା କରିଛନ୍ତି।

# ରାଜନୀତି ଛାଡ଼ିବା ଯୋଜନା ନାହିଁ: ଗଡ଼କରୀ

**ନୂଆଦିଲ୍ଲୀ, ୩।୬(ଆଇଏଏନ୍ଏସ୍)**




କ୍ଷମତା ରାଜନୀତି ଅପେକ୍ଷା ସେବାର ରାଜନୀତିରେ ବିଶ୍ୱାସ କରେ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ସେ ରାଜନୀତି ଛାଡ଼ିବା ନେଇ ହେଉଥିବା କଳ୍ପନାଜଳ୍ପନାକୁ ବରିଷ୍ଠ ଭାଜପା ନେତା ଖଣ୍ଡନ କରିଛନ୍ତି। ତାଙ୍କର ରାଜନୀତି ଛାଡ଼ିବାର ଯୋଜନା ନାହିଁ। ଭାଜପା ସଂସଦୀୟ ବୋର୍ଡରେ ତାଙ୍କୁ ସାମିଲ କରା ନ ଯିବା ନେଇ ଦଳର ନିଷ୍ପତ୍ତିରେ ସେ ଅସନ୍ତୁଷ୍ଟ ନୁହନ୍ତି ବୋଲି କହିଛନ୍ତି। ତାଙ୍କ ମତାମତକୁ ଠିକ୍ ଭାବେ ଉପସ୍ଥାପନ କରାଯାଉ ନାହିଁ। ସେ ରାଜନୀତି ଛାଡ଼ିବାର କୌଣସି କାରଣ ନାହିଁ ବୋଲି ଗଡ଼କରୀ କହିଛନ୍ତି।

ସମାଜର ସେବା କରିବା ହେଉଛି ରାଜନୀତି। ଏହା କେବଳ କ୍ଷମତା ପାଇଁ ନୁହେଁ। ସମାଜ ସେବା ସହ ଦେଶ ପାଇଁ କାମ କରିବା ଏବଂ ବିକାଶମୂଳକ କାର୍ଯ୍ୟକୁ ଆଗେଇନେବା ହେଉଛି ରାଜନୀତି। ସେ ସେବା ରାଜନୀତି ପ୍ରତି ଅଧିକ ଆଗ୍ରହୀ ଥିବାବେଳେ କେତେଜଣ ଏହାର ଭୁଲ୍ ଉପସ୍ଥାପନା କରୁଥିବା ଗଡ଼କରୀ ଏକ ସାକ୍ଷାତ୍କାରରେ କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ବିରୋଧରେ ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଲାଗି ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏନେଇ ପ୍ରଶ୍ନ ହେବାରୁ ଗଡ଼କରୀ କହିଥିଲେ, ରାଜନୀତିରେ ୨ ଯୁକ୍ତ ୨ କଦାପି ୪ ହୋଇ ନ ଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମ କାର୍ଯ୍ୟ ଆଧାରିତ ପ୍ରଦର୍ଶନକୁ ବିଚାର କରି ଦେଶବାସୀ ପୁଣିଥରେ ଦେଶର ବିକାଶ ପାଇଁ ଭାଜପାକୁ ଜିତାଇବେ ବୋଲି ଗଡ଼କରୀ କହିଛନ୍ତି।

# ଅଖିଳେଶ ନାମକୁ ମାତ୍ର ଅଧ୍ୟକ୍ଷ: ହରିଓମ୍

**ଲକ୍ଷ୍ନୌ,୩।୬ :** ସମାଜବାଦୀ ପାର୍ଟି (ଏସପି)ର ପୃଷ୍ଠପୋଷକ ତଥା ଉତ୍ତରପ୍ରଦେଶର ପୂର୍ବତନ ବିଧାୟକ ମୁଲାୟମ ସିଂ ଯାଦବଙ୍କ ସମୁଦି ତଥା ପୂର୍ବତନ ବିଧାୟକ ହରିଓମ ଯାଦବ ପୁଣି ଥରେ ଏସ୍‌ପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ସାଧାରଣ ସମ୍ପାଦକ ରାମ ଗୋପାଲ ଯାଦବଙ୍କୁ ଟାର୍ଗେଟ କରିଛନ୍ତି। ହରିଓମ କହିଛନ୍ତି ଅଖିଳେଶ ଯାଦବ କେବଳ ନାମକୁ ମାତ୍ର ଦଳର ଅଧ୍ୟକ୍ଷ। ଦଳର ପୂରା ଡୋର ରାମ ଗୋପାଲ ଯାଦବଙ୍କ ହାତରେ ରହିଛି।

ଶିବପାଲ ଯାଦବଙ୍କ ବିଷୟରେ ନିଜର ମତ ରଖି ସେ କହିଛନ୍ତି, ଯଦି ଶିବପାଲ ଭାଜପାରେ ଯୋଗ ଦେଇଥାନ୍ତେ ତେବେ ତାଙ୍କୁ ସମ୍ମାନ ଦିଆଯାଇଥାନ୍ତା। ଏହା ସହିତ ଭାଜପା ତାଙ୍କୁ କୌଣସି ସ୍ଥାନରୁ ଏମ୍‌ପି କରିଥାନ୍ତା। ଏସପିରେ ଶିବପାଲଙ୍କ କଥା କେହି ଶୁଣୁ ନାହାଁନ୍ତି। ଭାଜପାରେ ତାଙ୍କର ଅଧ୍ୟାୟ ଶେଷ ହୋଇଛି। କିନ୍ତୁ ଯେ କୌଣସି ସମୟରେ ତାହା ଆରମ୍ଭ ମଧ୍ୟ ହୋଇପାରେ। ଅଖିଳେଶ ଯାଦବ ତାଙ୍କ ଲୋକଙ୍କ ରିପୋର୍ଟ କାର୍ଡ ପ୍ରସ୍ତୁତ କରିବା ଉଚିତ। ରାମଗୋପାଲ ଯାଦବ ନିଜେ କେବେ ହେଲେ ନିର୍ବାଚନ ଜିତିପାରିବେ ନାହିଁ। ଯଦି ସୈଫଇରୁ ରାମଗୋପାଲ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ତେବେ ତାଙ୍କୁ ମଧ୍ୟ ସେଠାରୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ହରିଓମ୍ କହିଛନ୍ତି।

ସୂଚନାଯୋଗ୍ୟ ହରିଓମ୍ ଏସପି ଟିକଟରେ ତିନିଥର ବିଧାୟକ ହୋଇଥିଲେ। ସେ ୨୦୨୨ରେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ଶିବିରରେ ଯୋଗ ଦେଇଥିଲେ। ସେ ୨୦୦୨ରେ ଶିଖୋହାବାଦରୁ ଏବଂ ୨୦୧୨ ଏବଂ ୨୦୧୭ରେ ସିରସାଗଞ୍ଜ ଆସନରୁ ବିଧାୟକ ହୋଇଥିଲେ। ୨୦୨୨ ୟୁପି ବିଧାନସଭା ନିର୍ବାଚନରେ ହରିଓମଙ୍କୁ ସିରସାଗଞ୍ଜରୁ ଏସପି ଟିକେଟ ଦେବାକୁ ମନା କରିଦେଇଥିଲା। ଏହା ପରେ ସେ ଭାଜପାରେ ଯୋଗ ଦେଇଥିଲେ।

# କଂଗ୍ରେସରେ ଯୋଗଦେଲେ ଭାଜପା, ବିଜେଡି କର୍ମୀ


କଂଗ୍ରେସରେ ସାମିଲ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

**ଚଣ୍ଡିଖୋଲ,୩।୬(ଡି.ଏନ୍.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଡୁକା ପଞ୍ଚାୟତର ଭାକୁଡ଼ ହରିଗୋସେଇଁ ସାଂସ୍କୃତିକ ପରିଷଦ ପ୍ରାଙ୍ଗଣରେ ଶୁକ୍ରବାର ରାତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପିସିସି ସମ୍ପାଦକ ତଥା ବଡ଼ଚଣା କଂଗ୍ରେସ ନେତା କ୍ୟାପ୍ଟେନ ରାଜନାରାୟଣ ମହାପାତ୍ରଙ୍କ ପ୍ରତି ଆକୃଷ୍ଟ ହୋଇ ୨୦୧୯ ପଞ୍ଚାୟତ ନିର୍ବାଚନରେ ଭାଜପାରୁ ୧୯ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀ ହୋଇଥିବା ତଥା ମାଣ୍ଡୁକା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ କିଶୋର ରାଉତଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ଭାଜପା ଓ ବିଜେଡି କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ଯୁବନେତା ମହାପାତ୍ର ସେମାନଙ୍କୁ ଉତ୍ତରୀୟ ଓ ଉପଢ଼ୌକନ ପ୍ରଦାନ କରି ଦଳରେ ସାମିଲ କରିଛନ୍ତି।

ଗତ କିଛି ବର୍ଷ ହେବ ବଡ଼ଚଣାରେ ଭାଜପା ଦିନକୁ ଦିନ ଦୁର୍ବଳ ହେଉଥିବାବେଳେ କଂଗ୍ରେସର ନେତୃତ୍ୱ ସାଧାରଣ ଲୋକଙ୍କ ନିକଟରେ ଆସ୍ଥାଭାଜନ ହେଉଛି, ଯାହାକୁ ଭରସା କରି ବହୁ ଭାଜପା କର୍ମୀ କଂଗ୍ରେସରେ ସାମିଲ ହେଉଥିବା ଦେଖାଯାଇଛି। ପ୍ରାକ୍ତନ ଯୁବକଂଗ୍ରେସ ସଭାପତି ନିରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମାଣ୍ଡୁକା ପଞ୍ଚାୟତର ମୁରଲୀ ଭୋଇ, କୈଳାସ ବେହେରା, ସରସ୍ୱତୀ ବେହେରା, ରେବତୀ ବେହେରା, ଜାନକୀ ବେହେରା, ସୁଦର୍ଶନ ବାରିକ, ଶ୍ୟାମସୁନ୍ଦର ଜେନା, ଭରତ ବେହେରା, ରବି ବେହେରା, ଦିବ୍ୟପ୍ରକାଶ ବେହେରା, ଅକ୍ଷୟ ବାରିକ, ନିରଞ୍ଜନ ଜେନାଙ୍କ ସମେତ ବହୁ କର୍ମକର୍ତ୍ତା କଂଗ୍ରେସରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ।

ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ଉପସଭାପତି ପ୍ରଦୀପ କୁମାର ମହାନ୍ତି, ଜିଲା ଛାତ୍ର କଂଗ୍ରେସ ସଭାପତି ସଞ୍ଜୀବ କୁମାର ସାମଲ, ଜିଲା ସାଧାରଣ ସମ୍ପାଦକ ଅଶୋକ ସାମଲ, ବିଚିତ୍ର ଜେନା, ଦୁଷ୍ମନ୍ତ ସାମଲ, ମାଣ୍ଡୁକା ପଞ୍ଚାୟତ ସଭାପତି ସୁଧୀର କୁମାର ଦାସ, ପ୍ରାକ୍ତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ନାୟକ, ସୁବାସ ଚନ୍ଦ୍ର ପରିଡ଼ା, ଅରକ୍ଷିତ ସିଂ, ଭାଗବତ ଦାସ, ପ୍ରଶାନ୍ତ ଦାସ ଓ ହେମନ୍ତ ପ୍ରଧାନ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶୁଭ୍ରକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଆସନ ଭାଗବଣ୍ଟା ନିଷ୍ପତ୍ତି ଏମ୍‌ଭିଏ ନେବ: ଅଜିତ ପାୱାର

**ମୁମ୍ବାଇ,୩।୬**

ଏନସିପି ନେତା ଅଜିତ ପାୱାର ପୁଣେ ଏବଂ ଭାୟନ୍ଦର-ଗୋନ୍ଦିଆ ଲୋକସଭା ଆସନରେ ପରିବର୍ତ୍ତନ ଚର୍ଚ୍ଚାକୁ ଗୁଜବ ବୋଲି କହିଛନ୍ତି। ସହଯୋଗୀ ଦଳ ମଧ୍ୟରେ ଆସନ ବଣ୍ଟନ ନେଇ ଆଲୋଚନା ଚାଲିଛି। ଶନିବାର ନାଗପୁରରେ ସେ ଖବରଦାତାଙ୍କୁ କହିଛନ୍ତି, ପୁଣେ କଂଗ୍ରେସର ପାରମ୍ପରିକ ଆସନ। ଭାୟନ୍ଦର-ଗୋନ୍ଦିଆ ୨୦୦୯ରୁ ଏନସିପିର ଗଡ଼ ହୋଇଆସିଛି। ୨୦୧୯ରେ ଭାଜପା ସେଠାରୁ ଜିତିଥିଲା ଏବଂ ପୁଣେରେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ଭାଜପା ଦ୍ୱାରା ପରାସ୍ତ ହୋଇଥିଲେ। ଶିବସେନା (ୟୁବିଟି) ଏବଂ କଂଗ୍ରେସ ସେମାନଙ୍କ ଆସନ ଉପରେ ସର୍ଭେ କରୁଛନ୍ତି। ଆସନ ଭାଗବଣ୍ଟା ପାଇଁ ରବିବାର ପୁଣେରେ ମହାବିକାଶ ଅଘାଡି (ଏମ୍‌ଭିଏ) ମେଣ୍ଟର ବୈଠକ ବସୁଥିବା ଅଜିତ କହିଛନ୍ତି। ପଙ୍କଜା ମୁଣ୍ଡେଙ୍କ ପ୍ରାର୍ଥୀତ୍ୱ ପ୍ରଶ୍ନରେ ଅଜିତ କହିଛନ୍ତି ଏହା ଭାଜପାର ଆଭ୍ୟନ୍ତରୀଣ ପ୍ରସଙ୍ଗ। ଏହା ଉପରେ ମୋର ମନ୍ତବ୍ୟ ଦେବା ଅନୁଚିତ ବୋଲି ଏନ୍‌ସିପି ନେତା କହିଛନ୍ତି।

**ରାଜ୍ୟଖବର**

# ପ୍ରତ୍ୟେକ ଜିଲାରେ ଖୋଲିବ 'କାଳିଆ' ସେଣ୍ଟର

**ଭୁବନେଶ୍ୱର,୩।୬(ବ୍ୟୁରୋ)**

କୃଷକମାନଙ୍କ ପାଇଁ ରାଜ୍ୟର ପ୍ରତ୍ୟେକ ଜିଲାରେ 'କାଳିଆ' ସେଣ୍ଟର ଖୋଲିବ। ଏହି ସେଣ୍ଟର ଚାଷୀଙ୍କୁ ନୂତନ କୃଷି ପ୍ରଣାଳୀ ବିଷୟରେ ଅବଗତ କରାଇବ ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସେହି ସେଣ୍ଟରରେ ବୈଷୟିକ ଜ୍ଞାନ ଦକ୍ଷତା ଥିବା ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯିବ। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କୃଷକ ଉଦ୍ୟୋଗ ଯୋଜନା, ସଫଳ, ଗୋ ସୁଗମ, କୃଷକ ଓଡ଼ିଶା ଏବଂ କାଳିଆ ଭଳି ଯୋଜନାରେ ଥିବା ସମସ୍ୟାର ସମାଧାନ ହୋଇପାରିବ। କାଳିଆ ସେଣ୍ଟର ପ୍ରତ୍ୟେକ ସରକାରୀ କାର୍ଯ୍ୟ ଦିବସରେ ସକାଳ ୧୦ଟାଠାରୁ ଅପରାହ୍ଣ ୫ଟା ୩୦ ମିନିଟ ପର୍ଯ୍ୟନ୍ତ ଖୋଲା ରହିବ। ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯିବ। କାଳିଆ ସେଣ୍ଟର ପାଇଁ ଜିଲା ମୁଖ୍ୟାଳୟ ଆଖପାଖରେ ଏକ କୋଠାଘର ବ୍ୟବସ୍ଥା କରିବାକୁ କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। କେନ୍ଦ୍ରକୁ ଆସୁଥିବା କୃଷକମାନଙ୍କର ସମସ୍ୟା ଓ ଏ ଦିଗରେ ଗ୍ରହଣ କରାଯାଉଥିବା କାର୍ଯ୍ୟାନୁଷ୍ଠାନର ରିପୋର୍ଟ ଓ ପରାମର୍ଶ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ରେକର୍ଡ କରାଯିବ। ଚାଷୀମାନଙ୍କ ସଚେତନତା ନିମନ୍ତେ କେନ୍ଦ୍ରଗୁଡ଼ିକରେ କୃଷି ବିଭାଗର ପ୍ରମୁଖ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାମାନ ପ୍ରଦର୍ଶିତ ହେବ।

ରାଜ୍ୟ ସରକାର କ୍ଷୁଦ୍ର, ନାମମାତ୍ର ଏବଂ ଭୂମିହୀନ ଚାଷୀମାନଙ୍କ ପାଇଁ ୨୦୧୮ରୁ କୃଷକ ଆସିଷ୍ଟାଣ୍ଟ ଫର୍ ଲାଇଭଲିହୁଡ୍ ଆଣ୍ଡ ଇନ୍‌କମ ଅଗମେଣ୍ଟେଶନ (କାଳିଆ) ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କାଳିଆ ଯୋଜନାରେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ୪୩,୦୪,୮୭୦ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୭,୭୧,୭୫୬ ଭୂମିହୀନ ଚାଷୀଙ୍କୁ ଆର୍ଥିକ ସହାୟତା ବାବଦରେ ୧୧,୬୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ କାଳିଆ ହିତାଧିକାରୀ ପରିବାରଙ୍କ ୧୬୨୪ ଜଣ ପିଲାଙ୍କୁ କାଳିଆ ଛାତ୍ରବୃତ୍ତି ବାବଦରେ ୩.୯୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ସରକାର କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କ ଆୟ ବୃଦ୍ଧି କରିବାକୁ କାଳିଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି।

# କେନ୍ଦ୍ର ରାଜସ୍ୱ, ଗୃହ ସଚିବଙ୍କ ସହ କଥା ହେଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କେନ୍ଦ୍ର ରାଜସ୍ୱ ସଚିବ, କେନ୍ଦ୍ର ଗୃହ ବିଭାଗ ସଚିବଙ୍କ ସହିତ କଥା ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଓଡ଼ିଶା ସରକାରଙ୍କ ତରଫରୁ କରାଯାଇଥିବା ଉଦ୍ଧାର କାର୍ଯ୍ୟ ଓ ପରବର୍ତ୍ତୀ ସହାୟତା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଶନିବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଅଦ୍ୟାବଧି ମିଳିଥିବା ରିପୋର୍ଟ ଅନୁସାରେ ଏହି ଦୁର୍ଘଟଣାରେ ୨୮୮ ଜଣଙ୍କର ମୃତ୍ୟୁ ଘଟିଛି। ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଆହତ ହୋଇଥିବା ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଯାତ୍ରୀମାନଙ୍କୁ ଭର୍ତ୍ତି କରାଯାଇ ସେମାନଙ୍କ ଚିକିତ୍ସା ଜାରି ରହିଛି। ସେଥିମଧ୍ୟରୁ ଅଳ୍ପ ଆହତ ହୋଇଥିବା ଅଧିକାଂଶ ଯାତ୍ରୀ ଚିକିତ୍ସା ପରେ ଡାକ୍ତରଖାନାରୁ ନିଜ ଘରକୁ ଯାଇଛନ୍ତି।


# Classified Everyday
**0674-2580101, 2549949**


**MATRIMONIAL**

**BRIDE WANTED**

Handsome Karan boy 1995, 5'6" MBA Serving Executive reputed Bank, Bhubaneswar. "SUNASANSAR". 9937512659, 8249969649. D-74871

Age-29, Bank ଚାକିରିଆ unmarried ଭୁବନେଶ୍ୱରସ୍ଥିତ ଖଣ୍ଡାୟତ ପୁଅଙ୍କୁ ଯେକୌଣସି ଜାତିର Married/ Unmarried ଝିଅ ଦରକାର। 6371298869. D-0507

Brahmin Groom 56 yrs, 5ft. 3inch Govt. Service, Caste No Bar. Widow and Divorced allowed. Mob: 9740761380. D-0492

**GROOM WANTED**

57 ବୟସ୍କା, Central Government ଚାକିରିଆ unmarried କରଣ ଝିଅଙ୍କୁ Anycaste ପୁଅ ଦରକାର। 7008080967. D-0471

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

43 aged ଖଣ୍ଡାୟତ widow Railway ରେ କାମ କରୁଥିବା ନିଃସନ୍ତାନ ଝିଅଙ୍କୁ ଘରଜ୍ୱାଇଁ ଦରକାର। 6371049105. D-0473

Govt.Nurse ବାପା, ମାଁ ନଥିବା 34 ବୟସ୍କା ତେଲୁଗୁ ଝିଅଙ୍କୁ Anycaste Married/ Unmarried ପୁଅ ଦରକାର। 6371085658. D-0471


**AUTOMOBILE**

**SALE**

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact- 9827516256. 7504690838. D-74869

Old 2516 Tippers, Tankers (Water & Diesel) and JCB 430Z Loaders are available for Sale at REPL Complex Doliambo Simliguda, Orissa. Contact No. 6281867622, 7727016021. D-0496

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**REAL ESTATE**

**SALE**

Plot for Sale- 5200sqft. Mouza- Basuaghai infront of Sai Temple. Contact- Rakesh Jena. Mob- 9337203932. D-0446

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

Ready to move duplex at Sahidnagar, Bhubaneswar and Damana Patia. 6371040313, +91 6370281072. D-0498

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866

Land for sale at Sundarpada 12050sqft. private land. Contact: 9437075283. D-0463

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft- 3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870

**Gharabari land for sale near Barunei, Khurda. Only genuine buyer contact on 6371543787.** D-0374

ସ୍ଥିତିବାନ ଗୃହ ଉପଯୋଗୀ ପ୍ଲଟ ପିତାପଲ୍ଲୀ ଓ ଛତାବରରେ ୩୦ft ରୋଡ ଓ ଇଲେକ୍ଟ୍ରିସିଟି ଥାଇ ସୁଲଭ ଦରରେ ମିଳୁଛି। 8658219495 D-0468

ନଖରାଛକ East Engineering College ପାଖରେ Sqft. 1550/-, Main roadରୁ 500 mtr. sqft.1050/-, 800/- Boundary, ଘରବାରି, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ - 9178704897. D-74865

**Gharabari plots with boundary wall at Balianta ready to construction for sale. Contact: 9438620034.** D-0414

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Full body massage relax body mind by trend lady therapist. 7008773793. D-75110

Asribadа Panchakarma herbal SPA Kesharimall, Bhubaneswar. Contact: 8926173473. D-74688

Herbal full body massage by smart / expert therapist. Contact: 7846923244. D-74691

All types of professional body massage by professional therapy. Contact: 9556924059, 7077933109. D-0499

Spa full body Massage only best therapist Gents & ladies @699/-, Bhubaneswar. 9337672475. D-0484

Newly open health benefits Spa special offer @799 Jaydev Vihar. 8018429809. D-75113

**LOST**

All Property Documents Missing- Land 77/55 Village Palasa Kha(Barbil Tehsil, Keonjhar) Registered Sale Deed No. 69/2009 (031434 to 031440 & 094976 to 094981) Seller: Prabha Bhura via POA Rajendra Prasad Agrawal. Purchasers: Sachin and Deepak Agarwal.Contact: 9437979999 FIR is registered LR No. 495961/2023 & 496649/2023. D-75114

**AFFIDAVIT**

I Bishnupriya Senapati, W/o- Prem Prakash Senapati, At Senapati Bhawan, Near Town Police Station grand road, PS.- Puri Town, PO/ Dist- Puri, Pin- 752001 Declared by this affidavit No.03 Dt:- 31.05.2023 that now onwards I shall be known as Bishnupriya Senapati for all further purposes. D-69084


# ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏଁସ୍ମିତିପ୍ରଜ୍ଞା ସାହୁ (ରୋଜି)**
କଟକ
ଆବିର୍ଭାବ: ୦୩।୧୨।୧୯୮୭
ତିରୋଧାନ: ୨୦।୦୬।୨୦୧୬
ଦେବସ୍ନାନ ପୂର୍ଣ୍ଣିମା
ଆଜିର ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ପାଖରେ ଆକୁଳ ପ୍ରାର୍ଥନା ତୋର ଆତ୍ମାର ସଦ୍‌ଗତି ପାଇଁ।
ପ୍ରତିକ୍ଷଣେ ଥାଉ ସାଥିରେ ମୋହର
ପରଶ ମୁଁ ପାଏ ତୋର
ଅମଡ଼ା ବାଟରେ ଝୁଣ୍ଟିଗଲେ କେବେ
ହାତ ଧରି ନେଉ ମୋର।
ତୋର ବାବା, ମାମା, ଲୋନି ଓ ଓମ୍‌ଶ୍ରୀ
ଧ-୦୫୦୪

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ଏଁ କାନନବାଳା ମହାପାତ୍ର**
ଆବିର୍ଭାବ : ୧୩.୦୩.୧୯୫୬
ତିରୋଧାନ : ୨୭.୦୫.୨୦୨୧
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା ସିନା, ହେଲେ ତୁମର ମୁହଁ ଆଜି ବି ଦିଶିଯାଉଛି ଆମ ଆଗରେ। ତୁମ ହାତଗଢ଼ା ସଂସାରର ପ୍ରତିଟି ସ୍ମୃତି ଆଜିବି ଜୀବନ୍ତ, ଯେଉଁଠି ଥାଅ ଭଲରେ ଥାଅ ଏତିକି କାମନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ସ୍ୱାମୀ, ପୁତ୍ର, ପୁତ୍ରବଧୂ, ମହାପାତ୍ର ପରିବାରବର୍ଗ ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୪୫୪୫

## ଏ ସପ୍ତାହର ପ୍ରଶ୍ନ

୧– ଭାରତରେ ୨୦୨୩ ମସିହାରେ............. ପ୍ରତିଶତ କ୍ଷୁଦ୍ର ଚାଷୀ ଅଛନ୍ତି ?
୨– ‘ୱାର୍ଲ୍ଡ ୟୁଏଫ୍‌ଓ ଡେ’ ........... ତାରିଖରେ ପାଳନ କରାଯାଏ ?
୩– ଅକ୍ଟୋବର ୧୬ ତାରିଖକୁ ............... ଦିବସ ଭାବେ ପାଳନ କରାଯାଏ ?
୪– ‘ଡ୍ରିମ୍‌ନେଶନ: ୟୁନାଇଟିଙ୍ଗ୍ ଏ କଣ୍ଟ୍ରି ୱିଥ୍ ହ୍ୟାଣ୍ଡରିଟେନ୍ ଡ୍ରିମ୍ସ’ ପୁସ୍ତକର ଲେଖକ .......... ?
୫– ହିମାଚଳ ପ୍ରଦେଶର ଦ୍ୱିତୀୟ ରାଜଧାନୀ ................ ?

## ଗତ ଥରର ଉତ୍ତର

୧ ରାଜସ୍ଥାନ
୨ ୧୦୦ ବର୍ଷ
୩ ଇଥାନେଥିଅଲ୍ ଗ୍ୟାସ୍
୪ ବାହାଦୁର ଶାହ ୨
୫ ବ୍ରିଜେନ୍ଦ୍ର ରେଡ୍ଡି

## ଉତ୍ତରଦାତା


ଧରିତ୍ରୀ ରଞ୍ଜିତା ହୋତା, ସୁନ୍ଦରଗଡ଼


ଦିଗନ୍ତ ବେହେରା, ଖୋର୍ଦ୍ଧା


ସମୀର ରଞ୍ଜନ ମିଶ୍ର, ଝାରସୁଗୁଡ଼ା


ସତ୍ୟବ୍ରତ ରାୟସିଂ, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

# ଡିଜିଟାଲ୍ ଠକେଇ



ବର୍ତ୍ତମାନ ଟେକ୍ନୋଲୋଜି ଯେତେ ଯେତେ ଉନ୍ନତ ହେଉଛି, ଜନସାଧାରଣଙ୍କ ପାଇଁ ପ୍ରତ୍ୟେକ କାର୍ଯ୍ୟ ସେତେ ସରଳ ହୋଇଯାଉଛି। ହେଲେ ଏହାର ଦୁରୁପଯୋଗ କରି ଲୋକଙ୍କୁ କ୍ଷତି ପହଞ୍ଚାଉଥିବା ଲୋକେ ବି ସେହି ଅନୁସାରେ ବଢ଼ି ବଢ଼ି ଚାଲିଛନ୍ତି। ଉଦାହରଣ ସ୍ୱରୂପ ଇଣ୍ଟରନେଟ୍‌କୁ ନେଇପାରିବେ। ଏହାଦ୍ୱାରା ମଣିଷସମାଜ ଅନେକ ଉପକୃତ ହେଉଥିବା ବେଳେ ଏହାକୁ ବ୍ୟବହାର କରି କେତେକ ଅସାମାଜିକ ବ୍ୟକ୍ତି ଅନେକଙ୍କୁ ଠକୁଥିବାର ବି ନଜିର ରହିଛି। ତେଣୁ ଇଣ୍ଟରନେଟ୍‌କୁ ସୁରକ୍ଷିତ ଭାବେ ବ୍ୟବହାର କରିବା ଦିଗରେ ସଭିଙ୍କୁ ସଚେତନ କରାଇବା ଲାଗି ପ୍ରତିବର୍ଷ ଜୁନ୍ ମାସକୁ **‘ଇଣ୍ଟରନେଟ୍ ସେଫ୍ଟି ମନ୍ଥ’** ଭାବେ ପାଳନ କରାଯାଉଛି।

**ବଢ଼ୁଛି ସାଇବର ଠକେଇ:** ବର୍ତ୍ତମାନ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ସମ୍ବନ୍ଧିତ ଠକେଇ ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏସ୍‌ଏମ୍‌ଏସ୍ ଫିଶିଙ୍ଗ୍ ହେଉ ଅବା କେୱାଇସି ଅପ୍‌ଡେଟ୍ କିମ୍ବା ଆଉ କେବେ ଅନ୍‌ଲାଇନ୍ ଲୋନ୍ ଦେବା ନାଁରେ ଲୋକଙ୍କୁ ଠକାଯାଉଛି। ଆର୍‌ବିଆଇ ପକ୍ଷରୁ ବାରମ୍ବାର ଏ ନେଇ ସତର୍କ କରାଯାଉଛି ଏବଂ ବିଭିନ୍ନ ପ୍ରକାରର ସୁରକ୍ଷା ବ୍ୟବସ୍ଥା କରାଯାଉଛି। ତଥାପି ମଧ୍ୟ ଗତ ଏକ ବର୍ଷରେ ଅନ୍‌ଲାଇନ୍ ଠକେଇ ଭଳି ସାଇବର କ୍ରାଇମ୍ ସଂଖ୍ୟା କମିବା ବଦଳରେ ଦୁଇ ଗୁଣ ବଢ଼ିଥିବା ଇଣ୍ଟରନେଟ୍ କ୍ରାଇମ୍ କମ୍ପ୍ଲେନ୍ ସେଣ୍ଟର ପକ୍ଷରୁ ଜଣାପଡ଼ିଛି।

**ଲୋନ୍ ସାଜିଛି ମାୟାଜାଲ:** ଛୋଟ ଲୋନ୍ ବା ସ୍ୱଳ୍ପ ଅର୍ଥ ଦେଉଥିବା କମ୍ପାନି ମଧ୍ୟରୁ ଅନେକେ ଠକ ଥାଆନ୍ତି। ସେମାନେ ଲୋନ୍ ଦେବା ପାଇଁ ପ୍ରଥମେ ତାଙ୍କ ଆପ୍‌ରେ ରେଜିଷ୍ଟ୍ରେଶନ୍ କରିବାକୁ କୁହନ୍ତି। ସେଥିରେ ଏକ ଲିଙ୍କ୍ ପଠାନ୍ତି, ଯାହାକୁ କ୍ଲିକ୍ କଲେ ଲୋନ୍ ମିଳିବ ବୋଲି କୁହନ୍ତି। ସେଥିରେ କ୍ଲିକ୍ କରି ପ୍ଲେ ଷ୍ଟୋର୍‌ରୁ ଆପ୍ ଡାଉନ୍‌ଲୋଡ୍ କରିବାକୁ କୁହନ୍ତି। ଯଦ୍ୱାରା ଆପଣଙ୍କ ପର୍ସନାଲ୍ ଡାଟା ହ୍ୟାକ୍ ହୋଇଯିବା ସହ ସମସ୍ତ ଟଙ୍କା ଚୋରି ହୋଇଯିବାର ଆଶଙ୍କା ରହିଛି।

ସେହିପରି କେତେକ ମାଇକ୍ରୋ ଫାଇନାନ୍ସିଙ୍ଗ୍ ଆପ୍ ଆଧାରକାର୍ଡ ଏବଂ ପାନ୍‌କାର୍ଡ ଦ୍ୱାରା ଲୋନ୍ ଦେବାର ପ୍ରତିଶ୍ରୁତି ଦିଅନ୍ତି। ଏଭଳି ଆପ୍ ଡାଉନ୍‌ଲୋଡ୍ କଲେ ଫୋନ୍‌କୁ ଭାଇରସ୍ ଆସିବା ସହ ସ୍କାମର ଫୋନ୍‌ରୁ ପର୍ସନାଲ୍ ଡାଟା ଚୋରି କରିନିଅନ୍ତି। ତେଣୁ ଏ ଦିଗରେ ବିଶେଷ ସତର୍କ ରହିବା ଆବଶ୍ୟକ। ଏଭଳି ଆପ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ଏହାର ରିଭ୍ୟୁ, ରେଟିଂ ଆଦି ସହ ଏହାକୁ ଚଳାଉଥିବା କମ୍ପାନି ଓ ଏହା କେଉଁ ବ୍ୟାଙ୍କ୍ ସହ ଜଡ଼ିତ ଦେଖନ୍ତୁ। କାରଣ କୌଣସି କମ୍ପାନି ଲୋନ୍‌ଦେବା ପୂର୍ବରୁ ନିଜ ଗ୍ରାହକଙ୍କୁ ଏସବୁ ଡକ୍ୟୁମେଣ୍ଟ ମାଗି ନ ଥାଏ।

ସେହିପରି ବିନା କେୱାଇସି, ଭେରିଫିକେଶନ୍‌ରେ ଲୋନ୍ ଦେବାକୁ କହୁଥିବା କମ୍ପାନି ଆଦୌ ଭରସାଯୋଗ୍ୟ ନୁହେଁ।

■ଇଣ୍ଟରନେଟ୍‌ରେ ଓଟିପି ମାଗୁଥିବା କମ୍ପାନି ଆପଣଙ୍କ ପାଇଁ ବିପଦଜନକ ହୋଇପାରେ। ଏଠାରେ ସେମାନେ ଆପଣଙ୍କ ନମ୍ବର କିମ୍ବା ଆକାଉଣ୍ଟ ଡିଟେଲ୍ସ ନେଇ ସାଇନ୍ ଇନ୍ କରିବା ପରେ ହ୍ୱାଟ୍ସଆପ୍ କନ୍‌ଫର୍ମେଶନ୍ କୋଡ୍ ଜେନେରେଟ୍ କରନ୍ତି। ପରେ ଅନ୍ୟ ଡିଭାଇସ୍‌ରୁ ଆପଣଙ୍କ ହ୍ୱାଟ୍ସଆପ୍ ଲଗ୍‌ଇନ୍ କରନ୍ତି। ପରେ ମାଲ୍‌ୱେର୍, ଭାଇରସ୍ ଆଦି ମୋବାଇଲ୍‌ରେ ଥିବା ନେଇ ମେସେଜ୍ କରନ୍ତି ଏବଂ ଏହାକୁ ସଫା କରିବା ଲାଗି ଏକ ଲିଙ୍କ୍ ପଠାନ୍ତି, ଯାହାକୁ କ୍ଲିକ୍ କରିବା ମାତ୍ରେ ଆପଣଙ୍କ ଡାଟା ହ୍ୟାକ୍ ହୋଇଯିବା ସହ ବ୍ୟାଙ୍କ୍ ଆକାଉଣ୍ଟ ମଧ୍ୟ ଖାଲି ହୋଇଯିବ। ସେହିପରି ଲକି ଡ୍ର କୁପନ୍ କିମ୍ବା କ୍ୟାଶ୍ ପ୍ରାଇଜ୍ ଲୋଭ ଦେଖାଇ ମଧ୍ୟ ଅନେକ ଠକେଇ ହୋଇଥିବାର ନଜିର ରହିଛି।

**ମୋବାଇଲରେ କ୍ୟାଶ୍‌ଲେସ୍ ଇ–ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗୁ କେଉଁଆଡ଼େ ଗଲେ ପାଖରେ ଟଙ୍କା ରଖିବା ଓ ଏହା ଚୋରି ହେବାର ଟେନ୍‌ଶନ୍ କମିଛି। ହେଲେ ବର୍ତ୍ତମାନ ବିଭିନ୍ନ ବେଟିଂ ଆପ୍ସ ଓ ଅନ୍ୟାନ୍ୟ ସୂତ୍ରରୁ ସାଇବର ଠକ ମଧ୍ୟ ଇଣ୍ଟରନେଟ୍‌ରେ ବେଶ୍ ସକ୍ରିୟ ରହୁଥିବାରୁ ସାଧାରଣ ଜନତାଙ୍କ ପାଇଁ ଅନ୍‌ଲାଇନ୍ ଠକେଇର ଶିକାର ହେବା ଏକ ବଡ଼ ସମସ୍ୟା ପାଲଟିଛି। ତେଣୁ ଏହି ସୁବିଧା ଆପଣେଇବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ହେବା ଆବଶ୍ୟକ...**



ପିଲାଠୁ ବୟସ୍କ ପର୍ଯ୍ୟନ୍ତ ବର୍ତ୍ତମାନ ପ୍ରାୟ ସମସ୍ତେ ମୋବାଇଲ୍ ଫୋନ୍‌ର ବ୍ୟବହାର ଜାଣିଛନ୍ତି। ଏଥିରେ ଅନ୍‌ଲାଇନ୍ ବ୍ୟବସ୍ଥା ଯୋଗୁ ବ୍ୟାଙ୍କିଙ୍ଗ୍ କିମ୍ବା ଟଙ୍କା ଦେବା ନେବା ଖୁବ୍ ସହଜ ହୋଇପାରିଛି। ଇ–ବ୍ୟାଙ୍କିଙ୍ଗ୍ ବ୍ୟବହାର ବୃଦ୍ଧିକୁ ଆଖିଆଗରେ ରଖି ଅନେକ ମାଇକ୍ରୋଫାଇନାନ୍ସିଆଲ୍ ଆପ୍ସ ମଧ୍ୟ ବୃଦ୍ଧି ପାଉଛି। କ୍ୟାଶ୍ ବଦଳରେ ମୋବାଇଲରେ କ୍ୟାଶ୍‌ଲେସ୍ ଟ୍ରାଞ୍ଜାକ୍ସନ ହେବା ଦ୍ୱାରା ଟଙ୍କା ଚୋରି କମିଛି। ହେଲେ ବର୍ତ୍ତମାନ ବିଭିନ୍ନ ବେଟିଂ ଆପ୍ସ ଓ ଅନ୍ୟାନ୍ୟ ସୂତ୍ରରୁ ସାଇବର ଠକ ମଧ୍ୟ ଇଣ୍ଟରନେଟ୍‌ରେ ବେଶ୍ ସକ୍ରିୟ ରହୁଥିବାରୁ ସାଧାରଣ ଜନତାଙ୍କ ପାଇଁ ଠକେଇର ଶିକାର ହେବା ଏକ ବଡ଼ ସମସ୍ୟା ପାଲଟିଛି। ତେଣୁ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ସୁବିଧା ଆପଣେଇବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ବିଶେଷ ଭାବେ ସତର୍କ ହେବା ଆବଶ୍ୟକ।

## ରୁହନ୍ତୁ ସତର୍କ

❖ଅନ୍‌ଲାଇନ୍ ସେବା ବ୍ୟବହାର କରୁଥିଲେ ସର୍ବଦା ନିଜ ଫୋନ୍ ଏବଂ ସଫ୍ଟୱେର ଅପ୍‌ଡେଟ୍ ରଖନ୍ତୁ। ୮ ଡିଜିଟ୍‌ର ଏକ ଷ୍ଟ୍ରଙ୍ଗ୍ ପାସ୍‌ୱାର୍ଡ ରଖନ୍ତୁ, ଯାହା ଅନ୍ୟମାନଙ୍କୁ ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ।

❖ଅନେକେ ପବ୍ଲିକ୍ କମ୍ପ୍ୟୁଟର୍, ସାଇବର୍ କାଫେରେ କିମ୍ବା ପବ୍ଲିକ୍ ୱାଇଫାଇରେ ମଧ୍ୟ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ କରିଥା’ନ୍ତି। ହେଲେ ଏହା ଅସୁରକ୍ଷିତ। କାରଣ ଏହାଦ୍ୱାରା ଡାଟା ହ୍ୟାକ୍ ହେବାର ଆଶଙ୍କା ଅଧିକ। ତେଣୁ ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ।

❖ଇ–ବ୍ୟାଙ୍କିଙ୍ଗ ବ୍ୟବହାର କରୁଥିଲେ ପ୍ରୋଟେକ୍ସନ୍ ସଫ୍ଟୱେର୍ ବ୍ୟବହାର କରନ୍ତୁ। ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି, ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।

❖ସୁରକ୍ଷା ଦୃଷ୍ଟିରୁ କୌଣସି ଅଜଣା ଲିଙ୍କ୍‌ରେ ଆଦୌ କ୍ଲିକ୍ କରନ୍ତୁ ନାହିଁ କିମ୍ବା ଏଣୁତେଣୁ ଲୋନ୍ ଆପ୍ଲିକେଶନ୍ ବ୍ୟବହାର କରନ୍ତୁ ନାହିଁ।

❖ଯେଉଁ ଇ–ବ୍ୟାଙ୍କିଙ୍ଗ୍ ସାଇଟ୍‌ରେ ପେମେଣ୍ଟ କରୁଛନ୍ତି, ତାହାର ଲିଙ୍କ୍ ସେଫ୍ କି ନୁହେଁ ପ୍ରଥମେ ସୁନିଶ୍ଚିତ କରନ୍ତୁ। ୱେବ୍‌ପେଜ୍ httpରୁ ଆରମ୍ଭ ହୋଇଥିବା ଦରକାର। କେବଳ ଏତିକି ନୁହେଁ, ଲଗ୍ ଇନ୍ କରିବା ସମୟରେ ବ୍ରାଉଜର୍ ୱିଣ୍ଡୋ ଫ୍ରେମ୍ ଉପରେ ପେଡ୍‌ଲକ୍ ସିମ୍ବଲ୍ ଚେକ୍ କରିବାକୁ ଭୁଲନ୍ତୁ ନାହିଁ। ବିଶେଷକରି ଯଦି ଅନ୍‌ଲାଇନ୍‌ରେ ଅନ୍ୟ କାହା ଆକାଉଣ୍ଟକୁ ମନି ଟ୍ରାନ୍ସଫର୍ କରୁଛନ୍ତି, ତେବେ ସୁରକ୍ଷିତ ପେମେଣ୍ଟ ସାଇଟ୍ ହିଁ ବ୍ୟବହାର କରନ୍ତୁ ଏବଂ ୱେବ୍‌ସାଇଟ୍‌ର ପ୍ରାଇଭେସି ପଲିସି ଚେକ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ।

❖ଅନ୍‌ଲାଇନ୍‌ରେ ଶପିଂ, ଟିକେଟ ବୁକିଂ, ମନି ଟ୍ରାନ୍ସଫର ଆଦି କରୁଥିଲେ ଟ୍ରଷ୍ଟେଡ୍ ଆପ୍ ହିଁ ବ୍ୟବହାର କରନ୍ତୁ। କାରଣ କେତେକ ଆପ୍‌ରେ ଏବଂ ଫେକ୍ ୱେବ୍‌ସାଇଟ୍‌ଗୁଡ଼ିକରୁ ଆସୁଥିବା ଇ–ମେଲ୍‌ରେ କାର୍ଡର ଡିଟେଲ୍ସ ମଗାଯାଉଛି। ଏଥିରେ ବିଶ୍ୱାସ କରି ସମସ୍ତ ତଥ୍ୟ ଦିଅନ୍ତୁ ନାହିଁ ନଚେତ୍ ଠକାମିର ଶିକାର ହୋଇପାରନ୍ତି।

❖ଆପଣଙ୍କର ପର୍ସନାଲ୍ ତଥା ସମ୍ବେଦନଶୀଳ ଡାଟା ଚୋରୀ ନ ହେବା ଲାଗି ଫୋନ୍‌ରେ ଆପ୍ ପରମିଶନ୍ ସେଟିଂ ଚେକ୍ କରନ୍ତୁ। ଏହାଦ୍ୱାରା ଆପଣ ସାଇବର ଠକେଇର ଶିକାର ହେବେନାହିଁ।

❖ଯଦି କୌଣସି ସନ୍ଦେହଜନକ ଆପ୍‌ରେ ଫସିଯାଆନ୍ତି ଏବଂ ଏଥିରୁ ମୁକୁଳିବା ଲାଗି ଚାହୁଁଛନ୍ତି, ତେବେ ତୁରନ୍ତ ପୋଲିସକୁ ଜଣାନ୍ତୁ। ରିପୋର୍ଟ କରିବା ଲାଗି http://cybercrime.gov.in ୱେବ୍‌ସାଇଟ୍ ବ୍ୟବହାର କରନ୍ତୁ।





## ଜାଣନ୍ତୁ ଦୁନିଆ

# ଗଛରେ ଧଳା ରଙ୍ଗ

**ଆପଣ କେଉଁଆଡ଼େ ଯିବା ସମୟରେ ରାସ୍ତାକଡ଼ ଗଛରେ ଧଳା ରଙ୍ଗ ଦିଆଯାଇଥିବା ଦେଖିଥିବେ। ହେଲେ ଏହାର ପ୍ରକୃତ କାରଣ କ’ଣ ଜାଣନ୍ତି କି? ଜାଣିବା ଏହା ସମ୍ପର୍କରେ...**

ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଥିଲେ, ଯାତ୍ରାର ମଜା ଆହୁରି ବଢ଼ିଯାଏ। ତେବେ ଏଭଳି ରାସ୍ତାରେ ଯିବା ବେଳେ ଅନେକ ସ୍ଥାନରେ ଆପଣ ଦେଖିଥିବେ ଉଭୟ ପାର୍ଶ୍ୱରେ ଥିବା ଗଛରେ ଧଳା ରଙ୍ଗ ଦିଆଯାଇଥାଏ। ଗଛଟି ସହଜରେ



ଦେଖାଯିବ ବା ସୁନ୍ଦର ଲାଗିବ ବୋଲି ଏପରି ରଙ୍ଗ ଦିଆଯାଇଥିବା ଅନେକେ ଭାବିଥା’ନ୍ତି। ହେଲେ ଏହା ପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଜାଣନ୍ତୁ ସେ ସମ୍ପର୍କରେ...

★ପାଣିପାଗ ପରିବର୍ତ୍ତନ ଯୋଗୁ ଅନେକ ଗଛର କାଣ୍ଡ ଫାଟିଯାଏ, ଯଦ୍ୱାରା ଗଛ କମ୍ ବର୍ଷରେ ମରିଯିବାର ଆଶଙ୍କା ବେଶି। ହେଲେ ଗଛରେ ଧଳା ରଙ୍ଗ ଲଗାଇବା ଦ୍ୱାରା ଖରାର ପ୍ରଭାବ ତା’ଉପରେ କମ୍ ପଡୁଥିବାରୁ ତାହା ଶୀଘ୍ର ଶୁଖି ଫାଟେନାହିଁ ଏବଂ ଅପେକ୍ଷାକୃତ ମଜଭୁତ ରହିଥାଏ।

★କିଛି ଗଛ ପୁରୁଣା ହୋଇଗଲେ ସେଥିରେ ଉଇ ଲାଗି ନଷ୍ଟ ହୋଇଯାଉଥିବାର ଦେଖିବାକୁ ମିଳେ। ହେଲେ ଏହା ଉପରେ ଧଳା ରଙ୍ଗ ସହ କିଛି ଉଇ ନ ହେବା ଲାଗି ଔଷଧ ମିଶ୍ରଣ କରି ଲଗାଯିବା ଦ୍ୱାରା ତାହା ସୁରକ୍ଷିତ ରହିଥାଏ।

★ଆଉ ଏକ କାରଣ ହେଉଛି ରାତିରେ ଗାଡ଼ି ଚଲାଇବା ସମୟରେ ଗଛ ନ ଦେଖାଯାଇ ବାଡ଼େଇ ହୋଇ ଅନେକ ଦୁର୍ଘଟଣା ଘଟିଥାଏ । ହେଲେ ଗଛରେ ଧଳା ରଙ୍ଗ ଦିଆଯିବା ଦ୍ୱାରା ଏହା ଉପରେ ଗାଡ଼ିର ଲାଇଟ୍ ପଡିଲେ ସ୍ପଷ୍ଟ ଦେଖାଯାଏ, ଫଳରେ ଦୁର୍ଘଟଣା ଆଶଙ୍କା କମିଥାଏ।

★ତା’ଛଡ଼ା ରଙ୍ଗ ଦିଆଯାଇଥିବା ଗଛ ବନ ବିଭାଗ ଅଧୀନରେ ରହିଛି, ତେଣୁ ଏହାକୁ କାଟିବା ବେଆଇନ ବୋଲି ଜନସାଧାରଣଙ୍କୁ ସୂଚାଇବା ଲାଗି ମଧ୍ୟ ଏପରି କରାଯାଇଥାଏ।

## ଯୁବ ପ୍ରତିଭା

# ଖୁସି ଦିଏ ସମାଜ ସେବା


ବୃକ୍ଷ ରୋପଣ କରୁଛନ୍ତି ଏନ୍. ନୀଳମାଧବ

କେବେ ସେ ବିଭିନ୍ନ ସଙ୍ଗଠନ ସହ ମିଶି ନିଜେ ରକ୍ତଦାନ କରନ୍ତି ତ କେବେ ଅନ୍ୟଙ୍କୁ ବୁଝାଇ ରୋଗୀଙ୍କ ପାଇଁ କରନ୍ତି ରକ୍ତ ସଂଗ୍ରହ । ପୁଣି କେବେ ଏନ୍‌ଏସ୍‌ଏସ୍‌ରେ ଯୋଗ ଦେଇ ବୃକ୍ଷରୋପଣରେ ନିଅନ୍ତି ପ୍ରମୁଖ ଭୂମିକା। ବର୍ତ୍ତମାନ ବାତ୍ୟା, ଝଡ଼, ସୁନାମି ଆଦି ପ୍ରାକୃତିକ ବିପର୍ଯ୍ୟୟ ଦାଉରୁ ଓଡ଼ିଶା ଉପକୂଳକୁ ସୁରକ୍ଷା ପ୍ରଦାନ କରୁଥିବା ଦୁର୍ଲଭ ହେନ୍ତାଳ ଲୁଣା ଜଙ୍ଗଲ ସଂରକ୍ଷଣ ଲାଗି ସେ ଭିଡ଼ିଛନ୍ତି ଅଣ୍ଟା। ଆଉ ଆରମ୍ଭ କରିଛନ୍ତି ବୃକ୍ଷରୋପଣ ଅଭିଯାନ। ଏହି ଯୁବ ସମାଜସେବୀ ହେଉଛନ୍ତି ଗଞ୍ଜାମ ଜିଲା ସୋରଡ଼ା ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ଗାଁର ଝୁନୁ ଏବଂ ଏନ୍. ଭାଲୁ ପାତ୍ରଙ୍କ ପୁଅ ଏନ୍. ନୀଳମାଧବ। ବର୍ତ୍ତମାନ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବୈଦ୍ୟୁତିକ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗରେ ସ୍ନାତକୋତ୍ତର ଛାତ୍ର। ସ୍କୁଲ୍‌ରେ ପଢିବା ବେଳୁ ହିଁ ସେ ଆଗ୍ରହର ସହ ବିଭିନ୍ନ ସମାଜ ବିକାଶମୂଳକ କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ଏଣୁ ଏଥିପାଇଁ ଜାତୀୟ ସେବା ଯୋଜନା ୨୦୨୧–୨୨ ଶିକ୍ଷାବର୍ଷ ପାଇଁ ରାଜ୍ୟ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ଛାତ୍ର ସ୍ୱେଚ୍ଛାସେବୀ ଭାବେ ତାଙ୍କୁ ମିଳିଛି ରାଜ୍ୟ ପୁରସ୍କାର। ଏହା ପୂର୍ବରୁ ସେ ଉଭୟ ହିଞ୍ଜିଳିକାଟୁ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୦–୨୧ ଶିକ୍ଷାବର୍ଷ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୧–୨୨ ଶିକ୍ଷାବର୍ଷ ପାଇଁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର ପାଇଛନ୍ତି।

ସେ କୁହନ୍ତି, ‘ଗତ ଫାଇଲିନ ବାତ୍ୟାରେ ଯଦି କେଉଁ ଜିଲା ସର୍ବାଧିକ କ୍ଷତି ସହିଛି ତାହା ହେଉଛି ଆମ ଗଞ୍ଜାମ ଜିଲା। ତେବେ ଏହା ହେଉଛି କେବଳ ଏକ ସବୁଜ ବଳୟ ଭଳି ହେନ୍ତାଳ ବଣର ଅଭାବ ଯୋଗୁଁ । ତେଣୁ ବ୍ୟାପକ ବୃକ୍ଷରୋପଣ କରି ଏହି ଜଙ୍ଗଲର ପୁନରୁଦ୍ଧାର ମୋର ଲକ୍ଷ୍ୟ।’ ବୃକ୍ଷରୋପଣ ବ୍ୟତୀତ କରୋନା ସମୟରେ ସେ ଗାଁ ଗାଁ କୁ ଦୀର୍ଘ ୫୦ କିମି. ସାଇକେଲରେ



ଯାଇ ଜନସାଧାରଣଙ୍କୁ ସଚେତନ କରାଇବା ସହିତ ମାସ୍କ, ଓଆର୍‌ଏସ୍, କିଛି ଔଷଧ ଏବଂ ସାନିଟାଇଜର ଇତ୍ୟାଦି ବଣ୍ଟନ କରିଥିଲେ। ଯେଉଁଥିପାଇଁ କଟକର ସମ୍ଭବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତାଙ୍କୁ କରୋନା ମହାଯୋଦ୍ଧା ସମ୍ମାନ ମିଳିଥିଲା। ନିକଟରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ଦିଗରେ ଅନବରତ କାର୍ଯ୍ୟ କରୁଥିବା ଗଞ୍ଜାମ ଜିଲାର ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ତରଫରୁ ଗୋପାଳପୁର ବେଳାଭୂମିକୁ ଜିରୋ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ କରିବା ଅଭିଯାନରେ ସଂଯୋଜକ ଭାବେ ସାମିଲ ହୋଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ବହୁ ପିଲା ଯୋଗଦେଇ ୫୦ କେଜି ପ୍ଲାଷ୍ଟିକ ଓ ପଲିଥିନ ସଂଗ୍ରହ କରିଥିଲେ।

ଜଣେ ଯୁବ ସମାଜସେବୀ ସହିତ ସେ ଜଣେ ଭଲ ଲେଖକ, କବି, ବକ୍ତା, ଛାତ୍ର ନେତା ଏବଂ ଜଣେ ଲୋକ କଳାକାର ମଧ୍ୟ। ସେ ବିଭିନ୍ନ ଲୋକକଳା ମାଧ୍ୟରେ ଏଡ୍‌ସ, ଅଙ୍ଗଦାନ, ଭୋଟର ସଚେତନତା, ନିଶା ନିବାରଣ, ସଡ଼କ ସୁରକ୍ଷା, ଓଡିଆ ଭାଷା ବଞ୍ଚାଅ ଭଳି ବିଭିନ୍ନ ଦିଗରେ ଜନସଚେତନତା ସୃଷ୍ଟି କରିବାର ପ୍ରୟାସ ଜାରି ରଖିଛନ୍ତି। ଏହା ସହ ପ୍ରଧାନମନ୍ତ୍ରୀ ଉଜାଲା ଯୋଜନା ଭଳି ଉଭୟ ରାଜ୍ୟ ଓ ଭାରତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା ଚଳାଇଛନ୍ତି। ସମୟ ପାଇଲେ ସେ ଗରୀବ ଓ ଅଶିକ୍ଷିତ ପିଲାଙ୍କୁ ମାଗଣାରେ ପାଠ ମଧ୍ୟ ପଢାନ୍ତି। ଭବିଷ୍ୟତରେ ପ୍ରଶାସନିକ ସେବା କିମ୍ବା ରାଜନୀତିରେ ଯୋଗଦେଇ ସମାଜସେବା କରିବା ନିଜର ଲକ୍ଷ୍ୟ ବୋଲି ପ୍ରକାଶ କରନ୍ତି ଏନ୍. ନୀଳମାଧବ।

– ତନୁଶ୍ରୀ ନାହାକ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ଜୁନ୍ ୪/୨୦୨୩ | Bhubaneswar, Sunday, Jue 4/ 2023


# ଶୁଟ୍‌ଆଉଟରେ ବ୍ରିଟେନକୁ ହରାଇଲା ଭାରତ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଲଣ୍ଡନ, ୩।୬ (ପି.ଟି.)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଶନିବାର ଅନୁଷ୍ଠିତ ଏକ ଦ୍ୱିତୀୟ ଲେଗ୍ (ଚରଣ) ମ୍ୟାଚରେ ଭାରତ ଶୁଟ୍‌ଆଉଟ ୪-୨ ଗୋଲରେ ଗ୍ରେଟ୍ ବ୍ରିଟେନକୁ ହରାଇ ଦେଇଛି। ହାଇ-ସ୍କୋରିଂ ବିଶିଷ୍ଟ ମ୍ୟାଚରେ ନିର୍ଦ୍ଧାରିତ ସମୟରେ ଖେଳ ୪-୪ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ନିର୍ଦ୍ଧାରିତ ସମୟରେ ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂ ୭ମ, ମନଦପ ସିଂ ୧୯, ସୁଖଜିତ ସିଂ ୨୮ ଓ ଅଭିଷେକ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ଘରୋଇ ଦଳ ପକ୍ଷରୁ ସାମ୍ ୱାର୍ଡ ୮ମ, ୪୦, ୪୭ ଓ ୫୩ତମ ମିନିଟରେ ଏକାକୀ ୪ଟି ଗୋଲ ସ୍କୋର କରିଥିଲେ। ଶୁଟ୍‌ଆଉଟ ପର୍ଯ୍ୟାୟରେ ଭାରତ ପକ୍ଷରୁ ଅଭିଷେକ, ଲଳିତ କୁମାର ଉପାଧ୍ୟାୟ, ହରମନପ୍ରୀତ ସିଂ ଓ ମନପ୍ରୀତ ସିଂ ଗୋଲ ଦେଇଥିଲେ। ବ୍ରିଟେନ ପକ୍ଷରୁ ୱାଲାସ ଜାଚାରି ଓ କାଲନାନ ୱିଲ ଗୋଲ ଦେଇଥିବାବେଳେ ରପର ଫିଲ୍ ଓ ଶିପର୍ଲି ରୁପର୍ଟ ମିସ୍ କରିଥିଲେ। ଶୁଟ୍‌ଆଉଟରେ ଭାରତ ବିଜୟ ହାସଲ କରିଥିବାରୁ ଗୋଟିଏ ବୋନସ ପଏଣ୍ଟ ପାଇଛି। ଏହାସତ୍ତ୍ୱେ ଭାରତ ୧୨ ଗେମ୍‌ରୁ ୨୪ ପଏଣ୍ଟ ପାଇ ଟେବୁଲରେ ବ୍ରିଟେନ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ବ୍ରିଟେନ ୧୧ ଗେମ୍‌ରୁ ୨୬ ପଏଣ୍ଟ ପାଇଛି। ପୂର୍ବରୁ ଅନୁଷ୍ଠିତ ପ୍ରଥମ ଲେଗ୍‌ରେ ଭାରତ ୨-୪ ଗୋଲରେ ବ୍ରିଟେନଠାରୁ ହାରି ଯାଇଥିଲା। ଫଳରେ ଏହି ବିଜୟ ଦ୍ୱାରା ଭାରତ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଭାରତ ୫-୧ ଗୋଲରେ ବେଲ୍‌ଜିୟମକୁ ପରାସ୍ତ କରିଥିଲା। ପ୍ରୋ-ଲିଗ୍‌ର ପରବର୍ତ୍ତୀ ମ୍ୟାଚ ଖେଳିବାପାଇଁ ଭାରତ ନେଦରଲାଣ୍ଡ୍ସର ଇଣ୍ଡୋଭେନ ଯାତ୍ରା କରିବ। ସେଠାରେ ଚଳିତ ମାସ ୭ ତାରିଖରେ ନେଦରଲାଣ୍ଡ୍ସ ବିପକ୍ଷରେ ମ୍ୟାଚ ଖେଳିବ।



ଶୁଟ୍‌ଆଉଟ ଅବସରରେ ବଲ୍ ରୋକିବା ଅବସରରେ ଭାରତୀୟ ଗୋଲକିପର କ୍ରିଷନ୍ ବାହାଦୂର ପାଠକ।

## ଓହରିଲେ ରିବାକିନା

ପ୍ୟାରିସ୍, ୩।୬(ପି.ଟି.)

ଫ୍ରେଞ୍ଚ ଓପନରୁ ଓହରି ଯାଇଛନ୍ତି ୱିମ୍ବେଲଡନ ଚାମ୍ପିୟନ୍ ଏଲେନା ରିବାକିନା। ଅସୁସ୍ଥ ଥିବା କାରଣରୁ ରିବାକିନା ଶନିବାର ନିଜ ତୃତୀୟ ରାଉଣ୍ଡ ମ୍ୟାଚ ପୂର୍ବରୁ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି। ଶତ ପ୍ରତିଶତ ଫିଟ୍ ନ ଥିଲେ ଖେଳିବା ଅସମ୍ଭବ। ମୁଁ ବର୍ତ୍ତମାନ ଶତ ପ୍ରତିଶତ ଫିଟ୍ ନ ଥିବା କହିଛନ୍ତି ରିବାକିନା। ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ରିବାକିନା ବିଶ୍ୱ ମାନ୍ୟତାର ୧୩୨ ନମ୍ବର ଖେଳାଳି ସାରା ସୋରବେସ ଟର୍ମୋଙ୍କ ବିପକ୍ଷରେ ଏହି ମ୍ୟାଚ୍ ଖେଳିଥାନ୍ତେ। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ରିବାକିନା ମାଇକ୍ରୋଫୋନରେ ଓହରିବା ସମ୍ପର୍କରେ ଘୋଷଣା କରିଥିଲେ। ଜ୍ୱର କାରଣରୁ ସେ ଦୁଇ ଦିନ ହେବ ଠିକ୍‌ରେ ଶୋଇ ନ ଥିବା ସେ କହିଥିଲେ। ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବାରୁ ମ୍ୟାଚ୍ ଖେଳିବା ଅସମ୍ଭବ ବୋଲି ରିବାକିନା କହିଛନ୍ତି। ପ୍ରଥମ ଦୁଇ ରାଉଣ୍ଡ ମ୍ୟାଚରେ ରିବାକିନା ସିଧାସଳଖ ସେଟ୍‌ରେ ବିଜୟ ହାସଲ କରିଥିଲେ। ମସ୍କୋରେ ଜନ୍ମିତ ୨୩ ବର୍ଷୀୟ ରିବାକିନା ୨୦୧୮ ପରଠାରୁ କାଜାଖସ୍ତାନର ପ୍ରତିନିଧିତ୍ୱ କରୁଛନ୍ତି।

## ଜୁନିୟର ବାଳିକା ରଗ୍‌ବୀ ଦଳ ଘୋଷିତ


ଓଡ଼ିଶା ଜୁନିୟର ବାଳିକା ରଗ୍‌ବୀ ଦଳ।

ଭୁବନେଶ୍ୱର, ୩।୬ (କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ଓ ରଗ୍‌ବୀ ଆସୋସିଏଶନ ଅଫ୍ ମହାରାଷ୍ଟ୍ର ଆନୁକୂଲ୍ୟରେ ପୁଣେଠାରେ ଜୁନିୟର ଓ ସିନିୟର ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତା ଚଳିତମାସ ୫ ଓ ୬ ତାରିଖରେ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ୧୮ ବର୍ଷରୁ କମ୍ ଓଡ଼ିଶା ଜୁନିୟର ବାଳିକା ରଗ୍‌ବୀ ଦଳ ଘୋଷିତ ହୋଇଛି। ନିର୍ମାଲ୍ୟା ରାଉତ ଓଡ଼ିଶା ଦଳର ନେତୃତ୍ୱ ନେବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ରାଜ୍ୟ ଦଳ ରବିବାର ପୁଣେ ଯାତ୍ରା କରିବ। **ଓଡ଼ିଶା ଦଳ:** ପାର୍ବତୀ ହାଂସଦା, ସନ୍ଧ୍ୟାରାଣୀ ଟୁଡୁ, ନିର୍ମାଲ୍ୟା ରାଉତ (ଅଧିନାୟିକା), ବର୍ଷାରାଣୀ ମାଝି, ମାମାଲି ସିଂ, ବର୍ଷା ସିଂ, ରିତୁ ମାଝି, ସରିତା ବର୍‌ହା, ସ୍ୱପ୍ନାରାଣୀ ସିଂ, ସଂଯୁକ୍ତା ଭୁମିଜ, ଗୀତାରାଣୀ ସାଇ, ମମତା ମୁର୍ମୁ। କୋଚ୍: ସଂଯୁକ୍ତା ମୁଣ୍ଡା, ମ୍ୟାନେଜର: ନିହାରିକା ପଣ୍ଡା, ଫିଜିଓ: ସୌମ୍ୟଶ୍ରୀ ମିଶ୍ର।

## ମର୍ମନ୍ତୁଦ ରେଳ ଦୁର୍ଘଟଣା ପାଇଁ ଆଥ୍‌ଲେଟଙ୍କ ଦୁଃଖ

ନୂଆଦିଲ୍ଲୀ, ୩।୬(ପି.ଟି.)

ଓଡ଼ିଶାର ବାଲେଶ୍ୱର ଜିଲାରେ ହୋଇଥିବା ବିନାଶକାରୀ ରେଳ ଦୁର୍ଘଟଣା ପାଇଁ ଟିମ୍ ଇଣ୍ଡିଆ ପୂର୍ବତନ ଅଧିନାୟକ ବିରାଟ କୋହଲି ଓ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଅଭିନବ ବିନ୍ଦ୍ରାଙ୍କ ସମେତ ଅନ୍ୟ ବହୁ କ୍ରୀଡ଼ାବିତ୍ ଗଭୀର ଦୁଃଖପ୍ରକାଶ କରିଛନ୍ତି। ଶୁକ୍ରବାର ବେଙ୍ଗାଲୁରୁ-ହାଓଡ଼ା ସୁପରଫାଷ୍ଟ ଏକ୍ସପ୍ରେସ୍, ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ଏବଂ ଏକ ମାଲବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହୋଇଥିଲା। ଦେଶ ସ୍ୱାଧୀନତା ପରେ ଏହା ଅନ୍ୟତମ ହୃଦୟ ବିଦାରକ ରେଳ ଦୁର୍ଘଟଣା ବୋଲି କୁହାଯାଉଛି। କୋହଲି ବର୍ତ୍ତମାନ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ପାଇଁ ଇଂଲଣ୍ଡରେ ଅଛନ୍ତି। ସେ କହିଛନ୍ତି, ଟ୍ରେନ୍ ଦୁର୍ଘଟଣା ଶୁଣି ସେ ଖୁବ୍ ମର୍ମାହତ। ମୃତକଙ୍କ ପରିବାରକୁ ସେ ସମବେଦନା ଜଣାଇବା ସହ ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଭାରତର ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ବିଜେତା ରାଇଫଲ ଶୁଟର ଅଭିନବ ବିନ୍ଦ୍ରା କହିଛନ୍ତି, ଦୁର୍ଘଟଣା ଖବର ପାଇ ସେ ସ୍ତମ୍ଭୀଭୂତ ହୋଇଯାଇଥିଲେ।

**କାଜାଖସ୍ତାନ ଫ୍ୟୁଚର ସିରିଜ ବ୍ୟାଡ୍‌ମିଣ୍ଟନ**

## ରତପର୍ଣ୍ଣା-ଶ୍ୱେତପର୍ଣ୍ଣାଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୩।୬(କ୍ରୀଡ଼ା ପ୍ରତିନିଧି)

କାଜାଖସ୍ତାନରେ ଅନୁଷ୍ଠିତ ଫ୍ୟୁଚର ସିରିଜ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପଣ୍ଡା ଭଗିନୀ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ରୌପ୍ୟ ପଦକ ହାସଲ କରିଛନ୍ତି। କାଜାଖସ୍ତାନ ବ୍ୟାଡ୍‌ମିଣ୍ଟନ ଫେଡେରେଶନ ଦ୍ୱାରା ଏହି ପ୍ରତିଯୋଗିତା ଶିମକେଣ୍ଟଠାରେ ୩୧ ମେ'ରୁ ୩ ଜୁନ୍ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା। ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ରତପର୍ଣ୍ଣା-ଶ୍ୱେତପର୍ଣ୍ଣା ଯୋଡ଼ି ଫାଇନାଲରେ ଇଣ୍ଡୋନେସିଆର ଫୁୟୁ ଇୱାସାକି ଓ ନେଥାନିଆ ଇରାୱାନଙ୍କଠାରୁ ୧୩-୨୧, ୧୫-୨୧ ପଏଣ୍ଟରେ ହାରି ଯାଇଥିଲେ। କିଟ୍‌ରେ ରତପର୍ଣ୍ଣା ଏମ୍‌ବିଏ ଏବଂ ଶ୍ୱେତପର୍ଣ୍ଣା ବିବିଏ ଅଧ୍ୟୟନ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ପଣ୍ଡା ଭଗିନୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା।

**ଜୁନିୟର ଶୁଟିଂ ବିଶ୍ୱକପ୍**

## ସାଇନ୍ୟମଙ୍କୁ ସ୍ୱର୍ଣ୍ଣ ପଦକ

ସୁହଲ(ଜର୍ମାନୀ), ୩।୬(ପି.ଟି.)

ଭାରତର ସାଇନ୍ୟମ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍ ମହିଳା ୧୦ ମିଟର ଏୟାର ପିସ୍ତଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୮ଜଣ ମହିଳାଙ୍କୁ ନେଇ ଅନୁଷ୍ଠିତ ଫାଇଲରେ ସାଇନ୍ୟମ୍ ୨୩୮ ଶଟ୍ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଭାରତର ଅନ୍ୟ ଜଣେ ଶୁଟର ସୁରୁଚି ଇନ୍ଦର ସିଂ ୧୫୪.୧ ଶଟ୍ ସହ ଷଷ୍ଠ ସ୍ଥାନରେ ରହିଥିଲେ। କୋରିଆର କିମ୍ ମିନ୍‌ସେଓ ମୋଟ ୨୩୬ ସ୍କୋର ସହ ରୌପ୍ୟ ଜିତିଥିବା ବେଳେ ତାଇପେଇର ଲିଉ ହେଙ୍ଗ୍ ୟୁ ୨୧୬.୯ ଶଟ୍ ସହ ବ୍ରୋଞ୍ଜ ପଦକ ପାଇଥିଲେ। ସାଇନ୍ୟମ କ୍ୱାଲିଫିକେଶନରେ ୫୭୧ ଶଟ୍ ସହ ତୃତୀୟ ଏବଂ ସୁରୁଚି ୫ମ ସ୍ଥାନରେ ରହିଥିଲେ। ସୂଚନାଯୋଗ୍ୟ, ଫେବୃୟାରୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସାଇନ୍ୟମ ବ୍ରୋଞ୍ଜ ପଦକ ପାଇଥିଲେ।

## ୧,୫୦୦ ମିଟରରେ କିପ୍‌ୟେଗନଙ୍କ ବିଶ୍ୱ ରେକର୍ଡ




ଫ୍ଲୋରେନ୍ସ(ଇଟାଲୀ), ୩।୬(ଏପି)

କେନିଆର ଫେଥ୍ କିପ୍‌ୟେଗନ ଗୋଲ୍‌ଡେନ ଗାଲାଠାରେ ମହିଳା ୧,୫୦୦ ମିଟର ଦୌଡ଼ରେ ନୂଆ ବିଶ୍ୱରେକର୍ଡ କରିଛନ୍ତି। ସେ ପ୍ରଥମ ମହିଳା ଆଥ୍‌ଲେଟ ଭାବେ ୩ ମିନିଟ୍ ୫୦ ସେକେଣ୍ଡରୁ କମ୍ ସମୟରେ ରେସ୍ ଶେଷ କରିବାରେ ପ୍ରଥମ ମହିଳା। କିପ୍‌ୟେଗନ ଶୁକ୍ରବାର ଡାଇମଣ୍ଡ ଲିଗ୍ ମିଟ୍ ୩:୪୯.୧୧ ଟାଇମିଂରେ ଜିତିଥିଲେ। ଦୁଇ ଥର ଅଲିମ୍ପିକ ଓ ଦୁଇଥର ବିଶ୍ୱ ଚାମ୍ପିୟନ ମାତ୍ର ୧ ସେକେଣ୍ଡ କମ୍ ସମୟ ବ୍ୟବଧାନରେ ୨୦୧୫ରେ ଇଥିଓପିଆର ଜେଞ୍ଜିବେ ଡିବାବା (୩:୫୦.୦୭)ଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଗତବର୍ଷ ଅଗଷ୍ଟରେ ମୋନାକୋଠାରେ ଅନୁଷ୍ଠିତ ଇଭେଣ୍ଟରେ ସେ ୩:୫୦.୩୭ ଟାଇମିଂରେ ରେସ୍ ଜିତି ଦ୍ୱିତୀୟ ଦ୍ରୁତତମ ବିବେଚିତ ହୋଇଥିଲେ। ବ୍ରିଟେନର ଲାଉରା ମୁଇର ୩:୫୭.୦୯ ଟାଇମିଂରେ ଦ୍ୱିତୀୟ ଏବଂ ଅଷ୍ଟ୍ରେଲିଆର ଜେସିକା ହଲ୍ ତୃତୀୟ ହୋଇଥିଲା।

## ଜୁନିୟର ହକି ଦଳକୁ ଭବ୍ୟ ସ୍ୱାଗତ

**ବେଙ୍ଗାଲୁରୁ, ୩।୬:** ଜୁନିୟର ଏସିଆ କପ୍ ହକି ଚାମ୍ପିୟନ ଭାରତୀୟ ଦଳକୁ ମିଳିଛି ଭବ୍ୟ ସ୍ୱାଗତ। ଓମାନର ସଲାଲାରେ ଖେଳା ଯାଇଥିବା ଟୁର୍ନାମେଣ୍ଟର ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨-୧ରେ ପରାସ୍ତ କରିଥିଲା ଭାରତ। ବେଙ୍ଗାଲୁରୁ ବିମାନ ବନ୍ଦରରେ ପହଞ୍ଚିବା ପରେ ହକି ବେଙ୍ଗାଲୁରୁ ପକ୍ଷରୁ ଦଳକୁ ସ୍ୱାଗତ କରାଯାଇଥିଲା। ସମ୍ପାଦକ ଏ. ବି. ସୁବୈୟାଙ୍କ ସମେତ ସାଇର ଏକ ପ୍ରତିନିଧି ଦଳ ଓ କର୍ଣ୍ଣାଟକର ଶତାଧିକ ଜୁନିୟର ଖେଳାଳି ଉପସ୍ଥିତ ରହିଥିଲେ। ଏହା ସହିତ ଭାରତ ସର୍ବାଧିକ ଥର ଜୁନିୟର ଏସିଆ କପ୍ ବିଜୟୀ ହେବାର ରେକର୍ଡ ନିଜ ନାମରେ କରିଥିଲା। ଏହା ପୂର୍ବରୁ ଉଭୟ ଭାରତ ଓ ପାକିସ୍ତାନ ଯୁଗ୍ମ ଭାବରେ ୩-୩ ଥର ଏହି ଟାଇଟଲ ବିଜୟୀ ହୋଇଥିଲେ।






## ଚତୁର୍ଥ ରାଉଣ୍ଡରେ ସ୍ୱିଟେକ୍, ଗଫ୍

ପ୍ୟାରିସ୍, ୩।୬

କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି ଇଗା ସ୍ୱିଟେକ୍, କୋକୋ ଗଫ୍, ସାରା ସୋରବେସ ଟର୍ମୋ। ଶନିବାର ଅନୁଷ୍ଠିତ ତୃତୀୟ ରାଉଣ୍ଡ ମ୍ୟାଚରେ ସ୍ୱିଟେକ୍ ଓ ଗଫ୍ ସହଜ ବିଜୟ ହାସଲ କରିଥିବା ବେଳେ ସାରା ସୋରବେସ ଟର୍ମୋଙ୍କୁ ମିଳିଥିଲା ୱାକଓଭର। ସେହିପରି ପୁରୁଷ ବର୍ଗରେ କାସ୍ପର ରୁଡ୍, ୟୋଶିହିଟୋ ନିଶିଓକା ଓ ହୋଲଗର ରୁନ୍ନଙ୍କ ପରି ଖେଳାଳି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ପୋଲାଣ୍ଡର ଇଗା ସ୍ୱିଟେକ୍ ୬-୦, ୬-୦ରେ ସିଧାସଳଖ ସେଟ୍‌ରେ ଚାଇନାର ୱାଙ୍ଗ ଜିନ୍ୟୁଙ୍କୁ ପରାସ୍ତ କରିଛନ୍ତି। ସେହିପରି ବିଶ୍ୱ ମାନ୍ୟତାର ୬ ନମ୍ବର ସ୍ଥାନରେ ରହିଥିବା କୋକୋ ଗଫ୍ ୭-୬(୭-୫), ୧-୬, ୧-୬ ସେଟରେ ମୀରା ଆଣ୍ଡ୍ରିବାଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌କୁ ଗଫ୍ ଟାଇବ୍ରେକରରେ ଜିତିବା ପରେ ପରବର୍ତ୍ତୀ ଦୁଇ ସେଟ ଅନାୟସରେ ଜିତି ନେଇଥିଲେ। ଅନ୍ୟ ଏକ ମ୍ୟାଚରେ ସ୍ଲୋଭାକିଆର ଆନା କାରୋଲିନା ସ୍କିମେଡ୍ଲୋଭା ୬-୧, ୬-୩ରେ ଆମେରିକାର କାଏଲା ଡେଙ୍କୁ ପରାସ୍ତ ଫ୍ରେଞ୍ଚ ଓପନ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ନରୱେର କାସ୍ପର ରୁଡ୍ ୬-୪, ୪-୬, ୧-୬ ଓ ୪-୬ ସେଟରେ ଚାଇନାର ଝାଙ୍ଗ ଜି ଜେନଙ୍କୁ ପରାସ୍ତ କରିଛନ୍ତି। ୬ ନମ୍ବର ସ୍ଥାନରେ ଥିବା ଡେନମାର୍କର ହୋଲଗର ରୁନ୍ ୬-୪, ୬-୧ ଓ ୬-୩ ର ସିଧାସଳଖ ସେଟରେ ଗ୍ରୀସ୍‌ର ଗେନାରୋ ଆଲବର୍ଟ ଓଲିଭିଏରାଙ୍କୁ ପରାସ୍ତ କରିଛନ୍ତି।ପ୍ରଥମ ଥର ପାଇଁ ତୃତୀୟ ରାଉଣ୍ଡ ପ୍ରବେଶ କରିଥିବା ବ୍ରାଜିଲିଆନ୍ ଖେଳାଳି ଥିଆଗୋ ସିବଥ୍ ୱିଲ୍ଡଙ୍କୁ ପରାସ୍ତ କରିଛନ୍ତି ଜାପାନର ୟୋଶିହିତୋ ନିଶିଓକା। ୫ ସେଟ ବିଶିଷ୍ଟ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନିଶିଓକା ୩-୬, ୭-୬(୧୦-୮), ୨-୬, ୬-୪ ଓ ୬-୦ରେ ଜିତି ନେଇଥିଲେ।

## ୧୩ ବର୍ଷରୁ କମ୍ ବାଳିକା ଚେସ୍ ଆରମ୍ଭ

ଭୁବନେଶ୍ୱର, ୩।୬ (କ୍ରୀଡ଼ା ପ୍ରତିନିଧି)

ଟ୍ରିପଲ 'ସି' ଚେସ୍ କ୍ଲବ ଆନୁକୂଲ୍ୟରେ କମଳାକାନ୍ତ ବିଷୋଇ ସ୍ମାରକୀ ୧୩ ବର୍ଷରୁ କମ୍ ବାଳିକା ଚେସ୍ ଚାମ୍ପିୟନଶିପ୍ ଶନିବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଟ୍ରିପଲ 'ସି' ଚେସ୍ କ୍ଲବ ଉପସଭାପତି ବିଶ୍ୱଜିତ ରାୟ, ସମ୍ପାଦକ ବିରଞ୍ଚୀ ନାରାୟଣ ସାହୁ, ଯୁଗ୍ମ ସମ୍ପାଦକ ଅର୍ଘ୍ୟ ଅର୍ପଣ ପରିଡ଼ା, ସଦସ୍ୟ ପ୍ରଶାନ୍ତ ଜେନା, ମୁଖ୍ୟ ଆର୍ବିଟର ନିହାର ରଞ୍ଜନ ସାସମଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ତେବେ ବାଲେଶ୍ୱର ଟ୍ରେନ ଦୁର୍ଘଟଣା ଯୋଗୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ ଉତ୍ସବ ହୋଇ ନ ଥିଲା। ଟୁର୍ନାମେଣ୍ଟ ଆରମ୍ଭ ପୂର୍ବରୁ ସମସ୍ତେ ୧ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏହା ବ୍ୟତୀତ ଟ୍ରିପଲ 'ସି' ଚେସ୍ କ୍ଲବର ପୂର୍ବତନ ସଭାପତି କମଳାକାନ୍ତ ବିଷୋଇଙ୍କ ସ୍ମୃତିରେ ମଧ୍ୟ ନିରବ ପ୍ରାର୍ଥନା ହୋଇଥିଲା। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୭୮ ବାଳିକା ଓ ୨୦୬ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ବାଳିକାରେ ୯ ଓ ବାଳକରେ ୨୯ ରେଟେଡ୍ ଖେଳାଳି ସାମିଲ। ଗଞ୍ଜାମର ଶ୍ରୀହନ ସବତ ବାଳକ ଓ କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ ବାଳିକା ବିଭାଗରେ ଟପ୍‌ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରଥମ ଦିବସରେ ୩ୟ ରାଉଣ୍ଡ ଖେଳ ଶେଷସୁଦ୍ଧା ବାଳିକାରେ ଶ୍ରଦ୍ଧା ସ୍ମରଣିକା ନନ୍ଦ, ପ୍ରତ୍ୟାଶା ଜେନା, ସନ୍ଦିପା ସାହୁ, ଜ୍ୟୋତିକା ସାହୁ, ପ୍ରୀତିଶା ମିତ୍ର, ସାଇ ସମ୍ପଦା ମହାନ୍ତି, ସୌମ୍ୟା ପ୍ରୀୟଦର୍ଶୀ ବେଉରା, ତନ୍‌ଭି ମିଶ୍ର ୩ ପଏଣ୍ଟ ଲେଖାଏ ପାଇ ମିଳିତଭାବେ ଅଗ୍ରଣୀ ରହିଛନ୍ତି। ସେହିପରି ବାଳକରେ ଶ୍ରୀହନ ସବତ, ଆୟୁଷ୍ମାନ ମହାନ୍ତି, ଆର୍ଯ୍ୟନ ବେହେରା, ବିଶ୍ୱପ୍ରୀତ ରାୟ, ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ, ଆୟୁଷ ଆର୍ଯ୍ୟନ ମହାପାତ୍ର, ପ୍ରତ୍ୟୁଶ ନାୟକ ୩ ପଏଣ୍ଟ ଲେଖାଏ ପାଇ ମିଳିତ ଅଗ୍ରଣୀଲାଭ କରିଛନ୍ତି। ପ୍ରତିଯୋଗିତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

## ବୃହତ୍ ବିଜୟ ସହ ଭାରତର ଅଭିଯାନ

କାକାମିଘାରା(ଜାପାନ), ୩।୬(ପି.ଟି.)

ଅନୁଙ୍କ ଡବଲ ହ୍ୟାଟ୍ରିକ୍ ସହିତ ମମତାଜ ଖାନ୍ ଓ ଦୀପିକାଙ୍କ ୪ ଗୋଲ ବଳରେ ଭାରତ ୨୨-୦ ଗୋଲରେ ଉଜ୍‌ବେକିସ୍ତାନକୁ ହରାଇ ମହିଳା ଜୁନିୟର ଏସିଆ କପ୍ ହକିରେ ଅଭିଯାନ ଆରମ୍ଭ କରିଛି। ଅନୁ (୧୩, ୨୯, ୩୦, ୩୮, ୪୩ ଓ ୫୧ ମିନିଟ), ମମତାଜ ଖାନ୍(୬, ୪୪, ୪୭ ଓ ୬୦ମିନିଟ୍), ଦୀପିକା(୩୨, ୪୪, ୪୬ ଓ ୫୭ ମିନିଟ), ବୈଷ୍ଣବୀ ଭିଠଲ୍ ଫାଲକେ(୩ ଓ ୫୬ ମିନିଟ), ସୁନେଲିତା ଟୋପ୍ପୋ(୧୭ ଓ ୧୭ ମିନିଟ), ଦୀପିକା ସୋରେଙ୍ଗ(୧୮ ଓ ୨୫ ମିନିଟ), ମଞ୍ଜୁ ଚୌରାସିଆ(୨୬ ମିନିଟ) ଓ ନୀଲମ (୪୭ ମିନିଟ) ଭାରତ ପାଇଁ ସ୍କୋର କରିଥିଲେ। ମ୍ୟାଚ୍‌ର ପ୍ରଥମ ମିନିଟରୁ ହିଁ ଭାରତୀୟ ଖେଳାଳି ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ତୃତୀୟ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ବୈଷ୍ଣବୀ ଭାରତକୁ ୧-୦ରେ ଆଗୁଆ କରିଥିଲେ। ଏହାର ୩ ମିନିଟ ପରେ ମମତାଜ ଏକ ଫିଲ୍ଡ ଗୋଲ ମାରିଥିଲେ।

**ମହିଳା ଜୁନିୟର ଏସିଆ କପ୍ ହକିରେ ଅନୁଙ୍କ ଡବଲ ହ୍ୟାଟ୍ରିକ୍**

୧୩ ତମ ମିନିଟରେ ଅନୁ ମଧ୍ୟ ଏହି ଗୋଲ ଭୋଜିରେ ସାମିଲ ହୋଇଥିଲେ। ପରେ ସୁନେଲିତା, ମଞ୍ଜୁ, ଦୀପିକା ମଧ୍ୟଭାଗରେ ଭାରତର ଦବ୍‌ଦବା ବୃଦ୍ଧି କରିବା ସହିତ ଭାରତର ଗୋଲ ବ୍ୟବଧାନକୁ ୧୩-୦ରେ ପଞ୍ଚାଇଥିଲେ। ମମତାଜ ଓ ଦୀପିକା ଆଉ ଗୋଟିଏ ଲେଖାଏ ସ୍କୋର କରିବା ସହିତ ତୃତୀୟ କ୍ୱାର୍ଟର ବେଳକୁ ଭାରତର ଅଗ୍ରଣୀ ୧୫-୦ରେ ପହଞ୍ଚାଇଥିଲେ। ଭାରତପରବର୍ତ୍ତୀ ମ୍ୟାଚରେ ସୋମବାର ମାଲେସିଆକୁ ଭେଟିବ।



ଭାରତ ଓ ଉଜ୍‌ବେକିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ